# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, October 2/2021 | ★★★★

୪୭ଶ ଭାଗ ୩୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




ମହାମାନବ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ଶ୍ରଦ୍ଧାଞ୍ଜଳି।


USHA TRAVELS
www.flyusha.in
OFFER PRICE
BHUBANESWAR ⇄

| | |
|---|---|
| KOLKATA | 2533/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| DUBAI | 10,333/-* |

T&C Apply*
CALL US! 9937438896


**ଆଜିର ସମ୍ପାଦକୀୟ**

ପ୍ରବାସୀ ସେବା



ମହାନଦୀ କୂଳରେ ଥିବା ପାରାଦୀପର ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ପ୍ଲାଣ୍ଟରୁ ବାହାରୁଥିବା ଲାଲ ରଙ୍ଗର ଧୂଳି। ଏହାର ଅପରପାର୍ଶ୍ୱ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ପିତାପାଟ ଗ୍ରାମ ପଟରୁ ଶୁକ୍ରବାର ଅପରାହ୍ନରେ ଏହି ଦୃଶ୍ୟକୁ ଉତ୍ତୋଳନ କରାଯାଇଛି। ଧୂଳିଧୂଆଁ ଯୋଗୁ ପିତାପାଟ ଓ ଆଖପାଖ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। (ଫଟୋ- ପ୍ରତାପ କୁମାର ସ୍ୱାଇଁ) (ରିପୋର୍ଟ: ପୃଷ୍ଠା-୩)

# ଖାଉଟି ମୁଣ୍ଡରେ ତେଲ ବୋଝ

## ପେଟ୍ରୋଲ ୨୫, ଡିଜେଲ ୩୨ ପଇସା ବୃଦ୍ଧି

*ନିକଟରେ ଅନୁଷ୍ଠିତ ୪୫ତମ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦ ବୈଠକରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟବୃଦ୍ଧିରେ ଅଙ୍କୁଶ ଲଗାଇବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଥିଲା। ହେଲେ କେନ୍ଦ୍ର ଏବଂ ରାଜ୍ୟ ସରକାର ମଧ୍ୟରେ ଏ ନେଇ ସହମତି ପ୍ରକାଶ ପାଇପାରିଲାନାହିଁ। କେରଳ ହାଇକୋର୍ଟ ତେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇ ଲୋକଙ୍କୁ ଆଶ୍ୱସ୍ତି ଦେବାକୁ ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ତାହାକୁ ଗ୍ରହଣ କଲେ ନାହିଁ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ରେକର୍ଡ ଉଚ୍ଚରେ ରହିବା ଯୋଗୁ ଘରୋଇ ବଜାରରେ ତେଲ ଦରରେ ନିଆଁ ଲାଗି ସର୍ବକାଳୀନ ରେକର୍ଡ ଛୁଇଁଛି। ତେଲ ବୋଝ ଖାଉଟିଙ୍କୁ ହନ୍ତସନ୍ତ କରୁଛି।*

**ଭୁବନେଶ୍ୱର/ନୂଆଦିଲ୍ଲୀ,୧।୧୦**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଯୋଗୁ ଭାରତୀୟ ତୈଳ ବଜାରରେ ଏହା ସର୍ବକାଳୀନ ରେକର୍ଡ କରିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ଡିଜେଲ ୩୨ ପଇସା ଏବଂ ପେଟ୍ରୋଲ ୨୫ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୯୮.୩୨ଟଙ୍କା ଏବଂ ପେଟ୍ରୋଲ ୧୦୨.୭୬ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୯୮.୬୬ ଟଙ୍କା ଓ ପେଟ୍ରୋଲ ୧୦୩.୧୧ ଟଙ୍କାରେ ପହଞ୍ଚିଛି।

ଗତ କିଛି ମାସ ହେବ ତୈଳ ଦର କ୍ରମାଗତ ଉଚ୍ଚା ରହୁଛି। ଫଳରେ ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଦର ରେକର୍ଡ ସ୍ତରରେ ପହଞ୍ଚିଛି। କ୍ରମାଗତ ଦର ବୃଦ୍ଧି ଫଳରେ ମାଲକାନଗିରି (କାଳିମେଳା) ଅଞ୍ଚଳରେ ତେଲ ଦର ସର୍ବାଧିକ ପେଟ୍ରୋଲ ୧୦୮.୪୫ ଟଙ୍କା ଏବଂ ଡିଜେଲ ୧୦୪.୦୫ଟଙ୍କା ଥିବା ବେଳେ ସର୍ବନିମ୍ନ ଦର ଖୋର୍ଦ୍ଧା ଜିଲାର ☞ପୃଷ୍ଠା-୪



## ବାଣିଜ୍ୟିକ ଗ୍ୟାସ୍ ଦର ବୃଦ୍ଧି

**ଭୁବନେଶ୍ୱର,୧।୧୦**

ଗତ ମାସକ ପରେ ପୁଣି ଥରେ ବାଣିଜ୍ୟିକ ଗ୍ୟାସ୍ ଦର ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ବାଣିଜ୍ୟିକ ଗ୍ୟାସ୍ ପ୍ରତି ୧୯ କେଜି ଟ୍ୟାଙ୍କି ପିଛା ୩୫.୫୦ ଟଙ୍କା ବଢ଼ି ବର୍ତ୍ତମାନ ୧୮୩୨.୫୯ ଟଙ୍କାରେ ରହିଛି। ସେହିଭଳି ଘରୋଇ ରନ୍ଧନ ଗ୍ୟାସ୍ ଦର ପୂର୍ବପରି ସ୍ଥିର ୯୧୧ ଟଙ୍କାରେ ବିକ୍ରି ହେଉଛି। ଅପରପକ୍ଷରେ ନୂଆଦିଲ୍ଲୀରେ ବାଣିଜ୍ୟିକ ଗ୍ୟାସ୍ ୧୯କେଜି ଟ୍ୟାଙ୍କ ପିଛା ୪୩.୫୦ ବଢ଼ିଥିବା ଜଣାପଡ଼ିଛି। ଫଳରେ ଏହି ଦର ☞ପୃଷ୍ଠା-୪




## ପ୍ରଥମ କୋଭିଡ୍ ବଟିକା ମଲ୍‌ନୁପିରାଭିର

**ୱାଶିଂଟନ, ୧।୧୦(ପି.ଟି.)**

କୋଭିଡ୍-୧୯ ଚିକିତ୍ସା ପାଇଁ ମର୍କ ଏବଂ ରିଜ୍‌ବ୍ୟାକ୍ ବାୟୋଥେରାପୁଟିକ୍ସ କମ୍ପାନୀ ମିଳିତ ଭାବେ ପ୍ରସ୍ତୁତ କରିଥିବା ଟାବ୍‌ଲେଟ ମଲନୁପିରାଭିର ରୋଗୀଙ୍କ ହସ୍ପିଟାଲରେ ଭର୍ତ୍ତି ହେବା ଓ ମୃତ୍ୟୁ ଆଶଙ୍କାକୁ ୫୦ ପ୍ରତିଶତ ହ୍ରାସ କରିପାରୁଥିବା ତୃତୀୟ ପର୍ଯ୍ୟାୟ ପରୀକ୍ଷାରୁ ଜଣାପଡ଼ିଛି।




କୋଭିଡ୍ ଚିକିତ୍ସାରେ ଏହାକୁ ବ୍ୟବହାର କରିବା ଲାଗି ଅନୁମତି ଦେବାକୁ ମର୍କ ଖୁବ୍‌ଶୀଘ୍ର ଆମେରିକା କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବାକୁ ଯୋଜନା କରୁଛି। ଅନୁମତି ମିଳିଲେ କୋଭିଡ୍ ଚିକିତ୍ସାରେ ମଲନୁପିରାଭିର ପ୍ରଥମ ☞ପୃଷ୍ଠା-୪

# ଏୟାର ଇଣ୍ଡିଆକୁ କିଣିବ ଟାଟା

**ନୂଆଦିଲ୍ଲୀ,୧।୧୦**

କ୍ଷତିରେ ଚାଲିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ଘରୋଇକରଣ ପ୍ରକ୍ରିୟାକୁ କେନ୍ଦ୍ର ସରକାର ତ୍ୱରାନ୍ୱିତ କରିଛନ୍ତି। ଏହି କମ୍ପାନୀର ନିଲାମ ପ୍ରକ୍ରିୟାରେ ଦେଶର ପ୍ରମୁଖ ବାଣିଜ୍ୟିକ ଗ୍ରୁପ ଟାଟା ଭାଗ ନେଇଥିବା ବେଳେ ବିଡ୍ ଲାଗି ଏହା ଆଗରେ ରହିଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଏୟାର ଇଣ୍ଡିଆ ପୁଣି ଥରେ ଟାଟା ନିକଟକୁ ଫେରିବ ବୋଲି ଆଶା କରାଯାଉଛି। ଏୟାର ଇଣ୍ଡିଆ ଲାଗି ଟାଟାସନ୍ସ ବିଡ୍

## କେନ୍ଦ୍ର କହିଲା ଡିଲ୍ ଚୂଡ଼ାନ୍ତ ହୋଇନି



ଲାଭ କରିଥିବା ବ୍ଲୁମବର୍ଗ ନ୍ୟୁଜ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ବିଡ୍‌ରେ ଟାଟା ଆଗୁଆ ରହିଛି। ଏହି କମ୍ପାନୀ ସର୍ବୋଚ୍ଚ ବିଡ୍ ଦାଖଲ କରିଥିବା ମଧ୍ୟ ଉଲ୍ଲେଖ ରହିଛି। ଉକ୍ତ ବିମାନ କମ୍ପାନୀର ମାଲିକାନା କାହା ନିକଟକୁ ଯିବ ସେ ନେଇ ଆଗାମୀ କିଛି ଦିନରେ ସରକାର ଚୂଡ଼ାନ୍ତ ଘୋଷଣା କରିବେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି।

ରିପୋର୍ଟ ମୁତାବକ, ଡିସେମ୍ବର ଶେଷ ସୁଦ୍ଧା ଏୟାର ଇଣ୍ଡିଆକୁ ଏହାର ନୂଆ ମାଲିକଙ୍କ ହାତକୁ ହସ୍ତାନ୍ତର କରିବାକୁ ସରକାର ଯୋଜନା ରଖିଛନ୍ତି। ଏହି ଡିଲ୍ ନେଇ ଚୂଡ଼ାନ୍ତ ମଞ୍ଜୁରୀ ମଧ୍ୟ ଲୋଡ଼ା ପଡ଼ିବ। ନିର୍ଦ୍ଦିଷ୍ଟ ବିକଳ୍ପ ବ୍ୟବସ୍ଥା ଦ୍ୱାରା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ପ୍ରମୁଖଙ୍କୁ ନେଇ ଗଠିତ ମନ୍ତ୍ରୀ ☞ପୃଷ୍ଠା-୪






କଂଗ୍ରେସ ଏକ ବୁଡ଼ିଯାଉଥିବା ଡଙ୍ଗା। ଜେଏନ୍‌ୟୁର ପୂର୍ବତନ ଛାତ୍ରନେତା କହ୍ନେୟା କୁମାର ନବ୍‌ଜୋତ୍ ସିଂ ସିଦ୍ଧୁଙ୍କ ଭଳି। ତାଙ୍କ ଯୋଗଦାନ ଫଳରେ କଂଗ୍ରେସ ଲାଭବାନ ହେବନାହିଁ, ଓଲଟା ସେ ଦଳକୁ ଧ୍ୱଂସ କରିଦେବେ।

– ଶିବାନନ୍ଦ ତିୱାରୀ, ଆର୍‌ଜେଡି ନେତା

# ସନ୍ଦେହରେ ଅମରିନ୍ଦରଙ୍କ ଧର୍ମନିରପେକ୍ଷତା

## ପଞ୍ଜାବ ସରକାରକୁ ଭାଙ୍ଗିବା ପାଇଁ ଅପଚେଷ୍ଟା କରୁଛି କେନ୍ଦ୍ର: ହରିଶ ରାୱତ୍



**ଡେରାଡୁନ,୧।୧୦**

ଅମିତ୍ ଶାହାଙ୍କ ଭଳି ଭାଜପା ନେତାଙ୍କ ସହ ଅମରିନ୍ଦର ସିଂଙ୍କ ଘନିଷ୍ଠତା ତାଙ୍କ ଧର୍ମନିରପେକ୍ଷ ବିଶ୍ୱାସନୀୟତା ପ୍ରତି ପ୍ରଶ୍ନଚିହ୍ନ ଲଗାଇଛି ବୋଲି ଶୁକ୍ରବାର ପଞ୍ଜାବ କଂଗ୍ରେସ ପ୍ରଭାରୀ ହରିଶ ରାୱତ୍ ଶୁକ୍ରବାର କହିଛନ୍ତି। ଏହା ସହ ପଞ୍ଜାବର ସଂଖ୍ୟାଗରିଷ୍ଠ କଂଗ୍ରେସ ସରକାରର ପତନ ଘଟାଇବାକୁ କେନ୍ଦ୍ର ସରକାର ଉଦ୍ୟମ କରିବା ଅନୁଚିତ ବୋଲି ରାୱତ୍ ଚେତାଇ ଦେଇଛନ୍ତି।

ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହରିଶ ରାୱତ୍ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ବିରୋଧରେ ଅଭିଯୋଗ ଆଣି କହିଛନ୍ତି, ସେ ଆଦର୍ଶଗତ ସମାନତା ନ ଥିବା ଲୋକଙ୍କ ହାତରେ ଖେଳୁଛନ୍ତି। ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଅମରିନ୍ଦର କଂଗ୍ରେସ ନେତୃତ୍ୱ ସହ ଛିଡ଼ାହେବା ଉଚିତ ଥିଲା। ଅମରିନ୍ଦର ନିଜ ଫାର୍ମହାଉସ୍‌ରୁ ଉଭୟ ସରକାର ଓ ଦଳକୁ ନିୟନ୍ତ୍ରଣ କରୁଥିଲେ। ସେକ୍ରେଟାରିଏଟ୍‌ରୁ ଅନୁପସ୍ଥିତି ନେଇ କେହି ତାଙ୍କୁ ପ୍ରଶ୍ନ ମଧ୍ୟ କରୁ ନ ଥିଲେ। ଏସବୁକୁ ନେଇ ରାଜ୍ୟରେ ଧାରଣା ସୃଷ୍ଟି ହୋଇଛି ଯେ, ଅମରିନ୍ଦର ଓ ଶିରୋମଣି ଅକାଳୀ ଦଳର ସୁଖବୀର ସିଂ ବାଦଲ ପରସ୍ପରକୁ ସହଯୋଗ କରୁଛନ୍ତି। ଏନେଇ କ୍ୟାପ୍‌ଟେନ ସାହେବଙ୍କ ସହ ୫ ଥର ଆଲୋଚନା ହୋଇଛି। କିନ୍ତୁ କିଛି ସୁଫଳ ମିଳିନାହିଁ। ଏପରି କି ସେ ମୋ ପରାମର୍ଶ ନେବାକୁ ମଧ୍ୟ ଉଚିତ ମଣି ନ ଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଅନ୍ୟ କେତେଜଣ ଭାଜପା ନେତାଙ୍କ ସହ ସେ ମିଶୁଥିବାରୁ ତାଙ୍କ ଧର୍ମନିରପେକ୍ଷ ବିଶ୍ୱସନୀୟତା ଏବେ ସନ୍ଦେହଘେରରେ। କଂଗ୍ରେସ ଅମରିନ୍ଦରଙ୍କୁ ଅପମାନ କରିନାହିଁ, ବରଂ ସବୁବେଳେ ସମ୍ମାନ ଦେଇଆସିଛି। କେନ୍ଦ୍ର ପଞ୍ଜାବ ସରକାରକୁ ଭାଙ୍ଗିବାକୁ ଉଦ୍ୟମ ନ କରୁ।



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରୁଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି।

# କୃଷି ଆଇନ ପ୍ରତ୍ୟାହାର ଦାବିକଲେ ଚନ୍ନି

**ନୂଆଦିଲ୍ଲୀ,୧।୧୦**

ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଶୁକ୍ରବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ୭ ଲୋକ କଲ୍ୟାଣ ମାର୍ଗସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଉଭୟେ କୃଷକଙ୍କ ସମସ୍ୟା ନେଇ ଆଲୋଚନା କରିଛନ୍ତି। ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶର ଚାଷୀମାନେ କେନ୍ଦ୍ର ସରକାରଙ୍କ ୩ ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ଗତବର୍ଷ ନଭେମ୍ବରଠାରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ କରୁଛନ୍ତି। ତେଣୁ କୃଷି ଆଇନକୁ ହଟାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଚନ୍ନି ଦାବି କରିଛନ୍ତି। ସେହିପରି ଧାନକିଣା ବିଳମ୍ବିତ ହୋଇଥିବାରୁ ଏନେଇ ମଧ୍ୟ ଚନ୍ନି ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚନ୍ନି ପଞ୍ଜାବ ମୁଖ୍ୟମନ୍ତ୍ରୀ ହେବା ପରେ ଏହା ହେଉଛି ମୋଦିଙ୍କ ସହ ତାଙ୍କର ପ୍ରଥମ ଭେଟ। ପଞ୍ଜାବର ସଦ୍ୟ ଘଟଣାକ୍ରମ ପରିପ୍ରେକ୍ଷୀରେ ଏହି ସୌଜନ୍ୟମୂଳକ ସାକ୍ଷାତ୍‌କୁ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି।

# ‘ମୋ ଉପରେ ଆନୁଗତ୍ୟ ଚାପ ଥିଲା’

**ନୂଆଦିଲ୍ଲୀ,୧।୧୦**

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରିନ୍ଦର ସିଂ କଂଗ୍ରେସ ଛାଡ଼ିବା ନେଇ ଘୋଷଣା କରିବା ପରେ ଦଳ ଭିତରୁ ତାଙ୍କ ଉପରକୁ କାଦୁଅ ଫିଙ୍ଗା ଆରମ୍ଭ ହୋଇଛି। ଏକଜିଦିଆ ଅମରିନ୍ଦର ନିଜ ବିଧାୟକମାନଙ୍କ ସମର୍ଥନ ହରାଇବା ପରେ ଚାପରେ ପଡ଼ି କଂଗ୍ରେସ ଛାଡ଼ିବା ପାଇଁ ଘୋଷଣା କରିଥିବା କଂଗ୍ରେସ ପ୍ରଭାରୀ ହରିଶ ରାୱତ୍ ସମାଲୋଚନା କରିଛନ୍ତି। ଏହାର ଜବାବରେ ଅମରିନ୍ଦର କହିଛନ୍ତି, ତାଙ୍କ ଉପରେ କେବଳ

**କ୍ୟାପ୍‌ଟେନ ବନାମ କଂଗ୍ରେସ**



ଅମରିନ୍ଦର ସିଂ

କଂଗ୍ରେସ ପ୍ରତି ଆନୁଗତ୍ୟ ପ୍ରକାଶ କରିବାକୁ ଚାପ ରହିଥିଲା। ଏଥିଯୋଗୁ ତାଙ୍କୁ ଏତେ ଅପମାନିତ ହେବାକୁ ପଡ଼ିଛି। ଅପମାନ ସହିବାକୁ ପଡ଼ିଛି ନା ନାହିଁ ତାହା ବୁଝିବା ପାଇଁ ହରିଶ ରାୱତ୍ ତାଙ୍କ ଜୋତା ଭିତରକୁ ଆସିବା ଦରକାର ବୋଲି ଅମରିନ୍ଦର କହିଛନ୍ତି। ସେହିପରି ତାଙ୍କ କର୍ତ୍ତୃତ୍ୱକୁ ନ୍ୟୁନ କରି ସମାଲୋଚନା କରିବା ଲାଗି ପୂର୍ବତନ କ୍ୟାବିନେଟ ସହଯୋଗୀ ନବଜୋତ୍ ସିଂ ସିଦ୍ଧୁଙ୍କୁ ଦଳ କାହିଁକି ସୁଯୋଗ ଦେଇଥିଲା ବୋଲି ଅମରିନ୍ଦର ପ୍ରଶ୍ନ କରିଛନ୍ତି।

# ଅମରିନ୍ଦର ଗଢ଼ିବେ ପଞ୍ଜାବ ବିକାଶ ପାର୍ଟି

ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଦିଲ୍ଲୀରୁ ରାଜ୍ୟକୁ ଫେରିବା ପରେ ଏକ ନୂଆ ରାଜନୈତିକ ଦଳ ଗଢ଼ିବେ। ନବଜୋତ୍ ସିଂ ସିଦ୍ଧୁଙ୍କୁ ହରାଇବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ବୋଲି କେତେକ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଆଇଏଏନ୍‌ଏସ୍ ରିପୋର୍ଟ ଅନୁସାରେ କ୍ୟାପ୍‌ଟେନଙ୍କ ପ୍ରସ୍ତାବିତ ଦଳର ନାମ ହେବ ‘ପଞ୍ଜାବ ବିକାଶ ପାର୍ଟି’। ନୂଆ ଦଳ ଗଠନ ନିମନ୍ତେ ଆଲୋଚନା ପାଇଁ ଅମରିନ୍ଦର ଖୁବ୍‌ଶୀଘ୍ର ତାଙ୍କ ଘନିଷ୍ଠ ନେତାମାନଙ୍କୁ ନେଇ ସେ ଏକ ବୈଠକ କରିବେ। ସେହିପରି ପଞ୍ଜାବର କୃଷକ ନେତା ଓ ଛୋଟ ଦଳଗୁଡ଼ିକର ସମର୍ଥନ ହାସଲ ଲାଗି ମଧ୍ୟ ସେ ଉଦ୍ୟମ କରିବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଦିଲ୍ଲୀ ଗସ୍ତରେ ଥିବା ଅମରିନ୍ଦର ଗୁରୁବାର ଘୋଷଣା କରିଥିଲେ, ସେ କଂଗ୍ରେସ ଛାଡ଼ିବେ କିନ୍ତୁ ଭାଜପାରେ ମିଶିବେ ନାହିଁ।

କଂଗ୍ରେସ ଦଳର କାର୍ଯ୍ୟ ପ୍ରକ୍ରିୟାକୁ ନେଇ ମତ ପ୍ରକାଶ କରିବାରୁ କପିଲ ସିବଲଙ୍କ ଘରକୁ ସେହିମାନେ ଆକ୍ରମଣ କରିଛନ୍ତି, ଯେଉଁମାନେ ମୋଦି ସରକାରଙ୍କୁ ଅଭିବ୍ୟକ୍ତି ସ୍ୱାଧୀନତା ସଙ୍କୁଚିତ କରିବା ନେଇ ସମାଲୋଚନା କରୁଛନ୍ତି। ସେହି ଗୁଣ୍ଡାମାନଙ୍କୁ ରାହୁଲ ଗାନ୍ଧୀ କଡ଼ା ଭାଷାରେ ସମାଲୋଚନା କରିବା ଉଚିତ ନୁହେଁ କି?

– ଜାଭେଦ ଅଖତର, ଗୀତିକାର





ଲକ୍ଷ୍ନୌରେ ଖବରଦାତା ସମ୍ମିଳନୀକୁ ଶୁକ୍ରବାର ସମ୍ବୋଧିତ କରୁଛନ୍ତି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ। ଅଖିଳେଶ କହିଛନ୍ତି, ଗୋରଖପୁରରେ କାନପୁର ବ୍ୟବସାୟୀ ମନୀଷ୍ ଗୁପ୍ତାଙ୍କୁ ସୋମବାର ରାତିରେ ଚଢ଼ାଉବେଳେ ହୋଇଥିବା ହତ୍ୟାକାଣ୍ଡରେ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଉନାହିଁ। ଏହା ଦର୍ଶାଉଛି ଯେ ଅଭିଯୁକ୍ତ ଫେରାର ହୋଇ ନ ଥିଲେ, ବରଂ ତାଙ୍କୁ ଫେରାର କରାଯାଇଥିଲା। ଏହି ମାମଲା ବଟି ଅସୁଲି ସହ ଜଡ଼ିତ। ଜିରୋ ଟୋଲରାନ୍ସ ଭାଜପାର ଜୁମ୍‌ଲା ବୋଲି ଅଖିଳେଶ ସମାଲୋଚନା କରିଛନ୍ତି।

# ତ୍ରିସ୍ତରୀୟ ସୁରକ୍ଷା ବଳୟରେ ଷ୍ଟ୍ରଙ୍ଗ୍‌ରୁମ୍

- ପିପିଲି ଉପନିର୍ବାଚନ: ୭୮.୨୫% ମତଦାନ
- ୩ରେ ଭୋଟ ଗଣତି, ଫଳାଫଳ

**ପୁରୀ ଅଫିସ, ୧।୧୦**

ପିପିଲି ଉପନିର୍ବାଚନ ପାଇଁ ଗୁରୁବାର ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ୭୮.୨୫ ପ୍ରତିଶତ ମତଦାନ ହୋଇଥିବା ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ୧୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍‌ରେ ସିଲ୍ ହୋଇରହିଛି। ମତଦାନ ପ୍ରକ୍ରିୟା ସରିବା ପରେ ସମସ୍ତ ୩୪୮ଟି ବୁଥ୍‌ର ଇଭିଏମ୍‌ଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ପୁରୀ ପେଣ୍ଟକଟାସ୍ଥିତ ୱେୟାର ହାଉସ ଷ୍ଟ୍ରଙ୍ଗରୁମ୍‌କୁ ନିଆଯାଇ ସେଠାରେ ରଖାଯାଇଛି। ଷ୍ଟ୍ରଙ୍ଗରୁମ୍ ଚାରିପଟେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆସନ୍ତା ୩ ତାରିଖ ସକାଳ ୭ଟାରୁ ଭୋଟ ଗଣତି କରାଯିବ ଏବଂ ଗଣତି ଶେଷ ପରେ ଫଳାଫଳ ଘୋଷଣା ହେବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ଶୁକ୍ରବାର ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଶାନ୍ତିଶୃଙ୍ଖଳାର ସହ ମତଦାନ ପ୍ରକ୍ରିୟା ଶେଷ ହୋଇଥିବାରୁ ସେ ପିପିଲିବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ଏସ୍‌ପି କନୱର ବିଶାଲ ସିଂ ଷ୍ଟ୍ରଙ୍ଗରୁମ୍ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବା ପରେ କହିଛନ୍ତି, ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଘେରରେ ଷ୍ଟ୍ରଙ୍ଗରୁମ୍ ରହିଛି। ଷ୍ଟ୍ରଙ୍ଗରୁମ୍ ଚାରିପଟେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି। ପ୍ରଥମ ସୁରକ୍ଷା ବଳୟ ଦାୟିତ୍ୱରେ ବିଏସ୍‌ଏଫ୍ ଯବାନ ଏବଂ ଦ୍ୱିତୀୟ ସୁରକ୍ଷା ବଳୟ ଦାୟିତ୍ୱରେ ରାଜ୍ୟ ପୋଲିସ ରହିଛି। ସେହିପରି ତୃତୀୟ ସୁରକ୍ଷା ବଳୟ ଦାୟିତ୍ୱରେ ଜିଲା ପୋଲିସ ଓ ରାଜସ୍ୱ ବିଭାଗର ଅଧିକାରୀ ରହିଛନ୍ତି। ସୁରକ୍ଷା ପରିଚାଳନା ଦାୟିତ୍ୱରେ ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ର୍‌ୟାଙ୍କର ଅଧିକାରୀ, ୨ଜଣ ଇନ୍ସପେକ୍ଟର ଓ ୫ ଜଣ ପୋଲିସ ଅଧିକାରୀ ରହିଛନ୍ତି। ଗଣତି ଶେଷ ପର୍ଯ୍ୟନ୍ତ ଏହି ସୁରକ୍ଷା ବ୍ୟବସ୍ଥା ରହିବ। ଗଣତି ଦିନ ଭିଡକୁ ଏଡ଼ାଇବା ପାଇଁ ଅଧିକ ପୋଲିସ ସହ ଟ୍ରାଫିକ ବ୍ୟବସ୍ଥା କରାଯିବ। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସରିଛି। ସେହିପରି ଉକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଧିପୁରରେ ଗୁରୁବାର ବିଳମ୍ବିତ ରାତିରେ ହୋଇଥିବା ବୋମାମାଡ଼ ନେଇ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ପକ୍ଷରୁ ଏହି ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ।



ଷ୍ଟ୍ରଙ୍ଗ୍‌ରୁମ୍ ଆଗରେ ପହରା ଦେଉଛନ୍ତି ସୁରକ୍ଷା କର୍ମୀ।

# ମାସେ ଚାଲିବ ବିଜେଡିର ଶ୍ରମଦାନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

**ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ୨୦ହଜାର ୟୁନିଟ୍ ରକ୍ତ ସଂଗ୍ରହ ଧାର୍ଯ୍ୟ**

କରୋନା ମହାମାରୀକୁ ଦୃଷ୍ଟିରେ ରଖି ବିଜେଡି ମାସେ ବ୍ୟାପୀ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି। ପୂର୍ବରୁ ୨ ଅକ୍ଟୋବରରୁ ୧ ନଭେମ୍ବର ପର୍ଯ୍ୟନ୍ତ କରାଯାଉଥିବା ସଚେତନତା ଯାତ୍ରା ବଦଳରେ ଏହି ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ ‘ଶ୍ରମ ଦାନ’ ସାମାଜିକ ପ୍ରତିବଦ୍ଧତା। ସେହି ଅନୁଯାୟୀ ବିଭିନ୍ନ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ସର୍ବସାଧାରଣ ବ୍ୟବହାର କରୁଥିବା ସ୍ଥାନକୁ ସଫା ସୁତୁରା କରାଯିବା ସହିତ ରକ୍ତଦାନ ଶିବିର ଆୟୋଜନ କରାଯିବ। ଅପରପକ୍ଷେ ଓଡ଼ିଶା–ମୋ ପରିବାର, ଏହାର ଜୀବନବିନ୍ଦୁ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବ। ରାଜ୍ୟର ସମସ୍ତ ଜିଲାରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଆୟୋଜନ କରାଯିବ। ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେଉଥିବା ଏହି ସ୍ୱତନ୍ତ୍ର ଅଭିଯାନରେ ଯୁବ, ଛାତ୍ରମାନଙ୍କୁ ସାମିଲ କରି ୨୦ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରିବାକୁ ଧାର୍ଯ୍ୟ କରାଯାଇଛି। ସେହିପରି ଗାନ୍ଧୀ ଜୟନ୍ତୀ ଏବଂ ଅକ୍ଟୋବର ୧୧ରେ ଜୟ ପ୍ରକାଶ ନାରାୟଣ ଜୟନ୍ତୀକୁ କୋଭିଡ୍ ନିୟମ ମାନି ନିରାଡମ୍ବରରେ ପାଳନ କରାଯିବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

**ରାଜ୍ୟ ଖବର**

# ୭ରେ ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମଗିରି ଗସ୍ତ

**ପୁରୀ ଅଫିସ,୧।୧୦**

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୭ତାରିଖରେ ପୁରୀ ଜିଲା ବ୍ରହ୍ମଗିରି ଗସ୍ତରେ ଆସିବେ। ମୁଖ୍ୟମନ୍ତ୍ରୀ ପୁରୀ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟକାର୍ଡ ବଣ୍ଟନର ଶୁଭାରମ୍ଭ କରିବା ସହ ବ୍ରହ୍ମଗିରି ନୂତନ ବ୍ଲକ୍ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ। ଏ ନେଇ ଶୁକ୍ରବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ବ୍ରହ୍ମଗିରି କେରାଣ୍ଡିଆରେ ପହଞ୍ଚି ହେଲିପ୍ୟାଡ୍ କ୍ଷେତ୍ର ବୁଲି ଦେଖିଛନ୍ତି। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ବ୍ରହ୍ମଗିରି କେରାଣ୍ଡିଆରେ ଓହ୍ଲାଇବା ପରେ ଏକ ସଭାଗୃହରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ବଣ୍ଟନ କରିବେ। ସରକାରୀ ଅଧିକାରୀ ଓ ହିତାଧିକାରୀଙ୍କ ସମେତ ସର୍ବାଧିକ ୨୫୦ ବ୍ୟକ୍ତି ଏହି ସଭାଗୃହରେ ଉପସ୍ଥିତ ରହିବେ। କୋଭିଡ୍ କଟକଣାରେ କାର୍ଯ୍ୟକ୍ରମ ପରିଚାଳିତ ହେବ। ଜିଲାର ୧୧ଟି ବ୍ଲକରୁ



ଅତିକମ୍‌ରେ ଜଣେ ଲେଖାଏ ପ୍ରତିନିଧି ବ୍ରହ୍ମଗିରି ଆସି ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ମାର୍ଟ କାର୍ଡ ନେବେ। ପାଖାପାଖି ୨ଲକ୍ଷ ୭୬ ହଜାର ସ୍ମାର୍ଟ କାର୍ଡ ବଣ୍ଟନ କରାଯିବାର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମ ପରେ ନବନିର୍ମିତ ବ୍ଲକ୍ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। ନୂତନ କାର୍ଯ୍ୟାଳୟରେ ତାଲିମ ଓ କନଫରେନ୍ସ ପାଇଁ ସ୍ୱତନ୍ତ୍ର ହଲ୍ ଥିବାବେଳେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ହୋଇଛି। ଅତ୍ୟାଧୁନିକ ଢଙ୍ଗରେ ନିର୍ମିତ ନୂତନ ବ୍ଲକ୍ ଅଫିସକୁ ମିନି ସେକ୍ରେଟାରୀଏଟ୍ ବୋଲି କୁହାଯାଉଛି। ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାସବର୍ମା ସ୍ଥିତି ସମୀକ୍ଷା କରିବା ପରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ରାସ୍ତା ଓ କୋଠା ନିର୍ମାଣ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗିରିଜା ଶଙ୍କର ରାୟ, ବିଦ୍ୟୁତ୍ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିବ ସ୍ୱାଇଁ ପ୍ରମୁଖ କେରାଣ୍ଡିଆଠାରେ ପହଞ୍ଚି ଅସ୍ଥାୟୀ ସଭାଗୃହ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇଛନ୍ତି। ଏସ୍‌ପି ସିଂ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଏବଂ ଜିଲାପାଳ ବର୍ମା ବିଭାଗୀୟ ଅଧିକାରୀଙ୍କ ସହ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି। ନିର୍ଦ୍ଧାରିତ ସଂଖ୍ୟକ ଲୋକଙ୍କୁ ଅନୁମତି ଦିଆଯିବା ସହ ସୁରକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖାଯିବ ବୋଲି ଏସ୍‌ପି କହିଛନ୍ତି।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

**ନିମାପଡ଼ା,୧।୧୦(ଡି.ଏନ୍.ଏ.)**

ଚାରିଛକ ଫାଣ୍ଡି ତୁଳସୀପୁର ପଞ୍ଚାୟତ ବେଲପଡ଼ା ଗ୍ରାମର ମମତା ସାହୁଙ୍କ ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ତେବେ ମମତାଙ୍କ ବାପଘର ଲୋକେ ଏହି କଥା ଜାଣିବା ପରେ ଝିଅକୁ ଯୌତୁକ ପାଇଁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଶୁକ୍ରବାର ମୃତାଙ୍କ ବାପା ରଘୁନାଥ ନାୟକ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ, ଏସ୍‌ଆଇ ପି.କେ.ଜୁଝାର ସିଂ ପ୍ରମୁଖ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ଅଭିଯୋଗକ୍ରମେ ଏକ ମାମଲା (ନଂ.୩୪୪/୨୧) ରୁଜୁ ହୋଇଛି। ମୃତାଙ୍କ ସ୍ୱାମୀ, ଦିଅରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବାବେଳେ ଅନ୍ୟମାନେ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ଚନ୍ଦନପୁର ଥାନା ଦୋଳଗୋବିନ୍ଦପୁରର ମମତାଙ୍କୁ ୧୦ବର୍ଷ ତଳେ ବେଲପଡ଼ାର ସୁକାନ୍ତ ବିବାହ କରିଥିଲେ। କିଛିବର୍ଷ ପରେ ଅଧିକ ଯୌତୁକ ଆଣିବା ଦାବିରେ ମମତାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇ ଆସୁଥିବା ମୃତାଙ୍କ ବାପା ରଘୁନାଥ ଅଭିଯୋଗରେ ଦର୍ଶାଇଛନ୍ତି।




ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।

# ବିଦ୍ୟାଳୟରେ ତାଲା, ବାହାରେ ପଢ଼ିଲେ ଛାତ୍ରୀଛାତ୍ର

**କଣାସ,୧।୧୦(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗଡ଼ସାନପୁଟ ପଞ୍ଚାୟତର ବାରଦାରେ ଥିବା ବାରଦା–ବାଦଲପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକମାନଙ୍କ ମଧ୍ୟରେ ଦୀର୍ଘଦିନ ହେବ କୌଣସି କଥାକୁ ନେଇ ତିକ୍ତତା ଲାଗି ରହିଛି। ଅଧିକାଂଶ ସମୟ ବିଦ୍ୟାଳୟରେ ଶିକ୍ଷକଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବାରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାହତ ହୋଇଆସୁଥିଲା। ଏହି କଥା ଗ୍ରାମବାସୀ ଜାଣିବା ପରେ ଉତ୍ତ୍ୟକ୍ତ ହୋଇ ଶୁକ୍ରବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ପାଠ ପଢ଼ିବାକୁ ଆସିଥିବା ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାହାରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ। ପରେ କେତେଜଣ ଶିକ୍ଷକ ଆସି ସ୍କୁଲରେ ତାଲା ପଡ଼ିଥିବା ଦେଖି ସ୍କୁଲ ବାରଣ୍ଡାରେ ପାଠ ପଢ଼ାଇଥିଲେ। ପରେ ଗ୍ରାମବାସୀ ଶିକ୍ଷକମାନଙ୍କ ସହ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ତେବେ ଏ ନେଇ କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଟେଲିଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନ ଥିଲା ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୪୭,୪୭,୬୩୪ | ୪୮,୦୦,୯୨୯ | ୨୧,୧୫,୪୫,୯୨୭ |
| ଭାରତ | ୩,୩୭,୭୫,୧୩୫ | ୪,୪୮,୫୦୪ | ୩,୩୦,୪୫,୭୭୦ |
| ଓଡ଼ିଶା | ୧୦,୨୬,୯୫୩ | ୮୨୦୨(+୫୩) | ୧୦,୧୩,୮୩୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ‘ଓଡ଼ିଆ ଭାଷା, ସ୍ୱାର୍ଥକୁ ଗୁରୁତ୍ୱ ଦିଅ’

## ଝାଡ଼ଖଣ୍ଡ, ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି



ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୧।୧୦(ବ୍ୟୁରୋ)**

ଓଡ଼ିଶା ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି ପଡ଼ୋଶୀ। ଫଳରେ କେତେବେଳେ ପାଣି, କେତେବେଳେ ସୀମା ତ ଆଉ କେବେ ଓଡ଼ିଆ ଭାଷାକୁ ନେଇ ଉପୁଜୁଛି ଜଟିଳ ସ୍ଥିତି। କୋରାପୁଟ ଜିଲାର ସୀମାନ୍ତ କୋଟିଆକୁ ନେଇ ଆନ୍ଧ୍ର ସରକାରଙ୍କ ସହ ବିବାଦର ଅବସାନ ଘଟି ନ ଥିବାବେଳେ ଓଡ଼ିଆ ଭାଷାକୁ ନେଇ ଝାଡ଼ଖଣ୍ଡ ସରକାର ନେଇଥିବା ଏକତରଫା ନିଷ୍ପତ୍ତି ଚିନ୍ତା ବଢ଼ାଇଛି। ଓଡ଼ିଆ ଭାଷାର ସୁରକ୍ଷା ଏବଂ ସ୍ୱାର୍ଥକୁ ଅଗ୍ରାଧିକାର ଦେବାକୁ ସବୁଆଡୁ ଦାବି ତୀବ୍ର ହେଉଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଏ ସଂକ୍ରାନ୍ତରେ ଝାଡ଼ଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ସଙ୍କଟରେ ପଡ଼ିଥିବାବେଳେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ତ୍ୱରିତ ପଦକ୍ଷେପ ନେବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଲେଖାଯାଇଥିବା ଚିଠିରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ଝାଡ଼ଖଣ୍ଡ ରାଜ୍ୟ ଗଠନ ହେବାପରେ ଓଡ଼ିଆ ଭାଷାଭାଷୀ ଲୋକଙ୍କ ଅଧିକାରକୁ ସୁରକ୍ଷା ଦିଆଯିବ ବୋଲି ସୁନିଶ୍ଚିତ କରାଯାଇଥିଲା। ୨୦୧୧ ସେପ୍ଟେମ୍ବର ୧ରେ ଝାଡ଼ଖଣ୍ଡ ସରକାର ଅନ୍ୟ ୫ ଆଞ୍ଚଳିକ ଭାଷା ସହ ଓଡ଼ିଆ ଭାଷାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦେଇଥିଲେ। ରାଞ୍ଚି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗ ଏବଂ ସ୍ନାତକ, ସ୍ନାତକୋତ୍ତର ପାଠ୍ୟକ୍ରମ ରହିଛି। ଝାଡ଼ଖଣ୍ଡ ଲୋକସେବା ଆୟୋଗ ଏବଂ ଷ୍ଟାଫ୍ ସିଲେକ୍ସନ କମିଶନରେ ଓଡ଼ିଆକୁ ଇଚ୍ଛାଧୀନ ବିଷୟ ଭାବେ ଗ୍ରହଣ କରାଯାଇଛି। ଝାଡ଼ଖଣ୍ଡ ସୀମାବର୍ତ୍ତୀ ଜିଲାରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ କାର୍ଯ୍ୟକ୍ଷମ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ପ୍ରଶଂସନୀୟ। ତେବେ ଅନେକ ବିବାଦ ଯୋଗୁ ଏହି ସବୁ ସ୍କୁଲ ବନ୍ଦ ହେବାରେ ଲାଗିଛି। ଓଡ଼ିଆ ମାଧ୍ୟମ ସ୍କୁଲରେ ଶିକ୍ଷକମାନେ ଅବସର ନେବାପରେ ଉକ୍ତ ପଦବୀରେ ହିନ୍ଦୀ ଭାଷାଭାଷୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉଛି। ଏସବୁ ସମ୍ବିଧାନର ମେଣ୍ଟେନାନ୍ସ ଆଣ୍ଡ ପ୍ରୋମୋଶନ ଅଫ୍ ଲିଙ୍ଗୁଇଷ୍ଟିକ୍ ଡାଇଭର୍ସିଟି ଓ ରାଇଟ୍ସ ଅଫ୍ ଲିଙ୍ଗୁଇଷ୍ଟିକ୍ ମାଇନରିଟି ବିରୋଧରେ ଯାଉଛି। ଭାରତ ସରକାରଙ୍କ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ମାତୃଭାଷାରେ ପାଠ ପଢ଼ାଇବା ପାଇଁ ସମ୍ପୃକ୍ତ ରାଜ୍ୟ ସରକାର ସୁନିଶ୍ଚିତ କରନ୍ତୁ ବୋଲି ଧର୍ମେନ୍ଦ୍ର ଦାବି କରିଛନ୍ତି। ଏଥିସହ ଝାଡ଼ଖଣ୍ଡରେ ଓଡ଼ିଆ ଭାଷାଭାଷୀ ସ୍କୁଲର ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସୋରେନ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି।

ସେହିପରି ଆନ୍ଧ୍ର ସୀମାନ୍ତ ଗ୍ରାମରେ ଓଡ଼ିଆ ଭାଷାକୁ ନେଇ ଲାଗି ରହିଥିବା ସମସ୍ୟା ଉପସ୍ଥାପନ କରି ଧର୍ମେନ୍ଦ୍ର ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୀମା ନିର୍ଦ୍ଧାରଣ ପରେ ଉଭୟ ରାଜ୍ୟର ସୀମାନ୍ତବର୍ତ୍ତୀ ବିଦ୍ୟାଳୟରେ ଭାଷାକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। କେତେକ ସ୍କୁଲରେ ଓଡ଼ିଆ ଏବଂ ଅନ୍ୟ କେତେକ ସ୍ଥାନରେ ତେଲୁଗୁ ଭାଷାଭାଷୀ ଛାତ୍ରୀଛାତ୍ର ସଂଖ୍ୟାଲଘୁ ଗୋଷ୍ଠୀରେ ପରିଣତ ହୋଇଛନ୍ତି। ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକରେ ମାତୃଭାଷାର ଉନ୍ନତି ଆଣିବା ଲାଗି ଆବଶ୍ୟକ ସମସ୍ତ ସହଯୋଗ କରିବା ଜରୁରୀ। ହେଲେ ବିଶାଖାପାଟନମ୍ ଏବଂ ଶ୍ରୀକାକୁଲମ ଜିଲାର ଓଡ଼ିଶା ଭାଷା ଶିଖିବାକୁ ଇଚ୍ଛୁକ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ସହଯୋଗ ମିଳୁନାହିଁ। କିନ୍ତୁ ଓଡ଼ିଶାରେ ତେଲୁଗୁ ଭାଷା ଶିଖିବା ଲାଗି ପର୍ଯ୍ୟାପ୍ତ ସୁଯୋଗ ଦିଆଯାଉଛି। ସମ୍ପୃକ୍ତ ବିଷୟରେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉଛି। ଆନ୍ଧ୍ରପ୍ରଦେଶର ସଂଖ୍ୟାଲଘୁ ଓଡ଼ିଆ ପିଲାଙ୍କ ପାଇଁ ସମାନ ସହଯୋଗ ସମୟର ଆବଶ୍ୟକତା। ସମସ୍ୟାର ତ୍ୱରିତ ସମାଧାନ ଲାଗି ମୁଖ୍ୟମନ୍ତ୍ରୀ ଜଗନମୋହନ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ଧର୍ମେନ୍ଦ୍ର ନିବେଦନ କରିଛନ୍ତି।

## ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସମୀର

### ଶିକ୍ଷକ ତାଲିମ୍‌ରେ ଓଡ଼ିଆ ଭାଷାକୁ ସାମିଲ କରିବାକୁ ଅନୁରୋଧ

**ଭୁବନେଶ୍ୱର, ୧।୧୦(ବ୍ୟୁରୋ)**

ଝାଡ଼ଖଣ୍ଡର ଦ୍ୱିତୀୟ ରାଜଭାଷା ମାନ୍ୟତାରୁ ଓଡ଼ିଆ ବାଦ୍ ପଡ଼ିବା ପ୍ରସଙ୍ଗକୁ ନେଇ ଓଡ଼ିଶା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ଜାରି ରହିଛି। ଏପରିସ୍ଥିତିରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ଜଗରନାଥ ମହତୋଙ୍କୁ ପତ୍ର ଲେଖିଛନ୍ତି। ଏ ସଂକ୍ରାନ୍ତରେ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଝାଡ଼ଖଣ୍ଡରେ ଦ୍ୱିତୀୟ ଭାଷା ରୂପେ ଓଡ଼ିଆ ଭାଷା ବାଦ୍ ପଡ଼ିବା ଦ୍ୱନ୍ଦ୍ୱ ସୃଷ୍ଟି କରିଛି। କିନ୍ତୁ ସେମିତି କିଛି ହୋଇନାହିଁ। କେବଳ ଶିକ୍ଷକଙ୍କ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ହେଉଥିବା ତାଲିମ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାକୁ ବାଦ୍ ଦିଆଯାଇଥିଲା। ଏହାକୁ ଟ୍ରେନିଂରେ ଅନ୍ତର୍ଭୁକ୍ତ କରିବାକୁ ଚିଠି କରିଛି। ଗତ ସେପ୍ଟେମ୍ବର ୨୦ ତାରିଖରେ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପରୀକ୍ଷା ନିମିତ୍ତ ଝାଡ଼ଖଣ୍ଡ ଏକାଡେମୀ କାଉନସିଲ୍ ଦ୍ୱାରା ଏକ ବିଜ୍ଞାପନ (ସଂଖ୍ୟା ୩୩/୨୦୨୧) ପ୍ରକାଶିତ ହୋଇଥିଲା। ଏଥିରେ ଝାଡ଼ଖଣ୍ଡର ସପ୍ତମ ପତ୍ର ପରୀକ୍ଷାରେ ସଂସ୍କୃତ, ଉର୍ଦ୍ଦୁ, ବଙ୍ଗଳା, ସାନ୍ତାଳୀ, ହୋ, ମୁଣ୍ଡାରୀ, କୁଡ଼ମାଳୀ ଆଦି ୧୨ଟି ଭାଷାରେ ପରୀକ୍ଷା ଦେବା ପାଇଁ ସୁଯୋଗ ଥିବା ସମୟରେ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ଓଡ଼ିଆକୁ ବାଦ୍‌ଦିଆଯାଇଛି। ଏହା ସଢ଼େଇକଳା, ଖରସୁଆଁ, ସିଂହଭୂମିଠାରେ ବସବାସ କରୁଥିବା ଓଡ଼ିଆଙ୍କ ଆତ୍ମସମ୍ମାନକୁ କୁଠାରାଘାତ କରିଛି। ଏ ବାବଦରେ ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ମହତୋଙ୍କର ଦୃଷ୍ଟି ଆକର୍ଷଣପୂର୍ବକ ଯଥୋଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜଣାଇଥିବା ଗଣଶିକ୍ଷାମନ୍ତ୍ରୀ ଦାଶ କହିଛନ୍ତି।



ସମୀର ରଞ୍ଜନ ଦାଶ

## ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ମାନ୍ୟତା ରହିବ : କଂଗ୍ରେସ

**ଭୁବନେଶ୍ୱର,୧।୧୦(ବ୍ୟୁରୋ):** ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ଉଚ୍ଛେଦ ପ୍ରସଙ୍ଗକୁ ଓଡ଼ିଶା ପ୍ରଦେଶ କଂଗ୍ରେସ ଅତି ଗମ୍ଭୀରତାର ସହ ନେଇଛି। ଶନିବାର ଓଡ଼ିଶା ଗସ୍ତରେ ଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧକାନ୍ତ ସାହାୟଙ୍କ ସହ ଓଡ଼ିଆ ଭାଷା ସମ୍ପର୍କରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଏଥିସହ ନିରଞ୍ଜନ ଫୋନ ଯୋଗେ ଝାଡ଼ଖଣ୍ଡର ସଂସଦୀୟ ବ୍ୟାପାର ମନ୍ତ୍ରୀ ଆଲାମଗିର୍ ଆଲାମଙ୍କ ସହ ମଧ୍ୟ କଥା ହୋଇଛନ୍ତି। ଓଡ଼ିଆ ଭାଷା ଉଚ୍ଛେଦ ହେବନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

DSPL-165

### ୬୭ ତମ ବନ୍ୟପ୍ରାଣୀ ସପ୍ତାହ ୨୦୨୧ ପାଳନ ଉପଲକ୍ଷେ
### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ପ୍ରତିବର୍ଷ ସାରା ଦେଶରେ ଅକ୍ଟୋବର ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ପାଳନ ହୋଇଆସୁଅଛି । ବନ୍ୟପ୍ରାଣୀ ଓ ସେମାନଙ୍କର ଆବାସ ସ୍ଥଳୀର ସୁରକ୍ଷା ନିମନ୍ତେ ବହୁବିଧ ପଦକ୍ଷେପ ଗ୍ରହଣ କରିବା ଏବଂ ଏ ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଶାନ୍ତି ଓ ଅହିଂସାର ଉପାସକ ମହାତ୍ମାଗାନ୍ଧୀଙ୍କର ପୁଣ୍ୟ ଜନ୍ମତିଥି ଅବସରରେ ବନ୍ୟପ୍ରାଣୀର ସଂରକ୍ଷଣ ଏବଂ ମାନବ ସମାଜ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଦିଗରେ ଆମର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇବାର ଏହା ଏକ ଅପୂର୍ବ ସୁଯୋଗ ।

ପରିବେଶ ସୁରକ୍ଷାରେ ବନ୍ୟପ୍ରାଣୀ ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଥାଏ । ମାନବ ସମାଜର ଅଭିବୃଦ୍ଧି ଓ ସମୃଦ୍ଧି ଜୈବବିବିଧତା ଉପରେ ନିର୍ଭରଶୀଳ । ଆଜିର ଦିନରେ ବନ୍ୟପ୍ରାଣୀମାନଙ୍କର ସଂରକ୍ଷଣ, ସୁରକ୍ଷା ଏବଂ ଅଭିବୃଦ୍ଧି ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଅଛି ।

ଜୈବବିବିଧତା ଦୃଷ୍ଟିରୁ ଓଡିଶା ଏକ ସମୃଦ୍ଧ ରାଜ୍ୟ । ଆମ ରାଜ୍ୟ ବିଭିନ୍ନ ପ୍ରଜାତିର ଉଦ୍ଭିଦ ଓ ଜୀବଜନ୍ତୁଙ୍କର ଆବାସସ୍ଥଳୀ । ରାଜ୍ୟର ବନ୍ୟଜନ୍ତୁଙ୍କର ଆବାସସ୍ଥଳୀ ତିନି ଗୋଟି ଜୈବ– ଭୌଗୋଳିକ କ୍ଷେତ୍ରରେ ପରିବ୍ୟାପ୍ତ । ରାଜ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ନିମନ୍ତେ ଗୋଟିଏ ଜାତୀୟ ଉଦ୍ୟାନ ସହିତ ଦୁଇଗୋଟି ବ୍ୟାଘ୍ର ପ୍ରକଳ୍ପ, ତିନି ଗୋଟି ହସ୍ତୀ ପ୍ରକଳ୍ପ, ଗୋଟିଏ ଜୈବମଣ୍ଡଳ ଓ ଉଣେଇଶ ଗୋଟି ଅଭୟାରଣ୍ୟ ପ୍ରତିଷ୍ଠା କରାଯାଇଅଛି ଯାହା ରାଜ୍ୟର ଜୈବବିବିଧତାର ଗନ୍ତାଘର । ବିଲୁପ୍ତ ପ୍ରାୟ ପ୍ରାଣୀମାନଙ୍କୁ ସେମାନଙ୍କର ପ୍ରାକୃତିକ ଆବାସସ୍ଥଳୀ ବାହାରେ ସୁରକ୍ଷା ଓ ଅଭିବୃଦ୍ଧି ନିମନ୍ତେ ରାଜ୍ୟରେ ଅନେକ ପ୍ରାଣୀ ଉଦ୍ୟାନ ମଧ୍ୟ ପ୍ରତିଷ୍ଠା କରାଯାଇଅଛି । ସରକାରଙ୍କ ଦ୍ୱାରା ବନ୍ୟପ୍ରାଣୀ ସୁରକ୍ଷା ଏବଂ ସଂରକ୍ଷଣ ନିମନ୍ତେ ପ୍ରଣୟନ କରାଯାଇଥିବା ବିଭିନ୍ନ ଆଇନର କାର୍ଯ୍ୟକାରିତା ଦିଗରେ ଜନସାଧାରଣଙ୍କର ସକ୍ରିୟ ସହଯୋଗ ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ଆମର ଉଦ୍ୟମକୁ ମଜବୁତ କରିବ ।

ଏହି ଅବସରରେ ଆମ ରାଜ୍ୟର ବନ୍ୟପ୍ରାଣୀ ସମ୍ପଦର ସଂରକ୍ଷଣ ନିମନ୍ତେ ଜଙ୍ଗଲ ଉପରେ ନିର୍ଭର କରୁଥିବା ଗ୍ରାମବାସୀ, ସ୍ୱେଚ୍ଛାସେବୀ ତଥା ଜନସାଧାରଣଙ୍କର ସକ୍ରିୟ ସହଯୋଗ ମୁଁ କାମନା କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

### ୬୭ ତମ ବନ୍ୟପ୍ରାଣୀ ସପ୍ତାହ ୨୦୨୧ ପାଳନ ଉପଲକ୍ଷେ
### ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ବାର୍ତ୍ତା



ଆମ ରାଜ୍ୟର ବୃକ୍ଷରାଜି ଓ ବନ୍ୟପ୍ରାଣୀ ବହୁବିଧ ଜୈବ ଭୌଗୋଳିକ ଅଞ୍ଚଳରେ ପରିବ୍ୟାପ୍ତ । ରାଜ୍ୟର ବହୁବିଧ ପ୍ରାକୃତିକ ଆର୍ଦ୍ରଭୂମି, ଦିଗନ୍ତ ବିସ୍ତାରୀ ଆରଣ୍ୟକ ପର୍ବତମାଳା ଓ ଜଙ୍ଗଲ ମାନବ ବସତି ଦ୍ୱାରା ପର୍ଯ୍ୟାପ୍ତ ଭାବେ ବିସ୍ତାରିତ । ରାଜ୍ୟର ଜଙ୍ଗଲ ଏବଂ ସଂରକ୍ଷିତ ଅଞ୍ଚଳଗୁଡିକ ପରିବେଶ, ଅର୍ଥନୈତିକ, ସାଂସ୍କୃତିକ ଏବଂ ଆଧାତ୍ମିକ ମୂଲ୍ୟବୋଧର ଉତ୍ସ ଅଟେ । ରାଜ୍ୟର ମୋଟ ଭୌଗୋଳିକ ଆୟତନର ୩୩.୧୫ ଶତାଂଶ ବନାଞ୍ଚଳ ଦ୍ୱାରା ଆଚ୍ଛାଦିତ, ଯାହା ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ । ଆମ ରାଜ୍ୟ ଜୈବ ବିବିଧତାର ସୁରକ୍ଷା, ପୁନରୁଦ୍ଧାର ଏବଂ ଅଭିବୃଦ୍ଧି ନିମନ୍ତେ ଦୃଢ ପ୍ରତିଶ୍ରୁତିବଦ୍ଧ । ବିଶେଷତଃ ହାତୀ, ମାଂସାଶୀ ପ୍ରାଣୀ, ପରିବ୍ରାଜକ ପକ୍ଷୀ, କୃଷ୍ଣସାର ମୃଗ ତଥା କୁମ୍ଭୀର ଇତ୍ୟାଦି ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ବହୁବିଧ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି ।

ଆଜି ବିଶ୍ୱ ଉତ୍ତପ୍ତୀକରଣ, ଜଳବାୟୁ ପରିବର୍ତ୍ତନ ଏବଂ ଜନସଂଖ୍ୟା ବିସ୍ଫୋରଣ ସମଗ୍ର ବିଶ୍ୱ ସମ୍ମୁଖରେ ଏକ ବିରାଟ ସମସ୍ୟା ରୂପେ ଉଭା ହୋଇଛି । ରାଜ୍ୟ ବନ୍ୟପ୍ରାଣୀ ସଂସ୍ଥା, ବନ୍ୟପ୍ରାଣୀଙ୍କର ସୁରକ୍ଷା, ସେମାନଙ୍କର ଆବାସସ୍ଥଳୀର ସଂରକ୍ଷଣ ଓ ଉଦ୍ଧାର କାର୍ଯ୍ୟ, ମନୁଷ୍ୟ – ବନ୍ୟପ୍ରାଣୀ ସଂଘର୍ଷ ହ୍ରାସ ତଥା ସେମାନଙ୍କର ଗତିବିଧି ନିରୀକ୍ଷଣ ଦିଗରେ ଜନମାନସରେ ସଚେତନତା ସୃଷ୍ଟି କରିଆସୁଅଛି ।

‘ଗୋଷ୍ଠୀ ସମୂହ ଦ୍ୱାରା ପରିଚାଳିତ ପରିବେଶ ପର୍ଯ୍ୟଟନ’ ଯୋଜନା କାର୍ଯ୍ୟକାରୀ କରାଯାଇ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ରାଜ୍ୟର ସମୃଦ୍ଧ ଜୈବ ବିବିଧତାର ସଂରକ୍ଷଣ ସହିତ ଜଙ୍ଗଲ ଉପରେ ନିର୍ଭରଶୀଳ ଅଧିବାସୀମାନଙ୍କର ଜୀବିକା ସୃଷ୍ଟି କରାଯାଇପାରୁଅଛି । ବନ୍ୟପ୍ରାଣୀମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତି ଓ ପରିବାରଙ୍କୁ ଅନୁକମ୍ପାମୂଳକ ରାଶି ପ୍ରଦାନ କ୍ଷେତ୍ରରେ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରୁଛି । ଅନୁକମ୍ପା ନାମକ ଏକ ପୋର୍ଟାଲ୍‌ର ବିକଶିତ ଓ ଉନ୍ମୋଚିତ କରି ବନ୍ୟଜନ୍ତୁମାନଙ୍କ ଦ୍ୱାରା ଘଟୁଥିବା ଜୀବନହାନି ତଥା ଫସଲ କ୍ଷୟକ୍ଷତିର ଅନୁକମ୍ପାମୂଳକ ରାଶିର ସମୟୋଚିତ ଭରଣା କରାଯାଇପାରୁଅଛି । ହାତୀ ପ୍ରବଣ ଅଞ୍ଚଳରେ ଘଟୁଥିବା କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ଚାଷ ଜମି ଚତୁଃପାର୍ଶ୍ୱରେ ସୌରଚାଳିତ ତାରବାଡ ଲଗାଇ ମାନବ–ପଶୁ ସଂଘର୍ଷକୁ ହ୍ରାସ କରିବା ପାଇଁ ସରକାର ଓ ଜନସାଧାରଣଙ୍କ ସହଭାଗିତାରେ ଜନ ସୁରକ୍ଷା, ଗଜ ରକ୍ଷା ଯୋଜନାକୁ ଅନୁମୋଦନ କରାଯାଇଅଛି ।

ରାଜ୍ୟର ବନ ସୁରକ୍ଷା ସମିତିମାନଙ୍କ ପ୍ରତ୍ୟକ୍ଷ ସହଯୋଗରେ ମାନବ–ପଶୁ ସଂଘର୍ଷକୁ ଏଡାଇବା ପାଇଁ ‘ଗଜବନ୍ଧୁ ଓ ଗଜସାଥି’ ଯୋଜନା କରାଯାଇଅଛି । ଉପାନ୍ତ ଗ୍ରାମଗୁଡିକରେ ହାତୀ ଚଳପ୍ରଚଳ ଅଞ୍ଚଳରେ ସୌରଚାଳିତ ଆଲୋକୀକରଣର ବ୍ୟବସ୍ଥା କରାଯାଇ ମନୁଷ୍ୟ ଓ ବନ୍ୟପ୍ରାଣୀ ସଂଘର୍ଷକୁ ହ୍ରାସ କରାଯାଇଅଛି ।

୬୭ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆମ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନାକୁ ବନ୍ୟପ୍ରାଣୀ ଓ ସେମାନଙ୍କର ଆବାସସ୍ଥଳୀର ସଂରକ୍ଷଣ ଦିଗରେ ସଠିକ୍ ରୂପରେଖ ଦେବା ନିମନ୍ତେ ମୁଁ ଜନସାଧାରଣଙ୍କ ଆନ୍ତରିକ ସହଯୋଗ କାମନା କରୁଅଛି ।

(ବିକ୍ରମ କେଶରୀ ଆରୁଖ)

OIPR-08002/13/0015/2122

# ଧୂଳିଧୂଆଁରେ ପିତାପାଟବାସୀ ଅଣନିଃଶ୍ୱାସୀ

## ଚିନ୍ତା ବଢ଼ାଇଛି ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ

**ମହାକାଳପଡ଼ା/ପାରାଦୀପ, ୧।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକର ମହାନଦୀ କୂଳ ବାସିନ୍ଦା ପାରାଦୀପ ଶିଳ୍ପଗୁଡ଼ିକର ଧୂଆଁ, ଲୁହାପଥର ଗୁଣ୍ଡରେ ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ସମୟ ଥିଲା ଲୋକେ ଘର ବାରଣ୍ଡାରେ ବିଛଣା ପକାଇ ଶାନ୍ତିରେ ବିଶ୍ରାମ ନେଉଥିଲେ। ଏବେ ଲୋକମାନେ କବାଟ କିଳି ଘରେ ଶୋଇଲେ ମଧ୍ୟ ବିପଦ ପିଛା ଛାଡୁନି। ଉଦାହରଣ ଭାବେ ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତର ପିତାପାଟ ଗ୍ରାମକୁ ନିଆଯାଇପାରେ। ଏହି ଗାଁ ମହାନଦୀର ଗୋଟିଏ ପାର୍ଶ୍ୱରେ ଥିବାବେଳେ ଅନ୍ୟ ପାର୍ଶ୍ୱରେ ଅର୍ଥାତ୍ ଜଗତ୍‌ସିଂହପୁର ଜିଲା ପାରାଦୀପରେ ରହିଛି ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମ୍‌ଏନ୍‌ଏସ୍) ପ୍ଲାଣ୍ଟ। ଦୈନନ୍ଦିନ ପ୍ଲାଣ୍ଟରୁ ବହୁ ପରିମାଣର ଲୁହାପଥର ଗୁଣ୍ଡ, ଧୂଆଁଧୂଳି ବାହାରି ଆଖପାଖ ଅଞ୍ଚଳରେ ଲାଲରଙ୍ଗର ଧୂଆଁଳିଆ ପରିବେଶ ସୃଷ୍ଟି ହେଉଛି। ଏପରିକି ତାହା ଉଡ଼ିଆସି ପିତାପାଟ ସମେତ ବରଜ ବହାକୁଦ, ନଳଗୋଠ ଆଦି ଆଖପାଖ ଅନେକ ଗାଁର ଚାଷଜମି ଓ ଗଛପତ୍ରରେ ବହଳିଆ ଆସ୍ତରଣ ଜମୁଛି। ଘରଦ୍ୱାର, ଆସବାବପତ୍ରରେ ଲାଲ୍ ରଙ୍ଗର ଧୂଳି ଜମୁଥିବା ଲୋକେ ଅଭିଯୋଗ କରୁଛନ୍ତି। ନିଃଶ୍ୱାସ ନେବାରେ ମଧ୍ୟ କଷ୍ଟ ଅନୁଭବ କରୁଥିବା ସେମାନେ କହିଛନ୍ତି।

ପିତାପାଟ ଗ୍ରାମର ଯତୀନ ମାଝି କହିଛନ୍ତି ଯେ, ନାକ ଭିତର ଅଠା ଅଠା ଲାଗିବା ସହ ଲାଲ ରଙ୍ଗର କଫ ବାହାରୁଛି। ଏହି ଧୂଳିଧୂଆଁ ଯୋଗୁ ମାରାତ୍ମକ ରୋଗ ହେବା ଅନୁଭବ ହେଉଛି। ଏହାର ପ୍ରତିକାର ନ ହେଲେ ଲୋକଙ୍କ ଜୀବନହାନି ନିଶ୍ଚିତ। ଗାଁର ପ୍ରାଥମିକ ବିଦ୍ୟାଳୟ ଛାତ୍ର ରାଜେଶ ମଣ୍ଡଳ ଓ ସୁରଜ ବିଶ୍ୱାସଙ୍କ କହିବାନୁଯାୟୀ ଆଖି ପୋଡୁଥିବାରୁ ସେମାନେ ଘରେ ବସି ପାଠ ପଢ଼ିପାରୁନାହାନ୍ତି। ସକାଳେ ଉଠି ମୁହଁ ଧୋଇଲେ ପାଣି ନାଲି ହୋଇଯାଉଛି। କାରଖାନା ଧୂଳିଧୂଆଁ ଯୋଗୁ ଜୀବନଜୀବିକା କିଭଳି ବିପଦରେ ପଡ଼ିଯାଇଛି ସେ ନେଇ ଦୁଃଖ ଜଣାଇଛନ୍ତି ଗ୍ରାମର ନମିତା ମଣ୍ଡଳ, ନିଲା ମଣ୍ଡଳ, ରମଣୀ ମଣ୍ଡଳ, ଲକି ମଣ୍ଡଳ, ମେନକା ମଣ୍ଡଳ, ରିୟା ବୈଦ ଓ ରଞ୍ଜନ ମଣ୍ଡଳ। ସେମାନଙ୍କ କହିବାନୁଯାୟୀ, ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟାରେ ପବନ ଯୋଗୁ କାରଖାନାରୁ ପ୍ରଚୁର ପରିମାଣର ଲାଲ ରଙ୍ଗର ଲୁହାଗୁଣ୍ଡ ଉଡ଼ି ଆସି ଘରଦ୍ୱାରରେ ଜମିଯାଉଛି। ପଡ଼ିଆରେ ଚରୁଥିବା ଗୋରୁଙ୍କ ଶରୀରରେ ମଧ୍ୟ ଲୁହାଗୁଣ୍ଡର ଆସ୍ତରଣ ଦେଖିବାକୁ ମିଳୁଛି। ମହାନଦୀ ଜଳରେ ଲୁହା ଗୁଣ୍ଡ ପଡ଼ିବା ଯୋଗୁ ଜଳଜୀବଙ୍କ ଉପରେ ପ୍ରଭାବ ପଡୁଛି। ପୂର୍ବ ଭଳି ଆଉ ନଦୀରୁ ମାଛ ମିଳୁପାରୁନାହିଁ ବୋଲି ସ୍ଥାନୀୟ ମତ୍ସ୍ୟଜୀବୀମାନେ କହିଛନ୍ତି।

ଏ ସମ୍ପର୍କରେ ପାରାଦୀପସ୍ଥିତ ରାଜ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ଅଧିକାରୀ ଦିଲୀପ କୁମାର ଦାସଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ବୁଧବାର ରାତିଠାରୁ କମ୍ପାନୀ ବ୍ରେକ ଡାଉନ୍ ହୋଇଥିଲା। ସେଥିପାଇଁ ଚିମିନିରୁ ଲାଲ୍ ରଙ୍ଗର ଧୂଳିଗୁଣ୍ଡ ବାହାରୁଥିବା ନଜରକୁ ଆସିଛି। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରାଯାଇଛି। ପୁନର୍ବାର ଯେଭଳି ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଥିବା ଦାସ କହିଛନ୍ତି। ଏନେଇ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲର କର୍ପୋରେଟ୍ ମୁଖ୍ୟ ଆର. ଏନ୍. ପୃଷ୍ଟିଙ୍କୁ ପଚାରିବାରେ ସେ କୁହନ୍ତି, ଆମ କମ୍ପାନୀର କୌଣସି ଧୂଳି କିମ୍ବା ଗୁଣ୍ଡ ବାହାରକୁ ଯାଇନାହିଁ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନ ଥିଲେ ଧନ ନାହିଁ,
ଧନ ଥିଲେ ଜନ ନାହିଁ।
କାନ ଥିଲେ ସୁନା ନାହିଁ,
ସୁନା ଥିଲେ କାନ ନାହିଁ।**

ଈଶ୍ୱର ସମସ୍ତଙ୍କୁ ସବୁ ଜିନିଷ ପରିପୂର୍ଣ୍ଣ କରି ଦେଇ ନ ଥାନ୍ତି। କାହାର ବହୁ କୁଟୁମ୍ବ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଥାଇ ଭୋଗ କରିବାକୁ କେହି ନ ଥାଏ। ସେହିପରି କାହାର ରାଜପ୍ରାସାଦ ପରି ବିରାଟ ଘର କିନ୍ତୁ ରହିବାକୁ କେହି ଲୋକ ନାହାନ୍ତି, ପୁଣି କାହାର ଲୋକବାକ ଥିଲେ ବି ରହିବାକୁ ଘର ଖଣ୍ଡିଏ ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏ ପ୍ରକାର ପ୍ରଭେଦକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜାଲ କାଠ ବିଡି ବିଡି;
ଘାଟର କଉଡ଼ି ନ ଦେଲେ ତୁହି
ବନ୍ଧା ଦିଅ ମଲ୍ଲିକଡି।**

ଆଗକାଳରେ ଗମନାଗମନର ସେତେ ସୁବିଧା ନ ଥିଲା। ଲୋକେ ନଈନାଳ ପାର ହେବା ପାଇଁ ଡଙ୍ଗାର ସାହାଯ୍ୟ ଲୋଡୁଥିଲେ। ଘାଟରୁ ଏ କୂଳରୁ ସେ କୂଳକୁ ପାର ହେବା ପାଇଁ ନାଉରିଆକୁ ପଇସା ଦେବାକୁ ପଡୁଥିଲାବେଳେ ପଇସା ବଦଳରେ ଜିନିଷ ବନ୍ଧା ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗୁଜରାଟରୁ ଅଭିଯୁକ୍ତ ପ୍ରେମିକ ଗିରଫ

ଭୁବନେଶ୍ୱର,୧।୧୦(ବ୍ୟୁରୋ): ପ୍ରେମିକାଙ୍କୁ ଧଉଳି ପାହାଡ଼କୁ ଡାକି ଏସିଡ୍ ପକାଇ ଫେରାର ଥିବା ଅଭିଯୁକ୍ତ ପ୍ରେମିକଙ୍କୁ ଦେଢ଼ମାସ ପରେ ପୋଲିସ ଗୁଜରାଟରୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ନିମାପଡ଼ା ଥାନା ଚଅଁରାପଡ଼ା ଗ୍ରାମର ପାପୁନି ରାଉତ (୨୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ପାପୁନି ପିପିଲି ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଇ ୨୦୧୯ରେ ନୋଟାରିଙ୍କ ନିକଟରେ ବିବାହ କରିଥିଲେ। ହେଲେ ଦୁହେଁ ନିଜ ନିଜ ଘରେ



ଗିରଫ ଅଭିଯୁକ୍ତ ପାପୁନି ରାଉତ।

ରହୁଥିଲେ। ବିବାହ କରିଥିବାରୁ ଯୁବତୀ ଜଣକ ପାପୁନିଙ୍କ ସାଙ୍ଗରେ ରହିବାକୁ ସବୁବେଳେ ଜିଦ୍ ଧରୁଥିଲେ। କିନ୍ତୁ ପପୁ କିଛି ନା କିଛି ବାହାନା କରି ଦିନ ଗଡାଇ ଚାଲିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡା ଲାଗି ରହୁଥିଲା। ତେଣୁ ପାପୁନି ପ୍ରେମିକାଙ୍କୁ ଏସିଡ୍ ପକାଇ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଅଗଷ୍ଟ ୧୧ରେ ବିବାହ ବିଷୟରେ

## ଯୁବତୀଙ୍କୁ ଏସିଡ୍ ମାଡ଼ ଘଟଣା।

ଆଲୋଚନା କରିବାକୁ ଅଭିଯୁକ୍ତ ପାପୁନି ଯୁବତୀଙ୍କୁ ଅପରାହ୍ନରେ ଧଉଳି ପାହଡକୁ ଡକାଇଥିଲେ। ଯୁବତୀ ଜଣକ ତାଙ୍କର ଜଣେ ସାଙ୍ଗଙ୍କ ସହ ଅଟୋରେ ସେଠାକୁ ଆସିଥିଲେ। ଆଲୋଚନାବେଳେ ଯୁବତୀ ଜଣକ ଅଲଗା ଜାତିର ହୋଇଥିବାରୁ ପାପୁନି ତାଙ୍କୁ ଘରକୁ ନେବା ପାଇଁ ସିଧା ମନା କରିଦେଇଥିଲେ। ଏହାକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହି ସମୟରେ ପାପୁନି ପାଖରେ ରଖିଥିବା ଏସିଡ୍‌କୁ ଯୁବତୀଙ୍କ ଉପରକୁ ପକାଇ ଫେରାର ହୋଇଯାଇଥିଲେ। ଏସିଡ୍ ମାଡ଼ରେ ଯୁବତୀଙ୍କ ମୁହଁ ଓ ବେକାର ବାମପାର୍ଶ୍ୱ ଅଂଶ ପୋଡ଼ିଯାଇଥିଲା। ତାଙ୍କ ସହ ଥିବା ସାଙ୍ଗ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୨୧) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ଧରାପକାଇଲା ଇନ୍‌ଷ୍ଟାଗ୍ରାମ ପୋଷ୍ଟ

ଘଟଣା ପରେ ଅଭିଯୁକ୍ତ ପାପୁନି ଗୁଜରାଟ ପଳାଇଥିଲେ। ଭାଲସାଡ୍ ଜିଲା ଉମ୍ବେରଗାଓଁ ଅଞ୍ଚଳରେ କାମ କରୁଥିବା ତାଙ୍କ ସାଙ୍ଗଙ୍କ ପାଖରେ ଯାଇ ଲୁଚି ରହିଥିଲେ। ପୋଲିସ ପ୍ରଥମେ ତାଙ୍କ ସମ୍ପର୍କୀୟ ଘରକୁ ଯାଇ ଖୋଜାଖୋଜି କରିଥିଲେ ବି ପାପୁନି କେଉଁଠାରେ ଅଛନ୍ତି କେହି ସ୍ପଷ୍ଟ ସୂଚନା ଦେଇପାରି ନ ଥିଲେ। ତେଣୁ ତଥ୍ୟ ପାଇବା ପାଇଁ ପୋଲିସ ପାପୁନିଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ଯାଞ୍ଚ କରିଥିଲା। ସେପଟେ ପାପୁନି ତାଙ୍କ ସାଙ୍ଗଙ୍କ ମୋବାଇଲରୁ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଖୋଲି ସେଥିରେ ଫଟୋ ପୋଷ୍ଟ କରିଥିଲେ। ପୋଲିସ ଉକ୍ତ ଆକାଉଣ୍ଟକୁ ଯାଞ୍ଚ କଲାପରେ ତାହା ତାଙ୍କ ସାଙ୍ଗ ମୋବାଇଲ ବୋଲି ଜଣାପଡିଥିଲା। ଉକ୍ତ ମୋବାଇଲକୁ ଟ୍ରାପ୍ କରିବା ପରେ ତାହାର ଲୋକେଶନ ଗୁଜରାଟ ବୋଲି ଜଣାପଡିଥିଲା। ତେଣୁ ଧଉଳି ଥାନାର ଏକ ଟିମ୍ ୫ଦିନ ତଳେ ତାଙ୍କ ସାଙ୍ଗଙ୍କ ଠିକଣା ଆଣି ଉମ୍ବେରଗାଓଁ ଯାଇ ପାପୁନିଙ୍କୁ ଧରିଥିଲା।

**ପ୍ରଥମ ପୃଷ୍ଠାରୁ...**

## ପ୍ରଥମ କୋଭିଡ୍...

ବଟିକା ହେବ। ତୃତୀୟ ପର୍ଯ୍ୟାୟ ପରୀକ୍ଷାରୁ ଜଣାପଡ଼ିଥିଲା ଯେ ମଲନୁପିରାଭିରରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ମଧ୍ୟରୁ ୨୯ ଦିନ ମଧ୍ୟରେ ମାତ୍ର ୭.୩ ପ୍ରତିଶତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ କାହାର ମୃତ୍ୟୁ ହୋଇ ନ ଥିଲା। କିନ୍ତୁ ପ୍ଲେସ୍‌ବୋ ନେଇଥିବା ରୋଗୀଙ୍କ ମଧ୍ୟରୁ ୧୪.୧ ପ୍ରତିଶତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ କିମ୍ବା ପ୍ରାଣ ହରାଇଥିଲେ।

## ଖାଉଟି ମୁଣ୍ଡରେ ...

ଜଟଣୀ ଅଞ୍ଚଳରେ ଡିଜେଲ ୯୮.୧୪ ଟଙ୍କା ଏବଂ ପେଟ୍ରୋଲ ୧୦୨.୫୭ ଟଙ୍କାରେ କାରବାର ହେଉଛି ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ସୂଚନା ଦେଇଛନ୍ତି।

ସେହିପରି ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୦ ପଇସା ଏବଂ ପେଟ୍ରୋଲ ୨୫ ପଇସା ବଢ଼ିଥିବା ସୂଚନା ମିଳିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୦.୧୭ ଟଙ୍କା ଏବଂ ପେଟ୍ରୋଲ ୧୦୧.୮୯ ଟଙ୍କାରେ କାରବାର ହେଉଛି। ଚଳିତ ବର୍ଷ ଜୁଲାଇ ୧୭ରେ ଶେଷ ଥର ପାଇଁ ଦିଲ୍ଲୀରେ ସର୍ବାଧିକ ପେଟ୍ରୋଲ ୧୦୧.୮୪ ଟଙ୍କା ଏବଂ ଡିଜେଲ ୮୯.୮୭ ଟଙ୍କାରେ ରହିଥିଲା, ଯାହା ଅକ୍ଟୋବର ପହିଲାରୁ ସେ ସମସ୍ତ ରେକର୍ଡ ଭାଙ୍ଗି କରି ସର୍ବକାଳୀନ ନୂଆ ରେକର୍ଡ କରିଛି। ଅପରପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୨୯ରୁ ୩୨ ପଇସା ବଢ଼ି ଯଥାକ୍ରମ ୯୪.୭୪ ଟଙ୍କା, ୯୩.୨୭ ଟଙ୍କା ଏବଂ ୯୭.୮୪ ଟଙ୍କାକୁ ଛୁଇଁଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୨୨ ରୁ ୩୦ ପଇସା ବଢ଼ି ଯଥାକ୍ରମେ ୯୯.୫୮ଟଙ୍କା, ୧୦୨.୪୭ ଟଙ୍କା ଏବଂ ୧୦୭.୯୫ ଟଙ୍କାରେ ରହିଛି। ଏହି ଦର ବୃଦ୍ଧି ଯୋଗୁ ବର୍ତ୍ତମାନ ମଧ୍ୟ ସାରା ଦେଶରେ ୨୫ଟି ରାଜ୍ୟରେ ପେଟ୍ରୋଲ ୧୦୦ ଟଙ୍କାରୁ ଊର୍ଦ୍ଧ୍ୱରେ ବିକ୍ରି ହେଉଥିବା ବେଳେ ୨୨ଟି ରାଜ୍ୟରେ ଡିଜେଲ ଦର ମଧ୍ୟ ୯୦ ଟଙ୍କା ଉପରେ ରହିଛି। ଦେଶରେ ସର୍ବାଧିକ ତେଲ ମୂଲ୍ୟ ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ୧୧୩.୭୩ ଟଙ୍କା ଏବଂ ଡିଜେଲ ୧୦୩.୯୦ ଟଙ୍କା ରହିଛି। ଏପରିକି ଦେଶର ୫ ରାଜ୍ୟ ଓଡ଼ିଶା, ମଧ୍ୟପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ଡିଜେଲ ମଧ୍ୟ ୧୦୦ ଟଙ୍କା ଉପରେ ବିକ୍ରି ହେଉଛି। ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଦେଶରେ ଶୁକ୍ରବାର ସର୍ବକାଳୀନ ତୈଳ ଦର ରେକର୍ଡ ସୃଷ୍ଟି କରି ନୂଆ ସ୍ତରରେ ପହଞ୍ଚିଛି। ସାଧାରଣ ନାଗରିକଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ବିରୋଧୀ ଦଳର ନେତା ପ୍ରଶ୍ନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏ ସମ୍ପର୍କରେ ପ୍ରଶ୍ନ କରି କହିଛନ୍ତି, ଏ କ'ଣ 'ଅଚ୍ଛେ ଦିନ୍'ର ବାସ୍ତବ ରୂପ। ଅନ୍ତର୍ଜାତୀୟ ବଜାରରେ ଶୁକ୍ରବାର ଅଶୋଧିତ ତୈଳ ଦର ୦.୧% ହ୍ରାସ ପାଇ ବ୍ୟାରେଲ ପିଛା ୭୮.୨୪ ଡଲାରରେ ପହଞ୍ଚିଛି। ଆମଦାନୀ ଶୁଳ୍କ ହ୍ରାସ ପାଉଥିଲେ ମଧ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବର୍ଦ୍ଧିତ ଟିକସ ଯୋଗୁ ଖାଉଟି ଉଚ୍ଚା ଦରରେ ତେଲ କ୍ରୟ କରୁଛନ୍ତି ବୋଲି ତୈଳ କମ୍ପାନୀଗୁଡ଼ିକ ମତ ଦେଇଛନ୍ତି।

**ଅକ୍ଟୋବର ପହିଲା ତୈଳ ମୂଲ୍ୟ**
(ଲିଟର ପିଛା ଟଙ୍କାରେ)

| ସ୍ଥାନ | ପେଟ୍ରୋଲ | ଡିଜେଲ |
|---|---|---|
| ନୂଆଦିଲ୍ଲୀ | ୧୦୧.୮୯ | ୯୦.୧୭ |
| ଭୁବନେଶ୍ୱର | ୧୦୨.୭୬ | ୯୮.୩୨ |
| କଟକ | ୧୦୩.୧୧ | ୯୮.୬୬ |
| ସମ୍ବଲପୁର | ୧୦୩.୪୨ | ୯୮.୮୮ |
| ବ୍ରହ୍ମପୁର | ୧୦୩.୭୪ | ୯୯.୨୮ |
| ରାଉରକେଲା | ୧୦୪.୦୪ | ୯୯.୪୮ |
| ବାଲେଶ୍ୱର | ୧୦୩.୧୪ | ୯୮.୭୪ |
| ମାଲକାନଗିରି | ୧୦୮.୪୫ | ୧୦୪.୦୫ |
| ଖୋର୍ଦ୍ଧା | ୧୦୨.୫୭ | ୯୮.୧୪ |

**ଅକ୍ଟୋବର ପହିଲା ତୈଳ ମୂଲ୍ୟସୂଚୀ
(ବିପିସିଏଲ୍ ପକ୍ଷରୁ ମିଳିଥିବା ସୂଚନା)**

ଲିଟର ପିଛା ଖାଉଟିଙ୍କଠାରୁ ଆଦାୟ କରାଯାଉଥିବା ତୈଳ ମୂଲ୍ୟ
ପେଟ୍ରୋଲ ମୂଳ ମୂଲ୍ୟ ୪୨.୪୨ଟଙ୍କା, କେନ୍ଦ୍ର ସରକାରଙ୍କ ଅଂଶ ୩୨.୯୦ ଟଙ୍କା (ଉତ୍ପାଦ ଶୁଳ୍କ), ରାଜ୍ୟ ସରକାରଙ୍କ ଅଂଶ ୨୪.୦୬ ଟଙ୍କା (ଟିକସ), ଡିଲର କମିଶନ ୩.୩୯ ଟଙ୍କା ସର୍ବମୋଟ ୧୦୨.୭୭ ଟଙ୍କା
ଡିଜେଲର ମୂଳ ମୂଲ୍ୟ ୪୩.୩୯ ଟଙ୍କା, କେନ୍ଦ୍ର ସରକାରଙ୍କ ଅଂଶ ୩୧.୮୦ ଟଙ୍କା (ଉତ୍ପାଦ ଶୁଳ୍କ), ରାଜ୍ୟ ସରକାରଙ୍କ ଅଂଶ ୨୧.୦୨ ଟଙ୍କା (ଟିକସ), ଡିଲର କମିଶନ ୨.୧୩ ଟଙ୍କା ସର୍ବମୋଟ ୯୮.୩୪ ଟଙ୍କା ରହିଛି।

## ବାଣିଜ୍ୟିକ ଗ୍ୟାସ୍ ...

ବୃଦ୍ଧି ଯୋଗୁ ଖାଉଟିଙ୍କୁ ବର୍ତ୍ତମାନ ୧୭୩୬.୫୦ ଟଙ୍କା ଦେବାକୁ ପଡୁଛି। ସେଠାରେ ମଧ୍ୟ ପୂର୍ବପରି ଘରୋଇ ରନ୍ଧନ ଗ୍ୟାସ୍ ୮୮୪.୫୦ ଟଙ୍କା ରହିଛି। ତୈଳ ଦର ସାଙ୍ଗକୁ ରନ୍ଧନ ଗ୍ୟାସ୍ ମୂଲ୍ୟ ବୃଦ୍ଧି ଯୋଗୁ ଖାଉଟି ଏକ ପ୍ରକାର ଚିନ୍ତାରେ ରହିଛନ୍ତି। କ୍ରମାଗତ ମୂଲ୍ୟ ବୃଦ୍ଧିକୁ ନେଇ ଖାଉଟି ଅତିରିକ୍ତ ଖର୍ଚ୍ଚାନ୍ତ ହେବା ସାଙ୍ଗକୁ କୋଭିଡ୍ ମହାମାରୀ ସମୟରେ ଅତ୍ୟାବଶ୍ୟକ ମୂଲ୍ୟ ବୃଦ୍ଧି ଘଟିଛି। ଏହା ଖାଉଟିଙ୍କ ଦୈନନ୍ଦିନ ଜୀବନରେ ବେଶ୍ ପ୍ରଭାବ ପକାଉଥିବା ବଜାର ବିଶେଷଜ୍ଞ ମତବ୍ୟକ୍ତ କରିଛନ୍ତି।

## ଏୟାର ଇଣ୍ଡିଆକୁ ...

ଗୋଷ୍ଠୀ ଏବଂ ଚୂଡାନ୍ତ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ଆବଶ୍ୟକ ହେବ। କେନ୍ଦ୍ର ସରକାରଙ୍କ ବିନିବେଶ କାର୍ଯ୍ୟକ୍ରମ ଦାୟିତ୍ୱରେ ରହିଥିବା ରାଷ୍ଟ୍ରାୟତ୍ତ ସମ୍ପତ୍ତି ଏବଂ ପରିଚାଳନା ବିଭାଗ (ଦୀପମ୍)ର ସଚିବ ତୁହୀନକାନ୍ତ ପାଣ୍ଡେ କହିଛନ୍ତି, ଏ ସଂକ୍ରାନ୍ତ ଚୂଡାନ୍ତ ନିଷ୍ପତ୍ତି ଏବେ ଯାଏ ଆସିନାହିଁ। ଏୟାର ଇଣ୍ଡିଆ ବିଡ୍ ହାସଲ କରିବା ନେଇ ମିଡିଆରେ ଯେଉଁ ରିପୋର୍ଟ ଆସିଛି ତାହା ସତ୍ୟ ନୁହେଁ। ସରକାର ଏହି ପ୍ରସଙ୍ଗରେ ଚୂଡାନ୍ତ ନିଷ୍ପତ୍ତି ନେବା ଏବେ ଯାଏ ବାକି ରହିଛି। ତେବେ ଏହି ପ୍ରସଙ୍ଗରେ ଟାଟା ସନ୍ସର ଉତ୍ତର ଲୋଡ଼ାଯାଇଥିଲେ ମଧ୍ୟ ଏହା ମିଳିପାରିନାହିଁ। ଟାଟା ଗ୍ରୁପ ଏହି ନିଲାମ ପ୍ରକ୍ରିୟାରେ ଭାଗ ନେଇଛି। କମ୍ପାନୀ ରଖିଥିବା ସର୍ତ୍ତକୁ ସରକାର ଯଦି ଗ୍ରହଣ କରନ୍ତି, ତେବେ ଏୟାର ଇଣ୍ଡିଆ ଋଣର ସର୍ବାଧିକ ୧୫% ଅଂଶ ମଧ୍ୟ ଗ୍ରହଣ କରିବ। ଏ ନେଇ ଟାଟା ସରକାରଙ୍କୁ ପ୍ରସ୍ତାବ ଦେଇଥିବା ଚର୍ଚ୍ଚା ହେଉଛି। ତେବେ ଏହି ପ୍ରସ୍ତାବ ନେଇ କିଛି ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। କାରଣ ସରକାର କିମ୍ବା ଟାଟାସନ୍ସ ପକ୍ଷରୁ ଏ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଉଲ୍ଲେଖଯୋଗ୍ୟ, ଏୟାର ଇଣ୍ଡିଆ ସହ ଟାଟାର ଏକ ଦୀର୍ଘ ଇତିହାସ ରହିଛି। ଜେଆର୍‌ଡି ଟାଟା ୨ ଲକ୍ଷ ଟଙ୍କାର ମୂଳ ପୁଞ୍ଜିରେ ଏହାକୁ ଆରମ୍ଭ କରିଥିଲେ। ୧୯୩୨ରେ ଏହା ସେବା ଆରମ୍ଭ କରିଥିଲା। ୧୯୫୩ରେ ଏହାକୁ ଜାତୀୟକରଣ କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାଶି ଓ ଚନ୍ଦ୍ରର କେନ୍ଦ୍ରରେ କର୍ମାଧିପ ହେତୁ ବହୁତ ଭଲ କାମ କରି ସମ୍ମାନିତ ହେବାର ସୌଭାଗ୍ୟ ପ୍ରାପ୍ତି ହୋଇପାରେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଓ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ।

**ବୃଷ** ଚନ୍ଦ୍ର କେନ୍ଦ୍ରରେ ଶୁକ୍ର ଯୋଗୁ ବନ୍ଧୁମାନଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ମଧ୍ୟାହ୍ନରେ ଟେନସନ୍ ଦୂର ହେବ ଏବଂ ଆଶା କରି ନ ଥିବା ଜିନିଷ ଲାଭ କରି ଖୁସି ହେବେ। କଳା, ସାହିତ୍ୟ, ସଙ୍ଗୀତ ଓ ବକ୍ତୃତା କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ** ଶୁକ୍ରଙ୍କ ସହ ବୁଧଙ୍କ ସଂଯୋଗ ହେତୁ ବୌଦ୍ଧିକତାର ବୃଦ୍ଧି ସାମାଜିକ ସମ୍ମାନ ପ୍ରଦାନ କରିବ। ଆରଦ୍ରା ନକ୍ଷତ୍ରର ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ସାମାଜିକ କ୍ଷେତ୍ର କିମ୍ବା ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ** ଚନ୍ଦ୍ରଙ୍କ ସୁପ୍ରଭାବରୁ ମନୋବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବା ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ନେବାକୁ ପଡିପାରେ। ସଭାସମିତିରେ ସଫଳତା ହାସଲ କରିବେ କିନ୍ତୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** ଶନି ବ୍ୟୟାଧିପ ନକ୍ଷତ୍ରସ୍ଥ ଯୋଗୁ ଧନହାନି ସଙ୍ଗକୁ ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ମାନସିକ ଅଶାନ୍ତିର କାରଣ ହେବ। ବନ୍ଧୁଙ୍କ ସହଯୋଗ ରହିଲେ ମଧ୍ୟ କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ ହେବେ। ସ୍ୱାସ୍ଥ୍ୟ ପ୍ରତି ହେଳା କଲେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ଯାତ୍ରା, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସଫଳତା ହାସଲ କରିବେ।

**କନ୍ୟା** କର୍ମାଧିପ ଧନସ୍ଥ ହେତୁ ଆର୍ଥିକ ଅଭିବୃଦ୍ଧି ସହିତ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଭୁଲ୍ ଧାରଣା ହେତୁ ପରିବାରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଆଜି ଦିନଟିରେ କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଅର୍ଥ ସଂକଟ ହେତୁ କାମଗୁଡ଼ିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହୋଇପାରେ।

**ତୁଳା** ଆଜି ବୁଧଙ୍କ ସୁପ୍ରଭାବରୁ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ କିନ୍ତୁ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ରପ୍ତାନି ବାଣିଜ୍ୟ, ଜମିଜମା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇପାରନ୍ତି।

**ବିଛା** ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। ଗୁରୁଶୌରୀ ଯୋଗ ପ୍ରଭାବରୁ ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କି ମାରିବ। ଚାହିଁ ଚାହିଁ ଆଖିରୁ ପାଣି ମରିଯିବ ପଛକେ ପ୍ରିୟବନ୍ଧୁଟିର ଦେଖାପାଇବେ ନାହିଁ।

**ଧନୁ** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ କିନ୍ତୁ ନିଜ ଲୋକଙ୍କ ନିକଟରୁ କ୍ରମଶଃ ଦୂରେଇ ଯାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ଘରେ ବିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ଆନୁଷ୍ଠାନିକ କାମରେ ସହଯୋଗ ସକାଶେ ବନ୍ଧୁଙ୍କ ଆମନ୍ତ୍ରଣକୁ ଉପେକ୍ଷା କରିପାରିବେ ନାହିଁ।

**ମକର** ଗୁରୁଙ୍କ ଦୁର୍ବଳତା କାରଣରୁ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ହେବାରୁ ଦୁଶ୍ଚିନ୍ତା ବଢିଯାଇପାରେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ଆଶାରେ ସହକର୍ମୀଙ୍କୁ ବିନୟପୂର୍ଣ୍ଣ କଥା କହିପାରନ୍ତି। ଆଲୋଚନା ଶେଷରେ ଆପଣଙ୍କ ପାଇଁ ବିଚାର ବଦଳି ଯାଇପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର କରିବା ସକାଶେ ଆପ୍ରାଣ ଚେଷ୍ଟା କରିବେ।

**କୁମ୍ଭ** ଶତଭିଷା ନକ୍ଷତ୍ରର ମନ ବିଚଳିତ ରହିବ କିନ୍ତୁ ପରକ୍ଷଣରେ ସବୁ ଠିକ୍ ହୋଇଯିବ। କାମ ହାସଲ ସକାଶେ ଆଗନ୍ତୁକଟି ଆପଣଙ୍କ ପ୍ରଶଂସାରେ ଶତମୁଖ ହୋଇ ଉଠିବ। ଜମା ଭଲ ପଡୁ ନ ଥିବା ଅନ୍ୟମାନଙ୍କ ମନଗଢ଼ା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ରାଜନୀତି କ୍ଷେତ୍ରରେ କିମ୍ବା ଆଲୋଚନା କାଳରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଶୁଣାକଥାକୁ ବିଶ୍ୱାସ କରି କାମ କଲେ ଅସୁବିଧାରେ ପଡ଼ିବେ। ଦୂରଭିସନ୍ଧି ରଖି ପଡୋଶୀଙ୍କ ସହ ମିଷ୍ଟାଳାପରେ ମାତିପାରନ୍ତି। ରେବତୀ ନକ୍ଷତ୍ରର ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**classifieds Everyday**
0674-2580101, 2549302

real estate

**SALE**

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-21745

Gharabari SC plot for sale 6km from Tankapani Sai Mandir Bhingarpur Mouza 500 per sqft. negotiable. Contact 9937066889. D-21817

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ commercial Hub "Grandbazar" ସମ୍ମୁଖରୁ 1 k.m. ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 9078699286. D-71714

ମାସିକ ମାତ୍ର 3690/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

Demarcated gharabari plot near Mangaraj Point Puri bypass road Bankual for sale. Per sqft. @1650/-. Contact No.- 9827339640. D-21710

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-21816

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (outright). 9348232008. D-21774

ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952. D-71703

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

**PURCHASE**

I Require, minimum 1Acre Yellowzone Homestead Land with 30/40 feet road on outright basis for plotting purpose across Bhubaneswar. 9861022055/ 9938219397. D-21819

construction

Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469. D-71710

**GENERAL**

**SALE**

Labrador Female Puppies for sale. Please contact: 7606987664. D-70738

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

to-let

2BH for family with Garage at N/6-77, Jaydev Vihar, 9937933980. D-65921

healthcare

Ashirvaad Salon and SPA get good massage for your health tha best therapy. 7077181074. D-70491

Take wellness relax massage trained ladies/ gents therapist 800/-, 7008773793. D-71417

Refreshing your mind, your body with tha best therapy at Lotus Spa. 8018891951. D-70493

Swarna SPA newly open positively health benefits with expert therapist. 9556978408. D-71172

Newly open Saikrupa Panchakarma Spa positively health benefits with Expert. 8984068077. D-21804

Newly open SPA positively health benefit with Expert. Contact: 7749976301. D-71174

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit No.- CF No.- 113, sworn before the Executive Magistrate, Bhubaneswar on dated 30.09.2021, I Sovan Nayak, aged about 47yrs, S/o- Late Fakir Nayak, At- 1444/45, new forestpark, Bhubaneswar, Dist-Khurda do hereby declare that, Sovan Nayak, Sobhan Kumar Nayak and Sovan Kumar Nayak are the names of one and same person. Hence this affidavit I shall be known as Sovan Nayak for all purposes. D-71421

ମୁଁ ବଳିଆ ମହାରଣା, ପିତା- ଶୁକ୍ରୁ ମହାରଣା ଘୋଷଣା କରୁଅଛି ଯେ ମୋର ଡ୍ରାଇଭିଙ୍ଗ ଲାଇସେନ୍‌ସ ଓ ଏଚଡିଏଫ୍‌ସି ଲାଇଫ୍ ପଲିସିରେ ମୋର ନାମ ବଳରାମ ମହାରଣା, ଗ୍ରାମ- କତଡ଼ା, ଥାନା- ଜରପଡ଼ା ରହିଛି। ବଳରାମ ମହାରଣା ଓରଫ ବଳିଆ ମହାରଣା ଗ୍ରାମ- କତଡ଼ା ଥାନା- ଜରପଡ଼ା ଜଣେ ବ୍ୟକ୍ତି ହିଁ ଅଟନ୍ତି। ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଲି। ଧ-୨୧୮୧୧

By an affidavit before Notary Public, Sambalpur, I, Vinayak Dwarkanath Sharma Jamwal @ Vinayak DNS Jamwal, S/o- Sh. Dwarka Nath Sharma, R/o- Kothian, Pouni, Reasi (J&K) 185203, affirm I have changed my name from Vinayak Shrama for all purposes, since 2004. Both Vinayak Dwarkanath Sharma Jamwal and Vinayak Sharma are one and same person. D-21813

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ପ୍ରଫେସର ରାଜକିଶୋର ମିଶ୍ରଙ୍କ ପରଲୋକ

## ଶୋକ ପ୍ରକାଶ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୧୦(ବ୍ୟୁରୋ)**

ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ପ୍ରଫେସର ରାଜକିଶୋର ମିଶ୍ର(୭୯)ଙ୍କ ଶୁକ୍ରବାର ପରଲୋକ ଘଟିଛି। ଭୁବନେଶ୍ୱର ଆଇଆର୍‌ସି ଭିଲେଜସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସକାଳେ ସେ ହଠାତ୍ ଅସୁସ୍ଥ ଅନୁଭବ କରି ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାଜକିଶୋରଙ୍କୁ ମୃତ ଘୋଷଣ କରିଥିଲେ। ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।


ପ୍ରଫେସର ରାଜକିଶୋର ମିଶ୍ର

୧୯୪୨ ଜାନୁୟାରୀ ୧୫ରେ ଜଗତ୍‌ସିଂହପୁର ଜିଲାର ବାଇଶିମୌଜା ଅନ୍ତର୍ଗତ ଡିହସାଇବିରି ଗ୍ରାମରେ ପ୍ରଫେସର ମିଶ୍ର ଜନ୍ମଗ୍ରହଣ କରିଥିଲେ। ରେଭେନ୍‌ଶା ମହାବିଦ୍ୟାଳୟରୁ ସଂସ୍କୃତରେ ସ୍ନାତକ ଓ ୧୯୬୫ରେ ଇଂଲିଶ ଭାଷା ସାହିତ୍ୟରେ ସ୍ନାତକୋତ୍ତର ପରେ ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପ୍ରାଧ୍ୟାପକ ଭାବେ ସେ ସେବାନିବୃତ୍ତ ହୋଇଥିଲେ। ଦୁଇଟି ପର୍ଯ୍ୟାୟରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବେ ଦାୟିତ୍ୱ ତୁଲାଇବା ସହ ଓଡ଼ିଶା ସରକାରଙ୍କ ସୂଚନା ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶିତ ମାସିକ ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦନା କରିଥିଲେ। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା କ୍ଷେତ୍ରରେ ତାଙ୍କର ବହୁ ଅବଦାନ ଥିଲା। ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଆ ଶିଖାଇବା ପାଇଁ ମଧ୍ୟ ନିଯୁକ୍ତ ହୋଇଥିଲେ। ଜଣେ ଶିକ୍ଷାବିତ୍ ଓ ସଂସ୍କୃତି ବିଶେଷଜ୍ଞ ଭାବେ ସେ ବେଶ୍ ଜଣାଶୁଣା ଥିଲେ।

ଓଡ଼ିଆ, ସଂସ୍କୃତ ଓ ଇଂଲିଶ ଭାଷାରେ ଅଗାଧ ପାଣ୍ଡିତ୍ୟ ଥିବା ପ୍ରଫେସର ମିଶ୍ର ଅନେକ ମୌଳିକ, ଅନୂଦିତ ଓ ଗବେଷଣାଲବ୍ଧ ପୁସ୍ତକର ମଧ୍ୟ ସ୍ରଷ୍ଟା। 'ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର ମରମ କଥା', ଜଗନ୍ନାଥ ଭଜନ ସାର ସଂଗ୍ରହ, ଓଡ଼ିଆ ଭାଷାକୋଷ (୧୦ଖଣ୍ଡ), ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ (୪ଖଣ୍ଡ), ବିଫଳତା ସପକ୍ଷରେ (କବିତା ସଙ୍କଳନ), ଶ୍ରୀଗୁରୁ ଭାଗବତ – ଏକ ଦିବ୍ୟାନୁଭୂତି ଓ ବିଦ୍ୟାନୁଭବ, ବିପ୍ଳବୀ ଚାଖି ଖୁଣ୍ଟିଆ, ଉତ୍କଳଗୌରବ ମଧୁସୂଦନ ଦାସ, ଚଳନ୍ତି ଓଡ଼ିଆ ଅଭିଧାନ, ପ୍ରଶାସନ ଶବ୍ଦକୋଷ ଇତ୍ୟାଦି ତାଙ୍କର ଉଲ୍ଲେଖନୀୟ କୃତି। ଏହାବ୍ୟତୀତ ବେଦ, ଉପନିଷଦ, ଦର୍ଶନ, ସଙ୍ଗୀତ, ଜ୍ୟୋତିଷଶାସ୍ତ୍ର ଆଦି ଉପରେ ସେ ଶତାଧିକ ପ୍ରବନ୍ଧ ରଚନା କରିଛନ୍ତି।

ମୃତ୍ୟୁ ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ରାଜକିଶୋରଙ୍କ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଛନ୍ତି। ତାଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ରାଜ୍ୟପାଳ ଟୁଇଟ୍ କରି କହିଛନ୍ତି, ରାଜକିଶୋର ମିଶ୍ରଙ୍କ କୃତି ଓ କୀର୍ତ୍ତି ତାଙ୍କୁ ଚିରଦିନ ଅମଳିନ ରଖିବ। ଏଥିସହ ସେ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଶୋକ ବାର୍ତ୍ତାରେ କହିଛନ୍ତି, ଓଡ଼ିଶା ରିଭ୍ୟୁର ପୂର୍ବତନ ସମ୍ପାଦକ ପ୍ରଫେସର ରାଜକିଶୋର ମିଶ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଆ ସାହିତ୍ୟ ବିଶେଷକରି ଅନୁବାଦ ସାହିତ୍ୟ କ୍ଷେତ୍ରରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି। ସେହିପରି ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଏକ ଶୋକସଭାର ଆୟୋଜନ କରାଯାଇ ତାଙ୍କର ଜୀବନୀ ଓ କୃତିତ୍ୱ ସମ୍ପର୍କରେ ସ୍ମୃତିଚାରଣ କରାଯାଇଛି। ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ 'ଓଡ଼ିଶା ରିଭ୍ୟୁ' ଓ 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦକ ଡ. ଲେନିନ୍ ମହାନ୍ତିଙ୍କ ସମେତ ପତ୍ରିକା ସମ୍ପାଦନାମଣ୍ଡଳୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶୋକପ୍ରକାଶ କରାଯାଇଛି।

## ବରିଷ୍ଠ ନାଗରିକଙ୍କ ପାଇଁ ପ୍ରତି ଜିଲାରେ ସମନ୍ୱିତ ଭିତ୍ତିଭୂମି ପୁନର୍ବାସ କେନ୍ଦ୍ର

**ଭୁବନେଶ୍ୱର, ୧।୧୦(ବ୍ୟୁରୋ)**

ବରିଷ୍ଠ ନାଗରିକଙ୍କ କଲ୍ୟାଣ ଉପରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏଥିସହ ରାଜ୍ୟର ପ୍ରତି ଜିଲାରେ ସେମାନଙ୍କ ପାଇଁ ସମନ୍ୱିତ ଭିତ୍ତିଭୂମି ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ଶୁକ୍ରବାର ଭର୍ଞ୍ଜୁଆଲରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ମନ୍ତ୍ରୀ ପଣ୍ଡା କହିଲେ, ପ୍ରତି ପୁନର୍ବାସ କେନ୍ଦ୍ରରେ ୨୦୦ରୁ ଅଧିକ ବରିଷ୍ଠ ଲୋକଙ୍କ ରହଣି ବ୍ୟବସ୍ଥା ସହ ସମସ୍ତ ସୁବିଧା ଉପଲବ୍ଧ ହେବ। ପ୍ରାୟ ୨୫ରୁ ୩୦ ଏକର ଜମିରେ ପ୍ରତିଷ୍ଠିତ ହେବାକୁ ଥିବା ପ୍ରତି କେନ୍ଦ୍ର ନିମିତ୍ତ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟ କରାଯିବ। ଏହା ବ୍ୟତୀତ ରାଜ୍ୟ ସ୍ତରରେ ଖୁବ୍‌ଶୀଘ୍ର ବାର୍ଦ୍ଧକ୍ୟ ରୋଗ ଚିକିତ୍ସା ସେବାକେନ୍ଦ୍ର ଆରମ୍ଭ କରାଯିବ। ଏବେ ରାଜ୍ୟରେ ପ୍ରାୟ ୩୧ ଲକ୍ଷରୁ ଅଧିକ ବରିଷ୍ଠ ନାଗରିକ ମଧୁବାବୁ ପେନ୍‌ସନ୍ ଭତ୍ତା ଓ ସାମାଜିକ ସୁରକ୍ଷା ସହାୟତା ପାଉଛନ୍ତି। ଏଥିସହ ଏମାନଙ୍କ ନିମନ୍ତେ ତୀର୍ଥଯାତ୍ରା ଯୋଜନା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ଏକ ପ୍ରମୁଖ ପଦକ୍ଷେପ। ରାଜ୍ୟର ୯୧ଟି ସ୍ୱେଚ୍ଛାସେବୀ ସଂଗଠନ ବରିଷ୍ଠ ନାଗରିକଙ୍କ ସେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ପାଉଛନ୍ତି। କୋଭିଡ୍ ସମୟରେ ବରିଷ୍ଠ ନାଗରିକଙ୍କୁ ଅଗ୍ରୀମ ଭତ୍ତା ପ୍ରଦାନ କରାଯାଇଥିବା ମନ୍ତ୍ରୀ ପଣ୍ଡା କହିଛନ୍ତି। ଡା. କୃପାସିନ୍ଧୁ ପଣ୍ଡା, ଉମାକାନ୍ତ ସ୍ୱାଇଁ, ସୁଧାଂଶୁ ନେଗି, ଖବରଦାତା ଅରୁଣ ପଣ୍ଡା, ଜାତିସଂଘ ବିକାଶ ସଂସ୍ଥାର ପ୍ରତିନିଧି ଡ. ଆଭା ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭାଗର ନିର୍ଦ୍ଦେଶକ ବ୍ରତତୀ ହରିଚନ୍ଦନ ଚଳିତ ବର୍ଷର ପ୍ରସଙ୍ଗ 'ଡିଜିଟାଲ୍ ଲିଟେରାସି'କୁ ଗୁରୁତ୍ୱ ଦେଇଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ମଧୁମିତା ନାୟକ ଧନ୍ୟବାଦ ଦେଇଥିଲେ।

# ୪ରୁ ମିଳିବ ମାଟ୍ରିକ ସାର୍ଟିଫିକେଟ

**କଟକ ଅଫିସ,୧।୧୦**

ଆସନ୍ତା ୪ ତାରିଖଠାରୁ ଛାତ୍ରୀଛାତ୍ରଙ୍କୁ ମିଳିବ ମାଟ୍ରିକ ସାର୍ଟିଫିକେଟ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ରାଜ୍ୟରେ ୩୦ଟି କେନ୍ଦ୍ର ଚିହ୍ନଟ କରାଯାଇଛି। ସ୍କୁଲଗୁଡିକ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରି ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ ନେଇପାରିବେ। ତେବେ ସାର୍ଟିଫିକେଟରେ ଯଦି କୌଣସି ତ୍ରୁଟି ଥାଏ ବୋର୍ଡ ପକ୍ଷରୁ ସଂଶୋଧନ କରାଯିବ। ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ବୋର୍ଡ କାର୍ଯ୍ୟାଳୟରେ ଆସନ୍ତା ୩୦ ତାରିଖ ସୁଦ୍ଧା ନିର୍ଦ୍ଧାରିତ ଫି' ଦାଖଲ କରି ସଂଶୋଧନ କରିପାରିବେ। କଟକ ଜିଲାର ବୋର୍ଡ କାର୍ଯ୍ୟାଳୟ, ଜଗତ୍‌ସିଂହପୁରର ଏସ୍.କେ. ଏକାଡେମୀ, କେନ୍ଦ୍ରାପଡ଼ାର ରତ୍ନାକର ହାଇସ୍କୁଲ ଦୁହୁରିଆ, ଢେଙ୍କାନାଳର ବି.ବି ହାଇସ୍କୁଲ, ପୁରୀର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଖୋର୍ଦ୍ଧାର ଭୁବନେଶ୍ୱର ଜୋନଲ କାର୍ଯ୍ୟାଳୟ, ନୟାଗଡ଼ର ବ୍ରଜେନ୍ଦ୍ର ହାଇସ୍କୁଲ, ବାଲେଶ୍ୱରର ବୋର୍ଡ ଜୋନାଲ ଅଫିସ, କେନ୍ଦୁଝରର ଏନ୍.ଏସ୍. ପୋଲିସ ହାଇସ୍କୁଲ, ମୟୂରଭଞ୍ଜର ଏମକେସି ହାଇସ୍କୁଲ, ଗଞ୍ଜାମରେ ବୋର୍ଡର ଜୋନ ଅଫିସ, ନୂଆପଡ଼ାର ଜାତୀୟ ଉଚ୍ଚ ବିଦ୍ୟାଳୟ, ବରଗଡ଼ର ଜଜ୍ ହାଇସ୍କୁଲ, ସମ୍ବଲପୁରରେ ବୋର୍ଡର ଜୋନ୍ କାର୍ଯ୍ୟାଳୟ ଦେବଗଡ଼ର ଆର.ବି.ଡି ହାଇସ୍କୁଲ, ସୁବର୍ଣ୍ଣପୁରର ସରକାରୀ ବାଳିକା ହାଇସ୍କୁଲ, ବଲାଙ୍ଗୀରର ପି.ଆର. ହାଇସ୍କୁଲ, ସୁନ୍ଦରଗଡ଼ର ବି.ଏସ୍. ହାଇସ୍କୁଲ, କୋରାପୁଟରେ ବୋର୍ଡର ଜୟପୁରସ୍ଥିତ ଜୋନାଲ ଅଫିସ, ଯାଜପୁର, ଭଦ୍ରକରେ ଜିଲା ସ୍କୁଲ ଓ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ବୌଦ୍ଧ, ଅନୁଗୋଳ, କନ୍ଧମାଳରେ ଏବଂ ଝାରସୁଗୁଡାର ଡିଇଓଙ୍କ କାର୍ଯ୍ୟାଳୟରେ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ପୂର୍ବତନ ବାଚସ୍ପତି ଶରତ କରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ


ପୂର୍ବତନ ବାଚସ୍ପତି ଶରତ କୁମାର କରଙ୍କ ଶ୍ରାଦ୍ଧବାର୍ଷିକୀରେ ପତ୍ନୀ ପ୍ରଫେସର ଅନିମା ମିଶ୍ରକରଙ୍କ ସମେତ ପରିବାର ସଦସ୍ୟ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧।୧୦(ବ୍ୟୁରୋ)**

ପୂର୍ବତନ ବାଚସ୍ପତି ତଥା ସାହିତ୍ୟିକ ଶରତ କୁମାର କରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ଶହୀଦନଗରସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଅମର ଶତପଥୀ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ଗାନ୍ଧୀବାଦୀ ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁରେଶ କୁମାର ରାଉତରାୟ, ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ଭାଜପା ନେତା ଭୃଗୁ ବକ୍ସିପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର, କଂଗ୍ରେସ ମୁଖପାତ୍ର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ପୂର୍ବତନ ଡିଜିପି ମନମୋହନ ପ୍ରହରାଜ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ କରଙ୍କ ଭାଇ ରଜତ କର, ପତ୍ନୀ ପ୍ରଫେସର ଅନିମା ମିଶ୍ରକର, ବଡ ପୁଅ ଅଧ୍ୟାପକ ସୁମନ କର, ସାନପୁଅ ତଥା ଆୟକର ବିଭାଗର ପୂର୍ବତନ କମିଶନର ସୋଭନ କର ଏବଂ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ୱର୍ଗତ କରଙ୍କ ବାସ ଭବନରେ ପୂଜାପାଠ ହୋଇଥିଲା। ଏଥିସହ ତାଙ୍କ ନିର୍ବାଚନମଣ୍ଡଳୀ ମାହାଙ୍ଗାରେ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।






"ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। - ଶ୍ରୀଅରବିନ୍ଦ



# ପ୍ରବାସୀ ସେବା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେରଳର ବହୁ ସଂଖ୍ୟକ ଲୋକ ପୃଥିବୀର କୋଣ ଅନୁକୋଣରେ ରହିଛନ୍ତି। ଏହି ପ୍ରବାସୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ମାର୍ଗଦର୍ଶନ କରିବା ଲାଗି କେରଳ ଇଣ୍ଡିଆନ୍ ଫରେନ୍ ସର୍ଭିସ୍ (ଆଇଏଫ୍ଏସ୍) ଅଧିକାରୀ ବେଣୁ ରାଜମଣିଙ୍କୁ ନିଯୁକ୍ତି ଦେଇଛି। ବିଦେଶରେ କେରଳୀମାନେ ରହିଥିଲେ ମଧ୍ୟ ରାଜ୍ୟ ସହ ସେମାନଙ୍କର ଘନିଷ୍ଠ ସମ୍ପର୍କ ରହିଛି। ଏଦୃଷ୍ଟିରୁ ସେମାନଙ୍କ ଭଲମନ୍ଦ କଥା ବୁଝିବା ଲାଗି ଜଣେ ଅଭିଜ୍ଞ ବ୍ୟକ୍ତିଙ୍କ ଆବଶ୍ୟକତା ଅନୁଭବ କରିଛନ୍ତି ସରକାର। ଏଥିପାଇଁ ସରକାର ପ୍ରଥମେ ଏଭଳି ପଦକ୍ଷେପ ନେଇଛନ୍ତି। ବହିଃ ସହଯୋଗ ଲାଗି ଅଫିସର ଅନ୍ ସ୍ପେଶିଆଲ ଡ୍ୟୁଟି (ଓଏସ୍‌ଡି) ଭାବେ ରାଜମଣିଙ୍କୁ ଚୁକ୍ତି ଭିତ୍ତିରେ ବର୍ଷେ ସକାଶେ ଅଣାଯାଇଛି। ରାଜମଣିଙ୍କ ପାଖରେ ଦୀର୍ଘଦିନର କୂଟନୈତିକ କ୍ୟାରିୟର ଅନୁଭୂତି ରହିଛି ଓ ଏହାକୁ ଆଧାର କରି କେରଳ ମୁଖ୍ୟମନ୍ତ୍ରୀ ପିନାରୟୀ ବିଜୟନ ତାଙ୍କୁ ଉକ୍ତ କାର୍ଯ୍ୟ ପାଇଁ ଚୟନ କରିଥିବା ଜଣାପଡ଼ିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ)ସହ ସମନ୍ୱୟ ରଖି ପ୍ରବାସୀମାନଙ୍କ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ରାଜମଣିଙ୍କ ଅଭିଜ୍ଞତାକୁ ଉପଯୋଗ କରାଯାଇପାରିବ ବୋଲି ସରକାର ବିଶ୍ୱାସ କରୁଛନ୍ତି । ଏହାଦ୍ୱାରା ବିଦେଶ ସରକାରଗୁଡ଼ିକ ସହ ସଂସ୍କୃତି, ଅର୍ଥନୈତିକ ଏବଂ ଶୈକ୍ଷିକ ସମ୍ବନ୍ଧ ବୃଦ୍ଧି ହୋଇପାରିବ ବୋଲି ମନେକରୁଛନ୍ତି। ବିଶେଷ କରି ସେ ଶିକ୍ଷା, ଆର୍ଥିକ,କୌଶଳ ବିକାଶ ଏବଂ ରୋଜଗାର କ୍ଷେତ୍ରରେ ସେମାନଙ୍କୁ ସହଯୋଗ କଲାଭଳି ସୁଯୋଗଗୁଡ଼ିକୁ ଅନ୍ୱେଷଣ କରିବେ। ପ୍ରବାସୀଙ୍କ ସେବାର ଏସବୁ ଗୁରୁଦାୟିତ୍ୱ ତୁଲାଇବା ଜଣଙ୍କ ପାଇଁ କାଠିକର ପାଠ। କିନ୍ତୁ ଏହା ନିଶ୍ଚିତ ଯେ, କେରଳର ଉକ୍ତ ପଦକ୍ଷେପରୁ ପଞ୍ଜାବ କିଛି ଶିକ୍ଷା କରିବ ; କାରଣ ବିଶ୍ୱର ବିଭିନ୍ନ ଦେଶରେ ସଂଖ୍ୟାଧିକ ପଞ୍ଜାବୀ ରହିଛନ୍ତି।

### କଡ଼ା ନିର୍ଦ୍ଦେଶ

ଭାରତରେ ଅମଲାତନ୍ତ୍ର କଚ୍ଛପ ଗତିରେ ଚାଲୁଛି ବୋଲି କାହାକୁ ବୁଝାଇବାକୁ ପଡ଼ିବ ନାହିଁ। ଲୋକମାନେ ଏପରି କି ନେତାମାନେ ମଧ୍ୟ ଏ ସମ୍ପର୍କରେ ଭଲ ଭାବେ ଅବଗତ। କିନ୍ତୁ ହରିୟାଣାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା କ୍ଲାସ୍ ୱାନ୍ ଏବଂ କ୍ଲାସ୍ ଟୁ ଅଧିକାରୀଙ୍କ ବିରୋଧରେ ଚାଲିଥିବା ତଦନ୍ତରେ ଅହେତୁକ ବିଳମ୍ବକୁ ଲକ୍ଷ୍ୟକରି ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ଧୈର୍ଯ୍ୟହରା ହୋଇପଡ଼ିଛନ୍ତି। ସ୍ଥଗିତ ଥିବା ତଦନ୍ତଗୁଡ଼ିକୁ ଶେଷ କରିବା ପାଇଁ ଏକ ସମୟ ସୀମା ନିର୍ଦ୍ଧାରଣ କରିବାକୁ ସେ ମୁଖ୍ୟ ଶାସନ ସଚିବ ବିଜୟ ବର୍ଦ୍ଧନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁନଶ୍ଚ ନିର୍ଦ୍ଦେଶ ଦେଇଛନ୍ତି ଯେ, ତଦନ୍ତ ପ୍ରକ୍ରିୟାରେ ବିଳମ୍ବ କରି ଦୋଷୀ ଅଧିକାରୀଙ୍କୁ ଘଷ୍ଟି ଘୋଡ଼ାଉଥିବା ତଦନ୍ତକାରୀ ଅଧିକାରୀମାନଙ୍କ ବିରୋଧରେ କଠୋର ଶୃଙ୍ଖଳଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ଏକ ବଡ଼ ଦଣ୍ଡ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ତଦନ୍ତ ୬ ମାସ ମଧ୍ୟରେ ଶେଷ କରିବାକୁ ହୋଇଥାଏ, କିନ୍ତୁ ଏସବୁ କ୍ଷେତ୍ରରେ ତଦନ୍ତକାରୀ ଅଧିକାରୀମାନେ ନିୟମିତ ରୂପେ ବିଳମ୍ବ କରୁଥିବା ଜଣାପଡୁଛି। ଏବେ ମୁଖ୍ୟ ସଚିବ ବର୍ଦ୍ଧନ ଏହି କାର୍ଯ୍ୟର ଦାୟିତ୍ୱ ପ୍ରଶାସନିକ ସଚିବମାନଙ୍କ ଉପରେ ଲଦିଛନ୍ତି ଓ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶ ମଧ୍ୟ ଜାରି କରିଛନ୍ତି। ଏଥିରେ ନଭେମ୍ବର ଶେଷସୁଦ୍ଧା କ୍ଲାସ୍ ୱାନ୍ ଏବଂ କ୍ଲାସ୍ ଟୁ ଅଧିକାରୀମାନଙ୍କ ବିରୋଧରେ ସ୍ଥଗିତ ରହିଥିବା ତଦନ୍ତ ଶେଷ କରିବାକୁ ସଚିବମାନଙ୍କୁ କୁହାଯାଇଛି। ସରକାର କହିଛନ୍ତି, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ଏହି ବର୍ଗର ଅଧିକାରୀମାନଙ୍କୁ ଲୋକମାନଙ୍କ ସେବା ସହ ଜଡ଼ିତ କ୍ଷେତ୍ର ନିଯୁକ୍ତିରୁ ଦୂରେଇ ରଖାଯିବ।

### ବିଳମ୍ବରେ ନିଯୁକ୍ତି

ସରକାର ଶେଷରେ ପଦକ୍ଷେପ ନେଇ ୧୩ଟି ସଚିବ ସ୍ତରୀୟ ପଦବୀ ପୂରଣ କରିଛନ୍ତି। ଫଳରେ ଗତ ଫେବୃୟାରୀରେ ନିଯୁକ୍ତି ତାଲିକାରେ ଅନ୍ତର୍ଭୁକ୍ତ ୧୯୮୯ ବ୍ୟାଚ୍‌ର କେତେଜଣ ଅଧିକାରୀ ଶାନ୍ତ ପଡ଼ିଯାଇଛନ୍ତି। ଅଧିକାରୀମାନେ ଖାଲି ପଦବୀଗୁଡ଼ିକରେ ନିଯୁକ୍ତି ହୋଇପାରୁ ନ ଥିବାରୁ ନିରାଶ ହୋଇ ଯାଇଥିଲେ । ତେବେ ଏହି ବ୍ୟାଚର ତିନିଜଣ ଅଧିକାରୀ ପି.କେ.ତ୍ରିପାଠୀ, ରାଜୀବ ବନ୍‌ସାଲ ଏବଂ ଅନୁରାଧା ପ୍ରସାଦଙ୍କ ବ୍ୟତୀତ ୨୨ ଜଣ ନିଯୁକ୍ତି ପାଇଛନ୍ତି। ଏମାନଙ୍କ ମଧ୍ୟରୁ ୧୩ ଜଣ ନିୟମିତ ସଚିବ ଭାବେ ନିଯୁକ୍ତ ଥିବାବେଳେ ଅନ୍ୟ ୯ ଜଣଙ୍କୁ ସଚିବ ର୍‍ୟାଙ୍କ ଓ ଦରମାର ସ୍ୱତନ୍ତ୍ର ସଚିବ ପଦକୁ ପଦୋନ୍ନତି ଦିଆଯାଇଛି। ଇସ୍ପାତ ସଚିବ ତ୍ରିପାଠୀଙ୍କୁ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ (ଡିଓପିଟି)ର ସଚିବ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ଏୟାର ଇଣ୍ଡିଆ ସିଏମ୍‌ଡି ରାଜୀବ ବନ୍‌ସଲ ବେସାମରିକ ବିମାନ ଚଳାଚଳ ବିଭାଗର ନୂଆ ସଚିବ ହୋଇଛନ୍ତି। ଏହିସବୁ ନିଯୁକ୍ତି ମୋଦି ସରକାରଙ୍କ ପ୍ରମୁଖ ନୀତି ବା ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେବ। ଶିଳ୍ପ ଓ ଆନ୍ତଃ ବାଣିଜ୍ୟ ବିକାଶ ବିଭାଗର ସଚିବ ତଥା ମଧ୍ୟପ୍ରଦେଶ କ୍ୟାଡର ଅଧିକାରୀ ଅନୁରାଗ ଜୈନ ସରକାରଙ୍କ ଏଫ୍‌ଡିଆଇ,ଷ୍ଟାର୍ଟଅପ୍ ନୀତି ଓ ଇଜ୍ଅଫ ଡୁଇଂ ବିଜ୍‌ନେସକୁ କାର୍ଯ୍ୟକାରୀ କରିବାରେ ନେତୃତ୍ୱ ନେବେ। ନୂଆ ଶ୍ରମ ସଚିବ ଭାବେ ଅବସ୍ଥାପିତ ସୁନୀଲ ଭରଦ୍ୱାଜ ୪ଟି ଲେବର କୋଡ୍ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ନେବେ। ତେବେ ସରକାରଙ୍କୁ ଆହୁରି କିଛି କରିବାକୁ ପଡ଼ିବ। ଏଯାବତ ବହୁ ପଦବୀ ଖାଲି ରହିଛି ଓ ସେଗୁଡ଼ିକୁ ପୂରଣ କରିବା ଦରକାର। ଏଥିରେ ବିଳମ୍ବ ହେଲେ ଅଧିକ କ୍ଷତି ହୋଇପାରେ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | 9 | 2 | | | 3 |
| | | 3 | | | | 9 | | |
| | | 8 | | | | | | 7 |
| | | | | | | 6 | | |
| | | 6 | | 8 | | | | |
| 2 | 7 | 4 | 1 | | 6 | 8 | | |
| 6 | | 1 | | | 3 | | | 4 |
| | | 2 | 4 | 1 | | | | |
| | 9 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 5 | 6 | 4 | 2 | 3 | 7 | 9 |
| 6 | 2 | 4 | 3 | 7 | 9 | 8 | 1 | 5 |
| 9 | 7 | 3 | 1 | 8 | 5 | 4 | 2 | 6 |
| 5 | 3 | 2 | 4 | 6 | 8 | 7 | 9 | 1 |
| 8 | 4 | 9 | 7 | 5 | 1 | 2 | 6 | 3 |
| 7 | 1 | 6 | 9 | 2 | 3 | 5 | 8 | 4 |
| 3 | 5 | 7 | 8 | 1 | 6 | 9 | 4 | 2 |
| 2 | 6 | 8 | 5 | 9 | 4 | 1 | 3 | 7 |
| 4 | 9 | 1 | 2 | 3 | 7 | 6 | 5 | 8 |

ଗତକାଲିର ଉତ୍ତର

# ଅତୁଳନୀୟ ଅମ୍ଳାନ ପ୍ରତୀକ



ଡ. ପ୍ରଫୁଲ୍ଲ କୁମାର ସାହୁ

## ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ

ମହାମାନବ ମହାତ୍ମା ଗାନ୍ଧୀ ଓ ଭାରତରତ୍ନ ଲାଲ ବାହାଦୁର ଶାସ୍ତ୍ରୀ– ଉଭୟ ସମଭାବାପନ୍ନ ମଣିଷ। ବିଧି ପ୍ରେରିତ ମହାପୁରୁଷ। ଜଣେ ଅହିଂସାର ଆଜୀବନ ପୂଜାରୀ ଓ ଅନ୍ୟ ଜଣେ ଶାନ୍ତିର କପୋତ। ଜଣେ ଜାତିର ଜନକ ଓ ଅନ୍ୟ ଜଣେ ତାଙ୍କର ଆଜୀବନ ଅନୁଗାମୀ। ଜଣେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ଓ ଅନ୍ୟ ଜଣେ ସତ୍ୟନିଷ୍ଠ ମୁକ୍ତିଯୋଦ୍ଧା। ଉଭୟ ମହାପୁରୁଷଙ୍କ ତ୍ୟାଗପୂତ ସାଧନା ଅତୁଳନୀୟ ଭାରତର ଏକ ଦିବ୍ୟ ମହିମାମୟ ଅଧ୍ୟାୟ।

ବାପୁଜୀ ଥିଲେ ଏକ ଅସାଧାରଣ ନେତୃତ୍ୱ ଓ ସମ୍ମୋହନକାରୀ ବ୍ୟକ୍ତିତ୍ୱର ଅଧିକାରୀ। ତାଙ୍କ ବ୍ୟକ୍ତିତ୍ୱର ଶକ୍ତି ବଳରେ ଜାଗି ଉଠିଲା ଭାରତୀୟ ମହାଜାତି। ପିଲାଟି ଦିନରୁ ଲାଲବାହାଦୁରଙ୍କ ଭିତରେ ଚମକୁଥିଲା ଦେଶପ୍ରେମର ଏକ ଆଗ୍ନେୟ ଆଭା। କାଶୀ ବିଦ୍ୟାପୀଠରେ ପଢୁଥିବା ବେଳେ ତାଙ୍କୁ ଉଦ୍‌ବେଳିତ କଲା ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଡାକରା। ପାଠପଢାକୁ ପଛରେ ପକାଇ ସେ ମୁକ୍ତି ଆନ୍ଦୋଳନରେ ସାମିଲ ହେଲେ ମାତ୍ର ୧୭ ବର୍ଷ ବୟସରେ। ସେବେଠାରୁ ଗାନ୍ଧିଜୀଙ୍କର ଜଣେ ପରମ ଅନୁଗାମୀ ଭାବେ ସ୍ୱାଧୀନତା ଆନ୍ଦୋଳନର ପ୍ରତ୍ୟେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରି ରାଜନୀତି କ୍ଷେତ୍ରରେ ରଖି ଯାଇଛନ୍ତି ବିରଳ ଆଦର୍ଶର ଛାପ।

ଗାନ୍ଧିଜୀ ଥିଲେ ପ୍ରେମମୟ। ରୋଗୀ ଓ ଅସହାୟ ସେବାରେ ସେ ନିଜକୁ ସର୍ବଦା ଉନ୍ମୁଖ ରଖୁଥିଲେ ଏବଂ ତହିଁରେ ନିହିତ ଥିଲା ତାଙ୍କ ହୃଦୟର ଗଭୀର ପ୍ରେମ ଓ ଆନ୍ତରିକତା। ଏଭଳି ଉତ୍ସର୍ଗୀକୃତ ସେବାରୁ ହିଁ ଆରମ୍ଭ ଆଦର୍ଶ ପୁରୁଷ ଶାସ୍ତ୍ରିଜୀଙ୍କ ଆଦର୍ଶ କର୍ମସୂଚୀ। ଛାତ୍ର ଜୀବନରୁ ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା ଲୋକ ସେବକ ମଣ୍ଡଳର ପ୍ରତିଷ୍ଠାତା ଲାଲା ଲଜପତ୍ ରାୟଙ୍କ ସେବାମୂଳକ କାର୍ଯ୍ୟ। ତେଣୁ ସ୍ନାତକ ଶିକ୍ଷା ସମାପ୍ତ ପରେ ସେ ଜନସେବାକୁ ବ୍ରତ ଭାବରେ ଗ୍ରହଣ କରି ଯୋଗ ଦେଲେ ଲୋକସେବକ ମଣ୍ଡଳରେ। ସମାଜ ସେବା କ୍ଷେତ୍ରରେ ନିଜର ଅନ୍ୟ ନିଷ୍ଠା ପ୍ରଦର୍ଶନ କରି ପରବର୍ତ୍ତୀ ସମୟରେ ମଣ୍ଡନ କଲେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦବୀ।

ଦେଶରେ ସାଂପ୍ରଦାୟିକ ସଦ୍‌ଭାବନା ଅତୁଟ ରଖିବା ପାଇଁ ଗାନ୍ଧିଜୀ ଜୀବନ ବ୍ୟାପୀ ସଂଗ୍ରାମ କରିଛନ୍ତି ଏବଂ ତାଙ୍କ ପରିକଳ୍ପିତ ସ୍ୱରାଜ ଥିଲା ସର୍ବଧର୍ମ ସମନ୍ୱୟର ମଞ୍ଚ। ଜାତିଭେଦ ଓ ଅସ୍ପୃଶ୍ୟତା ନିବାରଣ ଥିଲା ତାଙ୍କ ଅଠର ଦଫା ରଚନାତ୍ମକ କାର୍ଯ୍ୟକ୍ରମର ଏକ ପ୍ରମୁଖ ପ୍ରସଙ୍ଗ। ଗାନ୍ଧିଜୀଙ୍କ ପରି ଶାସ୍ତ୍ରିଜୀ ଥିଲେ ଧର୍ମ ନିରପେକ୍ଷ ଓ ଜାତିଆଣ ଭେଦାଭେଦର ଘୋର ବିରୋଧୀ। ଏହି କାରଣରୁ କାଶୀ ବିଦ୍ୟାପୀଠରୁ ପାଇଥିବା ଶାସ୍ତ୍ରୀ ଉପାଧିକୁ ସାଙ୍ଗିଆ ଭାବରେ ନିଜ ନାମ ସହିତ ଯୋଡ଼ିଥିଲେ ବଂଶାନୁକ୍ରମିକ ସାଙ୍ଗିଆ ଶ୍ରୀବାସ୍ତବ ବଦଳରେ।

ଗାନ୍ଧିଜୀ କହୁଥିଲେ ସତ୍ୟ ପ୍ରତି ଆଗ୍ରହ ହିଁ ସତ୍ୟାଗ୍ରହ। ଏହା କେବଳ ଏକ ଆନ୍ଦୋଳନ ନୁହେଁ, ବରଂ ସତ୍ୟାଗ୍ରହୀଙ୍କ ପାଇଁ ଜୀବନ ଗଢ଼ିବାର ଏକ ବିଦ୍ୟାଳୟ। ସତ୍ୟାଗ୍ରହର ଏହି ତତ୍ତ୍ୱକୁ ଉପଲବ୍ଧି କରିଥିବାରୁ ସ୍ୱାଧୀନ ଭାରତରେ ବିକ୍ଷୋଭକାରୀଙ୍କ ପ୍ରତି ତାଙ୍କ ଭିତରେ ଥିଲା ପ୍ରଚୁର ଶ୍ରଦ୍ଧା ଓ ସମ୍ବେଦନା। ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ପୋଲିସ ପକ୍ଷରୁ ବିକ୍ଷୋଭକାରୀଙ୍କ ଉପରେ ଲାଠି ଚାଳନା କରିବା ଏକ ସାଧାରଣ କଥା। ମାତ୍ର ଶାସ୍ତ୍ରିଜୀ ଗୃହମନ୍ତ୍ରୀ ଥିବାବେଳେ କୋହଳ ହେଲା ଆଇନ। ବିକ୍ଷୋଭକାରୀଙ୍କ ଉପରେ ଲାଠିମାଡ଼ ପରିବର୍ତ୍ତେ ପାଣିମାଡ଼ ପାଇଁ ସେ ଜାରି କଲେ ନିର୍ଦ୍ଦେଶନାମା।

ନୀତି ନୈତିକତାକୁ ଅଗ୍ରାଧିକାର ଦେବା କ୍ଷେତ୍ରରେ ଗାନ୍ଧୀ ଓ ଶାସ୍ତ୍ରୀ ଥିଲେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗାନ୍ଧିଜୀଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସେବା, ସାଧନା, ସଂକଳ୍ପ ଓ ନୈତିକତାର ମହାମନ୍ତ୍ରରେ ଦୀକ୍ଷିତ ହୋଇଥିଲେ ଶାସ୍ତ୍ରିଜୀ। ରେଳବାଇ ମନ୍ତ୍ରୀ ଥିବାବେଳେ ତାମିଲନାଡୁରେ ଏକ ରେଳ ଦୁର୍ଘଟଣା ତାଙ୍କ କୋମଳ ପ୍ରାଣରେ ଆଣିଥିଲା ଭୀଷଣ ଆଘାତ। ଏଥିପାଇଁ ନିଜକୁ ଦାୟୀକରି ନୈତିକତା ଦୃଷ୍ଟିରୁ ସେ ପଦତ୍ୟାଗ କଲେ, ଯାହାକୁ ନେଇ ଜାତୀୟ ରାଜନୀତିରେ ସୃଷ୍ଟିହେଲା ମୂଲ୍ୟବୋଧର ଏକ ନୂଆ ଅଧ୍ୟାୟ।

ଭାରତୀୟଙ୍କ ଦୃଷ୍ଟିରେ ଗାନ୍ଧିଜୀ ଥିଲେ ଏକ ମହତ୍ତର ଚେତନା। ତାଙ୍କ ଆହ୍ୱାନକୁ ଐଶ୍ୱରିକ ମୁକ୍ତିଦାତାର ଅକାଟ୍ୟ ବାଣୀ ଭାବରେ ଗ୍ରହଣ କରି ଦେଶ ଲଢ଼ିଲା ଅହିଂସ୍ର ଲଢ଼େଇ। ଶେଷରେ ଉଇଁଲା ସ୍ୱାଧୀନତାର ସୂର୍ଯ୍ୟ। ପ୍ରମାଣ ହେଲା ସତ୍ୟ ଓ ଅହିଂସାର ପଥ ଯେତେ କଠିନ ହେଲେ ବି ତାକୁ ଅତିକ୍ରମ କରିବା ପାଇଁ ଲୋଡା ଧୈର୍ଯ୍ୟ, ସହିଷ୍ଣୁତା, ନିଷ୍ଠା, ଦୃଢ଼ ମନୋବଳ ଓ ଆତ୍ମସଂଯମ ; ଏ ସକଳ ଗୁଣର ଅଧିକାରୀ ଥିଲେ ଶାସ୍ତ୍ରିଜୀ। ଗାନ୍ଧିଜୀଙ୍କ ପରି ମହତ୍ତର ଭାବନା ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ତାଙ୍କ ରାଷ୍ଟ୍ରଭକ୍ତି, ସାଙ୍ଗଠନିକ ଦକ୍ଷତା ଓ ରାଜନୈତିକ ପ୍ରତିବଦ୍ଧତାକୁ ମଧ୍ୟ ଠିକ୍ ଭାବରେ ଆକଳନ କରିପାରିଥିଲେ କଂଗ୍ରେସର ତୁଙ୍ଗନେତୃ ମଣ୍ଡଳୀ। ସେଥିପାଇଁ ପଣ୍ଡିତ ନେହେରୁଙ୍କ ଦେହାନ୍ତ ପରେ ଭାରତର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବରେ ତାଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ କଲା ଦେଶ।

ଗାନ୍ଧିଜୀଙ୍କ ପ୍ରାଣକୁ ସଦା ବ୍ୟଥିତ କରୁଥିଲା ଦାରିଦ୍ର୍ୟ କବଳିତ ଲୋକଙ୍କ ଦୁଃଖ ଓ ଯନ୍ତ୍ରଣା। ତେଣୁ ତାଙ୍କ ପରିକଳ୍ପିତ ଅର୍ଥନୀତିରେ ସବା ଆଗରେ ଥିଲା ଦାରିଦ୍ର୍ୟ ଦୂରୀକରଣ। ଏହି ଦୃଷ୍ଟିରୁ ଶୈଶବରୁ ଦାରିଦ୍ର୍ୟ ସହିତ ଲଢ଼ି ଆଗକୁ ବଢ଼ିଥିବା ଶାସ୍ତ୍ରିଜୀ ଥିଲେ ଦରିଦ୍ରଙ୍କର ପ୍ରକୃତ ବନ୍ଧୁ। ସେ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେଲାବେଳକୁ ମରୁଡ଼ି କାରଣରୁ ଘୋର ଆର୍ଥିକ ସଙ୍କଟ ଭିତରେ ଗତି କରୁଥିଲା ଦେଶ। ଆକାଶଛୁଆଁ ହୋଇଥିଲା ଖାଦ୍ୟ ପଦାର୍ଥର ଦରଦାମ୍। ଏଭଳି ସ୍ଥିତିରେ ତାଙ୍କର ପ୍ରଥମ ପଦକ୍ଷେପ ଥିଲା ଦରଦାମ୍ ନିୟନ୍ତ୍ରଣ। ଏହାଦ୍ୱାରା ଦେଶର ଆର୍ଥିକ ସ୍ଥିତିକୁ ସେ ଅନେକାଂଶରେ ସଜାଡି ନେଇଥିଲେ ନିଜର ନିଷ୍ଠା ଓ ପାରଦର୍ଶିତା ବଳରେ।

ଗାନ୍ଧୀ ଦର୍ଶନ କହେ ଅହିଂସାର ବଳ ହେଉଛି ଆତ୍ମିକ ଓ ଆଧ୍ୟାତ୍ମିକ ବଳ। ସେହି ଶିବମୟ ଉପାଦାନରେ ଗଢ଼ା ଶାସ୍ତ୍ରିଜୀଙ୍କ ପ୍ରାଣ। ସେଥିପାଇଁ ବ୍ୟକ୍ତିଗତ ଭାବରେ ତାଙ୍କର ହୃଦୟ ଥିଲା ଫୁଲ ପରି କୋମଳ। ମାତ୍ର ନେତୃତ୍ୱ ଦାୟରେ ରାଷ୍ଟ୍ରର ସୁରକ୍ଷାକୁ ନେଇ ସେ ଥିଲେ ଇସ୍ପାତ ଭଳି ଶକ୍ତ ଓ ଅନମନୀୟ। ଭାରତ ପାକିସ୍ତାନ ଯୁଦ୍ଧ ବେଳେ ପ୍ରତିପକ୍ଷକୁ ମୁହଁତୋଡ ଜବାବ ହିଁ ତା'ର ଏକ ଦୃଷ୍ଟାନ୍ତ। କେବଳ ଦେଶବାସୀ ନୁହେଁ, ଜଣେ ସରଳ, ଭଦ୍ର ଓ ଅମାୟିକ ରାଷ୍ଟ୍ରନେତାଙ୍କର ଏଭଳି ଜାତୀୟ ସ୍ୱାଭିମାନ ଦେଖି ଆଚମ୍ବିତ ହୋଇଥିଲା ସମଗ୍ର ବିଶ୍ୱ।

ଗାନ୍ଧିଜୀଙ୍କ ମତରେ ଅହିଂସାର ଅନ୍ତିମ ସ୍ଥଳ ହେଉଛି ଶାନ୍ତି। ଶାସ୍ତ୍ରିଜୀ ଥିଲେ ସେହି ଶାନ୍ତିର ଉପାସକ। ପାକିସ୍ତାନକୁ ପରାସ୍ତ କଲା ପରେ ବି ସେ ତା' ଆଡ଼କୁ ବଢ଼ାଇ ଦେଇଥିଲେ ବନ୍ଧୁତାର ହାତ। ତାସ୍‌କେଣ୍ଟ ଚୁକ୍ତି ଅବସରରେ ପ୍ରତିପକ୍ଷକୁ ଆହ୍ୱାନ ଦେଇ କହିଥିଲେ, ଉଭୟ ଦେଶ ପାଇଁ ଶାନ୍ତି ଅପରିହାର୍ଯ୍ୟ। ତେଣୁ ଉଭୟ ଦେଶ ପରସ୍ପର ବିରୋଧରେ ନ ଲଢ଼ି କ୍ଷୁଧା, ଦାରିଦ୍ର୍ୟ, ବେରୋଜଗାର, ରୋଗ ଓ ଅନ୍ଧବିଶ୍ୱାସ ବିରୋଧରେ ଲଢ଼ିବା ଉଚିତ। ତାଙ୍କର ଏ ସକାରାତ୍ମକ ଭାବନାକୁ ଅନୁଭବ କରି ତାଙ୍କୁ ଶାନ୍ତିଦୂତ ବୋଲି ସମ୍ବୋଧନ କଲା ବିଶ୍ୱ।

ସରଳ ଓ ନିରାଡ଼ମ୍ବର ଜୀବନ ଜିଇଁବାରେ ଗାନ୍ଧିଜୀ ଥିଲେ ଭାରତୀୟତାର ପ୍ରତୀକ। ହଳେ ଚପଲ, ଗୋଟିଏ ଚରଖା, ପକେଟ ଘଡ଼ିଟେ, ଆଣ୍ଠୁ ଲୁଚୁ ନ ଥିବା ଦି'ଖଣ୍ଡ ଧୋତି ଓ ଚାଦର ଏବଂ ଖଣ୍ଡିଏ ବାଡ଼ି। ବାସ୍ ଏତିକିରେ ସେ ଜୀବନ ବିତାଇ ଦେଲେ ସାରା ଜୀବନ। ଅନୁରୂପ ଭାବରେ ଶାସ୍ତ୍ରିଜୀଙ୍କ ଜୀବନ ଶୈଳୀ ଥିଲା ଅତ୍ୟନ୍ତ ସରଳ ଓ ନିରାଡ଼ମ୍ବର। ସାଧୁତା ଥିଲା ତାଙ୍କ ଚରିତ୍ରର ଭୂଷଣ। ପ୍ରଧାନମନ୍ତ୍ରୀ ହେଲା ପରେ ବି ତାଙ୍କ ପାଖରେ ନ ଥିଲା ଖଣ୍ଡେ କାର୍ କିଣିବାର ସମ୍ବଳ। ଆବଶ୍ୟକତା ଦୃଷ୍ଟିରୁ ବ୍ୟାଙ୍କ୍‌ରୁ ଋଣ ନେଇ ସେ କାର୍ ଖଣ୍ଡିଏ କିଣିଥିଲେ ସତ, ହେଲେ ସେ ଋଣ ଶୁଝି ପାରି ନ ଥିଲେ ନିଜ ଜୀବନ କାଳ ଭିତରେ। ଶେଷରେ ସରକାରଙ୍କ ପକ୍ଷରୁ ତାହା ଶୁଝିବା ବ୍ୟବସ୍ଥା ହୋଇଥିଲା ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସମୟରେ।

ଚମ୍ପାରଣ କୃଷକ ଆନ୍ଦୋଳନରୁ ଆରମ୍ଭ(୧୯୧୭) ଗାନ୍ଧିଜୀଙ୍କ ସତ୍ୟାଗ୍ରହ। ଚାଷ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ ଉଚିତ ପ୍ରାପ୍ୟ ପ୍ରଦାନ ଥିଲା ଚମ୍ପାରଣ ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ। ଏହି କ୍ରମରେ ଖେଡା କୃଷକ ଆନ୍ଦୋଳନ, ବର୍ଦ୍ଦୋଲି ଆନ୍ଦୋଳନ, ମୋପ୍ଲା ଆନ୍ଦୋଳନ ଭାରତ ଇତିହାସରେ ଚାଷୀ ବିଦ୍ରୋହର ଏକ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଗାନ୍ଧିଜୀ କହୁଥିଲେ ଭାରତର ଗ୍ରାମ୍ୟ ସଂସ୍କୃତି ହେଉଛି ଭାରତର ପ୍ରାଣ ଏବଂ କୃଷିକୁ ନେଇ ସମୃଦ୍ଧ ହୋଇଛି ଗ୍ରାମ୍ୟ ଜୀବନ ଓ ଗ୍ରାମ ସଂସ୍କୃତି। ତେଣୁ କୃଷି ଓ କୃଷକର ଉନ୍ନତି ହେଲେ ପରିପୁଷ୍ଟ ହେବ ଭାରତୀୟ ଜନଜୀବନ। ଗାନ୍ଧିଜୀଙ୍କର ଏହି କୃଷିନୀତି ଦ୍ୱାରା ପ୍ରଭାବିତ ହୋଇଥିବା ଶାସ୍ତ୍ରିଜୀ ଥିଲେ ସବୁଜ ବିପ୍ଳବ ଓ ଶ୍ୱେତ ବିପ୍ଳବର କର୍ଣ୍ଣଧାର। ଦେଶ ରକ୍ଷାର ଅସଲ ଦାୟିତ୍ୱ ରହିଛି କୃଷକ ଓ ସୈନିକ ଉପରେ। ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ଏକଥା ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଏବଂ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଯବାନମାନଙ୍କୁ ସୀମାନ୍ତରେ ପ୍ରାଣ ମୂର୍ଚ୍ଛା ଲଢ଼ିବା ପାଇଁ ଓ କୃଷକମାନଙ୍କୁ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହେବାପାଇଁ ଶୁଣେଇ ଥିଲେ ଉତ୍ସାହପ୍ରଦ ଆହ୍ୱାନ। ଏହି ଅବସରରେ ସେ (ରାମଲୀଳା ମଇଦାନ -୨୬ ଜାନୁୟାରୀ ୧୯୬୫)ଯେଉଁ 'ଜୟ ଯବାନ ଓ ଜୟ କିଷାନ' ନାରା ଦେଇଥିଲେ ତାକୁ ଏବେ ସୁଦ୍ଧା ଘୋଷି ହେଉଛି ଦେଶ। ଅଥଚ କୃଷକମାନଙ୍କ ଅସଲ ସମସ୍ୟା ସମାଧାନ ଦିଗରେ ଆନ୍ତରିକତା ପ୍ରଦର୍ଶନ କରିନି ସ୍ୱାଧୀନ ଭାରତର କୌଣସି ସରକାର।

ସ୍ୱାଧୀନତା ପ୍ରାପ୍ତି ପରେ କୃଷକର ସ୍ଥିତି କିପରି ହେବା ଉଚିତ, ଏ ପ୍ରସଙ୍ଗରେ ଏକ ପ୍ରଶ୍ନର ଉତ୍ତର ଦେଇ ଗାନ୍ଧୀ କହିଥିଲେ–ସ୍ୱାଧୀନ ଭାରତରେ ସେମାନଙ୍କୁ ଯୋଗ୍ୟ ସ୍ଥାନ ମିଳିବା ଉଚିତ। ଅଗ୍ରାଧିକାର ଭିତ୍ତିରେ ସେମାନଙ୍କ ସମସ୍ୟା ସମାଧାନ ହେବା ଦରକାର। ମାତ୍ର ବିଡ଼ମ୍ବନାର ବିଷୟ କୃଷକ ଏବେ ନିଜର ଦାବି ନେଇ ବର୍ଷ ବର୍ଷ ଧରି ଧାରଣା ଦେଉଛି ରାଜରାସ୍ତାରେ। ଏଭଳି ସ୍ଥିତିରେ ସରକାର ଯଦି ସେହିମାନଙ୍କ କଥାକୁ ସହୃଦୟତାର ସହ ବିଚାର କରନ୍ତେ, ତେବେ ତାହା ହିଁ ହୁଅନ୍ତା ଦୁଇ ମହାପୁରୁଷ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

**ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ପଡ଼ିଆବେଡ଼ା, ମୟୂରଭଞ୍ଜ,**
**ମୋ:୯୪୩୮୮୫୫୦୮୮**

# ତାଙ୍କ ଘର ହାଲ୍‌ଚାଲ୍



ତୁଷାରକାନ୍ତ

ପ୍ରଥମେ ଗପଟିଏ : ଜଣେ ମେଷପାଳକ ନିଜର ମଇଳା ଶରୀରଧାରୀ ମେଷ ବା ମେଣ୍ଢାଟିକୁ ବିକିବାପାଇଁ ତାକୁ ସାବୁନ ଇତ୍ୟାଦି ଲଗେଇ ଧୋଇଲା ବେଳେ ତା'ର ସବୁ ଲୋମ ଉପୁଡ଼ିଯାଇ ବିକ୍ରୟଯୋଗ୍ୟ ହୋଇପାରି ନ ଥିଲା, ଯାହା 'ମେଣ୍ଢା ଧୋଉ ଧୋଉ ନିର୍ବାଳ' ରୂପକ ଢଗଟିଏ ଜରିଆରେ ପ୍ରଚଳିତ। ସେହିପରି ଆମ ନେତାମାନେ ରାଜନୀତିରୁ ଅପରାଧୀମାନଙ୍କୁ ନିପାତ କରିବେ ବୋଲି ସ୍ଲୋଗାନ ଦେଇ ଆସି ଯାହା କରିଥାନ୍ତି, ତାହାର କିଛି ସଦ୍ୟତମ ତଥ୍ୟ ଉଦାହରଣ ସହ କୁହାଯାଉଛି। ଟେଲିକମ୍ ସମ୍ରାଟ ମିତ୍ତଲ ୨୦୦୯ରେ କହିଥିଲେ,"ମୋଦିଜୀ ପ୍ରଧାନମନ୍ତ୍ରୀ ପଦ ପାଇଁ ଯୋଗ୍ୟ। ୨୦୧୩ ସେପ୍ଟେମ୍ବରରେ, ପରବର୍ତ୍ତୀ ସମୟରେ ରାଫାଲ ଚୁକ୍ତିର Offset Partner ବନିଥିବା ଅନୀଲ ଅମ୍ବାନୀ ମୋଦିଜୀଙ୍କ ଉଦ୍ଦେଶ୍ୟରେ କହିଥିଲେ, "ଲୋକଙ୍କ ଭଗବାନ୍, ନେତାଙ୍କ ନେତା ଓ ରାଜାଙ୍କ ରାଜା।" ଅନ୍ୟତମ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା କହିଥିଲେ, "ଗୁଜରାଟରୁ ଶିକ୍ଷା ନେଇ ଚାଇନା ପ୍ରଗତି କରିଛି ବୋଲି ଲୋକେ କହୁଛନ୍ତି।" ୨୦୦୧ରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ଧୀରୁଭାଇ ଅମ୍ବାନୀ କହିଥିଲେ,"ମୋଦି ବହୁତ ବାଟ ଯିବେ।" ନିଏଲସନ ସଂସ୍ଥା ତରଫରୁ ଇକୋନୋମିକ୍ସ ଟାଇମ୍ସ ପାଇଁ କରାଯାଇଥିବା ଆକଳନ ଅନୁଯାୟୀ, ଶିଳ୍ପକ୍ଷେତ୍ରର ୧୦୦ଜଣ ପ୍ରମୁଖଙ୍କ ଭିତରୁ ୮୦ଜଣ ମୋଦି ପ୍ରଧାନମନ୍ତ୍ରୀ ହେବା ଚାହିଁଥିଲେ। ପଶ୍ଚିମବଙ୍ଗର ସିଙ୍ଗୁରରେ ଗଣ୍ଡଗୋଳ ଘଟି ସେଠି ଟାଟାଙ୍କ ନାନୋ କାର୍ ଫ୍ୟାକ୍ଟ୍ରି ହୋଇ ନ ପାରିବାର ପରିସ୍ଥିତିରେ ମୋଦି ୯୬ ଘଣ୍ଟାରେ ଗୁଜରାଟର ସାନନ୍ଦଠାରେ ତାହା କରାଇବାକୁ ଚୁକ୍ତି କରେଇଥିଲେ ଓ ରତନ ଟାଟା ତାଙ୍କୁ ଖୁସିରେ କୁଣ୍ଢେଇ ଧରିଥିଲେ।

୧୩ ସେପ୍ଟେମ୍ବର ୨୦୧୩ରେ ଗୋଆରେ ଅନୁଷ୍ଠିତ ଭାଜପା କାର୍ଯ୍ୟକାରିଣୀ ବୈଠକରେ ରାଜନାଥ ସିଂହ ଘୋଷଣା କରିଥିଲେ, ଭାଜପା ୨୦୧୪ ନିର୍ବାଚନ ଜିତିଲେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବେ ଓ ଏହା ଗୃହୀତ ହୋଇଥିଲା। ତା'ପରେ ମୋଦି ଦେଶର ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭାରେ ଭାଷଣ ଦେଇ ବିଭିନ୍ନ ପ୍ରତିଶ୍ରୁତି ଦେଉଥିଲେ ଓ ଉପସ୍ଥିତ ଜନତାଙ୍କୁ ପଚାରୁଥିଲେ 'ଏପରି ହେବା ଉଚିତ କି ନୁହେଁ' ଓ ହଜାର ହଜାର ଜନତା ଏକସ୍ୱରରେ ଉତ୍ତର ଦେଉଥିଲେ 'ହଁ, ହଁ, ହଁ'। ୨୫ ଅକ୍ଟୋବର ୨୦୧୩ର The Economic Times Online ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ଅନ୍ତର୍ଗତ ଝାନ୍‌ସୀର ଏକ ନିର୍ବାଚନୀ ସଭାରେ ମୋଦି କହିଥିଲେ, "ଆପଣମାନେ କଂଗ୍ରେସ ଦଳକୁ ୬୦ବର୍ଷ କ୍ଷମତାସୀନ କରେଇଛନ୍ତି, ଭାଜପାକୁ ୬୦ମାସ ପାଇଁ କରାନ୍ତୁ। ଆମେ ଭାରତବର୍ଷର ଭାଗ୍ୟ ବଦଳେଇଦେବୁ ଏବଂ ୬୦ ମାସରେ ପ୍ରଗତି ଆଣିବୁ। ମୋତେ ପ୍ରଧାନମନ୍ତ୍ରୀ ନୁହେଁ, ଜଗୁଆଳି ରୂପେ ବାଛନ୍ତୁ, ମୁଁ ଭାରତର ଅର୍ଥ ଚୋରି କରିବାକୁ କାହାରିକୁ ପ୍ରଶ୍ରୟ ଦେବିନାହିଁ।" ଲୋକେ ସମସ୍ୱରରେ କହିଥିଲେ, 'ବାଛିବୁ, ବାଛିବୁ'। ୩୦ ମାର୍ଚ୍ଚ ୨୦୧୪ରେ ମହାରାଷ୍ଟ୍ରର ସାନ୍ଦେଡ଼ରେ ମୋଦି ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ କହିଥିଲେ, "ମୁଁ ଶାସନକୁ ଆସିଲେ ସ୍ୱତନ୍ତ୍ର କୋର୍ଟ ତିଆରି କରି ଦୁର୍ନୀତିଗ୍ରସ୍ତ ଓ ଫୌଜଦାରି ମାମଲାରେ ଜଡ଼ିତ ସାଂସଦ, ବିଧାୟକ ଓ ନେତାମାନଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା କରିବି। ଦଳ ଓ ମତ ନିର୍ବିଶେଷରେ କଂଗ୍ରେସ ସରକାର ଏ ବାବଦରେ କିଛି କରିନାହାନ୍ତି ଓ ଆଗ୍ରହୀ ବି ନାହାନ୍ତି।" ୨୦୧୪ ଏପ୍ରିଲ ୧୫ରେ The Times of India Web Portalରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଗୁଜରାଟର ଅହମଦାବାଦ/ଲକ୍ଷ୍ମଣଗଡ଼ (ସିକରି) ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, "ମୋତେ ପାଞ୍ଚବର୍ଷ ପାଇଁ କ୍ଷମତା ଦେଲେ ମୁଁ ଭାରତୀୟ ରାଜନୀତିକୁ ଏକଦମ ସଫା କରିଦେବି, ଦଳ ଓ ମତ ବାଛବିଚାର ନ କରି ସଙ୍ଗିନ ଅଭିଯୋଗରେ ଅଭିଯୁକ୍ତ ସମସ୍ତଙ୍କୁ ଜେଲ ପଠେଇଦେବି।" ଏବଂ ଏ ସବୁ ପ୍ରତିଶ୍ରୁତିର ଫଳ କ'ଣ ହୋଇଛି;

୧୯୯୯ରେ ପ୍ରତିଷ୍ଠିତ Association for Democratic Reforms ନାମକ ଏକ ସଂସ୍ଥାର ଆକଳନ ଅନୁଯାୟୀ, (୧)୨୦୧୯ରେ ଲୋକ ସଭାକୁ ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରୁ ୪୩%ଙ୍କ ଉପରେ ସଙ୍ଗିନ ଓ ଫୌଜଦାରି ମାମଲା ରୁଜୁ ହୋଇଥିଲା। (୨)ଭାଜପାର ୩୦୩ ସାଂସଦଙ୍କ ମଧ୍ୟରୁ ୧୧୬ଜଣ ଓ କଂଗ୍ରେସର ୫୫ଜଣଙ୍କ ମଧ୍ୟରୁ ୨୯ଜଣଙ୍କ ନାମରେ ସଙ୍ଗିନ ଅପରାଧ ଥିଲା। ଜେଡିୟୁର ୧୩(୮୧%), ଡିଏମ୍‌କେର ୧୦ ଓ ତୃଣମୂଳ କଂଗ୍ରେସର ୯(୪୧%) ଥିଲେ। (୩) ଏହା ୨୦୧୪ ସଂସଦୀୟ ନିର୍ବାଚନ ତୁଳନାରେ ୨୬% ଅଧିକ। ୫୩୯ ଜଣ ନିର୍ବାଚିତ ସାଂସଦଙ୍କ ମଧ୍ୟରୁ ୨୩୩ ଜଣ (୪୩%)ଙ୍କ ନାମରେ ସଙ୍ଗିନ ମାମଲା ଥିଲା, ଯେତେବେଳେ କି ୨୦୧୪ରେ ଏପରି ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟା ୧୮୫(୩୪%)ଥିଲା, ୨୦୦୯ରେ ୧୬୨(୩୦%) ପାଖାପାଖି ଥିଲା। (୪)୨୦୧୯ରେ ନିର୍ବାଚିତ ସାଂସଦମାନଙ୍କ ଭିତରୁ ୨୯%ଙ୍କ ନାମରେ ବଳାତ୍କାର, ହତ୍ୟା, ହତ୍ୟା ପାଇଁ ଧମକ ଦିଆଯିବା, ମହିଳାଙ୍କ ବିରୋଧରେ ହତ୍ୟା ଓ ଧମକ ଅଭିଯୋଗମାନ ଅଛି। (୫)୨୦୦୯ ତୁଳନାରେ ୨୦୧୯ରେ ସାଂସଦମାନଙ୍କ ନିଜ ମନୋନୟନପତ୍ରରେ ଘୋଷଣା ଅନୁଯାୟୀ, ସଙ୍ଗିନ ଅପରାଧୀଙ୍କ ସଂଖ୍ୟାରେ ୧୦୯% ବୃଦ୍ଧି ଘଟିଛି। (୬)ଭାଜପାର ୫ଜଣ, ବିଏସ୍‌ପିର ୨ଜଣ, ଏନ୍‌ସିପି/ୱାଇଏସ୍‌ଆର୍ କଂଗ୍ରେସ (ଆନ୍ଧ୍ରପ୍ରଦେଶ) ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କ ନାମରେ ହତ୍ୟା ଅଭିଯୋଗ ଅଛି। (୭)ଆସାମ, କେରଳ, ତାମିଲନାଡୁ, ପୁଡୁଚେରୀ ଓ ପଶ୍ଚିମବଙ୍ଗ ବିଧାନସଭାର ସଦସ୍ୟମାନଙ୍କ ମଧ୍ୟରୁ ଅଧାରୁ ଅଧିକଙ୍କ ନାମରେ ସଙ୍ଗିନ ମାମଲା ଥିବା ସେହି ବିଧାୟକମାନେ ନିଜ ଆଫିଡେଭିଟ୍‌ରେ ଜଣାଇଛନ୍ତି।

୨୦୨୧ ଅଗଷ୍ଟ ୨୪ରେ ଏକ ଜାତୀୟ ସ୍ତରର ଟିଭିରେ ଏହା ଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ କଡ଼ା ଟିପ୍ପଣୀ ବାବଦରେ ଆଲୋଚନା ଚାଲିଥିବା ସମୟରେ ଜଣେ ଭାଜପା ପ୍ରବକ୍ତା କହିଥିଲେ, "ନ୍ୟାୟ ଆଖିରେ ସମସ୍ତେ ସମାନ, ରାଜନେତାଙ୍କ ପାଇଁ ସ୍ୱତନ୍ତ୍ର କୋର୍ଟ ବ୍ୟବସ୍ଥା କାହିଁକି।" ଅର୍ଥାତ୍ ସେ ନିଜ ନେତା ମୋଦିଙ୍କ ଦ୍ୱାରା ପ୍ରଥମରୁ ବର୍ଣ୍ଣିତ ଘୋଷଣାର ବିରୁଦ୍ଧାଚରଣ କରିଥିଲେ। ରାଜନୀତିରୁ ଅପରାଧୀଙ୍କୁ ବିଦାକଲେ 'ମେଣ୍ଢା ଧୋଉ ଧୋଉ ନିର୍ବାଳ' ଭୟରେ ଏପରି କରାଯାଉ ନାହିଁ କି?

ମୋ : ୮୮୯୫୮୫୭୩୧୮

## ଏଇ ଭାରତରେ

କଥାରେ କୁହନ୍ତି, କୋଲକାତା ସହରରେ ତୁମେ କେବେ ବି ଭୋକିଲା ରହିବନି। ଏହାର ଯଥାର୍ଥତା ପ୍ରତିପାଦନ କରୁଛି ସେଠାକାର ଆଇକନିକ ପାଇସ୍ ହୋଟେଲ। ଏଠାରେ ଭୋକିଲା, ପ୍ରବାସୀ ଶ୍ରମିକ ଓ ଜୀବିକା ଅନ୍ୱେଷଣରେ ଆସୁଥିବା ଲୋକ କିମ୍ବା ବ୍ୟାଚେଲର୍‌ମାନଙ୍କୁ ୩ ଟଙ୍କାରେ ସ୍ୱାଦିଷ୍ଟ ବେଙ୍ଗଲି ଖାଦ୍ୟ ଦିଆଯାଉଛି। ପାଇସ୍ ହେଟେଲ କୋଲ୍‌କାତାର ବିଭିନ୍ନ ସ୍ଥାନରେ ଖୋଲାଯାଇଛି। ଏହା ଇଂରେଜ ଶାସନ ସମୟରେ ୧୯୦୦ ମସିହାରେ ପ୍ରଥମେ ଖୋଲାଯାଇଥିଲା। 'ପଇସା' ଭାରତୀୟ ମୁଦ୍ରାର ସର୍ବନିମ୍ନ ମୂଲ୍ୟକୁ ଦର୍ଶାଏ ଓ ତାହାକୁ ଦୃଷ୍ଟିରେ ରଖି ଏହି ହୋଟେଲର ନାମ ପାଇସ୍ ରଖାଯାଇଥିଲା। ଇଂରେଜ କାଳରେ ମୁଦ୍ରା ୟୁନିଟ୍ ପାଇସ୍‌ର ମୂଲ୍ୟ ଥିଲା ଏକ ଅଣାର ୪ ଭାଗରୁ ଭାଗେ। ଖାଦ୍ୟରେ ମାଛ ଭଜା, ମାଛ ତରକାରି, କଖାରୁଫୁଲ ଭଜା, ଆଳୁ ପୋସ୍ତ ଆଦି ଆଇଟମ୍ ମଧ୍ୟ ରହୁଛି। ସବୁଠୁ ବଡ଼ କଥା ହେଉଛି, ପାଇସ୍ ହୋଟେଲରେ ଖାଦ୍ୟ କଦଳୀ ପତ୍ରରେ ପରଷା ଯାଉଛି। ଗରାଖମାନେ ତଳେ ଆସନରେ ବସିଖାଉଛନ୍ତି। ପରିବେଶ ସୁରକ୍ଷାକୁ ଏହି ହୋଟେଲ ମଧ୍ୟ ଗୁରୁତ୍ୱ ଦିଏ। ହୋଟେଲରେ କୌଣସି ପ୍ଲାଷ୍ଟିକ ଜିନିଷ ବ୍ୟବହାର କରାଯାଉ ନାହିଁ। ପ୍ରତିଦିନ ହୋଟେଲରେ ମେନ୍ୟୁ ପରିବର୍ତ୍ତନ କରାଯାଏ। ଏହାକୁ ବ୍ଲାକ୍ ବୋର୍ଡରେ ଲେଖା ଯାଇଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

୨ ଅକ୍ଟୋବର ୧୯୯୬

- ରଣଭାରରେ ବୁଡ଼ିରହିଥିବା ଦେଶଗୁଡ଼ିକୁ ଋଣ ସହାୟତା ଦେବାପାଇଁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ବିଶ୍ୱବ୍ୟାଙ୍କର ଉନ୍ନୟନ କମିଟି ଅନୁମୋଦନ କରିଛି।
- ବିହାର ଗୋଖାଦ୍ୟ ଦୁର୍ନୀତି ମାମଲାର ଅନ୍ୟତମ ଅଭିଯୁକ୍ତ କଂଗ୍ରେସ ବିଧାୟକ ଜଗଦୀଶ ଶର୍ମାଙ୍କୁ ସିବିଆଇ ଗିରଫ କରିଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଆଫଗାନିସ୍ତାନରେ ତାଲିବାନ୍ ଶାସନ

ମହାଶୟ,

ଆଫଗାନିସ୍ତାନରେ ତାଲିବାନ୍‌ମାନେ ଦେଶର ଶାସନ କ୍ଷମତା ବନ୍ଧୁକମୁନର ଧମକଚମକ ଦେଖାଇ କିଛି ମାନବିକ ଅଧିକାର ଉଲ୍ଲଂଘନ କରି ଯେପରି ସରକାର ଗଢ଼ି ଶାସନ କରିବାକୁ ଯାଉଛନ୍ତି ଏହାଦ୍ୱାରା ଆଫଗାନସ୍ତାନବାସୀଙ୍କର ଜୀବନ ବେଳକୁ ବେଳ ଅତିଷ୍ଠ ହୋଇପଡୁଛି। ଦୈନିକ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି ଅନେକ ହୃଦୟବିଦାରକ ଦୃଶ୍ୟ। ତାଲିବାନ୍‌ମାନେ ମହିଳାମାନଙ୍କୁ ଶାସନ କ୍ଷେତ୍ରରେ ଭାଗ ନ କରେଇ ଆଇନର ଅଙ୍କୁଶ ଲଗାଇ ଧମକଚମକ ଦେଉଛନ୍ତି। ସେମାନଙ୍କୁ ଶିକ୍ଷାରୁ ବଞ୍ଚିତ କରାଯାଉଛି । ସେମାନଙ୍କ ଭବିଷ୍ୟତ ସଙ୍କଟ ମଧ୍ୟକୁ ଠେଲି ହୋଇଯାଉଛି। ମହିଳାମାନଙ୍କ ଭାବନାକୁ ସମ୍ମାନ ଦିଆଯାଉ ନାହିଁ। ସେମାନଙ୍କ ପ୍ରତି ଘୋର ବିପଦ ସୃଷ୍ଟି ହୋଇଛି। ଫଳରେ ସେମାନେ ବିକ୍ଷୋଭ କରିବାକୁ ରାସ୍ତା ଉପରକୁ ଚାଲି ଆସୁଛନ୍ତି।

**-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରୁଣ୍ଡ ଝୁଣ୍ଡ ଶବଦେ ପୂରିଲା ଦାଣ୍ଡ
ଅଭୂଷଣ କଥା ଗୋ ଅରୂପ କାଣ୍ଡ !
କି ଥିଲା ସେ ଶବଦେ ହୋଇ ଆକୁଳ
କୁଳ ଭୁଆସୁଣୀ ତ ତେଜିଲେ କୁଳ !
-(ବଂଶୀ ଧ୍ୱନି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଇଗ୍ନୋରେ ନାମଲେଖା ଅବଧି ବଢ଼ିଲା

**ଭୁବନେଶ୍ୱର, ୧।୧୦(ବ୍ୟୁରୋ):** ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ରେ ଉଚ୍ଚଶିକ୍ଷା ପାଇଁ ନାମଲେଖା ଅବଧି ବୃଦ୍ଧି କରାଯାଇଛି। ପୂର୍ବରୁ ସେପ୍ଟେମ୍ବର ୩୦କୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏବେ ଏହାର ସମୟସୀମାକୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ତେଣୁ ଉଚ୍ଚଶିକ୍ଷା ନାମଲେଖାରୁ ବଞ୍ଚିତ ହୋଇଥିବା ଆଗ୍ରହୀ ଛାତ୍ରୀଛାତ୍ର ଏହାର ଲାଭ ଉଠାଇବାକୁ ଇଗ୍ନୋ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏସ୍. କେ. ତ୍ରିପାଠୀ କହିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା ଯେକୌଣସି ବୟସର ବ୍ୟକ୍ତିଙ୍କ ପାଇଁ ଇଗ୍ନୋର ୨୦୦ରୁ ଅଧିକ ବିଭାଗରେ ନାମଲେଖା ଚାଲୁଛି। ଛାତ୍ରୀଛାତ୍ରମାନେ ଗ୍ନୋ ୱେବ୍‌ସାଇଟ୍‌ରୁ ଅଧିକ ସୂଚନା ପାଇପାରିବେ ବୋଲି ତ୍ରିପାଠୀ ସୂଚନା ଦେଇଛନ୍ତି।

### ୟୁଜିସି-ଏନ୍‌ଇଟି ପରୀକ୍ଷା ଘୁଞ୍ଚିଲା

**ଭୁବନେଶ୍ୱର, ୧।୧୦(ବ୍ୟୁରୋ):** ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ୟୁଜିସି-ଏନ୍‌ଇଟି ଡିସେମ୍ବର-୨୦୨୦ ଓ ଜୁନ୍-୨୦୨୧ ସେସନ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହି ପରୀକ୍ଷା ଯଥାକ୍ରମେ ଅକ୍ଟୋବର ୬ରୁ ୮ ତାରିଖ ଏବଂ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାର ଥିଲା। ଏବେ ଏହି ଦୁଇ ସେସନ ପରୀକ୍ଷା ଆସନ୍ତା ୧୭ରୁ ୨୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଏନ୍‌ଟିଏ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଆସନ୍ତା ୬ ଓ ୭ ତାରିଖରେ ଅନ୍ୟାନ୍ୟ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନେ ୟୁଜିସି-ଏନ୍‌ଇଟି ତାରିଖ ଘୁଞ୍ଚାଇବାକୁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଏନ୍‌ଟିଏ ପରୀକ୍ଷାକୁ ଘୁଞ୍ଚାଇଛି। ତେବେ ଅଧିକ ତଥ୍ୟ ଜାଣିବା ପାଇଁ ଛାତ୍ରୀଛାତ୍ରମାନେ ପର୍ଯ୍ୟାୟକ୍ରମେ ଏନ୍‌ଟିଏ ୱେବ୍‌ସାଇଟ www.nta.ac.in, https.// ugcnet.nta.nic.inକୁ ଦେଖିବା ପାଇଁ ପରାମର୍ଶ ଦିଆଯାଇଛି।

# ୨୪୮୬ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

## ୧୪୧୧.୫୮ କୋଟିର ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ବ୍ୟବସାୟ ଅନୁକୂଳ ବାତାବରଣ ଯୋଗୁ ଓଡ଼ିଶାକୁ ପୁଞ୍ଜିନିବେଶକାରୀ ଆକର୍ଷିତ ହେବାରେ ଲାଗିଛନ୍ତି। ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗିଲ ୱିଣ୍ଡୋ କ୍ଲିୟରାନ୍ସ କମିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ୧୪୧୧.୫୮ କୋଟି ଟଙ୍କାର ୯ଟି ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଏଥିରେ ମୋଟ ୨୪୮୬ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅନୁମୋଦିତ ହୋଇଥିବା ପ୍ରକଳ୍ପ ଗୁଡିକରେ ମୁଖ୍ୟତଃ ମାନୁଫାକ୍ଚରିଂ, ଖାଦ୍ୟ ପ୍ରକ୍ରିୟାକରଣ, ସାର ଉତ୍ପାଦନ, ଡ଼ାଉନଷ୍ଟ୍ରିମ ଏବଂ ପର୍ଯ୍ୟଟନ କ୍ଷେତ୍ର ଅନ୍ତର୍ଭୁକ୍ତ। ଏସବୁ ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ପ୍ରକଳ୍ପ ଗୁଡିକୁ ନୀତିଗତ ଅନୁମୋଦନ ଦେଇ ସେଗୁଡିକର ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ପ୍ରସ୍ତାବିତ ଶିଳ୍ପଗୁଡିକ ପାଇଁ ଆବଶ୍ୟକ ପଡୁଥିବା ଜମି ଓ ଜଳର ଆକଳନ କରିବା ସହ ଅଧିକ ନିଯୁକ୍ତି ଭିତ୍ତିକ ଶିଳ୍ପଗୁଡ଼ିକୁ ଅଗ୍ରାଧିକାର ଦେବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବାୟୋ-ଡବ୍ଲ୍ୟୁ.ଏମ୍.ଏସ୍ ପକ୍ଷରୁ ଅନୁଗୋଳ, ସମ୍ବଲପୁର, ବରଗଡ, ଯାଜପୁର, ଝାରସୁଗୁଡା ଜିଲାରେ ୩୧୯.୨୫ କୋଟି ଟଙ୍କା ବ୍ୟୟରେ ବାୟୋମାସ୍ ପ୍ଲାଣ୍ଟ ସ୍ଥାପନ କରାଯିବ। ସେଥିରେ ୧,୨୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳି ପାରିବ। ସେହିପରି ଟିପିଏସ୍ ବିଭରେଜ ଆଣ୍ଡ ଡିଷ୍ଟିଲାରିଜ ପକ୍ଷରୁ କଳାହାଣ୍ଡି ଜିଲାର ଜୁନାଗଡ ଠାରେ ୨୩୫ କୋଟି ଟଙ୍କା ବ୍ୟୟରେ ୨୦୦ କିଲୋଲିଟର ଇଥାନଲ ଏବଂ ୬ ମେଗାୱାଟ ପାୱାର ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିରେ ୨୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଇଫ୍‌କୋ ଜଗତସିଂହପୁର ଜିଲାର ପାରଦୀପଠାରେ ୨୨୫ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୩୩ ହଜାର କିଲୋଲିଟର କ୍ଷମତା ବିଶିଷ୍ଟ ଏକ ନୂତନ ନାନୋ ୟୁରିଆ ୟୁନିଟ ଏବଂ ଏକ ବଟଲିଂ ୟୁନିଟ୍ ସ୍ଥାପନ କରିବ। ଏଥିରେ ୨୦୦ ଲୋକଙ୍କୁ ନିଯୁକ୍ତି ମିଳିବ। ଟାଟା କମ୍ପାନୀ ଗଞ୍ଜାମର ଗୋପାଳପୁର ଏସ୍‌ଇଜେଡ ଠାରେ ୧୦୭ କୋଟି ଟଙ୍କା ବିନିଯୋଗରେ ସମୁଦ୍ର ଜଳ ବିଶୋଧୀକରଣ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୨୯ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସିୟାଦ୍ରୀ ଇଣ୍ଡଷ୍ଟ୍ରିଜ ପକ୍ଷରୁ ବାଲେଶ୍ୱର ଠାରେ ୧୦୦ କୋଟି ଟଙ୍କା ବ୍ୟୟରେ କ୍ରିସୋଟାଇଲ ହ୍ୱାଇଟ ସିମେଣ୍ଟ ୟୁନିଟ ସ୍ଥାପନ କରାଯିବ। ସେଥିରେ ୨୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ପୁରୀ ଜିଲାର କୋଣାର୍କ ଠାରେ ସିସ୍କୋପ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ହସ୍ପିଟାଲିଟି ପକ୍ଷରୁ ୧୦୦ କୋଟି ଟଙ୍କା ବ୍ୟୟରେ ଏକ ହୋଟେଲ କମ୍ ରିସୋର୍ଟ ନିର୍ମାଣ କରାଯିବ। ଏଥିରେ ୧୭୩ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଓଡିଶା କଂକ୍ରିଟ ଲିମିଟେଡ ପକ୍ଷରୁ କଟକ ଜିଲାର ବାରଙ୍ଗ ଠାରେ୫୪.୪୨ କୋଟି ଟଙ୍କା ବ୍ୟୟରେ ସ୍ମାର୍ଟସିଟି ଡ୍ରେନେଜ ଓ ସ୍ୱେରେଜ ସିଷ୍ଟମ ପ୍ରଡକ୍ଟ ପ୍ଲାଣ୍ଟ ନିର୍ମାଣ ହେବ। ଏଥିରେ ୧୦୬ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ନିୟୁମଡର୍ଣ୍ଣ ଟେକ୍ନୋମେକ ପକ୍ଷରୁ ୫୫ କୋଟି ଟଙ୍କା ବ୍ୟୟରେ ମୟୂରଭଞ୍ଜ ଜିଲାର ବାରିପଦା ଠାରେ ଏକ ହଟ୍ ଗାଲଭାନାଇଜ୍‌ଡ ଷ୍ଟିଲ ଷ୍ଟ୍ରକ୍ଚର ନିର୍ମାଣ କରାଯିବ। ସେଥିରେ ୫୫୮ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମାଙ୍କ ସମେତ ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ବଜ୍ରପାତରେ ୫ ଶିଶୁ ଆହତ

ଖଜୁରିପଡ଼ା/ବଲସକୁମ୍ପା, ୧।୧୦(ଡି.ଏନ.ଏ.)

କନ୍ଧମାଳ ଜିଲା ଖଜୁରିପଡ଼ା ଅଞ୍ଚଳରେ ଗୁରୁବାର ବଜ୍ରପାତ ହେବାରୁ ୫ ଶିଶୁ ଆହତ ହୋଇଛନ୍ତି। ସେମାନେ ହେଲେ ମହେଶ୍ୱତା କହଁର (୧୧), ପୂଜା ବେହେରା (୭), ଶ୍ରାବଣୀ କହଁର (୮), ଇଚ୍ଛାରାଣୀ କହଁର (୬) ଏବଂ ଶିବୁ ବେହେରା (୮)। ଆର. ନୂଆଗାଁ ପଞ୍ଚାୟତ ପିପଲ ସାହିଠାରେ ଗୁରୁବାର ଅପରାହ୍ନରେ ଶିଶୁମାନେ ଖେଳୁଥିବା ବେଳେ ବର୍ଷା ହେବାରୁ ସେମାନେ ଏକ ଗଛତଳେ ଲୁଚିଥିଲେ। ଏହି ସମୟରେ ହଠାତ ବଜ୍ରପାତ ହେବା ଯୋଗୁ ୫ ଜଣ ଶିଶୁ ଚେତାଶୂନ୍ୟ ହୋଇପଡିଥିଲେ। ଖବର ପାଇ ପରିବାର ଲୋକ, ସ୍ଥାନୀୟ ଆଶାକର୍ମୀ ଝୁନୁବତୀ ପ୍ରଧାନ ଏବଂ ଅଙ୍ଗନୱାଡି କର୍ମୀ ମୋତିମାଳ ଘୋଟାଲ ସମସ୍ତଙ୍କୁ ଆମ୍ବୁଲାନ୍ସରେ ସ୍ଥାନୀୟ ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଥିବା ଡାକ୍ତର କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Required AREA SALES OFFICER for Jagatsinghpur, Angul and Dhenkanal districts of Odisha for marketing of TMT Bars and Rods.
Contact: 9437007298 7873292999

WANTED
MOBILISATION STAFF
A Leading manufacturing company at Chennai required Experienced Mobilizer with good communication skills.
Contact : 9003032043

LCJ SILVER
LALCHAND JEWELLERS REQUIRED
1. SALES CONSULTANT: 7 Nos.
2. SALES SUPERVISOR: 3 Nos.
For Bhubaneswar Store. Minimum qualification: +3 & 2 Yrs. Jewellery experience must. Send resume at
Indramani_r@yahoo.com or Call: 7653833333

GRAPHICS DESIGNERS REQUIRED
AUROGRAPHICS, Sahid Nagar, Bhubaneswar requires Graphics Designers with minimum 5 years experience in Coreldraw and Photoshop. Salary 14000 to 15000.
Contact: 9337100511

ଆବଶ୍ୟକ
ଘର କାମ ପାଇଁ ଝିଅପିଲା ଆବଶ୍ୟକ। ରହିବା, ଖାଇବା ସହ 5000/- to 7500/-। ଫୁଲନଖରା, କଟକ।
ଯୋଗାଯୋଗ: 7809525452

WANTED
ଓଡ଼ିଶାର ଏକ ସୁପ୍ରତିଷ୍ଠିତ କମ୍ପାନୀରେ ପ୍ରତ୍ୟେକ ବ୍ଲକ ପାଇଁ BUSINESS EXECUTIVE - Mail/Female ଆବଶ୍ୟକ। ମାସିକ 30,000/-ରୁ ଅଧିକ ରୋଜଗାର କରନ୍ତୁ। ବୟସ ୩୦ ବର୍ଷରୁ ଊର୍ଦ୍ଧ୍ୱ।
Contact: 9040744989




JOB IN BHUBANESWAR
SURVEY GROUNDS
Post- Full time (BUSINESS DEVELOPER) person.
Exp.- Min. 1 year (Fluency in English). Salary- 12K to 20K (Depends upon caliber).
Email: lkishor@surveygrounds.com

URGENTLY REQUIRED
Faculties for BHM, MHM, BBA, BCA & PMIR Courses, Telecaller (10Nos), Liaisoning Officer (2Nos), Marketing Manager (4Nos), Librarian (2Nos), Office Assistant (2Nos), Peon (2Nos). Come along with your VoterID / Aadhaar Card, All Certificate (Xerox) and 2Passport size photos.
S.T.A.R COLLEGE & MANAGEMENT
167, Forest Park, Bhubaneswar
Contact No: 8018087558, 9777897695, 9861444447, 9937337659

# ମୋବାଇଲ ନମ୍ବର ଆଧାରରେ କ୍ରାଇମ୍‌ବ୍ରାଞ୍ଚର ତନାଘନା

## ଡିଆର୍‌ଡିଓ ତଥ୍ୟ ଚୋରି ମାମଲା

ବାଲେଶ୍ୱର ଅଫିସ, ୧।୧୦

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ର ଗୁପ୍ତ ତଥ୍ୟ ଚୋରି ମାମଲାରେ ୪ଜଣିଆ କ୍ରାଇମ୍‌ବ୍ରାଞ୍ଚ ଟିମ୍ ୫ଦିନ ହେଲା ଚାନ୍ଦିପୁରରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଗିରଫ ୫ ଅଭିଯୁକ୍ତଙ୍କ ନିକଟରୁ ଜବତ ହୋଇଥିବା ମୋବାଇଲରେ ଅଧିକ ବ୍ୟବହାର ହୋଇଥିବା ନମ୍ବରଗୁଡ଼ିକୁ ଆଧାର କରି କ୍ରାଇମ୍‌ବ୍ରାଞ୍ଚ ଟିମ୍ ଖୋଳତାଡ଼ କରୁଛି। ସେଠାରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ଟିମ୍ ବିଭିନ୍ନ ପ୍ରସଙ୍ଗରେ ପଚରାଉଚୁରା କରିବା ସହ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ବୁଝିଛନ୍ତି। ଯେଉଁମାନଙ୍କ କଥାରେ କିଛି ସନ୍ଦେହ ହେଉଛି ସେମାନଙ୍କ ମୋବାଇଲ ଫୋନ୍‌ଗୁଡ଼ିକୁ ସାଇବର ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ କରାଯାଉଛି। ଅଭିଯୁକ୍ତ ବସନ୍ତ ବେହେରାଙ୍କ ମୋବାଇଲରେ ଥିବା ଜଣେ ସ୍ଥାନୀୟ ମାଛ ବ୍ୟବସାୟୀଙ୍କ ଫୋନ୍ ନମ୍ବର ବାହାର କରି ତାଙ୍କୁ ଡକାଇ ଜେରା କରାଯାଇଛି। ସେହିପରି ଜଣେ ଟ୍ରଲର ଚାଳକଙ୍କୁ ମଧ୍ୟ ଜେରା କରାଯାଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ତଥ୍ୟ ଲିକ୍ ମାମଲାରେ ବାଲେଶ୍ୱର ପୋଲିସ ଆଇଟିଆର୍‌ର ୫ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଠିକା କର୍ମଚାରୀ ଖାମ୍ଭରା ଗ୍ରାମର ବସନ୍ତ ବେହେରା, ଶ୍ରୀକୋଣା ଗ୍ରାମର ଶେଖ୍ ମୁଶାଫିର, ପାଳଶିଆର ତାପସ ରଞ୍ଜନ ନାୟକ, ବୁଆଁଳ ଗାଁର ହେମନ୍ତ କୁମାର ମିସ୍ତ୍ରି ଓ ସ୍ଥାୟୀ କର୍ମଚାରୀ ଡ୍ରାଇଭର ଉତ୍ତରପ୍ରଦେଶର ସଚିନ କୁମାର। ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୭ଦିନିଆ ରିମାଣ୍ଡରେ ଆଣି କଟକ ମୁଖ୍ୟାଳୟରେ ଜେରା କରିଥିଲା। ଗିରଫ ସମୟରେ ଅଭିଯୁକ୍ତମାନଙ୍କଠାରୁ ଜବତ ହୋଇଥିବା ମୋବାଇଲ, ଲାପ୍‌ଟପ୍, ହ୍ୱାଟସ୍ ଆପ୍ ଚାଟିଂ ଆଧାରରେ କ୍ରାଇମ୍‌ବ୍ରାଞ୍ଚ ହାତରେ ଅନେକ ତଥ୍ୟ ପ୍ରମାଣ ଲାଗିଛି। ଏମିତିକି ଅଭିଯୁକ୍ତମାନଙ୍କୁ ହନିଟ୍ରାପ୍‌ରେ ଫସାଇଥିବା ପାକିସ୍ତାନୀ ମହିଳାଙ୍କ ଫଟୋ, ମୋବାଇଲ୍ ନମ୍ବର, ବ୍ୟାଙ୍କ ଆକାଉଣ୍ଟର ସୂଚନା ପାଇ ସାରିଛି କ୍ରାଇମ୍‌ବ୍ରାଞ୍ଚ। ଭୁବନେଶ୍ୱରସ୍ଥିତ ଫରେନସିକ୍ ଲାବୋରେଟୋରିରେ ଅଭିଯୁକ୍ତମାନଙ୍କ ଲାପ୍‌ଟପ ଓ ମୋବାଇଲକୁ ଯାଞ୍ଚ କରାଯାଉଛି। ବିଶେଷକରି ଯେଉଁ ମୋବାଇଲରୁ ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ଯାଇଛି, ସେ ସମ୍ପର୍କରେ ଯାଞ୍ଚ କରୁଛି କ୍ରାଇମ୍‌ବ୍ରାଞ୍ଚ।

# ହିଙ୍ଗୁଳା ମନ୍ଦିର ହୁଣ୍ଡିରୁ ଚୋରି

ତାଳଚେର, ୧।୧୦(ନି.ପ୍ର)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ




ପୀଠରେ ଥିବା ହୁଣ୍ଡିରୁ ଗୁରୁବାର ରାତିରେ ଚୋରି ହୋଇଛି। ଶୁକ୍ରବାର ସକାଳେ ହୁଣ୍ଡି ଖୋଲା ପଡ଼ିଥିବାବେଳେ ନିକଟରେ ବହୁ ସଂଖ୍ୟାରେ ନୋଟ୍ ଓ କଏନ ବିଛାଡି ହୋଇ ପଡିଥିବା ଦେଖାଯାଇଛି। ସୁରକ୍ଷାକର୍ମୀ ହୁଣ୍ଡି ଭଙ୍ଗା ହୋଇଥିବା ଦେଖି ମନ୍ଦିର ପ୍ରଶାସନ, ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ନିକଟସ୍ଥ ଫାଣ୍ଡିକୁ ସୂଚନା ଦେଇଥିଲେ। ଖବରପାଇ ତାଳଚେର ତହସିଲଦାର, ସ୍ଥାନୀୟ ଗୋପାଳପ୍ରସାଦ ଫାଣ୍ଡି ଅଧିକାରୀଙ୍କ ସମେତ ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ପହଞ୍ଚି ଘଟଣାର ତଦାରଖ କରିଥିଲେ। ଏହାପରେ ଭଙ୍ଗାଯାଇଥିବା ହୁଣ୍ଡିରୁ ୧ ଲକ୍ଷ ୯୨ ହଜାର ୫୪୩ ଟଙ୍କା ସଂଗୃହୀତ ହୋଇଥିଲା। ମା'ଙ୍କ ପୀଠରୁ ଚୋରି ହେବା ଘଟଣାକୁ ନେଇ ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଓ ଏମ୍‌ସିଏଲ୍ ପକ୍ଷରୁ ହିଙ୍ଗୁଳା ମନ୍ଦିର ପରିସରରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଯୁକ୍ତ୨ ସ୍ୱତନ୍ତ୍ର ପରୀକ୍ଷା ଆରମ୍ଭ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)



ଭୁବନେଶ୍ୱର ବିଜେବି କଲେଜରୁ ପରୀକ୍ଷା ଦେଇ ଫେରୁଛନ୍ତି ଛାତ୍ରୀଛାତ୍ର।

ଯୁକ୍ତ୨ ସ୍ୱତନ୍ତ୍ର ଅଫ୍‌ଲାଇନ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷାରେ ପ୍ରାୟ ୧୩ହଜାର ପିଲା ପରୀକ୍ଷା ଦେଉଛନ୍ତି। ସାରା ରାଜ୍ୟରେ ଥିବା ମୋଟ ୨୦୩ଟି ପରୀକ୍ଷା ହବ୍ ମଧ୍ୟରୁ ୧୮୫ଟିକୁ ପରୀକ୍ଷା କେନ୍ଦ୍ର କରାଯାଇଛି। ଗଞ୍ଜାମରେ ସର୍ବାଧିକ ୧୪ଟି ପରୀକ୍ଷା କେନ୍ଦ୍ର ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ କୋଭିଡ୍ ଗାଇଡ୍‌ଲାଇନ ପାଳନ ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ସମୟରେ ପିଲାଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ରବିବାର ମଧ୍ୟ ପରୀକ୍ଷା ହେବ। ପରୀକ୍ଷା ସରିବାର ୧୫ ଦିନ ଭିତରେ ଫଳ ପ୍ରକାଶ ଲାଗି ସିଏଚ୍‌ଏସ୍‌ଇ ଲକ୍ଷ୍ୟ ରଖିଛି।

ସେପଟେ ଗତବର୍ଷ ସ୍ୱାସ୍ଥ୍ୟଗତ କାରଣରୁ ଯେଉଁମାନେ ପରୀକ୍ଷା ଦେଇ ନ ଥିଲେ ସେମାନଙ୍କୁ ରେଗୁଲାର ପିଲାଙ୍କ ଭଳି ଦଶମ ଆଧାରରେ ମାର୍କ ଦିଆଯାଇନାହିଁ। ଫଳରେ ପରୀକ୍ଷା ଦେବାକୁ ସେମାନେ ବାଧ୍ୟ ହେଉଛନ୍ତି। ପୂର୍ବରୁ ଏନେଇ ସିଏଚ୍‌ଏସ୍‌ଇ ସ୍ପଷ୍ଟ ନ କରି ଶେଷ ମୁହୂର୍ତ୍ତରେ ଏଭଳି ନିଷ୍ପତ୍ତି ନେଇଥିବାରୁ ଛାତ୍ରୀଛାତ୍ରମାନେ ମାନସିକ ଚାପରେ ଥିବା କହିଛନ୍ତି। ଅପରପକ୍ଷେ ଯେଉଁମାନେ ବିକଳ୍ପ ମୂଲ୍ୟାୟନରେ ସନ୍ତୁଷ୍ଟ ନାହାନ୍ତି ସେମାନଙ୍କୁ ଦ୍ୱିତୀୟ ସୁଯୋଗ ମିଳିଥିବାରୁ ପ୍ରସ୍ତୁତି ଜୋରଦାର କରିଛନ୍ତି। ରେଜଲ୍ଟ ପ୍ରକାଶ ପାଇବା ପରେ ଏହି ପିଲାଙ୍କ ପାଇଁ ଅକ୍ଟୋବର ଶେଷ ଆଡକୁ ପୁଣିଥରେ ଯୁକ୍ତ୩ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ବିନା ପରୀକ୍ଷାରେ ବିକଳ୍ପ ପଦ୍ଧତିରେ ଯୁକ୍ତ୨ ମୂଲ୍ୟାୟନ କରାଯାଇଥିଲା। କିନ୍ତୁ ମୂଲ୍ୟାୟନରେ ଅନେକ ଛାତ୍ରୀଛାତ୍ର ଅସନ୍ତୁଷ୍ଟ ଥିଲେ। ତେଣୁ ଏହି ଛାତ୍ରୀଛତ୍ରଙ୍କ ପାଇଁ ସ୍ୱତନ୍ତ୍ର ଅଫ୍‌ଲାଇନ ପରୀକ୍ଷା କରିବାକୁ ସିଏଚ୍‌ଏସ୍‌ଇ ନିଷ୍ପତ୍ତି ନେଇଥିଲା। ତେବେ ଏହି ଅଫ୍‌ଲାଇନ ପରୀକ୍ଷା ଫଳକୁ ହିଁ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଯୁକ୍ତ୩ ନାମଲେଖା ପାଇଁ ବିଚାରକୁ ନିଆଯିବ।

# ନାଳରେ ବୁଡ଼ି ଜୀବନ ଗଲା

ଜେନାପୁର, ୧।୧୦(ଡି.ଏନ.ଏ.)

ଜେନାପୁର ଥାନା ରାଇଛନ୍ଦା ପଞ୍ଚାୟତ ଅଧୀନ ରାଇଛନ୍ଦା (ଦଳେଇସାହି) ଗ୍ରାମର ଗୟାଧର ଦଳେଇ(୫୮) ନାଳରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ମୁତାବକ, ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ ଗୟାଧର ସ୍ଥାନୀୟ ତଳଗଡ଼ପଶିକୁ ବିଲ କାମ କରିବାକୁ ଯାଇଥିଲେ। କାମ ସାରି ଏକ ନାଳ ପାର ହୋଇ ଘରକୁ ଫେରୁଥିବା ବେଳେ ନାଳରେ ବୁଡ଼ି ଯାଇଥିଲେ। ସେ ଡାକ ପକାଇବାରୁ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦାନଗଦୀ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ZENITH GROUP REQUIREMENT
ZENITH INSTITUTE OF SCIENCE & TECHNOLOGY (DIPLOMA)
1. Principal for Diploma
2. Faculty & Lab. Assistant for Mechanical Branch, Civil Branch, Electrical Branch and Mining
3. Receptionist cum Counsellor
4. Peon
5. Hostel Warden both ladies and gents
6. Gardener
7. Driver (Minimum 5 years experience)
8. Data Entry Operator
ZENITH SCHOOL OF MANAGEMENT (MBA)
1. Principal
2. Administrative Officer
3. Lecturer in Finance
4. Lecturer in Operation & IT Management
5. Lecturer in Marketing & Human Research
KALINGA VISION SCIENCE HSS (+2 Sc. Residential)
1. Principal
2. Faculty for following subjects: Physics, Chemistry, Mathematics, Botany, Zoology, IT, English & Odia
3. Lab. Assistant for Physics, Chemistry & Biology
Candidates should come with complete resume. Salary and other benefits based on qualification and experience.
Date of Interview 8th & 9th October (Time: 10.30 A.M. onwards)
Address: ZENITH INSTITUTE OF SCIENCE & TECHNOLOGY
Pitapalli, Khurdha, Odisha- 752057, Mob: 8908018083, E-mail: zistorissa@gmail.com

# ପଥରରେ ଛେଚି ନାବାଳକଙ୍କୁ ହତ୍ୟା

ନିରାକାରପୁର, ୧।୧୦(ଡି.ଏନ୍.ଏ.)



ଅଭିଯୁକ୍ତ ରାଜୁଙ୍କୁ ପୋଲିସ ନେଉଛି।

- ଅଭିଯୁକ୍ତ ଗିରଫ, ବାଇକ୍ ଜବତ
- ପେଟ୍ରୋଲ ଆଣିବାକୁ ମନା କରିବାରୁ ମାରିଦେଲେ
- ପ୍ରମାଣ ନଷ୍ଟ ପାଇଁ ମୃତକଙ୍କୁ ଅନ୍ୟତ୍ର ନେଉଥିଲେ

ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳରେ ଜଣେ ନାବାଳକଙ୍କୁ ଗୁରୁବାର ରାତିରେ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଥାନା ଅଧୀନ ବେରୁଆଁପଡ଼ା ଗ୍ରାମର ସୌମ୍ୟରଞ୍ଜନ ସାମନ୍ତରାୟ ଓରଫ ରଞ୍ଜନ(୧୭)। ଏହି ଘଟଣାରେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିବା ସହ ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ରଣପୁର ଥାନା ଅନ୍ତର୍ଗତ ସୁଆଁସିସାହିର ରାଜେଶ ପାଣ୍ଡି ଓରଫ ରାଜୁ(୩୦)। ଏନେଇ ଥାନାରେ ଏକ ମାମଲା (ନଂ.୨୧୯/୨୧) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ପେଟ୍ରୋଲ ଆଣିବା ପାଇଁ ମନା କରିବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ଜଙ୍କିଆ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

ସୂଚନା ମୁତାବକ, ରଣପୁର ଅଞ୍ଚଳରେ ରାଜୁଙ୍କର ଏକ ବାଇକ୍ ଗ୍ୟାରେଜ ରହିଛି। ଏହି ଗ୍ୟାରେଜରେ ଗତ ଦେଢ଼ ମାସ ହେବ ରଞ୍ଜନ ହେଲ୍‌ପର ଭାବେ କାମ କରୁଥିଲେ। ଗୁରୁବାର ରାତିରେ ଭୋଜି ପରେ ରାଜୁଙ୍କ ବାଇକ୍‌ରେ ରଞ୍ଜନ ବୁଲୁଥିବା ବେଳେ ଗାଡ଼ିରୁ ପେଟ୍ରୋଲ ସରିଯାଇଥିଲା। ରାଜୁ କିଛି ବାଟ ଗାଡ଼ିକୁ ଠେଲି ଠେଲି ନେଇଥିଲେ। ଏହାପରେ ପେଟ୍ରୋଲ ଆଣିବାକୁ ରଞ୍ଜନଙ୍କୁ କହିଥିଲେ। ତେବେ ସେ ପେଟ୍ରୋଲ ଆଣିବାକୁ ମନା କରିବାରୁ ରାଜୁ ଉତ୍ତ୍ୟକ୍ତ ହୋଇ ରଞ୍ଜନଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ପରେ ପ୍ରମାଣ ନଷ୍ଟ କରିବା ପାଇଁ ରାଜୁ ବାଇକ୍ (ନଂ. ଓଡି ୦୨ଏଏ ୮୭୯୧)ରେ ପେଟ୍ରୋଲ ଭରିବା ସହ ଏହା ପଛରେ ରଞ୍ଜନଙ୍କୁ ବାନ୍ଧି ଖୋର୍ଦ୍ଧା ଅଭିମୁଖେ ନେଉଥିଲେ। ଜଙ୍କିଆ ଥାନା ନିକଟ ଖେଳପଡ଼ିଆ ପାର୍ଶ୍ୱସ୍ଥ ୧୬ନଂ. ଜାତୀୟ ରାଜପଥରେ ବାଇକ୍‌ଟି ଗୋରୁଙ୍କୁ ଧକ୍କା ଦେବାରୁ ରଞ୍ଜନଙ୍କ ମୃତଦେହ ତଳକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ରାଜୁଙ୍କୁ ଅଟକ ରଖିବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ଏଥିସହ ରାଜୁଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ମୃତକଙ୍କ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଥିଲା। ଶୁକ୍ରବାର ଖୋର୍ଦ୍ଧା ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଥାନାରେ ପହଞ୍ଚି ଅଭିଯୁକ୍ତ ରାଜୁଙ୍କୁ ଖୋର୍ଦ୍ଧା ନେବାବେଳେ ମୃତକଙ୍କ ପରିବାର ଲୋକେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଅଡ଼ିବସିଥିଲେ। ଏଥିଯୋଗୁ ଉତ୍ତେଜନା ଦେଖାଦେଇଥିଲା। ଥାନା ଅଧିକାରୀ ଏବଂ ଏସ୍‌ଡିପିଓ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ମୃତକଙ୍କ ମା' ଗୀତାଞ୍ଜଳି ସାମନ୍ତରାୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ରାଜୁଙ୍କୁ ଗିରଫ କରିଥିଲା। ରାଜୁଙ୍କୁ ପଚରାଉଚରା ବେଳେ ସେ ଦୋଷ ସ୍ୱୀକାର କରିଥିବା ଥାନା ଅଧିକାରୀ ଖୁଣ୍ଟିଆ କହିଛନ୍ତି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
सिजुआ, डाक : डुमुडुमा, भुवनेश्वर -751019
Sijua, P.O.-Dumuduma, Bhubaneswar-751019

No. AIIMS/BBSR/RECT/CONT. FAC./2021/912/3318 Dated: 27.09.2021

RECRUITMENT FOR VARIOUS POSTS OF FACULTY AT AIIMS BHUBANESWAR ON CONTRACTUAL BASIS- 2021

**All India Institute of Medical Sciences, Bhubaneswar** an Autonomous Institute of National Importance is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana (PMSSY)** with the aim of correcting regional imbalance in quality tertiary level healthcare in the country, and attaining self-sufficiency in graduate, postgraduate and higher medical education and training.
Applications in prescribed proforma **(hard copy only)** from Indian citizens are invited for the following post of Faculty on **CONTRACTUAL BASIS** for All India Institute of Medical Sciences, Bhubaneswar (Odisha).

| Sl. | Department | Name of post | Monthly Remuneration (Consolidated) | Age Limit | No. of Post & Category |
|---|---|---|---|---|---|
| 01 | Anaesthesiology | Assistant Professor | Rs.1,42,406/- | 50 years | 04 (UR-01, EWS-01, SC-01, ST-01) |
| 02 | Cardiology | Assistant Professor | Rs.1,42,406/- | 50 years | 01 (UR-01) |
| 03 | Medical Oncology/ Haematology | Assistant Professor | Rs.1,42,406/- | 50 years | 01 (UR-01) |
| 04 | Radio Diagnosis | Assistant Professor | Rs.1,42,406/- | 50 years | 01 (UR-01) |
| 05 | Pathology/ Lab Med. | Assistant Professor | Rs.1,42,406/- | 50 years | 01 (OBC-01) |

- Contractual engagement for all of the above post of Faculty will be only for a period of one year or till the regular Faculty joins whichever is earlier.
- For details of advertisement including educational qualifications, age and eligibility criteria etc., kindly visit the Institute's website **https://aiimsbhubaneswar.nic.in/. The last date for submission of application is 26.10.2021.**

स्वा/-
निदेशक/Director
एम्स, भुवनेश्वर/AIIMS, Bhubaneswar

**ମୃଣ୍ମୟୀ ପୂଜା ନିମନ୍ତେ ମୃତ୍ତିକା ଅନୁକୂଳ**

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ବଡ଼ପଡ଼ିଆ ପୋର୍ଟ ବଣିକସଂଘ ପକ୍ଷରୁ ଦୁର୍ଗାପୂଜା ନିମନ୍ତେ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଷୋଡଶ ଦିନାତ୍ମକ ପୂଜା ଉପଲକ୍ଷେ ରୀତିନୀତି ଅନୁଯାୟୀ ମାଟି ଅନୁକୂଳ ହୋଇଛି। ସଂଘର ସଦସ୍ୟ ଓ ପୂଜକମାନେ ଦୁର୍ଗା ମନ୍ଦିରରୁ ବାହାରି ଲକ୍‌ପଡା ନିକଟ କାଉଡିଆ ନଦୀ ତଟରୁ ମାଟି ସଂଗ୍ରହ କରିଥିଲେ।

# ଜିଲାରେ ବଢୁଛି ସମସ୍ୟା, ସମାଧାନ ନାହିଁ

- ଜିଲା ବାହାରେ ଦାଦନ ଖଟୁଛନ୍ତି ଯୁବବର୍ଗ
- ରାଜନେତା, ପ୍ରଶାସକଙ୍କ ମଧ୍ୟରେ ନାହିଁ ସମନ୍ୱୟ

କେନ୍ଦ୍ରାପଡ଼ା ଅଫିସ, ୧।୧୦

କେନ୍ଦ୍ରାପଡ଼ା ଜିଲା ଗଠନକୁ ଇତିମଧ୍ୟରେ ୨୭ ବର୍ଷ ପୂରିଛି। ଖଣି, ଶିଳ୍ପ ବିହୀନ ଜିଲାରେ ଚାଷ ଓ ମାଛ ଜୀବନ ଜୀବିକା ହୋଇଛି। ମାନବ ସମ୍ବଳର ଉପଯୋଗ ପାଇଁ ସ୍ୱତନ୍ତ୍ର ଯୋଜନା ନାହିଁ। କର୍ମନିଯୁକ୍ତି ପାଇଁ ଯୁବବର୍ଗଙ୍କୁ ଜିଲା ବାହାରକୁ ଯିବାକୁ ପଡୁଛି। ରାଜନେତା ଓ ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ତୃଣମୂଳସ୍ତରରେ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଜିଲାର ସମସ୍ତ ବିଧାୟକ ଓ ଏମ୍‌ପି ପଦ ହାତେଇଥିଲା। ଜିଲାରେ ବିଭିନ୍ନ ସମସ୍ୟା ବଢୁଥିବା ବେଳେ ଏହାର ସମାଧାନ କରାଯାଉନାହିଁ; ଯାହାର ପ୍ରତିଫଳନ ଆସନ୍ତା ପଞ୍ଚାୟତ, ପୌର ନିର୍ବାଚନ ଉପରେ ପ୍ରଭାବ ପକାଇବ ବୋଲି ସାଧାରଣ ଲୋକ ମତ ରଖୁଛନ୍ତି।

### ୧୭ ଗାଁକୁ ସଡ଼କ ଯୋଗାଯୋଗ ପଥ ନାହିଁ



ପ୍ରତି ଗ୍ରାମକୁ ସୁଗମ ପଥ, ଶୁଦ୍ଧ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ଆବଶ୍ୟକତାର ପୂରଣ ସହ ଲୋକ ସମ୍ବଳକୁ ଉପଯୋଗ କରିବା ଦ୍ୱାରା ଆର୍ଥିକ ବିକାଶର ଅଗ୍ରଗତି ହୁଏ। ହେଲେ ଜିଲାର ୧୭ ପଞ୍ଚାୟତକୁ ଅଦ୍ୟାବଧି ସଡ଼କ ଯୋଗାଯୋଗ ପଥ ହୋଇନାହିଁ। ଚାଷୀ ଜଳ ପରିଚାଳନାର ସମସ୍ୟାରେ ପଡିଛନ୍ତି। ଜଳସେଚନ ସହ ଜଳ ନିଷ୍କାସନ ଚାଷୀଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ଜିଲାର ଦୁଇ ପୌରାଞ୍ଚଳରେ ଜନସଂଖ୍ୟାର ବୃଦ୍ଧି ସହ ତାଳ ଦେଇ ଜବରଦଖଲ ବଢୁଛି। ସହରର ଶ୍ୟାମଗୁଡିଆଠାରେ ୧୦୦ ଶଯ୍ୟା ବିଶିଷ୍ଟ ଶିଶୁ ଓ ମାତୃମଙ୍ଗଳ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଅନିଶ୍ଚିତତାରେ ଅଛି। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଗୁରୁତ୍ୱ ଦିଆଯାଉନାହିଁ। ପର୍ଯ୍ୟଟନ ଶିଳ୍ପ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିଲେ ମଧ୍ୟ ପ୍ରଶାସକ ଓ ରାଜନେତାଙ୍କ ଭିଜନ ଡକ୍ୟୁମେଣ୍ଟରେ ଏହା ସ୍ଥାନ ପାଉନାହିଁ ।

**– ରାଜକିଶୋର ସ୍ୱାଇଁ, ଆଳି, କେନ୍ଦ୍ରାପଡ଼ା**

### କେନାଲ ଶେଷ ମୁଣ୍ଡରେ ପହଞ୍ଚୁନି ପାଣି



ରାଶନ କାର୍ଡ, ବାସଗୃହ ଯୋଜନାରେ ବହୁ ବ୍ୟତିକ୍ରମ ରହିଛି; ଯାହା ଆସନ୍ତା ପଞ୍ଚାୟତ ନିର୍ବାଚନରେ ରାଜନେତାଙ୍କ ପାଇଁ ବୁମେରାଂ ହେବ। କେନ୍ଦ୍ରାପଡ଼ା ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ଅଛି। ତେବେ ଏହାର ସୁରକ୍ଷା, ପରିଚାଳନା ପ୍ରତି ରାଜନେତା ଓ ପ୍ରଶାସକଙ୍କ ଆଗ୍ରହ ନାହିଁ। ସାମୁଦ୍ରିକ ଝଡ଼, ବନ୍ୟା ସମୟରେ ସ୍ଥାନାନ୍ତରଙ୍କ ସଂଖ୍ୟା, ବିଭିନ୍ନ କ୍ଷତିକୁ ଅଧିକ ଦେଖାଇ ଅନୁଦାନ ଅର୍ଥ ହଡ଼ପ କରିବା ପ୍ରଶାସକ ଓ ରାଜନେତାଙ୍କ ମୂଳ ଲକ୍ଷ୍ୟ ହୋଇଛି। ଚାଷ ଏଠାରେ ଅର୍ଥନୀତିକୁ ପରିଚାଳନା କରୁଥିବା ବେଳେ ଜଳ ସମ୍ପଦ, ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ବିଭାଗ ଆଦିର ଜିଲା ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। କେନାଲର ଶେଷ ମୁଣ୍ଡରେ ପାଣି ପହଞ୍ଚୁ ନ ଥିଲେ ମଧ୍ୟ ରାଜନେତା ନୀରବ ରହୁଛନ୍ତି।

**– ସଚ୍ଚିକାନ୍ତ ବେହେରା,ବୁଦ୍ଧିଜୀବୀ, କେନ୍ଦ୍ରାପଡ଼ା**

### ଲୁଣାବନ୍ଧ ଭାଙ୍ଗି ଚାଷକୁ ନଷ୍ଟ କରୁଛି



ରାଜନଗର ଓ ମହାକାଳପଡା ବ୍ଲକ ଜିଲାର ବଙ୍ଗୋପସାଗର କୂଳରେ ଅଛି। ଲୁଣା ବନ୍ଧ ଭାଙ୍ଗି ସମୁଦ୍ର ଜୁଆର ଚାଷକୁ ନଷ୍ଟ କରୁଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସହ ତଟକ୍ଷୟ ଏହି ଅଞ୍ଚଳ ପାଇଁ ପ୍ରମୁଖ ସମସ୍ୟା ହୋଇଛି। ତଟକ୍ଷୟ ପାଇଁ ସାତଭାୟାବାସୀ ବଗପାଟିଆକୁ ସ୍ଥାନାନ୍ତର ହୋଇଥିଲେ ମଧ୍ୟ ଥଇଥାନ ସ୍ଥଳର ଉନ୍ନତୀକରଣ ଅଦ୍ୟାବଧି ହୋଇନାହିଁ। ଦୁଇ ବ୍ଲକ ଅଞ୍ଚଳର ସମସ୍ତ ଗ୍ରାମକୁ ସଡ଼କପଥ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ପରି ମୌଳିକ ଆବଶ୍ୟକତା ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ।

**– କରୁଣାକର ବେହେରା, ରାଜନଗର**

### କର୍ମନିଯୁକ୍ତି ଅପେକ୍ଷାରେ ଯୁବବର୍ଗ



ଶିକ୍ଷକ, ଡାକ୍ତର ପଦବୀ ପୂରଣ ପାଇଁ ବହୁବାର ଦାବି ହୋଇଛି। କର୍ମ ନିଯୁକ୍ତି ଅପେକ୍ଷାରେ ଥିବା ଯୁବବର୍ଗ ଏବେ ଆପରାଧିକ କାର୍ଯ୍ୟକଳାପରେ ସାମିଲ ହେଉଛନ୍ତି। ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କ ଅନୁପ୍ରବେଶ ବଢ଼ିଛି। ଆପରାଧିକ କାର୍ଯ୍ୟକଳାପ ରୋକିବାରେ ଜିଲା ପୋଲିସ ବିଫଳ ହୋଇଛି। ଏବେ ଜିଲାରେ ଖରସ୍ରୋତା ପାଣି ବିବାଦ ଦେଖାଦେଇଛି। ପ୍ରକଳ୍ପ ପୂର୍ବରୁ ସ୍ଥାନୀୟ ରାଜନେତା ଓ ପ୍ରଶାସକ ଏ ନେଇ ଜନସଚେତନତା କରିବା କଥା। ସେହିପରି ପ୍ରକଳ୍ପ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଜୀବନ ଜୀବିକା ଓ ଭିତରକନିକା ଜୈବ ବିବିଧତା ସୁରକ୍ଷା ସମ୍ପର୍କରେ ଅନୁଧ୍ୟାନ କରାଯାଇନାହିଁ। ତେବେ ପ୍ରଶାସକ ଓ ରାଜନେତା ଜିଲାବାସୀଙ୍କ ହିତ ଅପେକ୍ଷା ଜୋରଜବରଦସ୍ତ ପ୍ରକଳ୍ପ କାମ କରିବା ପରିଣାମ ଆସନ୍ତା ନିର୍ବାଚନ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇବ।

**–ଅମରବର ବିଶ୍ୱାଳ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା**

Khadi India
आज़ादी का अमृत महोत्सव



Greetings from
**Khadi & Village Industries Commission**
Ministry of MSME, Govt. of India, State Office, Bhubaneswar, Odisha
works for
**Self-reliant India**
through its schemes

- PMEGP
- KHADI
- KRDP
- SFURTI
- MPDA
- GRAMODYOG VIKAS YOJANA (GVY)
- SKILL TRAINING

VISTAAR FINANCE
ଭିସ୍ତାର୍ ଫାଇନାନ୍ସ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍
CIN: U67120KA1991PTC059126, RBI Registration No. B-02.00251
ରେଜିଷ୍ଟର୍ଡ ଅଫିସ୍: ପ୍ଲଟ୍ ନଂ.59 ଏବଂ 60 -23, 22 ତମ କ୍ରସ୍, 29ତମ ମେନ୍, ବିଟିଏମ୍ ଲେଆଉଟ୍, 2ୟ ଷ୍ଟେଜ୍, ବାଙ୍ଗାଲୋର-560076.

**ଶାଖା ସ୍ଥାନାନ୍ତରଣ ପାଇଁ ସୂଚନା**

ଏତଦ୍ୱାରା ସୂଚନା ଦିଆଯାଉଛି ଯେ ପରିଚାଳନ କାରଣ ରୁ ଆମ ଶାଖା କାର୍ଯ୍ୟାଳୟ ପ୍ଲଟ୍ ନଂ-୩୦୯୮, ପ୍ରଥମ ମହଲା, ବାହାର ବିସିନାବର, ଲିଙ୍କ ରୋଡ୍, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଉପରେ, କଟକ – 753014, ଓଡିଶାରେ ସ୍ଥିତ ଶାଖା କାର୍ଯ୍ୟାଳୟକୁ ପରିଚାଳନ କାରଣ ରୁ ସ୍ଥାନାନ୍ତରିତ କରିବା ପାଇଁ ନୋଟିସ୍ ଦିଆଯାଉଅଛି, ଯେକୌଣସି ଦାବି/ବକେୟା ରାଶି ମାମଲାରେ ଏବଂ କୌଣସି ଅଭିଯୋଗ ପାଇଁ ଦୟାକରି ନିମ୍ନଲିଖିତ ଠିକଣାରେ ସମ୍ପର୍କ କରନ୍ତୁ।
ଠିକଣା : ଭିସ୍ତାର୍ ଫାଇନାନ୍ସ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍
2ୟ ମହଲା, ଗୋପିନାଥ ନିଲୟମ୍, ଶ୍ରମିକ ଭବନ ପଛ – ସୂର୍ଯ୍ୟ ବିହାର, ଲିଙ୍କ ରୋଡ୍ ,
କଟକ- 753012
ଟେଲିଫୋନ୍ ନଂ: 7077311344 / 9348184534
ଇମେଲ୍ : cm.cuttack@vistaarfinance.com, bm.cuttack@vistaarfinance.com
ops.cuttack@vistaarfinance.com
ଭିସ୍ତାର ଫାଇନାନ୍ସ ସର୍ଭିସ୍ ପିଭିଟି ଲିମିଟେଡ୍ ଏସ୍‌ଡି
ସ୍ଥାନ : ବାଙ୍ଗାଲୋର୍
ପ୍ରାଧିକୃତ ହସ୍ତାକ୍ଷର

## ଜବତ ଗୋରୁ ଉଦ୍ଧାର, ୧ ମୃତ

**ବେଆଇନ ଗୋରୁ ଗାଡ଼ି ଜବତ ଘଟଣା**

- ଡ୍ରାଇଭର ଓ ହେଲପର କୋର୍ଟ ଚାଲାଣ

ଡେରାବିଶ,୧।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଚାନ୍ଦୋଳ ଫାଣ୍ଡି ପୋଲିସ ଗୁରୁବାର ରାତିରେ ବେଆଇନ ଚାଲାଣ ହେଉଥିବା ଗୋରୁ ଗାଡିକୁ ଜବତ କରିଥିଲା। ଗାଡି ମଧ୍ୟରୁ ୩୨ ଗୋରୁଙ୍କୁ ଜବତ କରାଯାଇଥିବାବେଳେ ସେଥିମଧ୍ୟରୁ ଏକ ଗାଈର ମୃତ୍ୟୁ ଘଟିଥିଲା। ଏହି ଚାଲାଣରେ ସମ୍ପୃକ୍ତ ଟ୍ରକର ଡ୍ରାଇଭର ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ନନ୍ଦ କୁମାର ଥାନା ଶ୍ରୀଧରପୁରର ଶେଖ୍ ସବିର ଅଲ୍ଲି (୩୫) ଓ ହେଲ୍ପର ଭଦ୍ରକ ଜିଲା ଗୁଡ଼ିଦରଜା ଗାଁର ହାକିମୁଦ୍ଦିନ୍ ସାହା (୩୬)ଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ନଂ. ୫୪୩/୨୧ରେ ମାମଲା ରୁଜୁ ହୋଇଛି। ଗିରଫ ୨ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ କେନ୍ଦ୍ରାପଡ଼ା ବାରିମୂଳ ସବ୍ ଜେଲକୁ ପଠାଇ ଦିଆଯାଇଛି। ସେହିପରି ଜବତ ହୋଇଥିବା ଗୋରୁଙ୍କୁ ଫାଣ୍ଡି ନିକଟରେ ଏକ ଗୋଦାମ ଗୃହରେ ରଖି ସେମାନଙ୍କ ଆଶୁ ଚିକିତ୍ସା ସହ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ଗୋରୁମାନଙ୍କୁ ଶୁକ୍ରବାର କଟକ ଜିଲା ମାହାଙ୍ଗା ବ୍ଲକର ମାଣିତ୍ରୀସ୍ଥିତ ଦେବଦତ୍ତ ଶତପଥୀଙ୍କ ଦ୍ୱାରା ପରିଚାଳିତ ଆନନ୍ଦ ବିହାର ଗୋଆଶ୍ରମକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ବେଆଇନ ଭାବେ ଗୋଚାଲାଣ ହେଉଥିବା ଏକ ଗୋରୁ ବୋଝେଇ ଟ୍ରକକୁ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ଜବତ କରିଥିଲେ।

ସୂଚନାଯୋଗ୍ୟ, କଟକ-ଚାନ୍ଦବାଲି ରାଜରାସ୍ତା ବେଆଇନ ଗୋଚାଲାଣକାରୀଙ୍କ ଚରାଭୂଇଁ ପାଲଟିଛି। ପ୍ରତିଦିନ କଟକ ଜିଲା ସୁକରପଡ଼ା ଅଞ୍ଚଳରୁ କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳ ବାଟ ଦେଇ ବିଭିନ୍ନ ଜିଲା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟକୁ ଅତି ସନ୍ତର୍ପଣ ସହକାରେ ଗୋଚାଲାଣ କରାଯାଉଛି। ୧୪ ରୁ ୧୬ ଚକିଆ ଉଚ୍ଚ ଡାଲା ଥିବା ଟ୍ରକ୍‌ରେ ଗୋରୁଙ୍କ ଗୋଡ଼ ଓ ମୁଣ୍ଡକୁ ଏକାଠି ବାନ୍ଧି ଅମାନୁଷିକ ଭାବେ ଚାଲାଣ କରାଯାଉଛି। ଫଳରେ ଅଧିକାଂଶ ସମୟରେ ଗୋମାତା ଅଣନିଃଶ୍ୱାସୀ ହୋଇ ଟ୍ରକ ଡାଲରେ ମୃତ୍ୟୁ ମୁଖରେ ପଡୁଛନ୍ତି।



ଜବତ ଗୋରୁଙ୍କୁ ଗୋଦାମ ଘରେ ଖାଇବାକୁ ଦିଆଯାଉଛି।

## ସ୍ତ୍ରୀ, ଶିଶୁପୁତ୍ରକୁ ହତ୍ୟା ଉଦ୍ୟମ: ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିଗୁଡ଼ା, ୧।୧୦(ସ୍ୱ.ପ୍ର.)

ବାଲିଗୁଡ଼ା ଥାନା ଅନନ୍ତପୁର ଫାଣ୍ଡି ଅଞ୍ଚଳରେ ସ୍ତ୍ରୀ ଓ ଶିଶୁ ପୁତ୍ରକୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଅନନ୍ତପୁର ଫାଣ୍ଡି ଅଧୀନ ବ୍ରାହ୍ମଣଡ଼ିହି ଗାଁର ବୁଲୁନା ସାହୁ ଓରଫ ଫୁଲିଆ । ସେ ଏହି ଫାଣ୍ଡି ଅଧୀନ ନେନ୍ଧେରା ଗାଁର ଶ୍ରୀହରି ମଣ୍ଡଳଙ୍କ ଝିଅ ମିନାରାଣୀକୁ ବିବାହ କରିଥିଲେ । ଉଭୟଙ୍କର ଏକ ଶିଶୁପୁତ୍ର ରହିଛି । ମିନାଙ୍କ ଉପରେ ବହୁ ସମୟରେ ଫୁଲିଆ ଅତ୍ୟାଚାର କରୁଥିଲେ। ଏହାକୁ ସହି ନ ପାରି ମିନା ୨ ବର୍ଷ ହେବ ଶିଶୁପୁତ୍ରକୁ ଧରି ବାପ ଘରକୁ ଚାଲିଯାଇଥିଲେ। ଏନେଇ ସେ କୋର୍ଟରେ ମାମଲା ମଧ୍ୟ ରୁଜୁ କରିଛନ୍ତି। ଏହା ବିଚାରାଧୀନ ରହିଛି। ଗତ ୨ ଦିନ ତଳେ ଫୁଲିଆ ଏକ କଟୁରୀ ନେଇ ଶଶୁର ଘରେ ପହଞ୍ଚି ଥିଲେ । ମିନା କବାଟ ଖୋଲିବାବେଳକୁ ଅଭିଯୁକ୍ତ ତାଙ୍କୁ ଓ ଶିଶୁପତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। କୌଶଳକ୍ରମେ ମିନା ପୁଅକୁ ଧରି ଖସି ଆସିବା ସହ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଫୁଲିଆଙ୍କୁ ଗୁରୁବାର ପୋଲିସ ଅଟକ ରଖିଥିବା ବେଳେ ଶୁକ୍ରବାର କୋର୍ଟ ଚାଲାଣ କରିଛି।

**SHREE JAGANNATH TEMPLE OFFICE, PURI**
Tender Call Notice No. 05/2021 (Elec.) Dt.04.09.2021
"Tender Call Notice for AMC of Coloured LED Display Board with repair and maintenance under SJTA" Visit website: **www.shreejagannatha.in**.
Last date: 07.10.2021 by 3.30 P.M.
Sd./- Administrator
Shri Jagannath Temple, Puri

**କଟକ ମହାନଗର ନିଗମ**
ଚୌଧୁରୀ ବଜାର, କଟକ
No- 9567 **ବିଜ୍ଞାପନ** Date-01.10.2021
ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଦ୍ୱାରା ସ୍ଥାନୀୟ ରାମ ଶଙ୍କର ମାର୍କେଟ କମ୍ପଲେକ୍ସ, ଚୌଧୁରୀ ବଜାର, କଟକ ତଳ ମହଲାରେ ନିର୍ମାଣ ହୋଇଥିବା ଦୁଇଗୋଟି ବଡ଼ ଗୃହ ଗୋଟିଏକୁ ଟ.୨୪୦୦/- ଏବଂ ଅନ୍ୟ ଗୋଟିକୁ ୨୫୦୦/- ଟଙ୍କାରେ ତା.୧୭.୦୯.୨୦୨୧ ରିଖରେ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯିବାକୁ ସ୍ଥିର କରାଯାଇଥିଲା, କିନ୍ତୁ ଅନିର୍ବାର୍ଯ୍ୟ କାରଣ ବଶତଃ ବର୍ତ୍ତମାନ ଏହି ଆବଣ୍ଟନ ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖାଗଲା।
ସ୍ୱା/- ଆୟୁକ୍ତ, କଟକ ମହାନଗର ନିଗମ

### ସଂକ୍ଷେପରେ

**ଏବିଡିଙ୍କୁ ମାଡ଼ ଘଟଣା : ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ**

ବାଲିଗୁଡ଼ା, ୧।୧୦(ସ୍ୱ.ପ୍ର.): ବାଲିଗୁଡ଼ା ବ୍ଲକ କାର୍ଯ୍ୟାଳୟରେ ଏବିଡିଓ ସଞ୍ଜୟ ଦାସଙ୍କୁ ଚାନ୍ଦା ମାଗି ଗାଳିଗୁଲଜ ଓ ମାଡ଼ ମାରିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୁଶୁପୁର ପଞ୍ଚାୟତ ତନ୍ତୁବେଲାରି ଗାଁର ସୁରେଶ ଲେଙ୍କା ଓ ଅନନ୍ତପୁର ପଞ୍ଚାୟତ ଜଗନ୍ନାଥପୁର ଗାଁର ଚରଣ ସ୍ୱାଇଁ। ଏନେଇ ଥାନାରେ ମାମଲା (ନଂ.୩୪୪/୨୧) ରୁଜୁ କରଯାଇଛି।ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତ୍‌କୁ ପଠାଇ ଦିଆଯାଇଛି। ପୋଲିସ ଉଭୟ ଅଭିଯୁକ୍ତଙ୍କ ପୁରୁଣା ଆପରାଧିକ ରେକର୍ଡ ଯାଞ୍ଚ କରିଛି। ସୁରେଶଙ୍କ ନାମରେ ବାଲିଗୁଡ଼ା ଥାନାରେ ପୂର୍ବରୁ ୭ ଓ ଚରଣଙ୍କ ନାମରେ ୩ ମାମଲା ରହିଛି। ଅଭିଯୁକ୍ତଙ୍କୁ ଅଧିକ ପଚରାଉଚୁରା ନିମନ୍ତେ କୋର୍ଟରେ ଆବେଦନ କରାଯିବ ବୋଲି ବାଲିଗୁଡ଼ା ପୋଲିସ କହିଛି।

**ବର୍ଜ୍ୟବସ୍ତୁରେ ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ**

ପାରାଦୀପ,୧।୧୦(ସ୍ୱ.ପ୍ର.): ପାରାଦୀପ ପୌର ପ୍ରଶାସନିକ ସମ୍ମିଳନୀ କକ୍ଷରେ ଶୁକ୍ରବାର ୱେଷ୍ଟ ଭିତ୍ତିକ ପ୍ରଦର୍ଶନୀ ମେଳା ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଭିନ୍ନ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ବିଶେଷ କରି ଗୁଟଖା ଜରି, ଚିରା ଶାଢୀ, ଛିଣ୍ଡା ଜାଲ, ଧୂପ ଖୋଳ, ଆଇସକ୍ରିମ କାଠି ଆଦିରୁ ପ୍ରସ୍ତୁତ ବିଭିନ୍ନ ଘରକରଣା ସାମଗ୍ରୀ ପ୍ରଦର୍ଶିତ କରାଇଥିଲା। । ଏଥିରେ ୧୩ ଜଣ ମହିଳା ଭାଗ ନେଇଥିଲେ। ଷଣ୍ଢକୁଦର ପିଗାରାମା ନାମକ ମହିଳା ପ୍ରଥମ ହୋଇଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ଭ୍ୟାନିଟି ବ୍ୟାଗ ଆର୍କଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଏହି ବ୍ୟାଗ ଗୁଟଖା ଜରିରେ ତିଆରି ହୋଇଥିଲା। କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ, ଯନ୍ତ୍ରୀ ଦୁର୍ଯ୍ୟୋଧନ ପଟେଲ ପ୍ରମୁଖ ଯୋଗଦେଇଥିଲେ।

## ରାସ୍ତା ବନ୍ଦକୁ ବିରୋଧ: ମହିଳାଙ୍କୁ ଆକ୍ରମଣ

**ଥାନାରେ ୨ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଶୂନ**

ରାଜନଗର, ୧।୧୦(ଡି.ଏନ.ଏ.)

ଘରକୁ ଯାଇଥିବା ଏକ ରାସ୍ତାକୁ ବନ୍ଦ କରାଯାଉଥିବା ବେଳେ ଜଣେ ମହିଳା ବିରୋଧ କରିବାରୁ ତାଙ୍କ ସଂଘବଦ୍ଧ ଭାବେ ୫ଜଣ ମହିଳା ଆକ୍ରମଣ କରିବାରୁ ସେ ଗୁରୁତର ହୋଇଛନ୍ତି। ଏହାକୁ ନେଇ ରାଜନଗର ଥାନାରେ ୨ଟି ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ମାମଲା ରୁଜୁ ହୋଇଛି। ହେଲେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନହିଁ। ସୂଚନାଯୋଗ୍ୟ ଏହି ଥାନା ଅନ୍ତର୍ଗତ ବ୍ରାହ୍ମଣସାହି ପଞ୍ଚାୟତ ଜୟପୁର ଗାଁର କାଳନ୍ଦି ମଳିକଙ୍କ ପରିବାର ତାଙ୍କ ନିଜ ଜମିରେ ଘର କରି ରହୁଛନ୍ତି। ତାଙ୍କ ଘର ଆଗରେ ଥିବା ସରକାରୀ ଜମି ଦେଇ ରାସ୍ତାକୁ ବାହାରିଥାନ୍ତି। ତାଙ୍କ ଘର ଆଗରେ ଥିବା ଜମିକୁ ସେହି ଗାଁର କେତେଜଣ ପ୍ରଭାବଶାଳୀ ଲୋକ ଜବରଦଖଲ କରିଛନ୍ତି। କାଳନ୍ଦି ଏ ନେଇ ବର୍ଷେ ହେଲା ରାଜନଗର ତହସିଲକୁ ଦୌଡି ଦୌଡି ନୟାନ୍ତ ହେଲେଣି। ସେପ୍ଟେମ୍ବର ୨୯ରେ କାଳନ୍ଦିଙ୍କ ଘର ଆଗରେ ସେହି ଗାଁର ଶ୍ରୀଧର ସ୍ୱାଇଁ ବାଡ ପୋତିବା ଆରମ୍ଭ କରିଥିଲେ। କାଳନ୍ଦିଙ୍କ ସ୍ତ୍ରୀ ଜାନକୀ (୬୦) ଏହାକୁ ବିରୋଧ କରିଥିଲେ। ଫଳରେ ଶ୍ରୀଧର ସ୍ୱାଇଁ, ବିଜୟ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ପ୍ରେମଲତା ସ୍ୱାଇଁ, ଲୋପାମୁଦ୍ରା ସ୍ୱାଇଁ, ଶକୁନ୍ତଳା ସ୍ୱାଇଁ, ଅଜୟ ସ୍ୱାଇଁ, ପାଗିଳି ସ୍ୱାଇଁ, ଅନ୍ନପୂର୍ଣ୍ଣା ସ୍ୱାଇଁ ପ୍ରମୁଖ ଏକାଠି ହୋଇ ଜାନକୀଙ୍କୁ ଗାଳିଗୁଲଜ କରିବା ସହ ୫ ଜଣ ମହିଳା ଏକାଠି ହୋଇ ମାଡ ମାରିଥିଲେ। ତଳେ ଫୋପାଡି, ତଣ୍ଟି ଚିପି ମିଳିତ ଭାବେ ଏକ କଣ୍ଟାବାଡରେ ଫୋପାଡି ଦେଇଥିଲେ। ବୋହୂ ନିରୁପମା ଆସି ଧରିବାରୁ ତାଙ୍କୁ ଗାଳିଗୁଲଜ ସହିତ ତାକୁ ପିନ୍ଧା ଲୁଗାକୁ ଟଣାଓଟରା କରି ଜୀବନରୁ ମାରି ଦେବା ଉଦ୍ଦେଶ୍ୟରେ ମାଡ ମାରିଥିଲେ ବୋଲି ଜାନକୀ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଶ୍ରୀଧର ସ୍ୱାଇଁଙ୍କ ସ୍ତ୍ରୀ ଅମରି ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ତାଙ୍କ ଜାଗାରେ ବାଡ ପୋତିବା ସମୟରେ ନିରଞ୍ଜନ ମଳିକ, ମିନତୀ ମଳିକ, ଜାନକୀ ମଳିକ, ନମିତା ମଳିକ ପହଞ୍ଚି ଗାଳିଗୁଲଜ କରିବା ସହ ତଳେ ପକାଇ ମାଡ ମାରିଥିଲେ। ନିରଞ୍ଜନ ମାରଣାସ୍ତ୍ର ଧରି ମୋ ବେକକୁ ମାରିବା ସମୟରେ ହାତ ଦେଖାଇ ଦେବାରୁ କଟି ଯାଇଛି। ମାତ୍ର ଏହି ଗଣ୍ଡଗୋଳର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଭାଇରାଲ ଭିଡିଓରେ ଜାନକୀଙ୍କୁ ୫ ଜଣ ମହିଳା ମିଳିତ ଭାବେ ମାଡ ମାରୁଛନ୍ତି। ଚୁଟି ଘୋଷାଡି, ତଳେ ପକାଇ ମାଡ ମାରିବା ଯୋଗୁ ଜାନକୀ ବେହୋସ ହେବା ପରେ ମହିଳାମାନେ ଚାଲି ଯାଉଥିବା ଦେଖିବାକୁ ମିଳିଛି। ଜାନକୀଙ୍କୁ ୫ ଜଣ ମହିଳା ମାଡମାରିବାରୁ ସେ ଗୁରୁତର ଆହତ ହୋଇ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ଏହି ଘଟଣାରେ ପୋଲିସ ଏଯାଏ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଆଇଆଇସି ତପନ କୁମାର ନାୟକଙ୍କୁ ପଚାରିବାରୁ ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଦୁଇଟି ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

## ନଦୀ ପଠାଜମିକୁ ବେଆଇନ ଲିଜ୍

**ଥାନା ଓ ତହସିଲରେ ଅଭିଯୋଗ**

କୁଜଙ୍ଗ,୧।୧୦(ଡି.ଏନ୍.ଏ.)

କୁଜଙ୍ଗ ତହସିଲ ଦେଇ ପ୍ରବାହିତ ସାହାରାପେଣ୍ଠ ମତ୍ସ୍ୟଦିଆ ସଇରାତର ଶାମୁକାଡିମୁଣ୍ଡା ନଦୀ ପଠା ଜମିକୁ ବେଆଇନଭାବେ ଲିଜ୍ ଆକାରରେ ଦିଆଯାଇଛି। ଏନେଇ କୈବର୍ତ୍ତ୍ୟମାନଙ୍କ ତରଫରୁ ଶୁକ୍ରବାର କୁଜଙ୍ଗ ଥାନା ଓ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। କୈବର୍ତ୍ତ୍ୟ ସମାଜର ସୁବ୍ରତ ମାଝିଙ୍କ ଅଭିଯୋଗ ଅନୁଯାୟୀ, ୨୦୧୯ରେ ଶାମୁକାଡିମୁଣ୍ଡ ନଦୀର ଭିତରଗଡ ମୌଜାର ଖାତା ନଂ.୧, ପ୍ଲଟ ନଂ.୫୪ରେ ଥିବା ୨୩ ଏକର ୬୨ ଡିସିମିଲ ଜମିକୁ ୬୦ ବର୍ଷ ପାଇଁ ଲିଜ୍‌ରେ ଦିଆଯାଇଥିଲା। ସେଠାରେ ଏବେ ପ୍ରାଚୀର ନିର୍ମାଣ କରାଯାଇଛି। ଏହାକୁ ଲିଜ୍‌ରେ ଦେବା ବେଳେ ଅତିରିକ୍ତ ତହସିଲଦାର ଡ. ପୂଜା ଲେଙ୍କା ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ଥିଲେ ବୋଲି ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ନଦୀ ପୋତାଯିବା ଫଳରେ ମାଛ ଧରି ନ ପାରି କୈବର୍ତ୍ତମାନେ ନିଜର କୌଳିକ ବୃତ୍ତି ହରାଇଛନ୍ତି। ତୁରନ୍ତ ଉକ୍ତ ନଦୀକୁ ମୁକ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମାଝି ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିପିନ ବିହାରୀ ପଣ୍ଡା, ମିହିର କୁମାର ପାତ୍ର, ମିନତୀ ମାଝି, ଅନିତା ମାଝି, ଅର୍ଚ୍ଚନା ମାଝି ପ୍ରମୁଖ ଉପସ୍ଥିତ ଥିଲେ।ଏହାକୁ ଲେଙ୍କା ଖଣ୍ଡନ କରିଥିବାବେଳେ ସେତେବେଳେ ସେ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ନ ଥିଲେ ବୋଲି କହିଛନ୍ତି। ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଦିଆଯାଇଛି ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଓ ଥାନା ଅଧିକାରୀ ସର୍ବେଶ୍ୱର ବେହେରା କହିଛନ୍ତି, ତଦନ୍ତ ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ନଦୀ ବନ୍ଦାଣ ଉତ୍ସବ

ତିର୍ତ୍ତୋଲ, ୧।୧୦ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ ତାରତୋଲ ଗଡା ନିକଟ ମହାନଦୀରେ ଶୁକ୍ରବାର ନମାମି ଗଙ୍ଗେ କାର୍ଯ୍ୟକ୍ରମ ଓ ନଦୀ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନମାମି ଗଙ୍ଗେ ସମିତି ସଦସ୍ୟ ହରିହର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତି ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପଣ୍ଡିତ ଅଭୟ କୁମାର ଦାଶ ଏବଂ ପ୍ରଭାତ କୁମାର କର ବେଦ ପାଠ ସହ ହବନି ଓ ଦୀପଦାନ କରିଥିଲେ। ପରେ ପୁଷ୍ପାଞ୍ଜଳି ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ହୃଷିକେଶ ଜେନା, ବିଜୟ କୁମାର ଦାଶ, ପ୍ରମୋଦ ପ୍ରଧାନ, ତପନ ବେହେରା, ନିର୍ଲିପ୍ତ ଜେନା, ଜଗନ୍ନାଥ ସ୍ୱାଇଁ ଓ ଚୌଧୁରୀ ବିଜୟ ସୂତାର ପ୍ରମୁଖ ସାମିଲ ହୋଇଥିଲେ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMIBBS2021055 ତା.28.09.2021ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା-ବଲାଙ୍ଗୀର ନୂଆ ବ୍ରୋଡ୍ ଗେଜ୍ (B.G.) ରେଳ ଲିଙ୍କ୍ ପ୍ରକଳ୍ପର ବୁଗୁଡ଼ା ଠାରୁ କି.ମି.143 ପର୍ଯ୍ୟନ୍ତ ଜେନେରାଲ ଆରେଞ୍ଜମେଣ୍ଟ ଡ୍ରଇଂ (GAD) ର ପ୍ରସ୍ତୁତି ସହିତ ବଡ଼ ଏବଂ ଛୋଟ ପୋଲଗୁଡ଼ିକ ନିମନ୍ତେ ଜଳ ମାର୍ଗ ଗଣନା (Water way calculation) ଏବଂ ସେତୁ (Viaducts), ବଡ଼ ପୋଲ ଏବଂ ଛୋଟ ପୋଲଗୁଡ଼ିକ ପାଇଁ ମୃତ୍ତିକା ଅନୁସନ୍ଧାନ (Exploration) ଭଳି କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 94.79 ଲକ୍ଷ,
କାର୍ଯ୍ୟ ଶେଷ ହେବା ଅବଧି : 03 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.10.2021 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇଚ୍ଛୁକ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-70/CE/21-22

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

No: PP/ERW/1576 Date: 30/09/2021
To

| | Present Address | Permanent Address |
|---|---|---|
| Shri B K Behera | Qrs. No. B/247 | At : Basana Palli |
| Pl.No. 212009 | Sector-21, | Po : Chatrapur |
| Office Attendant | Rourkela, Sundargarh | Dist: Ganjam (Odisha) |
| Pipe Plant (ERW) Dept. | Odisha, 769001 | PIN: 761020 |

NOTICE

Chargesheet bearing No. PP/ERW/1420, dated 20/08/2021 was issued to you under Clause 28 (xxii) read with order No.7 (a) of the Certified Standing Orders as you are not reporting for duty since 13/06/2020 without sanction of leave. The chargesheet under reference sent to your local / permanent address have been returned undelivered by the postal authority and hence the notice. You are hereby called upon to submit your written explanation within 10 days from the date of publication of this notice and to appear before Shri S C Paricha, Asst. Manager (PL) T & M along with witnesses/documents/Co-worker, if any at Room No. 60/03, Ground floor, Ispat General Hospital, Rourkela on 20/10/2021 at 03:00 PM failing which the enquiry shall proceed ex-parte without any further reference to you.

For Steel Authority of India Limited
Rourkela Steel Plant, Rourkela
AGM (Pipe Plant)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION**
JAL "O" PARIMAL BHAWAN, UNIT-V, BHUBANESWAR - 751001, ODISHA
Tel.: 0674-2395734, Fax: 0674-2394946, e-mail: cerwssodisha@gmail.com
**NOTICE INVITING BID**
NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT
No. 8177 Date: 29.09.2021
**REQUEST FOR PROPOSAL (RFP)**
No. O-795: The Engineer-in-Chief, RWSS,(Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis, & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Pakcage No. | Name of Work | Bid Identification No. | Indicative Project Cost (Rs. in Crore) | Period for Completion & O&M Period | Availability of Bid document for Online bidding | |
|---|---|---|---|---|---|---|
| | | | | | From | To |
| Pkg-I | Execution of 02 Nos Individual Rural Piped Water Supply Project pertaining to **12GPs of Udala Block & 14GPs of Khunta Block of Mayurbhanj District and to all 30 GPs of Badasahi Block & 06 GPs of G.B.Nagar Block of Mayurbhanj District (Baripada RWS&S Division)** including 5 years O&M on EPC contract under the package. | EIC, RWSS-25/21-22 | 418.70 | 24 (Twenty four months) & 60 (Sixty months) | 17.00 hrs. of 08.10.2021 | 17.00 hrs. of 08.12.2021 |
| Pkg-II | Execution of 02 Nos Individual Rural Piped Water Supply Project pertaining to **Raruan Block of Mayurbhanj District & to Sukruli Block of Mayurbhanj District (Rairangpur Division)** including 5 years O&M on EPC contract under the package | EIC, RWSS-26/21-22 | 168.24 | 24 (Twenty four months) & 60 (Sixty months) | 17.00 hrs. of 08.10.2021 | 17.00 hrs. of 08.12.2021 |

Name & address of Officer Inviting Bid : Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph.: 0674-2395734/0674-2531533, e-mail: **cerwssodisha@gmail.com**
Further details can be seen from the e-procurement portal **http://tendersodisha.gov.in**.
**Sd./- 29.09.2021, Engineer-in-Chief, RWSS**
**OIPR-25040/11/0020/2122**

ଧରିତ୍ରୀ
DHARITRI
ଶନିବାର, ୨ ଅକ୍ଟୋବର, ୨୦୨୧



ଆଫଗାନିସ୍ତାନର ସଦ୍ୟ ଘଟଣାକ୍ରମ ଦକ୍ଷିଣ ଏସିଆକୁ ବହୁଳଭାବେ ପ୍ରଭାବିତ କରିବ। ତାଲିବାନ୍ ସରକାରକୁ ସ୍ୱୀକୃତି ଦେବାରେ ଭାରତ ତରବରିଆ ନିଷ୍ପତ୍ତି ନେବ ନାହିଁ।

- ଏସ୍ ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ସଂକ୍ଷେପରେ

### ଏସ୍‌ଡିଆର୍‌ଏଫ୍: ୨୩ ରାଜ୍ୟକୁ କେନ୍ଦ୍ର ଦେଲା ୭,୨୭୪ କୋଟି

**ନୂଆଦିଲ୍ଲୀ, ୧।୧୦:** ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍)କୁ କେନ୍ଦ୍ର ସରକାରଙ୍କ ଭାଗର ଦ୍ୱିତୀୟ କିସ୍ତି ବାବଦକୁ ୨୩ଟି ରାଜ୍ୟ ନିମନ୍ତେ ଅଗ୍ରିମ ୭,୨୭୪.୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଯେକୌଣସି ବିପର୍ଯ୍ୟୟ ଜନିତ ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏସ୍‌ଡିଆର୍‌ଏଫ୍‌କୁ ଅଧିକ ପାଣ୍ଠି ଯୋଗାଇଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ତରଫରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନିଷ୍ପତ୍ତି ନେଇଛନ୍ତି। ୫ଟି ରାଜ୍ୟକୁ ଅଗ୍ରିମ କିସ୍ତି ବାବଦ ୧,୫୯୯.୨୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି। କୋଭିଡ୍‌ରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଏସ୍‌ଡିଆର୍‌ଏଫ୍ ନିୟମାବଳୀରେ ସଂଶୋଧନ କରିଥିଲେ। ଏନେଇ ସେପ୍ଟେମ୍ବର ୨୫ରେ ନିର୍ଦ୍ଦେଶନାମା ଜାରି ହୋଇଥିଲା। କରୋନା ମୃତକଙ୍କ ପରିବାରକୁ ସହାୟତା ମିଳିବା ଜରୁରୀ ବୋଲି ସୁପ୍ରିମକୋର୍ଟ ଜୁନ୍ ୩୦ରେ ରାୟ ଦେବା ପରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସେପ୍ଟେମ୍ବର ୧୧ରେ ନୂଆ ଗାଇଡ୍‌ଲାଇନ ଜାରି କରିଥିଲେ।

ଭାରତର ଯେସାକୁ ତେସା ନୀତି

### ବ୍ରିଟେନରୁ ଆସିଲେ ୧୦ ଦିନ କ୍ୱାରାଣ୍ଟାଇନ

**ନୂଆଦିଲ୍ଲୀ, ୧।୧୦:** ବ୍ରିଟେନ ନାଗରିକମାନଙ୍କ ପାଇଁ ଭାରତ ସରକାର ଯେସାକୁ ତେସା ନୀତି ଆପଣାଇଛନ୍ତି। ଏଣିକି ବ୍ରିଟେନରୁ ଆସୁଥିବା ଲୋକମାନଙ୍କୁ ଭାରତରେ ୧୦ ଦିନ କ୍ୱାରାଣ୍ଟାଇନରେ ରହିବା ବାଧ୍ୟତାମୂଳକ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଜାରି ଗାଇଡ୍‌ଲାଇନ ୪ ତାରିଖରୁ ଲାଗୁ ହେବାକୁ ଯାଉଛି। ଭାରତର କୋଭିଶିଲ୍ଡ ଟିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦନ ସତ୍ତ୍ୱେ ଡବଲ ଡୋଜ୍ ଟିକା ନେଇଥିବା ଭାରତୀୟଙ୍କ ପାଇଁ କ୍ୱାରାଣ୍ଟାଇନ ନିୟମ ପ୍ରତ୍ୟାହାର ହେବନାହିଁ ବୋଲି ବ୍ରିଟେନ ନିଷ୍ପତ୍ତି ନେଇଥିଲା। ଏହାର ଜବାବ ଦେବାକୁ ଯାଇ ନୂଆଦିଲ୍ଲୀ ଉପରୋକ୍ତ ପଦକ୍ଷେପ ନେଇଛି।

### ମୂକ ବଧିର ନାବାଳିକାଙ୍କୁ ଗଣବଳାତ୍କାର

**ଶାହଡୋଲ, ୧।୧୦:** ମଧ୍ୟପ୍ରଦେଶର ଶାହଡୋଲ ଜିଲାରେ ଜଣେ ମୂକ ବଧିର ନାବାଳିକାଙ୍କୁ ୬ ଜଣ ଗଣବଳାତ୍କାର କରିଛନ୍ତି। ବଳାତ୍କାରୀଙ୍କ ମଧ୍ୟରୁ ୪ ଜଣ ନାବାଳକ। ଅଭିଯୁକ୍ତମାନେ ଅପରାଧ ଘଟଣାର ଫଟୋ ଉଠାଇ ସ୍ଥାନୀୟ ଅଞ୍ଚଳରେ ତାକୁ ପ୍ରସାରିତ କରିବା ପରେ ଘଟଣା ପଦାକୁ ଆସିଥିଲା। ପରେ ଭିନ୍ନକ୍ଷମ ପୀଡ଼ିତା ଠାରରେ ତାଙ୍କ ପ୍ରତି ହୋଇଥିବା ଅତ୍ୟାଚାର ସମ୍ପର୍କରେ ସୂଚନା ଦେଇଥିଲେ। ଅଭିଯୋଗ ଅନୁଯାୟୀ ୪ ନାବାଳକଙ୍କ ସମେତ ୬ ଜଣ ଶନିବାର ପ୍ରଲୋଭନ ଦେଖାଇ ପୀଡ଼ିତାଙ୍କୁ ଘରୁ ଡାକିନେଇଥିଲେ। ସେମାନେ ଏକ ନିଛାଟିଆ ସ୍ଥାନରେ ଥିବା କୁଡ଼ିଆ ମଧ୍ୟକୁ ନେଇ ନାବାଳିକାଙ୍କୁ ବଳାତ୍କାର କରିବା ସହ ମାଡ଼ ମାରିଥିଲେ। ଗୁରୁବାର ପୀଡ଼ିତାଙ୍କ ମାଆ ଥାନାରେ ଦେଇଥିବା ଏତଲା କ୍ରମେ ମାମଲା ରୁଜୁ ହୋଇଛି। ପୀଡ଼ିତାଙ୍କଠାରୁ ବୟାନ ରେକର୍ଡ କରିବା ପାଇଁ ସାମାଜିକ ନ୍ୟାୟ ବିଭାଗ ବିଶେଷଜ୍ଞମାନଙ୍କୁ ନିୟୋଜିତ କରିଥିଲା। ଫଟୋ ଦେଖି ପୀଡ଼ିତା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲେ। ସମସ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।



## ଶାକିରାଙ୍କୁ ବାର୍‌ହା ଆକ୍ରମଣ

ପପ୍ ଷ୍ଟାର ଶାକିରା ଇସାବେଲ୍ ମେବାରକ୍ ରିପୋଲ୍ ବାର୍‌ହା ଆକ୍ରମଣର ଶିକାର ହୋଇଛନ୍ତି। କଲୋମ୍ବିଆନ୍-ଲେବାନିଜ୍ ସିଙ୍ଗର ଶାକିରା ନିଜ ୮ ବର୍ଷର ପୁଅ ମିଲାନଙ୍କ ସହ ବାର୍ସେଲୋନା ପାର୍କରେ ଚାଲି ଚାଲି ଯାଉଥିବାବେଳେ ତାଙ୍କୁ ଦୁଇଟି ହିଂସ୍ର ବାର୍‌ହା ଟାର୍ଗେଟ କରିଥିଲେ। ବାର୍‌ହା ତାଙ୍କ ହ୍ୟାଣ୍ଡବେଗ୍ ଛଡ଼ାଇନେଇଥିଲେ। ବ୍ୟାଗ୍ ସହ ସେଥିରେ ଥିବା ମୋବାଇଲ ଫୋନ୍‌କୁ ମଧ୍ୟ ଦୁଇଜନ୍ତୁ ନଷ୍ଟ କରିଦେଇଥିଲେ। ଦୁଇ ସନ୍ତାନଙ୍କ ମା' ୪୪ ବର୍ଷୀୟା ଶାକିରା ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଆକ୍ରମଣ ବେଳର ଭୟଙ୍କର ଭିଡିଓ ଫୁଟେଜ୍ ଶେୟାର କରିଛନ୍ତି। ହିଂସ୍ର ବାର୍‌ହାମାନେ ଖାଦ୍ୟ ଅନ୍ୱେଷଣରେ ସହରମୁହାଁ ହେଉଥିବାବେଳେ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ତେବେ ମା'ପୁଅ ସୁରକ୍ଷିତ ଥିବା ଜଣାପଡ଼ିଛି।

## ୨୬ରେ ବାହାହେବେ ଜାପାନ ପ୍ରିନ୍ସେସ୍

ଜାପାନ ପ୍ରିନ୍ସେସ୍ ମାକୋ ଓ ତାଙ୍କ ପୂର୍ବତନ କ୍ଲାସ୍‌ମେଟ କେଇ କୋମୁରୋ ଆସନ୍ତା ୨୬ ତାରିଖରେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଇମ୍ପେରିଆଲ ହାଉସ୍ ଏଜେନ୍ସି ପକ୍ଷରୁ ଶୁକ୍ରବାର ଏନେଇ ଘୋଷଣା କରାଯାଇଛି। ସେହିଦିନ ଏହି ଯୋଡ଼ି ଏକ ମ୍ୟୁନିସିପାଲିଟିରେ ସେମାନଙ୍କ ବିବାହ ପଞ୍ଜୀକରଣ କରାଇବେ। ଜାପାନ କ୍ୟାଲେଣ୍ଡର ଅନୁସାରେ ଏହା ଏକ ଶୁଭ ତାରିଖ ବୋଲି କ୍ରାଉନ୍ ପ୍ରିନ୍ସ ଆକିଶିନୋଙ୍କ ପରିବାରର ବିବାହ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ କାଚି କାତାହାରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୨୦୧୭ରେ ଜାପାନ ସମ୍ରାଟ ନାରୁହିଟୋଙ୍କ ୨୯ ବର୍ଷୀୟା ଝିଆରୀ



ମାକୋ ଓ ତାଙ୍କ କମାଣ୍ଡର ପ୍ରେମିକଙ୍କ ନିର୍ବନ୍ଧ ହୋଇଥିଲା। ୨୦୧୨ରେ ଟୋକିଓସ୍ଥିତ ଇଣ୍ଟରନ୍ୟାଶନାଲ କ୍ରିଷ୍ଟିୟାନ୍ ୟୁନିଭର୍ସିଟିରେ ପରସ୍ପରକୁ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ରାଜ ପରିବାରର କୌଣସି ସଦସ୍ୟ ସାଧାରଣ ବ୍ୟକ୍ତିଙ୍କୁ ବିବାହ କଲେ ରୟାଲ ମର୍ଯ୍ୟାଦା ଓ ଅଧିକାର ହରାଇଥାଆନ୍ତି। ତେଣୁ ଏହାକୁ ନେଇ ବିବାଦ ଉଠିଥିଲା। ବିବାହ ପରେ ନବଦମ୍ପତି ଆମେରିକାରେ ନୂଆ ଜୀବନ ଆରମ୍ଭ କରିବେ ବୋଲି ଜଣାପଡ଼ିଛି।

# 'ଅଣନିଃଶ୍ୱାସୀ କରିଦେଲେଣି ଚାଷୀ'

ନୂଆଦିଲ୍ଲୀ, ୧।୧୦(ପି.ଟି.)



### ଯନ୍ତରମନ୍ତରରେ ଆନ୍ଦୋଳନ ପାଇଁ ସୁପ୍ରିମକୋର୍ଟରେ କୃଷକଙ୍କ ଆବେଦନ

ସାରା ଦିଲ୍ଲୀକୁ ଆପଣମାନେ ଅଣନିଃଶ୍ୱାସୀ କରିସାରିଲେଣି। ଏବେ ସହର ଭିତରେ ପଶି ପୁଣିଥରେ ଆନ୍ଦୋଳନ ଚଳାଇବାକୁ ଚାହୁଁଛନ୍ତି ବୋଲି କ୍ଷୁବ୍ଧ ସୁପ୍ରିମକୋର୍ଟ ଶୁକ୍ରବାର ଚାଷୀ ସଂଗଠନକୁ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଗତବର୍ଷ ନଭେମ୍ବରରୁ ଆନ୍ଦୋଳନ ଚଳାଇଥିବା ଚାଷୀ ଯନ୍ତର ମନ୍ତରରେ ସତ୍ୟାଗ୍ରହ ପାଇଁ ଅନୁମତି ଦେବା ନିମନ୍ତେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନ କରିଥିଲେ। କୃଷି ଆଇନକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଆନ୍ଦୋଳନ ଚଳାଇବାର ଆବଶ୍ୟକ କ'ଣ। ନାଗରିକମାନଙ୍କର ଅବାଧ ଓ ନିର୍ଭୟରେ ଗମନାଗମନ କରିବାର ସମାନ ଅଧିକାର ରହିଛି। ତେଣୁ ସନ୍ତୁଳିତ ଦୃଷ୍ଟିକୋଣ ଆପଣାଯିବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଆନ୍ଦୋଳନ ଚଳାଇବା ପାଇଁ ବିକ୍ଷୋଭକାରୀମାନେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଅନୁମତି ନେଇଛନ୍ତି କି ବୋଲି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ପ୍ରଶ୍ନ କରିବା ସହ ଆନ୍ଦୋଳନରେ ସେମାନେ ଖୁସି ଅଛନ୍ତି କି ବୋଲି ଜାଣିବାକୁ ଚାହିଁଥିଲେ। ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଏବଂ ଅହିଂସା ସତ୍ୟାଗ୍ରହ ଚଳାଇବା ଲାଗି ଅନ୍ୟୁନ ୨୦୦ ଚାଷୀ ତଥା ଆନ୍ଦୋଳନକାରୀଙ୍କୁ ଅନୁମତି ଦେବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ କିଷାନ ମହାପଞ୍ଚାୟତ ଓ ଏହାର ଅଧ୍ୟକ୍ଷଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଅଦାଲତରେ ପହଞ୍ଚିବା ପରେ ଏହା ଉପରେ ତଥା ନ୍ୟାୟିକ ବ୍ୟବସ୍ଥା ଉପରେ ଆସ୍ଥା ରଖିବାକୁ ହେବ ଯେ ଏହା ଆପଣଙ୍କ ମାମଲାର ଉପଯୁକ୍ତ ଭାବେ ବିଚାର କରିପାରିବ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କ ଓକିଲଙ୍କୁ କହିଥିଲେ। କୃଷି ଆଇନ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେଣୁ ଏହାର ଶୁଣାଣି ଶୀଘ୍ର କରାଇବା ପାଇଁ ସେମାନେ ଅଦାଲତଙ୍କୁ ଅନୁରୋଧ କରିପାରିବେ ବୋଲି ଖଣ୍ଡପୀଠ କହିଥିଲେ।



ବାରାଣସୀରେ ନବରାତ୍ର ପୂର୍ବରୁ ଦେବୀ ବେଶରେ ପୂର୍ବାଭ୍ୟାସ କରୁଛନ୍ତି କଳାକାର।

## ଆଉ ଜଣକୁ ପିଟି ହତ୍ୟା

ଗୋରଖପୁର(ୟୁପି), ୧।୧୦(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶର ଗୋରଖପୁରରେ ୭୨ ଘଣ୍ଟା ବ୍ୟବଧାନରେ ଦୁଇଟି ହତ୍ୟାକାଣ୍ଡ ଘଟିଯାଇଛି। କାନପୁରର ଜଣେ ବ୍ୟବସାୟୀଙ୍କୁ ହତ୍ୟା କରାଯିବାର ୭୨ ଘଣ୍ଟା ପରେ ଏକ ମଦ ଦୋକାନରେ କାମ କରୁଥିବା ଜଣେ ୨୫ ବର୍ଷୀୟ ଯୁବକଙ୍କୁ ମଦ୍ୟପ ଗ୍ରାହକମାନେ ପିଟି ହତ୍ୟା କରିଛନ୍ତି। ଗୁରୁବାର ରାତିରେ ଘଟିଥିବା ଏହି ହତ୍ୟାକାଣ୍ଡ ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ମୃତ ଯୁବକ ମନୀଷ ପ୍ରଜାପତିଙ୍କ ଘର ମଧ୍ୟପ୍ରଦେଶରେ। ସେ କିଛିମାସ ହେଲା ଗୋରଖପୁର ଅଞ୍ଚଳର ଉକ୍ତ ମଡେଲ୍ ଲିକର ଶପ୍‌ରେ କାର୍ଯ୍ୟ କରୁଥିଲେ। ଗୁରୁବାର କେତେଜଣ ଲୋକ ସେଠାକୁ ଆସି ମଦ ପାଇଁ ଅର୍ଡର କରିଥିଲେ। ମଦ ଯୋଗାଇବାରେ ବିଳମ୍ବ ହେବାରୁ ମନୀଷଙ୍କ ସହ ସେମାନଙ୍କର ବଚସା ହୋଇଥିଲା, ଯାହା ପରେ ସଂଘର୍ଷର ରୂପ ନେଇଥିଲା। ମଦ୍ୟପ ଗ୍ରାହକମାନେ ମନୀଷ ଓ ରଘୁ ନାମକ ଅନ୍ୟଜଣେ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଉଭୟଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ମନୀଷଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ରଘୁ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ଜଣକୁ ଗିରଫ କରିଛି। ଅନ୍ୟ ଆକ୍ରମଣକାରୀଙ୍କୁ ଧରିବା ଲାଗି ପୋଲିସ ଅନୁସନ୍ଧାନ ଜାରି ରଖିଛି।

## ସ୍ୱଚ୍ଛ ଭାରତ ମିଶନ ୨.୦ ଆରମ୍ଭ

ନୂଆଦିଲ୍ଲୀ, ୧।୧୦(ପି.ଟି.)

### ସହରରୁ ଅଳିଆଗଦା ହଟିବ: ମୋଦି

ଦେଶର ସହରାଞ୍ଚଳଗୁଡ଼ିକୁ ଆବର୍ଜନା ମୁକ୍ତ କରିବା ସହ ସମସ୍ତଙ୍କ ପାଇଁ ଜଳ ସୁନିଶ୍ଚିତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସ୍ୱଚ୍ଛ ଭାରତ ମିଶନ-ଅର୍ବାନ ଦ୍ୱିତୀୟ ପର୍ଯ୍ୟାୟ ଏବଂ ଅଟଳ ମିଶନ ଫର୍ ରିଜୁଭେନେଶନ ଆଣ୍ଡ ଅର୍ବାନ ଟ୍ରାନ୍ସଫର୍ମେଶନ (ଅମୃତ) ଯୋଜନାର ଶୁଭାରମ୍ଭ କରିଛନ୍ତି। ନର୍ଦ୍ଦମାର ବର୍ଜ୍ୟ ଜଳ ବିନା ଟ୍ରିଟ୍‌ମେଣ୍ଟରେ ଯେପରି କୌଣସି ନଦୀଜଳରେ ନ ମିଶେ ତାହା ସୁନିଶ୍ଚିତ କରିବା ଏହି ପର୍ଯ୍ୟାୟ ମିଶନର ଲକ୍ଷ୍ୟ ବୋଲି ମୋଦି ଆମ୍ବେଡ୍‌କର ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ସ୍ୱଚ୍ଛ ଭାରତ ମିଶନ ୨.୦ ଏବଂ ଅମୃତ ୨.୦ ଲଞ୍ଚ କରିବା ଅବସରରେ କହିଛନ୍ତି। ବି.ଆର୍. ଆମ୍ବେଡ୍‌କରଙ୍କ ସ୍ୱପ୍ନ ପୂରଣ କରିବା ଦିଗରେ ଏହି ମିଶନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଅସମାନତା ଦୂର କରିବାକୁ ହେଲେ ସହରାଞ୍ଚଳର ବିକାଶ ହେବା ଜରୁରୀ ବୋଲି ବାବା ସାହେବ ବିଶ୍ୱାସ କରୁଥିଲେ। ଉନ୍ନତ ଜୀବନ ଯାପନ ଲକ୍ଷ୍ୟରେ ଲୋକେ ଗାଁ ଛାଡ଼ି ସହରକୁ ଆସିଥାନ୍ତି। ଏଠାରେ ନିଯୁକ୍ତି ମିଳୁଥିଲେ ହେଁ ଅଧିକାଂଶଙ୍କର ଜୀବନ ଧାରଣ ମାନ ଗ୍ରାମାଞ୍ଚଳଠାରୁ ଖରାପ ହୋଇଯାଇଥାଏ। ଏଭଳି ସ୍ଥିତିରେ ପରିବର୍ତ୍ତନ ଆଣିବା ଉପରେ ବାବା ସାହେବ ଗୁରୁତ୍ୱ ଦେଉଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶରେ ଦିନକୁ ଲକ୍ଷେ ଟନ୍ ଆବର୍ଜନାର ପ୍ରକ୍ରିୟାକରଣ ହେଉଛି। ଦୁଇ ମିଶନର ନୂଆ ପର୍ଯ୍ୟାୟରେ ସହରାଞ୍ଚଳର ଅଳିଆ ପାହାଡ଼ର ପ୍ରକ୍ରିୟାକରଣ କରାଯାଇ ଏହାକୁ ସମ୍ପୂର୍ଣ୍ଣ ହଟାଇ ଦିଆଯିବ ବୋଲି ମୋଦି କହିଥିଲେ। ୨୦୧୪ରେ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ ସମୟରେ ଦେଶକୁ ବାହ୍ୟ ମଳମୁକ୍ତ କରିବା ପାଇଁ ଲୋକେ ପ୍ରତିଜ୍ଞା ନେଇଥିଲେ। ୧୦ କୋଟିରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ କରାଯାଇ ସେହି ଲକ୍ଷ୍ୟ ପୂରଣ ହୋଇଛି। ଏବେ ସହରାଞ୍ଚଳକୁ ସମ୍ପୂର୍ଣ୍ଣ ଆବର୍ଜନା ମୁକ୍ତ କରିବା ଲାଗି ଦ୍ୱିତୀୟ ପର୍ଯ୍ୟାୟ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହୋଇଛି। ସେହିପରି ସ୍ୱେରେଜ ଏବଂ ସେପ୍ଟିକ୍ ମ୍ୟାନେଜମେଣ୍ଟରେ ଉନ୍ନତି ଆଣିବା ଅମୃତ ୨.୦ର ଲକ୍ଷ୍ୟ, ଯାହାଦ୍ୱାରା ଦେଶର ସହରଗୁଡ଼ିକ ଜଳ ନିରାପଦ ସହରରେ ପରିଣତ ହେବା ସହ ନର୍ଦ୍ଦମାପାଣି ନଦୀଜଳରେ ମିଶିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ୭୬ ବର୍ଷରେ ପଦାର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଭବନରେ ତାଙ୍କୁ ଅଭିନନ୍ଦନ ଜଣାଇ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି।

## ଗଲୱାନରେ ନିହତ ସୈନ୍ୟଙ୍କ ଭିଡିଓ ଶେୟାର କଲା ଚାଇନା

ବେଜିଂ, ୧।୧୦

୨୦୨୦ ଜୁନ୍ ୧୫ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତୀୟ ଯବାନ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିବାବେଳେ ଚାଇନାର ୪ ସୈନ୍ୟଙ୍କ ମୃତ୍ୟୁ ଘଟିଥିବା ବେଜିଂ କହୁଛି। ଗୁରୁବାର ଶହୀଦ ଦିବସ ପାଳନ ଅବସରରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ପକ୍ଷରୁ ଚାଇନା ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରାଯାଇଛି। ଲଦାଖରୁ ନେଇ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ ଦୁଇଦେଶର ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ର ସୁରକ୍ଷା ଦାୟିତ୍ୱରେ ଥିବା ୱେଷ୍ଟର୍ନ ଥିଏଟର କମାଣ୍ଡ ଗଲୱାନ ଉପତ୍ୟକାରେ ପ୍ରାଣ ହରାଇଥିବା ସୈନ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଏହାକୁ ଶେୟାର କରିଛି। ଶତାଧିକ ପିଏଲ୍ଏ ସୈନ୍ୟ ସ୍ଲୋଗାନ ଦେଇ ଭାରତୀୟ ଯବାନଙ୍କ ସହ ଲଢ଼େଇ କରୁଥିବା ଏଥିରେ ଦେଖିବାକୁ ମିଳିଛି। ପିଏଲ୍ଏ ଅଧିକାରୀମାନେ ସଂଘର୍ଷସ୍ଥଳକୁ ଯାଇ ନିହତ ସୈନ୍ୟଙ୍କୁ ସ୍ମରଣ କରିଛନ୍ତି।



## ୨୧ ଯାଏ ଗିରଫ ହେବେନି ପରମବୀର

ମୁମ୍ବାଇ, ୧।୧୦



### ହାଇକୋର୍ଟଙ୍କୁ ଜଣାଇଲେ ମହାରାଷ୍ଟ୍ର ସରକାର

ଏସ୍‌ସି/ଏସ୍‌ଟି (ଅତ୍ୟାଚାର ନିରାକରଣ) ଆଇନରେ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂଙ୍କୁ ଅକ୍ଟୋବର ୨୧ ପର୍ଯ୍ୟନ୍ତ ଗିରଫ କରାଯିବ ନାହିଁ ବୋଲି ମହାରାଷ୍ଟ୍ର ସରକାର ଶୁକ୍ରବାର ବମ୍ବେ ହାଇକୋର୍ଟଙ୍କୁ ଜଣାଇଛନ୍ତି। ଅନ୍ୟ ଏକ ମାମଲାରେ ଅନ୍ୟତମ ଆଇପିଏସ୍ ଅଫିସର ରଶ୍ମି ଶୁକ୍ଲାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନି ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଠାଣେ ପୋଲିସ ଏପ୍ରିଲରେ ରୁଜୁ କରିଥିବା ଅତ୍ୟାଚାର ମାମଲା ରଦ୍ଦ ପାଇଁ ପରମବୀର ହାଇକୋର୍ଟରେ ଆବେଦନ କରିଥିଲେ। ମାମଲାର ଶୁଣାଣି ଅକ୍ଟୋବର ୨୦ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି।

ଅନ୍ୟପକ୍ଷରେ ପରମବୀର ଦେଶ ଛାଡ଼ି ପଳାଇଥିବା ରାଜ୍ୟ ସରକାର ଦାବି କରୁଥିବାବେଳେ ଏହାକୁ ନେଇ କଂଗ୍ରେସ ଓ ଭାଜପା ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ନୀରବ ମୋଦି, ମେହୁଲ ଚୋକ୍‌ସି ଏବଂ ବିଜୟ ମାଲ୍ୟାଙ୍କ ଭଳି ପରମବୀରଙ୍କୁ ପଳାୟନରେ ଭାଜପା ସହଯୋଗ କରିଥିବା କଂଗ୍ରେସ ନେତା ସଚିନ ସାୱନ୍ତ ଅଭିଯୋଗ କରିଛନ୍ତି। ପରମବୀର ନିଖୋଜ ହେବାରେ ରାଜ୍ୟ ସରକାରଙ୍କୁ ଉତ୍ତରଦାୟୀ କରାଯାଉ ବୋଲି ଭାଜପା ନେତା ରାମ କଦମ କହିଥିଲେ।

# କମୁଛି ପୃଥିବୀର ଉଜ୍ଜ୍ୱଳତା

### ପ୍ରତି ବର୍ଗମିଟରରେ ୦.୫ ୱାଟ୍ କମ୍ ସୂର୍ଯ୍ୟାଲୋକ ପ୍ରତିଫଳନ ହେଉଛି

ୱାଶିଂଟନ, ୧।୧୦(ପି.ଟି.)

ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ର ଜଳର ଉତ୍ତାପ ବଢ଼ିବା ଫଳରେ ପୃଥିବୀର ଉଜ୍ଜ୍ୱଳତା ହ୍ରାସ ପାଉଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ୨୦ ବର୍ଷ ପୂର୍ବେ ପୃଥିବୀ ପ୍ରତି ବର୍ଗମିଟରରେ ଯେତିକି ଆଲୋକ ପ୍ରତିଫଳନ କରୁଥିଲା ଏବେ ତା'ଠାରୁ ଅଧା ୱାଟ୍ କମ୍ କରୁଛି। ପୃଥିବୀ ପ୍ରତିଫଳନ କରୁଥିବା ସୂର୍ଯ୍ୟାଲୋକରେ ଚନ୍ଦ୍ର ଆଲୋକିତ ହୋଇଥାଏ। ଦୀର୍ଘ ଦଶନ୍ଧି ହେଲା ଗବେଷକମାନେ ପୃଥିବୀର ଉଜ୍ଜ୍ୱଳତାକୁ ମାପି ଆସୁଛନ୍ତି। ଉକ୍ତ ଅଧ୍ୟୟନ ଜିଓଫିଜିକାଲ ରିସର୍ଚ୍ଚ ଲେଟରସ୍ ନାମକ ପତ୍ରିକାରେ ପ୍ରକାଶ ପାଇଛି। ଚନ୍ଦ୍ର ପୃଷ୍ଠରେ ପଡୁଥିବା ପୃଥିବୀର ଆଲୋକକୁ ମଧ୍ୟ ଗବେଷକମାନେ ମାପିଛନ୍ତି। ଦୁଇ ଦଶନ୍ଧି ହେଲା ଆମ ଗ୍ରହର ପ୍ରତିଫଳନ କ୍ଷମତା ହ୍ରାସ ପାଉଥିବା ସେଥିରୁ ଜଣାପଡ଼ିଛି। ଗବେଷକଙ୍କ ମତରେ ପୃଥିବୀର ପ୍ରତିଫଳନ କ୍ଷମତା ୦.୫ ପ୍ରତିଶତ ହ୍ରାସ ପାଇଛି। ପୃଥିବୀ ପୃଷ୍ଠରେ ପଡୁଥିବା ସୂର୍ଯ୍ୟାଲୋକର ପ୍ରାୟ ୩୦ ପ୍ରତିଶତ ପ୍ରତିଫଳିତ ହୋଇଥାଏ।

ଗତ ୩ ବର୍ଷର ପ୍ରତିଫଳନ ହାର ହ୍ରାସ ଆମକୁ ଆଶ୍ଚର୍ଯ୍ୟ କରିଛି ବୋଲି ଅଧ୍ୟୟନର ନେତୃତ୍ୱ ନେଇଥିବା ନ୍ୟୁଜର୍ସି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିର ଗବେଷକ ଫିଲିପ୍ ଗୁଡେ କହିଛନ୍ତି। ଦକ୍ଷିଣ କାଲିଫର୍ନିଆର ବିଗ୍ ବିଅର ସୋଲାର



ଅବ୍‌ଜରଭେଟୋରି ସଂଗ୍ରହ କରିଥିବା ୧୯୯୮ରୁ ୨୦୧୭ ପର୍ଯ୍ୟନ୍ତ ପୃଥିବୀର ଉଜ୍ଜ୍ୱଳତାର ଅନୁଧ୍ୟାନ କରାଯାଇଥିଲା। ପୂର୍ବବର୍ଷର ତଥ୍ୟ ସହ ସଦ୍ୟତମ ତଥ୍ୟକୁ ଯୋଡ଼ାଯିବା ପରେ ଉଜ୍ଜ୍ୱଳତା ହ୍ରାସ ପାଇଥିବା ସ୍ପଷ୍ଟ ଜଣାପଡ଼ିଥିଲା। ସୂର୍ଯ୍ୟାଲୋକ ପୃଥିବୀରେ ପହଞ୍ଚିବା ଓ ଆମ ଗ୍ରହର ପ୍ରତିଫଳନ ଉଭୟ ହ୍ରାସ ପାଇଛି। ନାସାର କ୍ଲାଉଡ୍ସ ଆଣ୍ଡ ଦି ଆର୍ଥସ୍ ରେଡିଆଣ୍ଟ ଏନର୍ଜି ସିଷ୍ଟମ୍ (କେୟାର୍ସ) ପ୍ରୋଜେକ୍ଟ ଦ୍ୱାରା କରାଯାଇଥିବା ସାଟେଲାଇଟ୍ ଅନୁଧ୍ୟାନ ଅନୁଯାୟୀ ପୂର୍ବ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଉଜ୍ଜ୍ୱଳତା ଓ ନିମ୍ନସ୍ତରରେ ରହୁଥିବା ପ୍ରତିଫଳନକାରୀ ବାଦଲ ହ୍ରାସ ପାଇଛି। ଏହାର କାରଣ ହେଲା ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱରୂପ ଉକ୍ତ ଅଞ୍ଚଳରେ ସମୁଦ୍ର ଜଳସ୍ତରର ତାପମାତ୍ରା ବୃଦ୍ଧି ପାଇଛି। ପୃଥିବୀର ଜଳବାୟୁ ବ୍ୟବସ୍ଥା ଅଧିକ ସୌରଶକ୍ତି ଆହରଣ କରୁଥିବାରୁ ଉଜ୍ଜ୍ୱଳତା ହ୍ରାସ ପାଉବା ସହ ବିଶ୍ୱ ତାପନ ବୃଦ୍ଧି ପାଉଥିବା ଗବେଷକମାନେ କହିଛନ୍ତି। ଗବେଷଣାରେ ଭାଗ ନେଇ ନ ଥିବା କାଲିଫର୍ନିଆ ୟୁନିଭର୍ସିଟିର ଗ୍ରହ ବିଜ୍ଞାନୀ ଏଡ୍‌ୱାର୍ଡ ସ୍ୱିଏଟରମାନ୍‌ଙ୍କ ମତରେ ଏହା ଅତ୍ୟନ୍ତ ଚିନ୍ତାର ବିଷୟ। ଅଧିକାଂଶ ବୈଜ୍ଞାନିକଙ୍କ ବିଶ୍ୱାସ ଯେ, ପୃଥିବୀ ଅଧିକ ଉତ୍ତପ୍ତ ହେଲେ ଅଧିକ ବାଦଲ ସୃଷ୍ଟି ହେବ ଓ ପ୍ରତିଫଳନ ଅଧିକ ହେବ। ଏହା ଉତ୍ତାପ କମାଇବାରେ ଓ ଜଳବାୟୁ ବ୍ୟବସ୍ଥାରେ ସନ୍ତୁଳନ ଆଣିବାରେ ସହାୟକ ହେବ। କିନ୍ତୁ ଉପରୋକ୍ତ ଗବେଷଣା ଏହାର ବିପରୀତ ସାବ୍ୟସ୍ତ ହୋଇଥିବା ସ୍ୱିଏଟରମାନ କହିଛନ୍ତି।

## ସଂକ୍ଷେପରେ

### ଧାନଜମିରୁ ୨ ଯୁବକଙ୍କ ମୃତଦେହ ଜବତ

ଗୁଣପୁର,୧।୧୦(ଡି.ଏନ୍.ଏ.): ଗୁଣପୁର ଥାନା ଅଧୀନ ଉଠା ଜଳସେଚନ କାର୍ଯ୍ୟାଳୟ ନିକଟ ଧାନଜମିରୁ ଶୁକ୍ରବାର ୨ ଯୁବକଙ୍କ ମୃତଦେହ ଜବତ ହୋଇଛି। ଘଟଣାସ୍ଥଳରୁ ବାଇକ୍ ମଧ ଜବତ କରାଯାଇଛି। ଦୁଇ ମୃତକ ହେଲେ ବାଗଶଳା ପଞ୍ଚାୟତ ଦଣ୍ଡୁଗୁଡ଼ା ଗ୍ରାମର ପ୍ରଫୁଲ୍ଲ ଶବର ଏବଂ ଭୀଷ୍ମ ଶବର। ସୂଚନା ଅନୁଯାୟୀ, ଧାନଜମିରେ ଦୁଇ ମୃତଦେହ ପଡ଼ିଥିବା ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଦୁଇ ମୃତଦେହ ବାହାରକରି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ରାତିରେ ଗଛକୁ ଧକ୍କାଦେବା ଫଳରେ ବାଇକ୍‌ଟି ଧାନଜମିକୁ ଓଲଟି ପଡ଼ିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ପୋଲିସ ଅନୁମାନ କରୁଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସୂଚନା ମିଳିଛି।

### ୨ ମାସ ପରେ ଅଭିଯୁକ୍ତଙ୍କୁ ଝାଡ଼ଖଣ୍ଡରୁ ଗିରଫ

#### ପୋଇ ଗଛ ଓପାଡ଼ିବାକୁ ନେଇ ହୋଇଥିଲା ହତ୍ୟାକାଣ୍ଡ

ପଟ୍ଟାମୁଣ୍ଡାଇ, ୧।୧୦(ସ୍ୱ.ପ୍ର.)
କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଓ ଚଉଦକୁଲାଟ ଫାଣ୍ଡି ଅଧୀନ ଗାଙ୍ଗପଡା ପଞ୍ଚାୟତ ସୋବଳା ଗାଁରେ ୨ ମାସ ତଳେ ଘଟିଥିବା ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ପୋଲିସ ଝାଡଖଣ୍ଡରୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ୧।୭।୨୦୨୧ରେ ପୋଇ ଗଛ ଓପାଡିବାକୁ ନେଇ ସୋବଳା ଗାଁରେ ରାଜେନ୍ଦ୍ର ସାମଲଙ୍କ ସ୍ତ୍ରୀ ଓ ତାଙ୍କ ବଡ ଭାଇ ସୁରେନ୍ଦ୍ର ସାମଲଙ୍କ ସ୍ତ୍ରୀଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାରେ ବଡଭାଇ ସୁରେନ୍ଦ୍ର ସାମଲ ଓ ତାଙ୍କ ପୁଅ ଦୀପକ ସାମଲ ରାଜେନ୍ଦ୍ରଙ୍କ ଘରେ ପଶି ନିସ୍ତୁକ ପିଟିଥିଲେ। ଏକ ଚେୟାରକୁ ରାଜେନ୍ଦ୍ରଙ୍କ ଛାତି ଉପରେ ପକାଇ ମାଡି ବସିବାରୁ ରାଜେନ୍ଦ୍ର ସଂଜ୍ଞାହୀନ ହୋଇ ଯାଇଥିଲେ। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟ ଓ ପରେ କଟକ ବଡଡାକ୍ତଖାନାକୁ ଚିକିତ୍ସା ପାଇଁ ନିଆଯିବା ବାଟରେ ରାଜେନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ପରେ ଅଭିଯୁକ୍ତ ବାପା ସୁରେନ୍ଦ୍ର ସାମଲ ଓ ପୁଅ ଦୀପକ ଫେରାର ହୋଇଯାଇଥିଲେ। ପୋଲିସ ଉଭୟଙ୍କୁ ଗିରଫ କରିବାକୁ ବିଭିନ୍ନ ଆଡେ ଚଢାଉ ଜାରି ରଖିଥିଲେ ହେଁ ସେମାନଙ୍କୁ ଗିରଫ କରାଯାଇ ପାରୁ ନ ଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ଚଉଦକୁଲାଟ ଫାଣ୍ଡି ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ନେତୃତ୍ୱରେ ଗଠିତ ଏକ ସ୍ପେସାଲ ସ୍କ୍ୱାଡ୍ ଅଭିଯୁକ୍ତମାନଙ୍କ ମୋବାଇଲ ଟ୍ରାକିଂ କରି ଝାଡଖଣ୍ଡର ଧାନବାଦରୁ ଗୁରୁବାର ୨ ଅଭିଯୁକ୍ତ ସୁରେନ୍ଦ୍ର ଓ ଦୀପକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଗୁରୁବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ କେନ୍ଦ୍ରାପଡ଼ା ବାରିମୂଳ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମୃତ ରାଜେନ୍ଦ୍ରଙ୍କ ସ୍ତ୍ରୀଙ୍କ ଏତଲାକୁ ଭିତ୍ତିକରି ଥାନାରେ ନଂ. ୪୦୯/୨୧ରେ ମାମଲା ରୁଜୁ ହୋଇଥିଲା।

# କୋରାପୁଟ୍ କଫି କାଫେ ଉଦ୍‌ଘାଟିତ

## ଇ-କମର୍ସ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ବ୍ୟୁରୋ)/ କୋରାପୁଟ (ସ୍ୱ.ପ୍ର.), ୧।୧୦







କୋରାପୁଟରେ 'କୋରାପୁଟ କଫି କାଫେ'ର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ।

ଅନ୍ତର୍ଜାତୀୟ କଫି ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟରେ 'କୋରାପୁଟ କଫି କାଫେ'ର ଉଦ୍‌ଘାଟନ କରିବା ସହ www.koraputcoffee.org ନାମକ ଏକ ଇ-କମର୍ସ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରିଛନ୍ତି। ଏହିଭଳି ଅନେକ କଫି କାଫେ ଭାରତର ଅନ୍ୟ ସ୍ଥାନରେ ଆରମ୍ଭ କରି କୋରାପୁଟ କଫିକୁ ଏକ ବ୍ରାଣ୍ଡରେ ରୂପାନ୍ତରିତ କରିବାର ଯୋଜନା ରହିଛି, ଯାହା କଫି ଚାଷୀମାନଙ୍କ ଜୀବନ ମାନରେ ଉନ୍ନତି ଆଣିପାରିବ।

କୋରାପୁଟ ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହେଉଥିବା କଫି ଚାଷ ପଛୁଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିପାରିଛି। ସମୁଦ୍ର ପତ୍ତନଠାରୁ ୩୦୦୦ ଫୁଟ୍ ଉପରେ ଅବସ୍ଥିତ କୋରାପୁଟ ଜିଲାର ଶୀତଳ ଜଳବାୟୁ ସାଙ୍ଗକୁ ପର୍ଯ୍ୟାପ୍ତ ବୃଷ୍ଟିପାତ କଫିଚାଷ ପାଇଁ ଅନୁକୂଳ। ଏହି ଦେଶଜ କଫି ଶତପ୍ରତିଶତ ଆରବିକା କଫି ଅଟେ, ଯାହା ନିକଟ ଭବିଷ୍ୟତରେ ବଜାରରେ ଉପଲବ୍ଧ ଥିବା ସ୍ୱତନ୍ତ୍ର କଫି ସହ ପ୍ରତିଦ୍ୱନ୍ଦ୍ୱିତା କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମାତ୍ର ୨ବର୍ଷରେ କୋରାପୁଟ କଫି ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ। ଏହାକୁ ସୁଦୂରପ୍ରସାରୀ କରିବା ପାଇଁ ଓଡ଼ିଶା ଆଦିବାସୀ ବିକାଶ ସମବାୟ ସମିତି ପକ୍ଷରୁ ବିଭିନ୍ନ ପରିକଳ୍ପନା ସହ କୋରାପୁଟ କଫି ବିକାଶ ଟ୍ରଷ୍ଟ ନୂଆ ଓ ପୁରୁଣା ମିଶାଇ ୩୦୦ ହେକ୍ଟର ପରିମିତ ଜାଗାରେ କଫି ଚାଷକୁ ତ୍ୱରାନ୍ୱିତ କରିଛି।

ଆଦିବାସୀ ବିକାଶ ସମବାୟ ସମିତି ଲିଃ (ଟିଡିକଲ)ର ପରିଚାଳନା ନିର୍ଦ୍ଦେଶକ ମାନସୀ ନିମ୍ଭାଲ ୨୦୧୯ରୁ ଆରମ୍ଭ ହୋଇଥିବା ଏହି ଯୋଜନା ସହ ଜଡ଼ିତ ଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ଟାଇଗର ବ୍ରାଇଟ୍ ନାମକ ନୂତନ ଉତ୍ପାଦର ବହୁଳ କ୍ରୟ ପାଇଁ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ଆଦିବାସୀ କୃଷକଙ୍କୁ ପ୍ରତିଯୋଗିତାମୂଳକ ଅର୍ଥରାଶି ପ୍ରଦାନ ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି। ନିକଟରେ ଟାଟା କଫି କୋରାପୁଟରେ ଉତ୍ପାଦିତ ଘରୋଇ କଫିକୁ ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ମାର୍କେଟିଂ କରିବା ପାଇଁ ଉତ୍ସାହ ଯୋଗାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ସମୁଦ୍ରକୂଳରେ ନୀଳାଦ୍ରି ବିଚ୍‌କୁ ମଧ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଏବଂ ଏସ୍‌ସି,ଏସ୍‌ଟି ଉନ୍ନୟନ ବିଭାଗ ସଚିବ ରଞ୍ଜନା ଚୋପ୍ରା ଯୋଗଦେଇଥିଲେ।

## ଏମ୍‌ଏସ୍‌ଏମ୍‌ଇ ସର୍ଭେ ହେବ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ଓଡ଼ିଶାରେ ଥିବା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସର୍ଭେ ହେବ। ଏହି କାର୍ଯ୍ୟକ୍ରମ ଅକ୍ଟୋବରରୁ ଆରମ୍ଭ ହୋଇ ୩ ମାସ ଯାଏ ଚାଲିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୀକୃତି ପ୍ରଦାନ କରିଛନ୍ତି। ଦୀର୍ଘ ୧୫ବର୍ଷ ପରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଏହି ସର୍ଭେ କରୁଛି। ଏଥିପାଇଁ ରାଜ୍ୟ ସରକାର ୧୫ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିବା ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଜଣାଇଛନ୍ତି। ଏଥିଲାଗି ମାଷ୍ଟର ଟ୍ରେନରଙ୍କ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଗଣଶିକ୍ଷା ବିଭାଗର ୧୫୦୦ ଶିକ୍ଷକ ନିୟୋଜିତ ହେବେ। ନିର୍ଦ୍ଦିଷ୍ଟ ପ୍ରଶ୍ନାବଳୀ ସହିତ ଆବଶ୍ୟକ ତଥ୍ୟ ସଂଗ୍ରହ ଲାଗି ସ୍ୱତନ୍ତ୍ର ଫର୍ମାଟ ପ୍ରସ୍ତୁତ କରାଯାଇଛି। ପ୍ରାୟ ୫ ଲକ୍ଷ ୟୁନିଟ୍‌ରୁ ତଥ୍ୟ ସଂଗ୍ରହ କରାଯିବ। ସମସ୍ତ ୩୧୪ବ୍ଲକ ଏବଂ ୧୨୬ ପୌରାଞ୍ଚଳରେ ଏକକାଳୀନ ଏହାର ସଞ୍ଚାଳନ କରାଯିବ। ରାଜ୍ୟର ଆର୍ଥିକ ବିକାଶ ଓ ଯୋଜନା ପ୍ରଣୟନ ନିମନ୍ତେ ଏହା ଗୁରୁତ୍ୱପୂର୍ଣ୍ଣ। ତଥ୍ୟ ଯେପରି ନିର୍ଭୁଲ ଭାବେ ସଂଗ୍ରହ କରାଯିବ ସେଥିଲାଗି ଫୋକସ୍ କରାଯାଉଥିବା ସଚିବ ସାହୁ କହିଛନ୍ତି। ସଂଗୃହୀତ ତଥ୍ୟରୁ ଉଦ୍ୟୋଗର ଅବସ୍ଥିତି, ସଫଳତା, ବିଫଳତା ଓ ସମସ୍ୟା ସମ୍ପର୍କରେ ସବିଶେଷ ତଥ୍ୟ ଜଣାପଡ଼ିବ।

# କୌଣସି ପରିସ୍ଥିତିରେ ବିସ୍ଥାପିତ ହେବୁ ନାହିଁ

ସମ୍ବଲପୁର,୧।୧୦(ବ୍ୟୁରୋ)



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।

ସମ୍ବଲପୁର ସମଲେଇ ଯୋଜନାରେ ବିସ୍ଥାପିତମାନଙ୍କ ଅସନ୍ତୋଷ ବୃଦ୍ଧି ପାଇଛି। ଶୁକ୍ରବାର ସେମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ମରିବୁ ପଛେ କୌଣସି ପରିସ୍ଥିତିରେ ବିସ୍ଥାପିତ ହେବୁ ନାହିଁ ବୋଲି କହିଥିଲେ। ସେମାନେ ଦର୍ଶାଇଥିଲେ, ସମଲେଇ ଯୋଜନାର ବିସ୍ତାର ରୂପରେଖ ବିସ୍ଥାପିତମାନଙ୍କୁ ଦିଆଯାଇ ନାହିଁ। ପ୍ରଥମେ ମନ୍ଦିରରୁ ୩୦ ମିଟର ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହେବ ବୋଲି ଯୋଜନା ହୋଇଥିଲା। ଏବେ ବାଲିବନ୍ଧା ପର୍ଯ୍ୟନ୍ତ ପ୍ରାୟ ଦେଢ କିମି ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କରାଯାଉଛି। ତେଣୁ ସରକାରଙ୍କ ଯୋଜନାକୁ ନେଇ ସନ୍ଦେହ ହେଉଛି। ସମଲେଇଙ୍କ ନାମରେ ବ୍ୟବସାୟ କରିବାକୁ ଯୋଜନା କରାଯାଇଛି। ଜମି ମାଫିଆଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାର ସମଲେଇ ଯୋଜନା କରିଛନ୍ତି। ଜମି ଅଧିଗ୍ରହଣ ପରେ ଉକ୍ତ ବ୍ୟବସାୟୀଙ୍କ ହାତରେ ଟେକି ଦିଆଯିବ। ମହାନଦୀ କୂଳରେ ଥିବା ଜମି ଅଧିଗ୍ରହଣ କରି ହୋଟେଲ, ରିସୋର୍ଟ ତଥା ପର୍ଯ୍ୟଟକ ଆମୋଦପ୍ରମୋଦ ପାଇଁ ଯୋଜନା କରାଯିବ। ଏଥିରେ ଘରୋଇ କମ୍ପାନୀ ପୁଞ୍ଜି ନିବେଶ କରିବେ। କୌଣସି ଲିଖିତ ଭାବେ ନ ଜଣାଇ ହଠାତ୍ ସମଲେଇ ଯୋଜନା ନାମରେ ଗରିବ ଲୋକମାନଙ୍କୁ ବିସ୍ଥାପିତ କରିଦିଆଯାଉଛି। ସମଲେଇ ଯୋଜନାରେ ମନ୍ଦିର ବିକାଶ କରାଯାଉ। ସେଥିପାଇଁ ଯେତେ ପରିମାଣ ଜମି ଆବଶ୍ୟକ ତାହା ଅଧିଗ୍ରହଣ କରାଯାଉ। ହେଲେ ଏହାଦ୍ୱାରା ସହରର ବଡ଼ବଜାର, କମିବଜାର, ଘୁନଘୁଟିପଡ଼ା, ରାଜଜିମନ୍ଦିରପଡ଼ା, ବାଲିବନ୍ଧାର ଶତାଧିକ ପରିବାର ବିସ୍ଥାପିତ ହେବେ। ଶହ ଶହ ବର୍ଷରୁ ବାପଅଜା ଅମଳରୁ ଘରକରି ରହୁଛନ୍ତି। ହେଲେ ଏବେ ସରକାର କ୍ଷତିପୂରଣ ନିଅ, ଜମି ଓ ଘର ଛାଡିଦିଅ ବୋଲି କହୁଛନ୍ତି। କ୍ଷତିପୂରଣ ବଦଳରେ ସ୍ମୃତିକୁ ହରାଇପାରିବୁ ନାହିଁ। କୌଣସି ପରିସ୍ଥିତିରେ ବିସ୍ଥାପିତ ହେବୁ ନାହିଁ ବୋଲି ରୋକଠୋକ କହିଥିଲେ। ସମାବେଶରେ ମୈଥିଳି ମହାପାତ୍ର, ପଞ୍ଚାନନ ତ୍ରିପାଠୀ, ଶୈଳେନ୍ଦ୍ର ମହାପାତ୍ର, ସୁଶାନ୍ତ ପୁରୋହିତ, ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସାମିଲ ଥିଲେ। ପରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

### ସମଲେଇ ଯୋଜନା ପ୍ରସଙ୍ଗ

## ନାବାଳିକାଙ୍କୁ ବିକ୍ରି ଲାଗି ମୂଲଚାଲ

### ୬୦ହଜାର ଟଙ୍କାରେ କଥା ଛିଡ଼ିଥିଲା

ଖଇରା, ୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ବାପଛେଉଣ୍ଡ ଜଣେ ନାବାଳିକାଙ୍କୁ ବିକ୍ରି ଲାଗି ମୂଲଚାଲ କରାଯାଉଥିବା ବେଳେ ଗ୍ରାମବାସୀ ପହଞ୍ଚିଯିବାରୁ ମଧ୍ୟସ୍ଥି ଦୌଡି ପଳାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ୬୦ ହଜାର ଟଙ୍କାରେ ନାବାଳିକାଙ୍କୁ ବିକ୍ରି ପାଇଁ କଥା ଛିଡ଼ିଥିଲା। ୨ଜଣ ମଧ୍ୟସ୍ଥି ନାବାଳିକାଙ୍କୁ ବନାରସ ପଠାଇବାକୁ ଯୋଜନା କରୁଥିବା ବେଳେ ଗାଁଲୋକଙ୍କ ହାବୁଡରେ ପଡିଯାଇଥିଲେ। ହେଲେ ସେମାନେ କୌଶଳକ୍ରମେ ଖସି ପଳାଇବାରେ ସକ୍ଷମ ହୋଇଥିଲେ।

କରୋନାରେ ନାବାଳିକାଙ୍କ ବାପାଙ୍କ ମୃତ୍ୟୁ ହେବା ପରେ ମା' ଭିକ୍ଷାବୃତ୍ତି କରି ଚଳୁଥିଲେ। ତାଙ୍କ ଜଣେ ସମ୍ପର୍କୀୟ ବୁଢାବାପା ବନାରସରୁ ଆସିଥିବା ମଧ୍ୟସ୍ଥିଙ୍କ କଥାରେ ନାତୁଣୀକୁ ୬୦ହଜାର ଟଙ୍କାରେ ବିକ୍ରି କରି ବନାରସ ପଠାଇବାକୁ ରାଜି ହୋଇଥିଲେ। ଶୁକ୍ରବାର ରାତିରେ ଟ୍ରେନ ଟିକେଟ ହୋଇଥିବା ବେଳେ ମଧ୍ୟସ୍ଥି ଅପରାହ୍ନରେ ପହଞ୍ଚିଥିଲେ। ଗାଁ ଲୋକେ ଖବରପାଇ ପହଞ୍ଚିବା ବେଳକୁ ସେମାନେ ଦୌଡି ପଳାଇଥିଲେ । ପରେ ସେମାନେ ଆସି ନାବାଳିକାକୁ ଆସି ନେବାର ସମ୍ଭାବନା ଥିବାରୁପୋଲିସ ଦୃଷ୍ଟିଦେବାକୁଦାବିହୋଇଛି।

# ୨୦୨୨ ସୁଦ୍ଧା ସବୁ ସହରକୁ ପାନୀୟ ଜଳ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ସହରାଞ୍ଚଳକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ଆବର୍ଜନାମୁକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ୨୦୧୫ରୁ ଓଡ଼ିଶାରେ ଅମୃତ ମିଶନ୍ କାର୍ଯ୍ୟକାରୀ ହେଉଛି। ରାଜ୍ୟର ୯ଟି ସହରରେ ଏହି ଯୋଜନାରେ ପାନୀୟ ଜଳ ବ୍ୟବସ୍ଥାର ଉନ୍ନତି କରାଯାଉଛି। ଏଥିସହ ରାଜ୍ୟ ସରକାର ସହରାଞ୍ଚଳ ପାନୀୟ ଜଳ ଯୋଗାଣ ପାଇଁ ୧୬୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଅମୃତ ମିଶନ୍ କାର୍ଯ୍ୟକାରିତାରେ ଓଡ଼ିଶା କ୍ରମାଗତ ଭାବେ ଗତ ୩ ବର୍ଷ ହେଲା ପ୍ରଥମ ସ୍ଥାନ ଅଧିକାର କରିଆସୁଛି। ରାଜ୍ୟର ସମସ୍ତ ୧୧୪ଟି ସହରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ନିଜସ୍ୱ ବସୁଧା ଯୋଜନା ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୨୭ଟି ସହରରେ ଶତ ପ୍ରତିଶତ ଘରକୁ ପାଇପ୍ ପାଣି ଯୋଗାଇ ଦିଆଯାଇଛି। ପାଇପ୍ ପାଣି ସହ ଆବର୍ଜନାମୁକ୍ତ ସହରାଞ୍ଚଳ ପାଇଁ ମଧ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟର ସବୁ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିରେ ତୃଣମୂଳସ୍ତରରେ ଜଳସାଥୀମାନେ ସହଯୋଗ କରିଛନ୍ତି। ୫-ଟି କାର୍ଯ୍ୟକ୍ରମରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ୍ ଆରମ୍ଭ ହୋଇଛି। ସାରା ଦେଶରେ ପୁରୀ ପ୍ରଥମ ସହର ଭାବେ ପ୍ଲାଷ୍ଟିକମୁକ୍ତ ଓ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ ମିଶନ୍ କାର୍ଯ୍ୟକାରୀ କରି ଲଣ୍ଡନ, ଟୋକିଓ ଓ ୟୁକେ ସହ ସମାନ ହୋଇପାରିଛି। କଟକ, ଭୁବନେଶ୍ୱର ଓ ରାଉରକେଲା ସମେତ ୧୭ଟି ସହରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ କାର୍ଯ୍ୟକାରୀ ହେଉଛି। ଆବର୍ଜନାମୁକ୍ତ ପାଇଁ ୫୫ଟି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ହୋଇଛି। ଏଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ସହଭାଗୀ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ସ୍ୱଚ୍ଛ ଭାରତ ମିଶନ ୨.୦ ଓ ଅମୃତ ୨.୦ ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଡ଼ିଶାରେ ଏସବୁ ଯୋଜନାର ସଫଳ କାର୍ଯ୍ୟକାରିତା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ବିଏଲ୍‌ଏଲ୍‌ବି ପାଠ୍ୟକ୍ରମରେ ନାମ ଲେଖା ପାଇଁ ତୃତୀୟ ପର୍ଯ୍ୟାୟ ତାଲିକା ପ୍ରକାଶିତ

କଟକ ଅଫିସ,୧।୧୦- ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର(ଏମ୍‌ଏଲ୍‌ୟୁ) ପାଞ୍ଚ ବର୍ଷିଆ ବିଏଲ୍‌ଏଲ୍‌ବି ପାଠ୍ୟକ୍ରମର ନାମଲେଖା ପାଇଁ ତୃତୀୟ ପର୍ଯ୍ୟାୟ ଯୋଗ୍ୟତା ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ଏହି ପାଠ୍ୟକ୍ରମ ଲାଗି ବିଶ୍ୱବିଦ୍ୟାଳୟରେ ମୋଟ୍ ୧୨୦ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୬୨ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୩ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଅବଶିଷ୍ଟ ୩୫ ସିଟ୍ ପାଇଁ ଯୋଗ୍ୟତା ତାଲିକା ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ନାମ ପ୍ରକାଶ ପାଇଥିବା ବିଦ୍ୟାର୍ଥୀ ଆସନ୍ତା ୪ ତାରିଖରେ ନାମ ଲେଖାଇବେ।

## ଗଳାକାଟି ହତ୍ୟା ଘଟଣା: ୨ ଗିରଫ

ବରଗଡ଼ ଅଫିସ୍,୧।୧୦

ବରଗଡ଼ ଅମ୍ବାପାଲି ନିକଟ ଏକ ପଡ଼ିଆ ପାଖରେ ମଙ୍ଗଳବାର ରାତିରେ ଅତାବିରାର ଯୁବକ ଏମ୍‌ଡ଼ି କାଶିମ(୨୫)ଙ୍କ ଗଳାକାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଟାଉନ ଥାନା ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୨ର ଟଙ୍କ ବାଗ(୨୫) ଏବଂ ବରଗଡ଼ ସଦର ଥାନା ଧାଙ୍ଗେର ଗ୍ରାମର ନରେନ୍ଦ୍ର ଭୋସାଗର(୨୫)। ଅଭିଯୁକ୍ତଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ଗୋଟିଏ ଟିଭିଏସ୍ ଜୁପିଟର ଏବଂ ଘଟଣାସ୍ଥଳରୁ ମୃତକଙ୍କ ପଲସର ବାଇକକୁ ପୋଲିସ ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନା ପୋଲିସ ଦଫା ୩୦୨, ୩୪ ଆଇପିସିରେ ଏକ ମାମଲା (ନଂ.୪୫୫/୨୧) ରୁଜୁ କରିଛି। ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ ଏ ନେଇ ସୂଚନା ଦେଇଛନ୍ତି ।

ଏସ୍‌ଡିପିଓ ଗୋଚ୍ଛାୟତ କହିଥିଲେ, କାଶିମ ଏବଂ ଗିରଫ ଅଭିଯୁକ୍ତ ଟଙ୍କ ଓ ନରେନ୍ଦ୍ରଙ୍କ ମଧ୍ୟରେ ପୂର୍ବରୁ ବନ୍ଧୁତା ରହିଥିଲା। କିନ୍ତୁ କିଛିଦିନ ତଳେ ସେମାନଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଘଟଣାଦିନ କାଶିମ୍, ଟଙ୍କ ଓ ନରେନ୍ଦ୍ର ଏକାଠି ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରେ ଥିବା ମତାନ୍ତର ସମାଧାନ ହୋଇଥିଲା। ମାତ୍ର ସମାଧାନର କିଛି ସମୟ ପରେ ପୁଣି ସେମାନଙ୍କ ମଧ୍ୟରେ ବାକ୍ ବିତଣ୍ଡା ହୋଇଥିଲା ଏବଂ ଅଭିଯୁକ୍ତମାନେ ସାଙ୍ଗରେ ନେଇଥିବା ଏକ ଛୁରିରେ ଗଳାକାଟି କାଶିମଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି ବୋଲି ଏସ୍‌ଡ଼ିପିଓ ଗୋଚ୍ଛାୟତ କହିଛନ୍ତି।

## ଓପିଜିସିରେ ଠିକା ଶ୍ରମିକଙ୍କ ଆନ୍ଦୋଳନ

### ମହିଳା ଠିକା କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ



ଓପିଜିସି ପ୍ରକଳ୍ପ ଫାଟକ ସମ୍ମୁଖରେ ଠିକାଶ୍ରମିକଙ୍କ ବିକ୍ଷୋଭ।

ଝାରସୁଗୁଡ଼ା ଅଫିସ,୧।୧୦

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍‌ତାପଜ ବିଦ୍ୟୁତ୍ କେନ୍ଦ୍ରରେ ନିୟୋଜିତ ହୋଇଥିବା ସିନୁ ଇଞ୍ଜିନିୟରିଂ ନାମକ ଠିକାସଂସ୍ଥାର ସାଇଡ୍ ଇନ୍‌ଚାର୍ଜ ମହମ୍ମଦ କାସିମ୍ ସେହି ସଂସ୍ଥାର ଜଣେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ମହିଳା କର୍ମଚାରୀ ଜଣଙ୍କ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାର ପ୍ରତିବାଦରେ ଠିକା ଶ୍ରମିକମାନେ ଶୁକ୍ରବାର ପ୍ରକଳ୍ପ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନକରି କାର୍ଯ୍ୟବନ୍ଦ କରିଥିଲେ। ସେମାନେ ଦାବି କରିଥିଲେ, ଦୁର୍ବ୍ୟବହାରକାରୀଙ୍କୁ କାର୍ଯ୍ୟରୁ ବହିଷ୍କାର ସହ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ପୀଡିତା ମହିଳା କର୍ମଚାରୀଙ୍କୁ ସୁରକ୍ଷିତ ସ୍ଥାନରେ ନିୟୋଜିତ କରାଯାଉ। ଖବରପାଇ ପ୍ରକଳ୍ପ କର୍ତ୍ତୃପକ୍ଷ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନାକରି ଦାବି ମାନିନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆନ୍ଦୋଳନକାରୀ ଲିଖିତ ପ୍ରତିଶ୍ରୁତି ଦାବି କରିଥିଲେ। ଏ ନେଇ ବନହରପାଲି ଥାନାରେ ଏକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଆଇଆଇସି ରଶ୍ମିତା ବେହେରା, ଓପିଜିସି ଅଧିକାରୀ ଏନ୍‌ଏନ୍ ଷଡଙ୍ଗୀ ଓ ଆନ୍ଦୋଳନକାରୀଙ୍କ ତରଫରୁ ସାମାଜିକ କର୍ମୀ ନାରୀନେତ୍ରୀ ପଦ୍ମିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଓପିଜିସି ଅଧିକାରୀ ଷଡଙ୍ଗୀ କହିଥିଲେ, ଅଭିଯୋଗ ପରେ ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଠିକାସଂସ୍ଥାର ସାଇଡ୍ ଇନ୍‌ଚାର୍ଜ ମହମ୍ମଦ କାସିମ୍‌ଙ୍କୁ କାର୍ଯ୍ୟରୁ କାଢିଦିଆଯାଇଛି। ପୀଡିତା ମହିଳା କର୍ମଚାରୀଙ୍କୁ ପ୍ରକଳ୍ପ ଭିତରେ କାମ ଦିଆ ନ ଯାଇ ୧୫ଦିନ ମଧ୍ୟରେ ବାହାରେ କଲୋନୀ ମେଣ୍ଟେନାନ୍ସ କାର୍ଯ୍ୟରେ ନିୟୋଜିତ କରାଯିବ। ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ଠିକାଶ୍ରମିକମାନେ କାର୍ଯ୍ୟରେ ଯୋଗଦେଇଥିଲେ।

# ୩ ଚଳଚ୍ଚିତ୍ରକୁ ୬ ପୁରସ୍କାର

## ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁଣି ବାଜି ମାରିଲେ ହିତେଶ୍

ଭୁବନେଶ୍ୱର, ୧।୧୦ (ବ୍ୟୁରୋ)



କୋଭିଡ-୧୯ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ (ସିଆଇଏଫ୍‌ଏସ୍)ରେ ପୁଣି ବାଜିମାରିଲେ ଓଡ଼ିଆ ପୁଅ ଯାଜପୁର ଜିଲା ବ୍ୟାସନଗର କଲେଜ ଛକ ବାସିନ୍ଦା ହିତେଶ୍ କୁମାର। ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ରକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ସହିତ ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି। ଚଳିତ ବର୍ଷ ଅନ୍‌ଲାଇନ୍ ମୋଡ୍‌ରେ ହୋଇଥିବା ସିଆଇଏଫ୍‌ଏସ୍ ପ୍ରତିଯୋଗିତାରେ ହିତେଶଙ୍କ ୩ଟି ଚଳଚ୍ଚିତ୍ର ୬ଟି ପୁରସ୍କାର ପାଇଛି। ୧୯୯୯ ମହାବାତ୍ୟାରେ ପରିଜନଙ୍କୁ ହରାଇଥିବା ଜଣେ ହିନ୍ଦୁ ବ୍ରାହ୍ମଣ ମା' ଓ ମୁସ୍‌ଲମାନ୍ ପୁଅର ମମତାର ବନ୍ଧନକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ର 'ମା' ପରି କିଏ ହେବ'କୁ 'ଶ୍ରେଷ୍ଠ ଇଣ୍ଡିଆନ୍ ଫିଲ୍ମ କାଟେଗୋରୀ', 'ଶ୍ରେଷ୍ଠ ନିର୍ଦ୍ଦେଶକ', 'ଶ୍ରେଷ୍ଠ ସିନେମାଟୋଗ୍ରାଫି' ଏବଂ 'ଶ୍ରେଷ୍ଠ ପୋଷ୍ଟର ଡିଜାଇନ୍' ଭାବେ ପୁରସ୍କୃତ କରାଯାଇଛି। ସେହିପରି ଚଳଚ୍ଚିତ୍ର 'ସ୍ୱପ୍ନା'କୁ 'ଶ୍ରେଷ୍ଠ ଇଣ୍ଡିଆନ୍ ଫିଲ୍ମ କାଟେଗୋରି' ଓ 'ବିଜୟିନୀ' ଚଳଚ୍ଚିତ୍ରକୁ 'ଶ୍ରେଷ୍ଠ ଏଡିଟର୍' ପୁରସ୍କାର ମିଳିଛି। ଅନ୍ୟଏକ ଚଳଚ୍ଚିତ୍ର 'ମାଉଣ୍ଟେନ୍ ହକି'କୁ 'ଶ୍ରେଷ୍ଠ ଇଣ୍ଡିଆନ୍ ଫିଲ୍ମ କାଟେଗୋରି' ଓ 'ଶ୍ରେଷ୍ଠ ନିର୍ଦ୍ଦେଶକ' ପୁରସ୍କାର ପ୍ରଦାନ କରାଯାଇଛି। ଏହି ଚଳଚ୍ଚିତ୍ରକୁ ଦେବାଶିଷ ମହାପାତ୍ର ଓ ଅବିନାଶ ପ୍ରଧାନ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରତିଯୋଗିତାରେ ଭାରତ ବ୍ୟତୀତ ଆଫଗାନିସ୍ତାନ, ରୁଷିଆ, ଇସ୍ରାଏଲ୍, ଇରାନ୍, ଇରାକ୍, ପାକିସ୍ତାନ, ଶ୍ରୀଲଙ୍କା, ୟୁକେ, ଆଫ୍ରିକା, ବାଂଲାଦେଶ ସମେତ ୩୦ ଦେଶରୁ ଫିଲ୍ମ ସାମିଲ ହୋଇଥିଲା। ସମୁଦାୟ ୧୩ଶହ ଚଳଚ୍ଚିତ୍ର ମଧ୍ୟରୁ ୭୫ଟି ଶର୍ଟଲିଷ୍ଟ ହୋଇ ଅଫିସିଆଲ୍ ସିଲେକ୍ସନ ହୋଇଥିଲା। ୧୦ ଦେଶରୁ ୨୧ଜଣ ଜୁରୀ ମେମ୍ବର ଥିଲେ। ଗତ ୬ରୁ ୧୦ତାରିଖ ପର୍ଯ୍ୟନ୍ତ ଚଳଚ୍ଚିତ୍ରଗୁଡିକର ସ୍କ୍ରିନିଂ କରାଯାଇଥିଲା। ୧୩ ତାରିଖରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସତ୍ୟବ୍ରତ ଜେନା ଫେଷ୍ଟିଭାଲ ଚେୟାରମ୍ୟାନ, ଜଗନ୍ନାଥ ପାଣି ଫେଷ୍ଟିଭାଲ ଚିଫ୍, ବିଭାସ ବନ୍ଦୋପାଧ୍ୟାୟ ଫେଷ୍ଟିଭାଲ ଚିଫ୍ ମିଡିଆ ଫିଲ୍ମ ଏବଂ ଭି.ଭି. ମହେଶ୍ୱର ରାଓ ଫେଷ୍ଟିଭାଲ ଡାଇରେକ୍ଟର ପ୍ରମୁଖ ଭୂମିକା ନିଭାଇ ଥିଲେ। ଏନେଇ ହିତେଶ କହିଛନ୍ତି, ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ ହୋଇଥିବାରୁ ଖୁସି ଲାଗୁଛି। ତେବେ ରାଜ୍ୟସରକାରଙ୍କ ପକ୍ଷରୁ କିଛି ପ୍ରୋତ୍ସାହନ ମିଳିପାରିଲେ ଆଗକୁ ବଢିବାରେ ସହାୟକ ହୋଇପାରିବ।

# କବିତା



## ଶୁଭ ଜନ୍ମଦିନ

ଏ ଦେଶ ମାଟିର ସୁଯୋଗ୍ୟ ସନ୍ତାନ
ଦୁଃଖୀ ଗରିବଙ୍କ ପ୍ରାଣ
ଭାରତ ମାତାର ଗଉରବ ତୁମେ
ଲାଲବାହାଦୁର ନାମ ।
ଛୋଟ ପିଲାବେଳେ ସାଙ୍ଗ ସାଥୀ ମିଳେ
କୋଳି ତୋଳିବାକୁ ଯାଇ
ଜଗୁଆଳିଠାରୁ ଗାଳି ସହି ପୁଣି
ନୀତି ଶିକ୍ଷା ଥିଲ ପାଇ ।
ପ୍ରଧାନମନ୍ତ୍ରୀ ହୋଇଲ ଦେଶର
ଶାନ୍ତି ପଥର ଦୂତ
ସତ୍ୟ ନିଷ୍ଠା ପ୍ରେମେ ଶାସନ କରିଲ
ଉଡ଼ିଲା ଶାନ୍ତି କପୋତ ।
ଜୟ ଯବାନ୍ ଜୟ କିଷାନ
ନବ ଭାରତର ଜୟ
କର୍ମ ବୀର ତୁମେ ଲାଲ୍ ବାହାଦୁର
ମୃତ୍ୟୁକୁ ନ ଥିଲା ଭୟ ।
ହେ ମହାମାନବ ଫେରିଆସ ତୁମେ
ଝୁରୁଛି ଏ ଦେଶ ମାଟି
ଶୁଭ ଜନ୍ମଦିନେ ତବ ଚରଣରେ
ଜାଳୁଛୁ ସହସ୍ର ବତି ।
ଘେନାକର ମୋର ଶ୍ରଦ୍ଧାଞ୍ଜଳି
ଆଉଥରେ ଆସ ମାଟି ମା' କୋଳକୁ
କରେ ମୁଁ ତୁମକୁ ଛୋଟ ଅଳି ।

–କବିତା ମିଶ୍ର, ନୀଳାଦ୍ରିବିହାର, ଭୁବନେଶ୍ୱର

–ନିରାକାର ଚଇନି, କଳିଗାଁ, ହାଟଡିହୀ, କେନ୍ଦୁଝର

## ସ୍ୱଚ୍ଛତା

ଗାନ୍ଧୀ ଦେଖିଥିବା ସ୍ୱଚ୍ଛତାର ସ୍ୱପ୍ନ
ଆସ ସାକାର କରିବା
ଗାଆଁରୁ ସହର ସହରରୁ ଗାଆଁ
ସବୁଠି ଶପଥ ନେବା ।
ସ୍ୱଚ୍ଛ ଭାରତର ରୂପରେଖ ଆମେ
ଦେବା ଆସ ବଦଳାଇ
ସୁନାର ଭାରତ ଗଠନ କରିବା
ହାତରେ ହାତ ମିଶାଇ ।
ସବୁଜିମା ଭରା ଘଞ୍ଚ ବନାନୀରେ
ସୁନ୍ଦର ଦେଶ ଗଢ଼ିବା
ସ୍ୱଚ୍ଛତା ଶବ୍ଦଟି ନିରୋଗର ଭେଟି
ଏକଥା ମନେ ରଖିବା ।

–ରାମ ଚନ୍ଦ୍ର ପ୍ରଧାନ, ସାନ୍ତରାପଲ୍ଲୀ, ଗଞ୍ଜାମ

## ଅକ୍ଟୋବର ଦୁଇ

ଏଇ ଅକ୍ଟୋବର ଦୁଇ
ଏ ପୁଣ୍ୟତିଥିରେ ଜନମି ଥିଲେରେ
ବଡ଼ମଣିଷ ଯେ ଦୁଇ ।
ଜଣେ ତ ମହାତ୍ମା ହେଲେ
ସିଏ ଶାନ୍ତିଦୂତ, ବିଶ୍ୱବନ୍ଦିତ
ସ୍ୱାଧୀନତା ଆଣି ଦେଲେ ।
'ଜୟ ଯୱାନ'ଟି ପାଇଁ
ଆଉ ତ ଜଣେରେ ଅମର ହୋଇଲେ
ଜମା ଭୁଲି ହୁଏ ନାଇଁ ।
ଦୁହେଁ ତ ମହାନ ଥିଲେ
ସିଏ ଗାନ୍ଧୀ, ଶାସ୍ତ୍ରୀ, ଭାରତ–ପ୍ରଦୀପ
ତାଙ୍କ ପରି ହୁଅ ପିଲେ ।

–ନୀଳମଣି ଚାନ୍ଦ, ୨୭, ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର–୨୯

## ଜାତିର ଜନକ

କେମିତି ହଟିବ ବିଦେଶୀ ଶାସନ
ଫୁଟିବ ମୁଖରେ ହସ
ଏ ଦେଶ ଜନତା ମୁକତିର ଗୀତ
ଗାଇ ପାଇଯିବ ଯଶ ।
ଉପବାସେ ରହି ଲାଠି ମାଡ଼ ଖାଇ
ସହି ବନ୍ଦୀ କାରା ଦୁଃଖ
ଭାବୁଥିଲେ ବାପୁ ଆମରି ଦେଶର
ନର ନାରୀଙ୍କର ସୁଖ ।
ଅହିଂସା ବଳରେ ଲଢେଇ କରିକି
ଦେଶକୁ ସ୍ୱାଧୀନ କଲେ
ଅପମାନ ପାଇ ଫିରିଙ୍ଗି ଶେଷରେ
ନିଜ ଦେଶ ଫେରିଗଲେ ।
ଜାତିର ଜନକ ହେ ସନ୍ଥ ସେବକ
ଏ ଜାତିର କର୍ଣ୍ଣଧାର
ପ୍ରଣତି ଢାଳୁଛୁ ରହି ମାଟି କୋଳେ
ତୁମ ପାଦେ ବହୁବାର ।

–ପ୍ରଶାନ୍ତ କୁମାର ଦାଶ, କୁଞ୍ଜର, ପିପିଲି, ପୁରୀ

## ତୁମ ପରି କିଏ ହେବ

ତୁମ ପରି କିଏ ହେବ କୁହ ବାପୁ
ହୋଇବ ମହାତ୍ମା ମହାନ୍
ସତ୍ୟ ଅହିଂସାକୁ ପଣ କରି ଏକା
ରଖିବ ତାହାରି ମାନ ।
ସତ୍ୟକୁ ଆଚରି ଅହିଂସାର ପଥେ
ଚାଲିବାର ଶିକ୍ଷାଦାନ
ଦେଇଅଛ ତୁମେ ଏଇ ଦୁନିଆକୁ
ପରମ ମହତ ଦାନ ।
ଜାତି ଧର୍ମ ଭେଦ ଦୂର କରିଦେଇ
ଦେଇଛ ଏକତା ଜ୍ଞାନ
ହେ ଜାତିର ପିତା ପୂଜ୍ୟ ତୁମେ ବାପୁ
ଘେନ ଆମରି ପ୍ରଣାମ ।

–ଅର୍ଚ୍ଚନା କର, ପ୍ଲଟନମ୍ବର ୬୫୬, ନୟାପଲ୍ଲୀ, ବେହେରାସାହି

## ବାପୁଜୀ

କେତେ ଯେ ସରଳ ମନଟି ତୁମର
ବେଶ ଥିଲା କେଡ଼େ ସାଦାସିଧା
ଫିରିଙ୍ଗି ଦଳକୁ ଭାରତ ମାଟିରୁ
ଅହିଂସା ଉପାୟେ କଲ ବିଦା ।
ଆଜି ଏଇ ତୁମ ପୁଣ୍ୟ ଜୟନ୍ତୀରେ

## କହିଲ ଦେଖି

ତିନୋଟି ଅକ୍ଷରେ ନାମ ମୋହର
ପ୍ରଥମ ଦୁଇଟି କରେ ରକ୍ତ ଆହାର
ପ୍ରଥମ ଓ ଶେଷ ଯେବେ ମିଶିବ
ମୃତ୍ୟୁ ଅନ୍ୟନାମ ବୁଝାଉଥିବ
ତିନୋଟି ଅକ୍ଷର ମିଶିଲା ପରେ
ପ୍ରଥମ ଦୁଇକୁ ସେ ଆୟତ୍ତ କରେ
ଶେଷ ଦୁଇରେ ମୁଁ ସାଜଇ ପକ୍ଷୀ
ନାମଟି ମୋହର କହିଲ ଦେଖି ।

ଉ–ମଶାରି

ସମୁଦ୍ର ପାଣିରେ ମୋହରି ଘର
ଭରିଦିଏ ମନେ ଅନେକ ଡର
ମୋତେ ଉପଭୋଗ କରିବା ପାଇଁ
ଆସୁଥାନ୍ତି କେତେ ମୋ ପାଖେ ଧାଇଁ
କାହାପାଇଁ ଖୁସି ମୁଁ ଶତ୍ରୁ କାହାର
କିଏ ସେ କହିବ ନାମ ମୋହର ।

ଉ– ଲହଡ଼ି

–ପ୍ରଶାନ୍ତ କୁମାର ନାଥ, ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର

## ଟଗଲା ଭୀମୁ




## ଖିଲିଖିଲି ହସ

ଗୋଲୁ ପାଠ ପଢୁଥାଏ । ଏହି ସମୟରେ ତା' ମାମା କହିଲେ, ଆରେ ଗୋଲୁ, ଠିକ୍ ଭାବରେ ଇଂରାଜୀ ପ୍ରଶ୍ନୋତ୍ତର ଘୋଷୁଛୁ ତ ? ଗୋଲୁ କହିଲା, ହଁ, ମାମା, ଅଧ ଘଣ୍ଟାଏ ହେଲାଣି ଘୋଷୁଛି । ମାମା, ମୁଁ ଟିକେ ଟିଭି ଦେଖିବି । ଏକଥା ଶୁଣି ତା' ମାମା ଉତ୍ତର ଦେଲେ, ଠିକ୍ ଅଛି ଆସି ପାଞ୍ଚ ମିନିଟ୍ ଟିଭି ଦେଖ । ହେଲେ ଟିଭି ଅନ୍ କରିବୁ ନାହିଁ ।

ଥରେ ଗୋପାଳ ଏକ ସାଇବର କେଫ୍‌କୁ ଯାଇ କହିଲା ମୋତେ ଦୁଇଟି ସମୋସା ଦିଅ । ସାଇବର କେଫ୍ ପରିଚାଳକ ପଚାରିଲେ, ଇଏ ହୋଟେଲ ନୁହେଁ । ଗୋପାଳ କହିଲା, ମୁଁ ଜାଣିଛି, ଇଏ ହୋଟେଲ ନୁହେଁ ସାଇବର କେଫ । ହେଲେ ମୋତେ ସମୋସା ନାମରେ ଦୁଇଟି ଫୋଲଡର (ସମୋସା–୧, ସମୋସା–୨) କରି ମୋ ପେନ୍ ଡ୍ରାଇଭ୍‌ରେ ଅପଲୋଡ କରିଦିଅନ୍ତୁ ।

ଥରେ ସୋନୁ ଆଉ ମୋନୁଙ୍କୁ କ୍ଲାସରେ ଠିଆ କରି ଶିକ୍ଷକ ପଚାରିଲେ, ଆରେ ତୁମେ ଦୁଇ ଜଣ କାହିଁକି କାଲି ସ୍କୁଲକୁ ଆସି ନ ଥିଲ । ସୋନୁ କହିଲା, ସାର୍ ମୁଁ କାଲି ବମ୍ବେ ଯାଇଥିଲି । ସାର୍, ତାକୁ ମୁଁ ଏୟାରପୋର୍ଟ ଛାଡିବାକୁ ଯାଇଥିଲି । ହେଲେ ଦେଖିଲା ବେଳକୁ ମୁଁ ଘରେ ଅଛି । ସାର୍ ପଚାରିଲେ, ତୁମେମାନେ ମୋତେ ଥଟ୍ଟା କରୁଛ ? ସୋନୁ ଉତ୍ତର ଦେଲା, ନାହିଁ ସାର୍, ଆମେ ଦୁହେଁ କାଲି ରାତିରେ ସ୍ୱପ୍ନରେ ଏକଥା ଦେଖିଥିଲୁ ।

## ଆଇନା



ପ୍ରିୟାଂଶୀ
୭ବର୍ଷ

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# କେଶ ଦାନରେ ରେକର୍ଡ

ପିଲାମାନେ ତୁମେ ହୁଏତ ଶୁଣିଥିବ ଏମିତି କିଛି ରୋଗ ଅଛି ଯାହା ପ୍ରଭାବରେ କେଶ ସବୁ ଉପୁଡି ଯାଇଥାଏ । ତେଣୁ ଏଭଳି ବ୍ୟକ୍ତିଙ୍କ ମନୋବଳକୁ ଦୃଢ କରିବା ନିମନ୍ତେ ଏବେ ଅନେକ ନିଜ କେଶ ଦାନ କରୁଛନ୍ତି । ଠିକ୍ ଏମିତି ଏକ କାମ କରି ଏବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମକୁ ଅନ୍ତର୍ଭୁକ୍ତ କରିପାରିଛନ୍ତି ଆମେରିକୀୟ ମହିଳା ଜହାବ କମାଲ । ୩୦ ବର୍ଷୀୟା ଏହି ମହିଳା ଏକ ଦାତବ୍ୟ ଅନୁଷ୍ଠାନକୁ ନିଜର ଲମ୍ବା କେଶ କାଟି ଦାନ କରିଛନ୍ତି । ତାଙ୍କ କେଶର ଲମ୍ବ ହେଉଛି ୬ ଫୁଟ । ବିଶ୍ୱର ସବୁଠୁ ଲମ୍ବା କେଶ ଦାନ କରିଥିବାରୁ ସେ ଏହି ରେକର୍ଡ କରି ପାରିଛନ୍ତି । ଜହାବ ଏହା ପୂର୍ବରୁ ମାତ୍ର ୧୩ ବର୍ଷ ବୟସରେ ନିଜ କେଶ କାଟିଥିଲେ ।






## ମତାମତ

➤ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ଛୋଟ ଏବଂ ବେଶ୍ ଆକର୍ଷଣୀୟ ହୋଇଥିଲା ।
–ବଟକୃଷ୍ଣ ସାହୁ, ଯାଜପୁର

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି ।
–ମିନାକ୍ଷୀ ମହାନ୍ତି, ପୁରୀ

➤'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣିହେଉଛି । ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ ।
–ରବୀନ୍ଦ୍ର ନାୟକ, ରେଢ଼ାଖୋଲ

➤ ଗତ ସପ୍ତାହରେ ପ୍ରକାଶିତ ଗପ ସ୍ତମ୍ଭରେ 'ସନିଆର ଶିକ୍ଷା' ବିଷୟଟି ପଢ଼ି ଭଲ ଲାଗିଲା ।
–ଦେବରାଜ ମହାନ୍ତି, ବ୍ରହ୍ମପୁର

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ଆକର୍ଷଣୀୟ ହୋଇପାରୁଛି ।
–ଶିବ ନାରାୟଣ ମିଶ୍ର, କେନ୍ଦ୍ରାପଡ଼ା

➤ତୁମ ତୂଳୀ ସ୍ତମ୍ଭରେ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଥିଲା ।
–ରଶ୍ମିତା ପଣ୍ଡା, କୋରାପୁଟ

# ସଂକ୍ଷିପ୍ତ ଉତ୍ତର

ଗପ



ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଜେଲ୍‌ରେ ରହଣି ସମୟର ଏହି କଥାଟି । ମହାତ୍ମା ଗାନ୍ଧୀ ଯେତେବେଳେ ଜେଲ୍‌ରେ ଥିଲେ ସେତେବେଳେ ସେ ଏମିତି ଅନେକ କାମ କରୁଥିଲେ ଯାହାକୁ ଦେଖି ଜେଲ୍‌ର ଅଧିକାରୀମାନେ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଯାଉଥିଲେ । ତାଙ୍କ ମୁଣ୍ଡ ଗାନ୍ଧିଜୀଙ୍କ ଆଗରେ ନଇଁ ଯାଉଥିଲା ସମ୍ମାନର ସହିତ ।

ଗାନ୍ଧିଜୀ ଜେଲ୍‌ରେ ରହି ପିଲାମାନଙ୍କର ପ୍ରଶ୍ନର ଉତ୍ତର ଦେଉଥିଲେ ନିୟମିତ ଭାବରେ । ସାରା ଦେଶରୁ ପିଲାମାନେ ଗାନ୍ଧିଜୀଙ୍କୁ ପତ୍ର ଲେଖୁଥିଲେ ଆଉ ସେ ସବୁ ପତ୍ରକୁ ଭଲ ଭାବରେ ପଢି ତା'ର ଉତ୍ତର ଦେଉଥିଲେ । ସେ ସବୁବେଳେ ଏହି କଥାର ଧ୍ୟାନ ରଖୁଥିଲେ କି ଏମିତି କୌଣସି ପ୍ରଶ୍ନ ରହି ନ ଯାଉ, ଯାହାର ଉତ୍ତର ପଠା ଯାଇନାହିଁ । ଗାନ୍ଧିଜୀ ସବୁବେଳେ ପିଲାଙ୍କର ପ୍ରଶ୍ନର ଉତ୍ତର ଗୋଟିଏ ଧାଡିରେ ଦେଉଥିଲେ । ଥରେ ଗୋଟିଏ ପିଲା ତାଙ୍କୁ ପତ୍ର ଲେଖିଲା, 'ବାପୁ, ଆପଣ ଆମ ପ୍ରଶ୍ନର ଭଲ ଉତ୍ତର ଦେଉଛନ୍ତି ହେଲେ ଆପଣଙ୍କ ପାଖରେ ମୋର ଗୋଟିଏ ଅଭିଯୋଗ ଅଛି କି ଆପଣ ବହୁତ ସଂକ୍ଷିପ୍ତରେ ଆମ ପ୍ରଶ୍ନର ଉତ୍ତର ଦେଉଛନ୍ତି । ଆପଣ ଟିକିଏ ବିସ୍ତାରରେ ଆମ ପ୍ରଶ୍ନର ଉତ୍ତର ଦିଅନ୍ତୁନା' ! ପିଲାଟିର ପ୍ରଶ୍ନର ଉତ୍ତରରେ ବାପୁ ପତ୍ରରେ ଲେଖିଲେ, 'ଶ୍ରୀକୃଷ୍ଣଙ୍କ ସମ୍ମୁଖରେ କେବଳ ଜଣେ ଅର୍ଜୁନ ଥିଲେ । ତେଣୁ ତାଙ୍କୁ ଉତ୍ତର ଦେବାରେ କୌଣସି ଅସୁବିଧା ହେଲାନାହିଁ । ହେଲେ ମୋ ସାମ୍ନାରେ ତ ହଜାର ହଜାର ଅର୍ଜୁନ ଅଛନ୍ତି । ତାଙ୍କୁ ଏତେ ଲମ୍ବା ଲମ୍ବା ଉତ୍ତର ମୁଁ କେମିତି ଲେଖିପାରିବି' ?

ଯେଉଁମାନେ ଗାନ୍ଧିଜୀଙ୍କର ଏହି ପତ୍ରକୁ ପଢିଥିଲେ,ସେମାନେ ସମସ୍ତେ ଗାନ୍ଧିଜୀଙ୍କୁ ପଚାରିଲେ,'ଆପଣ ଏମିତିଆ ଉତ୍ତର କାହିଁକି ଦେଲେ ?' ଗାନ୍ଧିଜୀ କହିଲେ,'ପ୍ରଶ୍ନ ସବୁବେଳେ ଛୋଟ ଆଉ ସ୍ୱଷ୍ଟ ହେବା ଦରକାର ଆଉ ତା'ର ଉତ୍ତର ମଧ୍ୟ ଠିକ୍ ହେବା ଦରକାର' । ଛୋଟ ଆଉ ଠିକ୍ ଉତ୍ତର ଦେବା ଦ୍ୱାରା ଆମର ସମୟ ଆଉ ଶକ୍ତି ବଞ୍ଚେ । ଫଳରେ ମୁଁ ବେଶି ପିଲାଙ୍କର ପ୍ରଶ୍ନର ଉତ୍ତର ଦେଇ ପାରୁଛି ।

ଉପରୋକ୍ତ କାହାଣୀ ଦ୍ୱାରା ଗାନ୍ଧିଜୀ ଆମକୁ ବହୁତ ମୂଲ୍ୟବାନ ଶିକ୍ଷା ଦେଇଛନ୍ତି । ଆମକୁ କାହାକୁ ପ୍ରଶ୍ନ ପଚାରିବାକୁ ଥିଲେ ମୂଳ ବିଷୟରୁ ପଥଚ୍ୟୁତ ହେବା କଥା ନୁହେଁ । ସେହିପରି ଉତ୍ତର ଦେବା ସମୟରେ ଏହା ଧ୍ୟାନ ରଖିବା କଥା କି ଯାହା ପ୍ରଶ୍ନ ପଚାରା ଯାଇଥିବ ତାହାର ଉତ୍ତର ଠିକ୍ ଆଉ ସଂକ୍ଷିପ୍ତ ହେବା ଉଚିତ ।

–ମନୋଜ କୁମାର ବେହେରା
୨୧୭, ୟୁନିଟ–୯, ବାୟାବାବା ମଠ ଲେନ, ଭୁବନେଶ୍ୱର–୨୨
ମୋ : ୭୯୭୮୮୩୦୬୧୧

# ଲାଲବାହାଦୁରଙ୍କ ତ୍ୟାଗ



ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ରୂପରେ ଲାଲ ବାହାଦୁର ଶାସ୍ତ୍ରୀ ପାଖାପାଖି ଅଠର ମାସ କାର୍ଯ୍ୟକାଳ ସମ୍ଭାଳିଥିଲେ । ଏହି ପଦରେ ତାଙ୍କର କାର୍ଯ୍ୟକାଳ ଅଦ୍ୱିତୀୟ ଥିଲା । ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୀବନଶୈଳୀ ଥିଲା ସାଧାରଣ କିନ୍ତୁ ତାଙ୍କ ଚିନ୍ତାଧାରା ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ଜୟ ଯବାନ–ଜୟ କିଷାନର ବିଜୟ ଧ୍ୱନି ଦେଇ ସେ ସୈନିକ ଓ କୃଷକମାନଙ୍କର ମନୋବଳ ବଢାଇଥିଲେ । ସେ ଜାଣିଥିଲେ ଦେଶର ରକ୍ଷା ସେତେବେଳେ ସଫଳ ହେବ ଯେତେବେଳେ ସୈନିକଙ୍କ ପେଟରେ ଅନ୍ନ ଥିବ । ଆଉ ଅନ୍ନ ଦେଶରେ ସେତେବେଳେ ଉପୁଜିବ ଯେତେବେଳେ ଦେଶର କୃଷକକୁ ମାନ ସମ୍ମାନ ମିଳିବ ଆଉ କୃଷକ ଯେତେବେଳେ ଖୁସି ହେବ ।

ଶାସ୍ତ୍ରୀଙ୍କ ଜୀବନର ଘଟଣାଟିଏ । କୁହନ୍ତି, ସେଯେତେବେଳେ ଲାଲ ବାହାଦୁର ଶାସ୍ତ୍ରୀ ଜେଲ୍‌ରେ ଥିଲେ, ସେତେବେଳେ ଜେଲ୍‌ରେ ତାଙ୍କୁ ୫୦ ଟଙ୍କା ମିଳୁଥିଲା ; ଯେଉଁଥିରେ ତାଙ୍କର ଘର ଚଳୁଥିଲା । ଦିନେ ଶାସ୍ତ୍ରିଜୀ ନିଜ ମା'ଙ୍କ ପାଖକୁ ପତ୍ର ଲେଖି ପଚାରିଥିଲେ ଆଉ ୫୦ ଟଙ୍କା ମିଳୁଛି ନା ନାହିଁ? ମା' ଚିଠି ପଢି ତା'ର ଉତ୍ତର ଦେଇଥିଲେ କି ପ୍ରତ୍ୟେକ ମାସରେ ୫୦ ଟଙ୍କା ମିଳୁଛି । ଆଉ ଘରର ସବୁ ଖର୍ଚ୍ଚ ୪୦ ଟଙ୍କା ଭିତରେ ହୋଇଯାଉଛି । ଏହା ପଢି ଶାସ୍ତ୍ରିଜୀ ପତ୍ର ମାଧ୍ୟମରେ ଜେଲରଙ୍କୁ ଜଣାଇଥିଲେ କି ଏଣିକି ଘରକୁ ୪୦ ଟଙ୍କା ପଠେଇବେ ଆଉ ବାକି ୧୦ ଟଙ୍କା ଅନ୍ୟ ଗରିବ ପରିବାରଙ୍କୁ ଦେଇଦେବେ । ଏହି ବିଷୟରେ ଯେତେବେଳେ ନେହେରୁ ଜାଣିଲେ,ସେ ତାଙ୍କୁ କୁଣ୍ଢେଇ ପକେଇ କହିଲେ, ତ୍ୟାଗ କରିବାର ବହୁତ ଲୋକଙ୍କୁ ମୁଁ ଦେଖିଛି,କିନ୍ତୁ ଆପଣଙ୍କର ତ୍ୟାଗ ତ ବହୁତ ଉପରେ ।

## ତୁମ ତୂଳୀ



ତନ୍ମୟ କୁମାର ଦାସ
କ୍ଲାସ– ୬, ଏମ୍.ଏଲ.ଏ ଉଚ୍ଚ ନୋଡାଲ ବିଦ୍ୟାଳୟ, ଦୁଲାଖାପାଟଣା, ଯାଜପୁର







ସାଇସୋହମ୍ ପ୍ରଧାନ
କ୍ଲାସ– ୮, ଓଡିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ, ପୁରୀ



ଓମ୍‌ପ୍ରକାଶ ବାରିକ
କ୍ଲାସ– ୭, ମୁର୍ସିଦାବାଦ, କୋଲକାତା, ପଶ୍ଚିମବଙ୍ଗ







ଅନମୋଲ ଅନିକେତ
କ୍ଲାସ– ୨, ଦିଲ୍ଲୀ ପବ୍ଲିକ ସ୍କୁଲ, ଭାଇଜାଗ ଷ୍ଟିଲ୍, ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

## ସଂକ୍ଷେପରେ

### ଆର୍ଥିକ ସହାୟତା ଲୋଡ଼ୁଥିବା ଖବର ମିଛ

**ଟୁଇଟ୍ କଲେ ଅରିନ୍ଦମଙ୍କ ଭଉଣୀ**




**ପାଟଣା,୧।୧୦(ସ୍ୱ. ପ୍ର.):** କଟକ ମହାନଦୀର ମୁଣ୍ଡଳୀ ବ୍ୟାରେଜ୍ ନିକଟରେ ଓଡ୍ରାଫ୍ ବୋଟ୍ ବୁଡ଼ି ଘଟଣାରେ ପ୍ରାଣ ହରାଇଥିବା ଖବରଦାତା କେନ୍ଦୁଝର ଜିଲା ପାଟଣା ବ୍ଲକ ରାଇକଳା ଗ୍ରାମର ଅରିନ୍ଦମ ଦାଶଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏଭଳି ସ୍ଥିତିରେ ତାଙ୍କ ପରିବାର ଲୋକେ ଆର୍ଥିକ ସହାୟତା ଲୋଡ଼ୁଥିବା ନେଇ ସୋସିଆଲ ମିଡିଆରେ ପ୍ରସାରିତ ହୋଇଥିବା ଖବର ମିଥ୍ୟା। ଏହି ଖବରକୁ ବିଶ୍ୱାସ ନ କରିବାକୁ ଅରିନ୍ଦମଙ୍କ ଭଉଣୀ ଝରଣା ଦାଶ ଟୁଇଟ୍ କରିଛନ୍ତି। ସେ ଓ ତାଙ୍କ କକା ଧରଣୀଧର ଦାଶ ଏହି ଖବର ଭିତ୍ତିହୀନ ବୋଲି କହିଛନ୍ତି। ଝରଣା ଟୁଇଟ୍ କରିଛନ୍ତି ଯେ, ପ୍ରଭୁଙ୍କ ଦୟାରୁ ଆମେ ଭାଉଜ ଓ ପୁତୁରାଙ୍କୁ ସମ୍ମାନଜନକ ଜୀବନଯାପନ ଯୋଗାଇଦେବାକୁ ସକ୍ଷମ ଅଛୁ। ଏଭଳି ଗୁଜବକୁ ଓଡ଼ିଶାବାସୀ ବିଶ୍ୱାସ କରନ୍ତୁ ନାହିଁ। ଅରିନ୍ଦମଙ୍କ ଦୁଃଖଦ ମୃତ୍ୟୁର ୬ ଦିନ ପରେ ସାମାଜିକ ଗଣମାଧ୍ୟମରେ ଏଭଳି ଗୁଜବ ପୋଷ୍ଟ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଏସ୍‌ସିବି ଏକ୍‌ମୋ ୟୁନିଟ୍‌ରେ ଆଉ ଜଣେ ରୋଗୀ ମୃତ

**କଟକ ଅଫିସ, ୧।୧୦:** ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଏକ୍‌ମୋ ୟୁନିଟ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣେ ରୋଗୀଙ୍କର ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଏସ୍‌ସିବି ମେଡିକାଲ ନ୍ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଅଶୋକ ମଲ୍ଲିକଙ୍କ ପୁଅ ଚର୍ଚ୍ଚିତ ମଲ୍ଲିକ(୧୮)। ପୂର୍ବରୁ ଚର୍ଚ୍ଚିତଙ୍କର ଫୁସ୍‌ଫୁସ୍ ଓ କିଡ୍‌ନୀ ସମସ୍ୟା ରହିଥିଲା। ଚିକିତ୍ସା ଲାଗି ତାଙ୍କୁ ଗତ ୨୫ ତାରିଖରେ ଏସ୍‌ସିବିର ଏକ୍‌ମୋ ୟୁନିଟ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି। ସେହିପରି ଯାଜପୁର ଜିଲା ଢୁବୁରି ଅଞ୍ଚଳର ଜଣେ ରୋଗୀ କରୋନାରେ ଆକ୍ରାନ୍ତ ହୋଇ ସ୍ଥାନୀୟ ଟାଟା ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ହଠାତ୍ ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ୯ ଦିନ ତଳେ ଏସ୍‌ସିବି ଏକ୍‌ମୋ ୟୁନିଟ୍‌ରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡା. ମହାରଣା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏସ୍‌ସିବି ଏକ୍‌ମୋ ୟୁନିଟ୍‌ରେ ଚିକିତ୍ସିତ ହେଉଥିବା ୪ ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି।

### କୃଷି କନ୍‌କ୍ଲେଭରେ ଯୋଗଦେବେ ୬୯ ସଂସ୍ଥା

**ଭୁବନେଶ୍ୱର, ୧।୧୦(ବ୍ୟୁରୋ):** ଅକ୍ଟୋବର ୮ରେ ଲୋକସେବା ଭବନସ୍ଥିତ ନୂତନ କନ୍‌ଭେନ୍‌ଶନ ହଲ୍‌ଠାରେ ହେବାକୁ ଥିବା ଏକ ଦିବସୀୟ ଓଡ଼ିଶା କୃଷି କନ୍‌କ୍ଲେଭ୍ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି କାର୍ଯ୍ୟକ୍ରମରେ ଦେଶର ୬୯ ସଂସ୍ଥାର ମୁଖ୍ୟ ତଥା ପ୍ରତିନିଧି ଯୋଗଦେବେ ବୋଲି ପ୍ରାରମ୍ଭିକ ଭାବେ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ବୈଠକ ଆୟୋଜିତ ହୋଇଥିଲା। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ କମିଶନର ସୁରେଶ କୁମାର ବଶିଷ୍ଠ କାର୍ଯ୍ୟକ୍ରମ ଆୟୋଜନର ବିବରଣୀ ଉପସ୍ଥାପନ କରିଥିଲେ। ଆମନ୍ତ୍ରିତ ପ୍ରତିନିଧିଙ୍କୁ ବିମାନବନ୍ଦରଠାରେ ସ୍ୱାଗତ ଜଣାଇବା ପାଇଁ ସୁଦୃଶ୍ୟ ତୋରଣ ନିର୍ମାଣ କରାଯିବ। ଇ-ନିମନ୍ତ୍ରଣ, ଲୋଗୋ, ପୁସ୍ତିକା, ପଞ୍ଜୀକରଣ ପୋର୍ଟାଲ କରାଯାଇଛି। ୩ଦିନ ଧରି ଖବରକାଗଜରେ ଆକର୍ଷଣୀୟ ବିଜ୍ଞାପନ ପ୍ରକାଶ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। କନ୍‌କ୍ଲେଭରେ ସମୁଦାୟ ୫ଟି ସେସନ୍ ରହିବ। ଏଥିରେ କୃଷି ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରାଯିବ। ଅତିଥି ପ୍ରତିନିଧିମାନେ ପ୍ରଦର୍ଶନର ବିବରଣୀ ଉପସ୍ଥାପନ ସହିତ ଓଡ଼ିଶା ପାଇଁ କାର୍ଯ୍ୟ କରିବାକୁ କ'ଣ ଯୋଜନା ରଖିଛନ୍ତି ତାହାର ରୂପରେଖ ପ୍ରଦର୍ଶନ କରିବେ।

# ରାଜନୈତିକ ଛତ୍ରଛାୟାରେ ବଢ଼ୁଛି ଡ୍ରଗ୍ସ ବେପାର

## ମୋଦି ସରକାରଙ୍କୁ ଟାର୍ଗେଟ କଲେ ସୁବୋଧକାନ୍ତ ସହାୟ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ରାଜନୈତିକ ଛତ୍ରଛାୟା ତଳେ ଡ୍ରଗ୍ସ କାରବାର ହେଉଛି। କେନ୍ଦ୍ରରେ ମୋଦି ସରକାରଙ୍କ ସମୟରେ ଡ୍ରଗ୍ସ କାରବାରରେ ଅହେତୁକ ବୃଦ୍ଧି ଘଟିଛି। ଏହାଦ୍ୱାରା ଦେଶର ଯୁବକଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି। ଏଥିସହ ଜାତୀୟ ସୁରକ୍ଷା ଓ ନିରାପତ୍ତା ପ୍ରତି ବଡ଼ ବିପଦ ସୃଷ୍ଟି କରିଛି ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧକାନ୍ତ ସହାୟ ଅଭିଯୋଗ କରିଛନ୍ତି।

କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧକାନ୍ତ ଦେଶରେ ଡ୍ରଗ୍ସ କାରବାର ବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଗତ ଜୁନ୍ ୯ରେ ଗୁଜରାଟ ଆଦାନୀ ମୁନ୍ଦ୍ରା ପୋର୍ଟ ଦେଇ ଭାରତକୁ ୨୫ ହଜାର କିଗ୍ରା ହେରୋଇନ ଆସିଥିଲା। ଏହାର ବଜାର ମୂଲ୍ୟ ୧,୭୫,୦୦୦ କୋଟି ଟଙ୍କା ହେବ। ସେହିପରି ସେପ୍ଟେମ୍ବର ୧୩ରେ ୩ ହଜାର କିଗ୍ରା ହେରୋଇନ ସେହି ଆଦାନୀ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ସୁବୋଧକାନ୍ତ ସହାୟ ଓ ଅନ୍ୟମାନେ।

ମୁନ୍ଦ୍ରା ପୋର୍ଟ ଦେଇ ଭାରତକୁ ଆସିଥିଲା, ଯାହାର ବଜାର ମୂଲ୍ୟ ୨୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହା ଡିଆରଆଇ ଧରିଥିଲେ ମଧ୍ୟ ୯ ଜୁନରେ ଆସିଥିବା ୨୫ ହଜାର କିଗ୍ରା ହେରୋଇନ ଏପର୍ଯ୍ୟନ୍ତ ଧରାଯାଇ ନାହିଁ। ତେଣୁ ବସ୍ତୁତଃ ଏହା ବଜାରକୁ ଚାଲିଯାଇଛି ବୋଲି ସେ କରିଛନ୍ତି। ଏସବୁ ଡ୍ରଗ୍ସକୁ ହାସାନ ହୁସେନ ଲିମିଟେଡ୍ ନାମକ ଆଫ୍‌ଗାନିସ୍ଥାନର ଏକ ସଂସ୍ଥା ରପ୍ତାନୀ କରିଥିଲା। ସବୁଠାରୁ ଚିନ୍ତାଜନକ କଥା ହେଉଛି, ଯେଉଁ କମ୍ପାନୀ (ଆସି ଟ୍ରେଡିଙ୍ଗ୍ କମ୍ପାନୀ) ମାଧ୍ୟମରେ ଭାରତକୁ ଆମଦାନୀ କରାଯାଇଥିଲା ତାହା ଏକ କମିଶନପ୍ରାପ୍ତ ଏଜେଣ୍ଟ ଭଳି କାର୍ଯ୍ୟ କରୁଥିଲା। ତେବେ କାହାପାଇଁ ବାରମ୍ବାର ଏତେ ପରିମାଣର ହେରୋଇନ ଆମଦାନୀ କରାଯାଇଛି। ସେମାନଙ୍କୁ ଧରିବାରେ ନାରକୋଟିକ୍ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି), ଡିରୋରେକ୍ଟରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍‌ଆଇ), ଏନ୍‌ଫୋର୍ସମେଣ୍ଟ ଡିରେକ୍ଟୋରେଟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଏବଂ ଭାରତୀୟ ଇଣ୍ଟେଲିଜେନ୍ସ ବ୍ୟୁରୋ ଆଦି ସଂସ୍ଥା ଏ କ୍ଷେତ୍ରରେ ନିଷ୍କ୍ରିୟ କାହିଁକି ବୋଲି ସେ ପ୍ରଶ୍ନ କରିଛି। ଏପରି ସାଂଘାତିକ ଡ୍ରଗ୍ସ କାରବାରକୁ ପଦାକୁ ଆଣିବା ପାଇଁ ସୁପ୍ରିମକୋର୍ଟର ଦୁଇଜଣ କାର୍ଯ୍ୟକାରୀ ବିଚାରପତିଙ୍କୁ ନେଇ କମିଶନଙ୍କ ଦ୍ୱାରା ତଦନ୍ତ କରିବାକୁ କଂଗ୍ରେସ ଦାବି କରିଛି।

# ପ୍ରତି ପରିବାରକୁ ୧୦ ଲକ୍ଷ ଲେଖାଏଁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

## ପାଣିରେ ବୁଡ଼ି ୨ ଶିଶୁ ମୃତ୍ୟୁ ମାମଲା

**କଟକ ଅଫିସ,୧।୧୦**

ଅନୁଗୋଳ ଜିଲାରେ ପାଣିରେ ବୁଡି ୨ ଶିଶୁ ମୃତ୍ୟୁ ଘଟଣାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି. ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ମୃତ ୨ ଶିଶୁଙ୍କ ପରିବାରକୁ ୧୦ଲକ୍ଷ ଲେଖାଏଁ କ୍ଷତିପୂରଣ ସହ ନଭେମ୍ବର ୧ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ କରିବା ପାଇଁ ଅନୁଗୋଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କୂଅ, ଖାଲ ତଥା ନିର୍ମାଣ କାର୍ଯ୍ୟ ଚାଲିଥିବା ସ୍ଥାନରେ ଶିଶୁଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଇବାକୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୨ ସେପ୍ଟେମ୍ବର ୭ରେ ଅନୁଗୋଳ ଜିଲା ବଅଁରପାଳର ତେନ୍ତୁଳିହତା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଏକ ଦୁର୍ଘଟଣା ଘଟିଥିଲା। ବିଦ୍ୟାଳୟ କ୍ୟାମ୍ପସରେ ନୂତନ କୋଠା ନିର୍ମାଣାଧୀନ



ଥିଲା। ବର୍ଷାଯୋଗୁ ପାଣି ଜମିଥିବାରୁ ନିର୍ମାଣ କାର୍ଯ୍ୟ ଆଗେଇପାରୁ ନ ଥିଲା। ସେଠାରେ ଗାତ ହୋଇଯାଇଥିବାବେଳେ ବ୍ୟାରିକେଡ କରାଯାଇ ନ ଥିଲା। ସେହି ଜଳପୂର୍ଣ୍ଣ ଗାତରେ ୪ ବର୍ଷର ଶିଶୁ ଦ୍ୱୟ ବୁଡିଯିବାରୁ ମୃତ୍ୟୁ ଘଟିଥିଲା। ଏଭଳି ଖାମଖିଆଲ କାର୍ଯ୍ୟକୁ ଦାୟୀ କରି ଉଭୟ ଶିଶୁଙ୍କ ଅଭିଭାବକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପି.କେ. ଦାସ ମାମଲା ପରିଚାଳନା କରୁଥିଲେ।

# ବରଗଡ଼ରେ ଏଚ୍‌ଆର୍‌ପିସି ଟିମ୍



ବରଗଡ଼ ଟାଉନ ଥାନା ପରିସରରେ ଏଚ୍‌ଆରପିସିର ୨ଜଣିଆ ଟିମ୍ ।

**ବରଗଡ଼ ଅଫିସ୍,୧।୧୦**

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ତୋରା ତଳିପଡ଼ାର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାକୁ ନେଇ ମାନବାଧିକାର ସୁରକ୍ଷା ସେଲ୍ (ଏଚ୍‌ଆର୍‌ପିସି) ତଦନ୍ତ ଆରମ୍ଭ କରିଛି। ଏହି କ୍ରମରେ ଶୁକ୍ରବାର ଏଚ୍‌ଆର୍‌ପିସିର ୨ଜଣିଆ ଟିମ୍ ବରଗଡ଼ରେ ପହଞ୍ଚିଛନ୍ତି । ଉକ୍ତ ଟିମ୍‌ରେ ଏଚ୍‌ଆର୍‌ପିସିର ଅତିରିକ୍ତ ଏସ୍‌ପି ଇତିକାନ୍ତ ମହାପାତ୍ର ଏବଂ ଡିଏସ୍‌ପି ବିଦ୍ୟୁତ୍ ପଣ୍ଡା ରହିଛନ୍ତି । ସେମାନେ ପ୍ରଥମେ ଜିଲା ପୋଲିସ ମୁଖ୍ୟାଳୟକୁ ଯାଇ ଏସ୍‌ପି ରାହୁଲ ଜୈନଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଏହି ଟିମ୍ ଟାଉନ ଥାନାକୁ ପହଞ୍ଚି ଘଟଣା ସମ୍ପର୍କୀତ ତଥ୍ୟ ସଂଗ୍ରହ କରିଥିଲେ । ମୃତକଙ୍କ ପରିବାର ଲୋକଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି ବୋଲି ଉକ୍ତ ଟିମ୍‌ର ଅଧିକାରୀମାନେ କହିଛନ୍ତି।

**ପୋଲିସ ହେପାଜତରେ ମୃତ୍ୟୁ ଘଟଣା**

ପ୍ରକାଶଥାଉକି, ସେପ୍ଟେମ୍ବର ୨୪ତାରିଖ ବିଳମ୍ବିତ ରାତ୍ରିରେ ଟାଉନ ଥାନା ପୋଲିସର ଏକ ଟିମ୍ ମୃତ ଯୁବକ ଗୋବିନ୍ଦଙ୍କୁ ତାଙ୍କ ଘରୁ ଉଠାଇ ଆଣିଥିଲେ। ପରଦିନ ଅର୍ଥାତ୍ ୨୫ତାରିଖ ସକାଳେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ପୋଲିସ ମାଡ଼ ଯୋଗୁ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକେ ରାସ୍ତା ଉପରେ ମୃତଦେହ ରଖି ଆନ୍ଦୋଳନକୁ ଓହ୍ଲାଇ ନ୍ୟାୟ ଭିକ୍ଷା କରିଥିଲେ। ଅନ୍ୟପଟେ ଏସ୍‌ପି ଅଫିସ ଆଗରେ ଆନ୍ଦୋଳନ ଚାଲିଥିବାବେଳେ ପୋଲିସ ଲାଠିମାଡ଼ କରିଥିଲା। ଘଟଣାର ସମ୍ବେଦନଶୀଳତା ଦୃଷ୍ଟିରୁ ଏସ୍‌ପି ଜୈନ ଏଚ୍‌ଆର୍‌ପିସି ଏଡ଼ିଜିଙ୍କୁ ଚିଠି ଲେଖି ଏହି ଘଟଣାର ତଦନ୍ତ ପାଇଁ ଅନୁରୋଧ କରିଥିଲେ ।

# ପ୍ରତି ଜିଲାରେ ହେଉ ଖାଉଟି ସଚେତନତା ପ୍ରଶିକ୍ଷଣ କେନ୍ଦ୍ର

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ, ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଭର୍ଚୁଆଲ ମୋଡ୍‌ରେ ଗ୍ରାହକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଯୋଗଦେଇଥିଲେ। ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ଚିତ୍ତରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ପରାମର୍ଶଦାତା ବିଜୋନ କୁମାର ମିଶ୍ର ଉପଭୋକ୍ତା ସୁରକ୍ଷା ଆଇନ-୨୦୧୯, ନିୟମ, ଅଭିଯୋଗ ସମାଧାନର ବିକଳ୍ପ ବ୍ୟବସ୍ଥା, ଗ୍ରାହକଙ୍କ ଅଧିକାର, କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରତି ଜିଲାରେ ଖାଉଟି ସଚେତନତା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରିବା ଲାଗି ସେ ପ୍ରସ୍ତାବ ଦେଇଛନ୍ତି। ବିଆଇଏସ୍‌ର ମୁଖ୍ୟ ବୈଜ୍ଞାନିକ ଜଗନ୍ନାଥ ମାଝି ସୁନାଗହଣାର ମାନକ ଏବଂ ଶୁଦ୍ଧତା ବିଷୟରେ ସୂଚନା ଦେଇଥିଲେ। ଭାରତ ସରକାର ୨୦୨୧ ଜୁନ୍ ୧ରୁ ସମସ୍ତ ସୁନାଗହଣା ଉପରେ ହଲ୍‌ମାର୍କ ବ୍ୟବସ୍ଥା ବାଧ୍ୟତାମୂଳକ କରିଛନ୍ତି। ଗହଣା ଦୋକାନୀ ଓ ବିକ୍ରେତାଙ୍କ ବିଆଇଏସ୍‌ରେ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି ବୋଲି ସେ କହିଥିଲେ।

# କେନ୍ଦ୍ରାଞ୍ଚଳ ଜିଲାରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଆଦର୍ଶ ବିଦ୍ୟାଳୟ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

କେନ୍ଦ୍ରୀୟ ରାଜସ୍ୱ ଡିଭିଜନ ଅନ୍ତର୍ଗତ ଜିଲାଗୁଡ଼ିକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକ ଶୀଘ୍ର କାର୍ଯ୍ୟକ୍ଷମ ହେବ। ଉଚ୍ଚମାନର ଶିକ୍ଷାଦାନ ନିମନ୍ତେ ବିଦ୍ୟାଳୟଗୁଡ଼ିକୁ ପୂର୍ଣ୍ଣମାତ୍ରା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟରେ ଶୈକ୍ଷିକ ପରିବେଶକୁ ଅଧିକରୁ ଅଧିକ ବୁଦ୍ଧିମନ୍ତ କରିବା ନିମନ୍ତେ ଆଗାମୀ ୩ ବର୍ଷ ପାଇଁ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଲାଗି ମଧ୍ୟ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନରୁ ଭିଡିଓ କନ୍‌ଫରେନ୍ସରେ ଆଦର୍ଶ ବିଦ୍ୟାଳୟ ଏବଂ ମୋ ସ୍କୁଲ କାର୍ଯ୍ୟକ୍ରମ ସମୀକ୍ଷାକରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ମୋ ସ୍କୁଲ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ତଥ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟ ଚତୁଃପାର୍ଶ୍ୱରେ ସବୁଜ ପାଚେରି ନିର୍ମାଣ କରିବା ଏବଂ ବିଦ୍ୟାଳୟ ପରିସରରେ ଯେପରି ବର୍ଷାପାଣି ଜମି ନ ରହେ ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭଲ ରାସ୍ତା, ଚତୁଃପାର୍ଶ୍ୱରେ ସବୁଜିମାର ବଳୟ, ବିଦ୍ୟାଳୟ କାନ୍ଥଗୁଡ଼ିକରେ ଦୀର୍ଘସ୍ଥାୟୀ ପାଣିପାଗ ସହନଶୀଳ ରଙ୍ଗର ବ୍ୟବହାର ଆଦି ବିଷୟ ଉପରେ ଦୃଷ୍ଟିଦେବାକୁ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଜିଲାପାଳମାନଙ୍କୁ କହିଛନ୍ତି। ବରିଷ୍ଠତା ହାସଲ କରିଥିବା ପ୍ରାଥମିକ ବିଦ୍ୟାଳୟର ପ୍ରାୟ ୨୦,୦୦୦ ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ପଦୋନ୍ନତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମଧ୍ୟ ଜିଲାପାଳଙ୍କୁ କୁହାଯାଇଛି। ଏବେ ସୁଦ୍ଧା ରାଜ୍ୟରେ ୪,୩୭୨ ବିଦ୍ୟାଳୟର ରୂପାନ୍ତରଣ ପାଇଁ ପଦକ୍ଷେପ ନିଆଯାଇଛି।

# ୨.୨୫ ଲକ୍ଷ ଟଙ୍କା, ୧୨ କାର୍ ଜବତ

## ଜୁଆ ଆଡ୍ଡାରୁ ଗଜପତି, ଆନ୍ଧ୍ରର ୧୫ ଜୁଆଡ଼ି ଗିରଫ

**ଗୁଣପୁର,୧।୧୦(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ପୋଲିସ ଏକ ବଡ଼ ଧରଣର ଜୁଆଆଡ୍ଡା ଉପରେ ଚଢ଼ାଉ କରି ୧୫ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨ ଲକ୍ଷ ୨୫ ହଜାର ୯୯୦ ଟଙ୍କା, ରୟାଲ୍ କଏନ୍, ୧୨ ଦାମୀ କାର୍, ଅଟୋରିକ୍ସା ଏବଂ ୧୯ ମୋବାଇଲ୍ ଜବତ କରିଛି। ଗୁଣପୁର ସହର ରେଗେଡ଼ା ଗ୍ରାମ ନିକଟ କାଜୁ



ଜବତ ହୋଇଥିବା କାର୍।

ଜଙ୍ଗଲରେ ଗୁରୁବାର ରାତିରେ ଜୁଆ ଆଡ୍ଡା ଚାଲିଥିବା ପୋଲିସ ଖବର ପାଇଥିଲା। ରାୟଗଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶରେ ଗୁଣପୁର ଥାନା ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଗିରଫ ଜୁଆଡ଼ିମାନେ ଗଜପତି ଜିଲା ପାରଳାଖେମୁଣ୍ଡି ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟ ଶ୍ରୀକାକୁଲମ ଜିଲାର ବୋଲି ଗୁଣପୁର ଥାନାଧିକାରୀ ଯଶୱନ୍ତ ହିଆଲ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ୬୩ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

- ନଗଦ ୨୧ ଲକ୍ଷ ଟଙ୍କା, ସୁନାରୁପା ଅଲଙ୍କାର ଜବତ
- ୫ କୋର୍ଟ ଚାଲାଣ

**ଜଗତ୍‌ସିଂହପୁର ଅଫିସ, ୧।୧୦**

ଜଗତ୍‌ସିଂହପୁର ଜିଲାର ଏରସମା, କୁଜଙ୍ଗ ଓ ରଘୁନାଥପୁରରେ ପୋଲିସ ଚଢ଼ାଉ କରି ଶୁକ୍ରବାର ୫୪୧.୮୬୩ ଗ୍ରାମର ବ୍ରାଉନସୁଗାର ବିପୁଳ ଟଙ୍କା, ସୁନା ଓ ରୁପା ଅଳଙ୍କାର ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୬୩ ଲକ୍ଷ ଟଙ୍କା ହେବ ବୋଲି ଜଗତ୍‌ସିଂହପୁର ଏସ୍‌ପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଏରସମା ବସଷ୍ଟାଣ୍ଡ ସମ୍ମୁଖ ଏକ ପରିତ୍ୟକ୍ତ ଘରୁ ୨୬୦.୬୩୦ ଗ୍ରାମ ବ୍ରାଉନସୁଗାର, ନଗଦ ୨୧ ଲକ୍ଷ ଟଙ୍କା, ୩୩.୩୦୦ ମିଲିଗ୍ରାମ ସୁନା ଓ ୧୨୦.୨୩ ଗ୍ରାମ ରୁପା ଅଳଙ୍କାର ଜବତ କରାଯାଇଛି। ଅଳଙ୍କାରଗୁଡିକ ହେଲା ସୁନା ପ୍ଲେଟ୍ ଲାଗିଥିବା ୨ ହଳ ନାଲି ରଙ୍ଗର ପ୍ଲାଷ୍ଟିକ ଚୁଡ଼ି, କଳା ମାଳି ସହ ସୁନା ଲକେଟ୍ ମଙ୍ଗଳସୂତ୍ର, ସୁନା ମୁଦି, ୩ ହଳ ସୁନା କାନ ରିଙ୍ଗ, ଗୋଟିଏ ସୁନା ଚେନ୍, ହଳେ ସୁନା କାନ ଫାସିଆ, ୪ ସୁନା ନାକ ଫୁଲ, ୨ ସୁନା ଲକେଟ୍, ୨ ରୁପା ଖଡ୍ଡୁ, ୨ ହଳ ରୁପା ପାଉଞ୍ଜି। ଏଥିସହ ଗୋଟିଏ ଇଲେକ୍ଟ୍ରୋନିକ୍ ଓଜନ ମେସିନ୍, ଗୋଟିଏ ଟେପ୍ ପ୍ଲାଷ୍ଟର ମେଶିନ୍ (ନାଲି ଓ କଳା ରଙ୍ଗର), ଗୋଟିଏ ବିଡା ଟ୍ରାନ୍ସପରେଣ୍ଟ ପଲି ପାକ୍ ଜବତ ହୋଇଛି। ଏରସମା ଥାନା ଏସ୍‌ଆଇ ଧନେଶ୍ୱର ବେହେରା ଓ



ଗିରଫ ଅଭିଯୁକ୍ତ ଓ ଜବତ ଟଙ୍କା, ସୁନାରୁପା।

କର୍ମଚାରୀମାନଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୨୩୧/୨୧) ରୁଜୁ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ତିର୍ତ୍ତୋଲ ଥାନା ଜଇପୁର ହାଟୁଆରୀ ଗ୍ରାମର ତଥା କୁଜଙ୍ଗ ଷଣ୍ଢପୁରରେ ରହୁଥିବା ମାନସ ସ୍ୱାଇଁ (୩୫), ଅଭୟଚାନ୍ଦପୁର ଥାନା ନୂଆଗାଁର ବିଶ୍ୱପ୍ରକାଶ ନାୟକ ଓରଫ ଫେଲୁ (୩୪) ଓ ଏରସମା ଥାନା ମହିମଦେଇପୁରର ଜ୍ୟୋତିରଞ୍ଜନ ଲେଙ୍କା ଓରଫ ରାକି। ଅନୁରୂପ ଭାବେ କୁଜଙ୍ଗ ଥାନା ଷଣ୍ଢପୁରର ପୃଥକ ସ୍ଥାନରେ ଚଢାଉ କରାଯାଇ ୨୭୧ ଗ୍ରାମ ବ୍ରାଉନ ସୁଗାର ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଏସ୍‌ଆଇ ରଜନୀକାନ୍ତ ଦାସଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୩୪୨/୨୧) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଷଣ୍ଢପୁର ଗ୍ରାମର ଅକ୍ଷୟ ସ୍ୱାଇଁ (୮୨), ଏହି ଗାଁର ବନ୍ଦନା ସ୍ୱାଇଁ (୩୨) ଓ କୁଜଙ୍ଗ ଥାନା ଫତେପୁରର ରାଜେଶ ସାମଲ (୨୪)। ଅକ୍ଷୟଙ୍କଠାରୁ ୧୬.୫୦ ଗ୍ରାମ, ବନ୍ଦନାଙ୍କଠାରୁ ୨୫୫ ଗ୍ରାମର ବ୍ରାଉନ୍‌ସୁଗାର ଜବତ ହୋଇଛି। ସେହିପରି ରଘୁନାଥପୁର ଥାନା ଅଯୋଧ୍ୟାପୁର ହନୁମାନ ମନ୍ଦିର ନିକଟରୁ ପୋଲିସ ୧୦.୮୦୦ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଅଭିଯୁକ୍ତ ହେଲେ ଲୋକନାଥ ରାଉତ ଓରଫ ବାଇଆ (୪୧)। ଏନେଇ ଥାନାରେ ମାମଲା (ନଂ. ୧୩୭/୨୧) ରୁଜୁ ହୋଇଛି। ଗତ ଏକ ମାସ ମଧ୍ୟରେ ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ପାଖାପାଖି ୧ କୋଟି ଟଙ୍କାର ବ୍ରାଉନସୁଗାର ଜବତ ହୋଇଥିବା ନେଇ ଏସ୍‌ପି ସିଂ ସୂଚନା ଦେଇଛନ୍ତି।

# ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

**ରାଉରକେଲା ଅଫିସ,୧।୧୦**

ରାଉରକେଲା ବନ୍ଧମୁଣ୍ଡା ଓ ଆର୍‌ଏସ୍‌ପି ୟାର୍ଡ୍ ନିକଟରେ ଏକ ମାଲବାହୀ ଟ୍ରେନ ଲାଇନ୍‌ଚ୍ୟୁତ ହୋଇଛି। ଏହି ମାଲବାହୀ ଟ୍ରେନଟି ଗୁରୁବାର ବିଳମ୍ବିତ ରାତିରେ ଟାଟାରୁ ଆଇରନ୍ ଓର୍ ନେଇ ରାଉରକେଲା ଅଭିମୁଖେ ଆସୁଥିଲା। ଟ୍ରେନ୍ ବନ୍ଧମୁଣ୍ଡା ଆର୍‌ଏସ୍‌ପି ଷ୍ଟକିୟାର୍ଡ୍ ନିକଟରେ ଟ୍ରାକ୍ ଚେଞ୍ଜ କରୁଥିବାବେଳେ ଏଭଳି ଅଘଟଣ ଘଟିଥିଲା। ଗାଡ଼ିର ୫ଟି ବଗି ରେଳ ଧାରଣା ଉପରେ ଦୀର୍ଘ ସମୟ ଧରି ପଡିରହିଥିଲା। ଫଳରେ ଉକ୍ତ ଲାଇନରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ୧୦ ଘଣ୍ଟା ପରେ ବଗି ଗୁଡ଼ିକୁ ଟ୍ରାକ୍‌କୁ ନିଆଯାଇଥିଲା। ଏଥିରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି।



ଲାଇନ୍‌ଚ୍ୟୁତ ହୋଇଥିବା ଟ୍ରେନ୍।

# ବରିଷ୍ଠ ନାଗରିକଙ୍କ ଉନ୍ନତି ପାଇଁ ବ୍ୟବସ୍ଥାଗତ ପରିବର୍ତ୍ତନ ଲୋଡ଼ା




**ଭୁବନେଶ୍ୱର, ୧।୧୦(ବ୍ୟୁରୋ)**

ବରିଷ୍ଠ ନାଗରିକମାନେ ସମ୍ମାନର ସହ ବଞ୍ଚିବା ଆବଶ୍ୟକ। ସେମାନଙ୍କ ଉନ୍ନତି ପାଇଁ ବ୍ୟବସ୍ଥାଗତ ପରିବର୍ତ୍ତନ ସୁନିଶ୍ଚିତ ହେବା ଜରୁରୀ ବୋଲି ହେଲ୍ପଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର କହିଛନ୍ତି। ହେଲ୍ପଏଜ୍ ଇଣ୍ଡିଆ ଓ ଭୁବନେଶ୍ୱର ଏମ୍ସର କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ ବିଭାଗ ସହଯୋଗରେ ଶୁକ୍ରବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ 'ବରିଷ୍ଠ ନାଗରିକଙ୍କ ନିମନ୍ତେ ପୁନଃନିର୍ମାଣର ଆବଶ୍ୟକତା- ସ୍ୱାସ୍ଥ୍ୟ, ଆୟ ଏବଂ ସମ୍ମାନ' ଶୀର୍ଷକ ୱେବିନାରରେ ଭାରତୀ ଚକ୍ର ସ୍ୱାଗତ ଭାଷଣ ପ୍ରଦାନ କରି ବରିଷ୍ଠ ନାଗରିକଙ୍କ ପାଇଁ ଡିଜିଟାଲ୍ ଇକ୍ୱିଟି ବିଷୟରେ କହିଥିଲେ। ଏମ୍ସ ନିର୍ଦ୍ଦେଶିକା ପ୍ରଫେସର ଡା. ଗୀତାଞ୍ଜଳି ବାଟମାନବେନ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିଥିଲେ। କମ୍ୟୁନିଟି ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡା. ସୋନୁ ଏଚ୍ ସୁବା ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଅତିରିକ୍ତ ପ୍ରଫେସର ଡା. ସ୍ୱୟଂପ୍ରଜ୍ଞା ପରିଡ଼ା, ଓଡ଼ିଶା ସରକାରଙ୍କ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର, ସାମାଜିକ ସୁରକ୍ଷା ବିଭାଗ ନିର୍ଦ୍ଦେଶକ ବ୍ରତତି ହରିଚନ୍ଦନ, 'ଧରିତ୍ରୀ'ର ଡେପୁଟି ନ୍ୟୁଜ୍ ଏଡିଟର ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ, ଆୟ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ରାଜ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ସମ୍ମାନର ସହ ଜୀବନ ସୁନିଶ୍ଚିତ କରିବାରେ ବିଭିନ୍ନ କର୍ତ୍ତବ୍ୟରତ ଅଧିକାରୀଙ୍କ ଭୂମିକା, ବ୍ୟବସ୍ଥାଗତ ପରିବର୍ତ୍ତନର ଆବଶ୍ୟକତା ଆଦି ଉପରେ ସେମାନେ ଆଲୋକପାତ କରିଥିଲେ।

## ଇ-କମର୍ସ ସାଇଟଗୁଡ଼ିକରେ ପାର୍ବଣ ଅଫର

ପାର୍ବଣ ଋତୁ ଉପଲକ୍ଷେ ଦେଶର ପ୍ରମୁଖ ଇ-କମର୍ସ କମ୍ପାନୀ ଆମାଜନ୍, ଫ୍ଲିପକାର୍ଟ, ମିଶୋ ଓ ମିନ୍ତ୍ରା ପକ୍ଷରୁ ମେଗା ସେଲ୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଆମାଜନ୍ ଡଟ୍ ଇନ୍ ପକ୍ଷରୁ 'ପୂଜା ସପିଙ୍ଗ୍ ଉତ୍ସବ' ଏବଂ ଫ୍ଲିପକାର୍ଟରେ 'ଆର୍ଟଫର୍ମ ଅଫ ଇଣ୍ଡିଆ' ବା 'ଭାରତର କଳା' ଥିମ ଅଧିନରେ ଉତ୍ପାଦଗୁଡ଼ିକର ଏକ ସ୍ୱତନ୍ତ୍ର ଶୃଙ୍ଖଳା ଗ୍ରାହକ ମାନଙ୍କୁ ଭେଟି ଦେବାକୁ ପ୍ରୟାସ ହୋଇଛି। ମିନ୍ତ୍ରା ପକ୍ଷରୁ ବିଗ୍ ଫେସନ୍ ଫେଷ୍ଟିଭାଲ୍ ଅକ୍ଟୋବର ୩ରୁ ଆରମ୍ଭ ହୋଇ୧୦ ପର୍ଯ୍ୟନ୍ତ ଚାଲିବ। ସେହିଭଳି ମିଶୋ ପକ୍ଷରୁ ଦି ମହା ଇଣ୍ଡିଆନ୍ ସପିଙ୍ଗ ଲିଗ୍ ଅକ୍ଟୋବର ୬ ରୁ ୯ ପର୍ଯ୍ୟନ୍ତ ଚାଲିବ।

# ୧.୧୭ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ

**ନୂଆଦିଲ୍ଲୀ,୧।୧୦**




ଚଳିତ ବର୍ଷ ସେପ୍ଟେମ୍ବରରେ ୧.୧୭ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ କରାଯାଇଛି। ଏହା ଗତ ୫ ମାସର ସର୍ବାଧିକ ପରୋକ୍ଷ ଟିକସ ଆଦାୟ। ସେହିଭଳି ଗତ ବର୍ଷ ସେପ୍ଟେମ୍ବର ତୁଳନାରେ ଏହି ଆଦାୟ ୨୩% ଉର୍ଦ୍ଧ୍ୱରେ ରହିଛି। ଲଗାତାର ତୃତୀୟ ମାସ ଲାଗି ଜିଏସ୍‌ଟି ଆଦାୟ ଲକ୍ଷେ କୋଟି ଟଙ୍କା ସ୍ତର ଟପୁଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ମୋଟ ଜିଏସ୍ ଟି ମଧ୍ୟରୁ କେନ୍ଦ୍ର ଜିଏସ୍‌ଟି(ସିଜିଏସ୍‌ଟି) ୨୦,୫୭୮ କୋଟି ଟଙ୍କା ରହିଛି। ସେହିଭଳି ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି)୨୬,୭୬୭ କୋଟି ଏବଂ ସମନ୍ୱିତ ଜିଏସ୍‌ଟି ବାବଦ ଆଦାୟ ୬୦,୯୧୧ କୋଟି ଟଙ୍କା ରହିଛି। ଏହା ମଧ୍ୟରେ ଆମଦାନୀ ଟିକସ ବାବଦ ଆଦାୟ ୨୯,୫୫୫ କୋଟି ଏବଂ ସେସ୍ ବାବଦ ୮୭୫୪ କୋଟି ଟଙ୍କା ସାମିଲ ଥିବା ଜଣାପଡ଼ିଛି।

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ହାରାହାରି ମାସିକ ଜିଏସ୍‌ଟି ଆଦାୟ ୧.୧୫ ଲକ୍ଷ କୋଟି ଟଙ୍କା ରହୁଛି। ଏହା ପୂର୍ବ ତ୍ରୈମାସ ତୁଳନାରେ ପ୍ରାୟ ୫% ଅଧିକ ରହିଛି। ପ୍ରଥମ ତ୍ରୈମାସରେ ହାରାହାରି ମାସିକ ଟିକସ ଆଦାୟ ୧.୧୦ ଲକ୍ଷ କୋଟି ଟଙ୍କା ରହିଥିଲା। ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ସୁଧାର ପଥକୁ ଫେରୁଥିବା ଟିକସ ଆଦାୟରୁ ଅନୁମାନ ଲଗାଇହେବ। ଘରୋଇ ବଜାରରେ ଅର୍ଥନୈତିକ କାର୍ଯ୍ୟକଳାପ ବଢୁଥିବା ବେଳେ ଜିଏସ୍‌ଟି ଚୋରୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାରୁ ଟିକସ ଆଦାୟରେ ଉନ୍ନତି ଆସୁଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

ବର୍ଷର ଦ୍ୱିତୀୟ ଭାଗରେ ମଧ୍ୟ ଟିକସ ଆଦାୟ ଉନ୍ନତ ହେବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ଅଗଷ୍ଟ ଏବଂ ଜୁଲାଇ ମାସରେ ଜିଏସ୍‌ଟି ଆଦାୟ ଯଥାକ୍ରମେ ୧.୧୨ ଲକ୍ଷ କୋଟି ଏବଂ ୧.୧୬ ଲକ୍ଷ କୋଟି ଟଙ୍କା ରହିଥିଲା। ସେପ୍ଟେମ୍ବରରେ ସାମଗ୍ରୀ ଆମଦାନୀରୁ ଟିକସ ଆଦାୟ ୩୦% ଉର୍ଦ୍ଧ୍ୱରେ ରହିଛି।

# ହିରୋର 'ପ୍ରକୃତ ହିରୋ ପାଇଁ ରାଇଡ'

**ନୂଆଦିଲ୍ଲୀ,୧।୧୦**




**କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରିବ**

ହିରୋ ମୋଟୋକର୍ପ ପକ୍ଷରୁ 'ପ୍ରକୃତ ହିରୋ ପାଇଁ ରାଇଡ' ସମ୍ପର୍କରେ ଘୋଷଣା କରିଛି। କରୋନା କାଳରେ ଆଗଧାଡ଼ିର ସ୍ୱାସ୍ଥ୍ୟ ସେବା ଯୋଦ୍ଧାମାନଙ୍କୁ ସମ୍ମାନୀତ କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ଏକ ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। କୋଭିଡ-୧୯ ରିଲିଫ ପଦକ୍ଷେପକୁ ସମର୍ଥନ କରିବା ଦିଗରେ କମ୍ପାନୀ ଏହାର ପରିଶ୍ରମ ଜାରି ରଖିଥିବା କହିଛି। ପ୍ରକୃତ ହିରୋଙ୍କ ପାଇଁ ରାଇଡରେ ଅଂଶ ଗ୍ରହଣ କରୁଥିବା ଆରୋହୀମାନେ ବିଶ୍ୱର ୧୦୦ଟି ସହରର ଡାକ୍ତର ଏବଂ ଡାକ୍ତରୀ କର୍ମଚାରୀଙ୍କ ସମେତ ସ୍ୱାସ୍ଥ୍ୟକର୍ମୀଙ୍କୁ କୋଭିଡ୍-୧୯ ସୁରକ୍ଷା କିଟ୍ ବଣ୍ଟନ କରିବେ। ଅକ୍ଟୋବର ୨ରୁ ଆରମ୍ଭ ହେଉଥିବା ଏହି ରାଇଡ ଭାରତ, ବାଲାଂଦେଶ, ନେପାଳ, ଗ୍ୱାଟେମାଲା, କୋଲମ୍ବିଆ, ବୋଲିଭିଆ, ନାଇଜେରିଆ, ଉଗାଣ୍ଡା, କେନିଆ, ଦକ୍ଷିଣ ଆଫ୍ରିକା, ତୁର୍କୀ ଏବଂ ୟୁଏଇର ୧୦୦ଟି ଶହରରେ ଆୟୋଜନ କରାଯାଇଛି। ଏହି ସହରଗୁଡିକରେ ଅଂଶଗ୍ରହଣକାରୀ ୧୦୦ କିମି ଯାତ୍ରା କରିବେ। ରାଇଡ ଆଇକନିକ ଇଭେଣ୍ଟରେ ଅଂଶ ଗ୍ରହଣ କରିବାକୁ ଥିବା ଗ୍ଲାମର, ଏକ୍ସପଲ୍ସ ୨୦୦ ଏବଂ ଏକ୍ସଟ୍ରିମ ଗ୍ରାହକ ରାଇଡଫରରିୟଲହିରୋ.କମ୍‌ରେ ପଞ୍ଜୀକରଣ କରିବାର ଶେଷ ତାରିଖ ସେପ୍ଟେମ୍ବର ୨୯ ରହିଥିଲା। ଏକ ଦାୟିତ୍ୱବାନ କର୍ପୋରେଟ ଭାବେ ହିରୋମୋଟୋକର୍ପ ସମାଜର ଉନ୍ନତି ତଥା କଲ୍ୟାଣରେ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କମ୍ପାନୀର ବିକ୍ରି ଏବଂ ବିକ୍ରୟ ପରବର୍ତ୍ତୀ ବିଭାଗର ନବୀନ ଚୌହାନ କହିଛନ୍ତି।

# ୪୭% ପରିବାରରେ ଏଲ୍‌ପିଜି ପ୍ରାଥମିକ ଇନ୍ଧନ

**ନୂଆଦିଲ୍ଲୀ,୧।୧୦**

ଓଡ଼ିଶାର ପ୍ରାୟ ୪୭% ପରିବାର ସେମାନଙ୍କର ପ୍ରାଥମିକ ରୋଷେଇ ଇନ୍ଧନ ଭାବେ ଲିକ୍ୱିଫାଏଡ୍ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି)ର ବ୍ୟବହାର କରୁଛନ୍ତି। ରାଜ୍ୟର ୭୯% ଘରେ ଏଲ୍‌ପିଜି ସଂଯୋଗ ରହିଛି। ତେବେ ପ୍ରାୟ ୭୩% ପରିବାର ଏବେ ବି ସ୍ୱତନ୍ତ୍ର ଭାବେ କିମ୍ବା ତାହାକୁ ଏଲ୍‌ପିଜି ସହ ବ୍ୟବସ୍ଥିତ କରି, କଠିନ ଇନ୍ଧନର ବ୍ୟବହାର ଜାରି ରଖିଛନ୍ତି। ଏହି ଫଳାଫଳଗୁଡିକ ଓଡିଶାର ୬ଟି ଜିଲ୍ଲାର ପ୍ରାୟ ୬୦୦ ପରିବାରରୁ ସଂଗ୍ରହ କରାଯାଇଥିବା ତଥ୍ୟ ଉପରେ ଆଧାରିତ। ଜାଳେଣି କାଠ, ଗୋବର ଘସି, କୃଷି ଅବଶିଷ୍ଟାଂଶ ଓ କୋଇଲା ଆଦି କଠିନ ଇନ୍ଧନଗୁଡ଼ିକୁ ରୋଷେଇ ପାଇଁ ବ୍ୟବହାର କରିବା ଦ୍ୱାରା ଏଭଳି ଘରଗୁଡିକ ପାଇଁ ଆଭ୍ୟନ୍ତରୀଣ ବାୟୁ ପ୍ରଦୂଷଣକୁ ବୃଦ୍ଧି ପାଉଛି ବୋଲି ସିଇଇଡବ୍ଲୁର ଫଳାଫଳ ଇଣ୍ଡିଆ ରେସିଡେନ୍ସିଆଲ ଏନର୍ଜି ସର୍ଭେ (ଆଇଆରଇଏସ୍) ୨୦୨୦ରୁ ଏହା ଜଣାପଡିଛି।

# ବିଶ୍ୱସନୀୟ ସେବାରେ ୪୯ ବର୍ଷ


ରାଜେଶ ଗୁପ୍ତା

**ଭୁବନେଶ୍ୱର,୧।୧୦**

- ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ପାର୍ବଣ ଅଫର
- ମୋଟ ୨୫ ଶୋ'ରୁମ୍‌ରେ ଉପଲବ୍ଧ
- ସାମନ୍ତରାପୁରରେ ନୂଆ ଶୋ'ରୁମ ଖୋଲିବ
- ସିନେମା ଏକ୍ସପେରିଏନ୍ସ ଇନଷ୍ଟଲ ସୁବିଧା
- ୯ ଶୋ' ରୁମ୍‌ରେ ଫର୍ନିଚର କିଣି ହେବ

କରୋନା ମହାମାରୀ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ବର୍ତ୍ତମାନ ବଜାର ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି। ପାର୍ବଣ ଲାଗି ବ୍ୟବସାୟୀମାନେ ସଜବାଜ ହୋଇଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଭଲ କାରବାର ଆଶା ରହିଛି। ବିଭିନ୍ନ ଅଫର ସାଙ୍ଗକୁ ଅନ୍ୟ ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଏକ ପରିଚିତ ନାମ ହୋଇପାରିଛି। ଚଳିତ ବର୍ଷ ପାର୍ବଣରେ ଏହା ଗ୍ରାହକଙ୍କ ଲାଗି ବିଭିନ୍ନ ଅଫର ନେଇ ଆସିଛି। ଅକ୍ଟୋବର ୨ରୁ ଏହାର ଅଫର ସବୁ ଗ୍ରାହକ ଲାଭ କରିପାରିବେ ବୋଲି ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା କହିଛନ୍ତି।

ଗୁପ୍ତା କହୁନ୍ତି, ଆମେ ଗତ ୪୯ବର୍ଷ ହେବ ଏ କ୍ଷେତ୍ରରେ କାମ କଲୁଣି। ବିଶ୍ୱସନୀୟ ସେବା ଯୋଗାଣ ଲାଗି ଗ୍ରାହକ ଆମ ସହ ଯୋଡ଼ି ହୋଇଛନ୍ତି। ସବୁବେଳେ ଗ୍ରାହକଙ୍କୁ ପ୍ରାଥମିକତା ଦେବାରେ ବିଶ୍ୱାସ ରଖିଥାଉ। ଚଳିତ ବର୍ଷ ପାର୍ବଣରେ ଭଲ ବିକ୍ରି ହେବା ନେଇ ଆଶା ରହିଛି। ଏହାକୁ ଧ୍ୟାନରେ ରଖି ଗ୍ରାହକଙ୍କ ଲାଗି ବିଭିନ୍ନ ଅଫର ଆଣିଛୁ। ଶନିବାରଠାରୁ ଗ୍ରାହକ ଏହି ଅଫର ସବୁ ଆମର ସାରା ରାଜ୍ୟରେ ଥିବା ୨୪ ଶୋ'ରୁମ୍ ଏବଂ ଭୁବନେଶ୍ୱରର ସାନ୍ତରାପୁରରେ ଚଳିତ ମାସ ଖୋଲିବାକୁ ଥିବା ନୂଆ ଶୋ'ରୁମ୍‌ରେ ଲାଭ କରିପାରିବେ। ଅଫରର ଲାଭ ନେବାକୁ ଗ୍ରାହକଙ୍କୁ ନିବେଦନ କରୁଛୁ।

ଗ୍ରାହକ ଆମ ଶୋ'ରୁମ୍‌ରୁ କିଣାକିଣି ଉପରେ ପ୍ରତି ପ୍ରଡକ୍ଟରେ ଡିସ୍‌କାଉଣ୍ଟ ଲାଭ କରିପାରିବେ। ସେହିଭଳି ପ୍ରତି କ୍ରୟରେ ନିଶ୍ଚିତ ଉପହାର ମିଳିବ। ଏଥିଲାଗି କ୍ରୟର କୌଣସି ସୀମା ରଖାଯାଇନାହିଁ। ଗ୍ରାହକଙ୍କୁ ୨୫% ଯାଏ କ୍ୟାଶ୍‌ବ୍ୟାକ ମଧ୍ୟ ଉପଲବ୍ଧ ହେଉଛି। ଶୋ'ରୁମ୍ ଅଫର ବାଦ୍ ଗ୍ରାହକ ବିଭିନ୍ନ କମ୍ପାନୀର ନିଜସ୍ୱ ଅଫର ମଧ୍ୟ ଲାଭ କରିପାରିବେ। ଏକ୍ସଚେଞ୍ଜ ଅଫର ମଧ୍ୟ ରହିଛି। ଗ୍ରାହକଙ୍କୁ ସହଜ ଫାଇନାନ୍ସ, ଲୋ କଷ୍ଟ ଇଏମ୍‌ଆଇ ଏବଂ ଗୋଟିଏ ଇଏମ୍‌ଆଇ ରିଫଣ୍ଡ ମିଳୁଛି। ନିର୍ଦ୍ଦିଷ୍ଟ ମୂଲ୍ୟ ପ୍ରଦାନ କରି ଗ୍ରାହକ ପ୍ରଡକ୍ଟର ୱାରେଣ୍ଟି ସମୟ ବଢ଼ାଇପାରିବେ ବୋଲି ଗୁପ୍ତା ସ୍ପଷ୍ଟ କରିଛନ୍ତି। ସେ ପୁଣି କହିଛନ୍ତି, ବର୍ତ୍ତମାନର ଟ୍ରେଣ୍ଡକୁ ଆଧାରକରି ଗ୍ରାହକଙ୍କୁ ସିନେମା ଏକ୍ସପେରିଏନ୍ସ ଇନ୍‌ଷ୍ଟଲ କରିବାର ସୁବିଧା ପ୍ରଦାନ କରାଯାଉଛି। ଏହାଦ୍ୱାରା ଗ୍ରାହକ ଘରେ ମଧ୍ୟ ସିନେମା ଦେଖିବାର ମଜା ନେଇପାରିବେ। ଆମର ଶହୀଦନଗର ଏବଂ ଅନୁଗୋଳ ଶୋ'ରୁମ୍‌ରେ ଏ ନେଇ ଲାଇଭ ଡେମୋ ମଧ୍ୟ ଗ୍ରାହକଙ୍କ ପାଇଁ ରହିଛି। ଏହାବାଦ୍ ଡିଜିଟାଲ ପ୍ରଡକ୍ଟ ଉପରେ ନିଶ୍ଚିତ ଉପହାର ଏବଂ କ୍ୟାଶ୍ ବ୍ୟାକ ମଧ୍ୟ ପ୍ରଦାନ କରାଯାଉଛି। ଏହାଦ୍ୱାରା ଗ୍ରାହକ ମୋବାଇଲ ଫୋନ, ଲାପ୍‌ଟପ୍ ଭଳି ପ୍ରଡକ୍ଟ ଆକର୍ଷଣୀୟ ମୂଲ୍ୟରେ ଲାଭ କରିପାରିବେ।

ଗୁପ୍ତାର ୯ ଶୋ'ରୁମ୍‌ରେ ଗ୍ରାହକ ବିଭିନ୍ନ ବର୍ଗର ଫର୍ନିଚର କିଣିବାର ସୁଯୋଗ ପାଇବେ। କଟକର ସିଡିଏ, କଳାପଥର, ଜଗତ୍‌ସିଂହପୁର, ଅନୁଗୋଳ, ଚଣ୍ଡିଖୋଲ, ନିମାପଡ଼ା, ନୟାଗଡ଼, ବାଲୁଗାଁ ଏବଂ ଯାଜପୁର ଟାଉନ ଭଳି ସ୍ଥାନରେ ଗ୍ରାହକଙ୍କୁ ଏହି ସେବା ଉପଲବ୍ଧ ହେବ। ଫର୍ନିଚର ଉପରେ ଗ୍ରାହକଙ୍କୁ ୪୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ନୀଳକମଲ, କ୍ରିଷ୍ଟାଲ, ଏମ୍‌ଏସ୍‌ଆର୍, ପିଟ୍‌ଟ୍ରି, ସୌକିନ ଏବଂ କର୍ଲଅନ୍ ଭଳି କମ୍ପାନୀର ପ୍ରଡକ୍ଟ ଗ୍ରାହକ ପାଇପାରିବେ। ଗ୍ରାହକଙ୍କୁ ଗୁରୁତ୍ୱ ଦେଇ ବିକ୍ରି ପରବର୍ତ୍ତୀ ସେବାକୁ ଅଗ୍ରାଧିକାରୀ ଦିଆଯାଉଥିବା ଗୁପ୍ତା କହିଛନ୍ତି।

# ନାଲ୍‌କୋର ୬୬୪ କୋଟିର ଲାଭାଂଶ ଘୋଷଣା

**ଭୁବନେଶ୍ୱର,୧।୧୦**




ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)ର ୪୦ ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ଏହି ଅବସରରେ ଇକ୍ୱିଟି ଶେୟାର ପିଛା ୨୦% ଚୂଡାନ୍ତ ଲାଭାଂଶ ଘୋଷଣା କରିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏହାର ମୋଟ ଲାଭାଂଶ ପ୍ରଦାନ ୬୬୪.୨୭ କୋଟି ଟଙ୍କା ରହିଛି। ଏହା ପୂର୍ବବର୍ଷ ୨୭୯.୮୪ କୋଟି ଟଙ୍କା ରହିଥିଲା। ଭର୍ଚୁଆଲ ଭାବେ ଅଂଶୀଦାରଙ୍କୁ ସମ୍ବୋଧିତ କରି ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର କହିଛନ୍ତି, କମ୍ପାନୀ ଖଣିଜ ନିରାପତ୍ତା କ୍ଷେତ୍ରରେ ଦୀର୍ଘବର୍ଷ ହେବ ଦେଶକୁ ଶସକ୍ତ କରୁଛି। କୋଭିଡ-୧୯ ଏବଂ ଆହ୍ୱାନପୂର୍ଣ୍ଣ ପରିବେଶ ସତ୍ତ୍ୱେ ଗତ ଆର୍ଥିକ ବର୍ଷରେ ନାଲ୍‌କୋ ଏଭଳି ସଫଳତା ହାସଲ କରିଛି। ଉତ୍ପାଦନ, ଉତ୍ପାଦକତା, ମାନବ ସମ୍ବଳ, ପ୍ରକଳ୍ପ ଏବଂ ଲାଭ ଉପରେ ଗୁରୁତ୍ୱାରୋପ କରି କମ୍ପାନୀ ସଫଳତା ଧାରା ହାସଲ କରିଛି। ରଣନୀତିପୂର୍ଣ୍ଣ ପଦକ୍ଷେପ ସହ ପ୍ରଭାବଶାଳୀ କ୍ରୟ ରଣନୀତି ଯୋଗୁ ଏଭଳି ସଫଳତା ସମ୍ଭବ ହୋଇପାରିଛି। ୨୦୨୩-୨୪ ସୁଦ୍ଧା ୧ ନିୟୁତ ଟନ୍ ଆଲୁମିନା ରିଫାଇନେରୀର ପଞ୍ଚମ ଷ୍ଟ୍ରିମ ସମ୍ପ୍ରସାରଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ପାତ୍ର ସ୍ପଷ୍ଟ କରିଛନ୍ତି।

## ଫୁରସତ୍

# ରାଇସ୍ କୁକରକୁ ବିବାହ



**ଜାକର୍ତ୍ତା:** ବହୁତ ସମୟରେ ମଣିଷ ମାନଙ୍କର ଅଜବ ହରକତ ଦେଖିବାକୁ ମିଳେ। ନିଜର ଏଭଳି ହରକତ ଯୋଗୁ ଏବେ ଜଣେ ବ୍ୟକ୍ତି ଭାଇରାଲ ହେବାରେ ଲାଗିଛନ୍ତି। ଇଣ୍ଡୋନେସିଆର ଖୋଇରୁଲ ଆନାମ ନାମକ ଜଣେ ବ୍ୟକ୍ତି ରାଇସ କୁକର୍‌କୁ ବିବାହ କରିଛନ୍ତି। ବିବାହର ୪ ଦିନ ପରେ ଡିଭୋର୍ସ ଦେଇ ସୋସିଆଲ ମିଡିଆରେ ସେ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ଗତ ସପ୍ତାହରେ ସେ ରାଇସ କୁକର୍‌କୁ ବିବାହ କରିବାର କିଛି ଫଟୋ ଫେସ୍‌ବୁକରେ ଶେୟାର କରିଥିଲେ। ସେଥି ମଧ୍ୟରୁ ଗୋଟିଏ ଫଟୋରେ ସେ ରାଇସ କୁକର୍‌କୁ କିସ୍ କରୁଥିବାର ଦେଖିବାକୁ ମିଳିଛି। ବାହାଘର ପାଇଁ ବ୍ୟକ୍ତିଜଣକ ନିଜକୁ ଫ୍ୟାନ୍ସି ଗେଟଅପ୍‌ରେ ପ୍ରସ୍ତୁତ କରିବା ସହ ରାଇସ୍ କୁକର୍‌କୁ ମଧ୍ୟ ଧଳା ପରଦାରେ ଘୋଡ଼ାଇ ନୂଆବୋହୂ ପରି ସଜାଇଥିଲେ। ଶେୟାର ହୋଇଥିବା ଫଟୋ ମଧ୍ୟରେ ସେ ବାହାଘର କାଗଜରେ ସ୍ୱାକ୍ଷର କରୁଥିବା ଦେଖିବାକୁ ମିଳିଛି। ରାଇସ କୁକରକୁ ବିବାହ କରିବାର

**୪ ଦିନ ପରେ ଛାଡ଼ପତ୍ର**

କାରଣ ସମ୍ପର୍କରେ ସେ କହିଛନ୍ତି, ତାଙ୍କ ରାଇସ କୁକର୍ ଗୋରା, ଆଜ୍ଞାଧୀନ ଓ ରୋଷେଇରେ ସାହାଯ୍ୟ କରିଥାଏ। ଫଟୋଗୁଡ଼ିକୁ ୧୦,୦୦୦ ଲାଇକ୍ ସହ ୧୨୦୦ କମେଣ୍ଟ ମଧ୍ୟ ମିଳିଛି। ମାତ୍ର ବାହାଘରର ୪ଦିନ ପରେ ସେ ରାଇସ କୁକର୍‌କୁ ଡିଭୋର୍ସ ଦେଇଛନ୍ତି। କହିଛନ୍ତି ଏହା କେବଳ ରୋଷେଇ ପାଇଁ ପ୍ରଯୁଜ୍ୟ। ମିଷ୍ଟର ଆନମ ଇଣ୍ଡୋନେସିଆର ଜଣେ ହାସ୍ୟ ଅଭିନେତା ଭାବରେ ଜଣାଶୁଣା। ସୋସିଆଲ ମିଡିଆରେ ଏଣ୍ଟରଟେନ୍‌ମେଣ୍ଟ ପାଇଁ ସେ ଏମିତି କରିଥିବା ଲୋକାଲ ରିପୋର୍ଟରୁ ଜଣାପଡ଼ିଛି।

# ଉର୍ବଶୀଙ୍କୁ ମିଳିଲା ଗୋଲ୍ଡେନ୍ ଭିସା


ଉର୍ବଶୀ ରୌତେଲା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଉର୍ବଶୀ ରୌତେଲା ନିଜର ଅଭିନୟ ସହିତ ଫିଟ୍‌ନେସକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ସୋସିଆଲ ମିଡ଼ିଆରେ ମଧ୍ୟ ସେ ବେଶ୍ ଆକ୍ଟିଭ। ନିକଟରେ ସେ ପ୍ରଶଂସକଙ୍କ ସହ ଏକ ଖୁସି ଖବର ବାଣ୍ଟିଛନ୍ତି। ସେଇଟି ହେଲା ୟୁଏଇରୁ ତାଙ୍କୁ ମିଳିଥିବା ଗୋଲ୍ଡେନ ଭିସା। ସେ ନିଜର ଏକ ଫଟୋ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରି ଏହା କହିଛନ୍ତି। କ୍ୟାପ୍‌ସନରେ ଉର୍ବଶୀ ଲେଖିଛନ୍ତି, ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ମାତ୍ର ୧୨ ଘଣ୍ଟା ମଧ୍ୟରେ ୧୦ ବର୍ଷ ଯାଏ ଏହି ଗୋଲ୍ଡେନ ଭିସା ମିଳିଛି। ଏହାକୁ ନେଇ ସେ ୟୁଏଇ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭିସା ମିଳିବା ପରେ ସେ ଖୁସି ଥିବା ଦେଖାଯାଉଛି। ବର୍ତ୍ତମାନ ଉର୍ବଶୀ ଗୋଲ୍ଡେନ ଭିସା ପାଇ ଆଗାମୀ ୧୦ ବର୍ଷ ପାଇଁ ୟୁଏଇରେ ରହିପାରିବେ। ଏହା ପୂର୍ବରୁ ବ୍ୟବସାୟୀ, ନିବେଶକ ଏବଂ ଡାକ୍ତରମାନଙ୍କୁ ଗୋଲ୍ଡେନ ଭିସା ଦିଆଯାଉଥିଲା। ଏହି ଭିସା ନିବେଶକ, ଉଦ୍ୟୋଗୀ, ଅନୁସନ୍ଧାନକାରୀ, ଡାକ୍ତରୀ ବୃତ୍ତିଧାରୀ, ବୈଜ୍ଞାନିକ ଏବଂ ଛାତ୍ରମାନଙ୍କ ପାଇଁ ଉପଲବ୍ଧ ଥିଲା। କିନ୍ତୁ ସାମ୍ପ୍ରତିକ ସମୟରେ ବଲିଉଡ କଳାକାରଙ୍କୁ ମଧ୍ୟ ଏହି ଭିସା ଦିଆଯାଉଛି ।

# ଦିଆ ମିର୍ଜାଙ୍କୁ ଚାମ୍ପିୟନ ଅଫ୍ ଚେଞ୍ଜ ଆୱାର୍ଡ



**ମୁମ୍ବାଇ:** ବଲିଉଡ ନାୟିକା ଦିଆ ମିର୍ଜାଙ୍କୁ ଚାମ୍ପିୟନ ଅଫ୍ ଚେଞ୍ଜ ଆୱାର୍ଡରେ ସମ୍ମାନିତ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ପରିବେଶ ସୁରକ୍ଷା କ୍ଷେତ୍ରରେ ଉତ୍ତମ ଯୋଗଦାନ ପାଇଁ ଅଭିନେତ୍ରୀ ଦିଆ ମିର୍ଜାଙ୍କୁ ଏହି ପୁରସ୍କାର ଦିଆଯାଇଛି । ସେପ୍ଟେମ୍ବର ୩୦ରେ ମୁମ୍ବାଇର କୋଲାବାସ୍ଥିତ ତାଜ ମହଲ ହୋଟେଲରେ ଆୟୋଜିତ ଏକ ସମାରୋହରେ ଏହା ଦିଆଯାଇଥିବା ଜଣାପଡିଛି। କୁହାଯାଉଛି କି ଏହି ସମ୍ମାନ ଇଣ୍ଟରଆକ୍ଟିଭ ଫୋରମ ଅନ୍ ଇଣ୍ଡିଆନ ଇକୋନମି ସଂସ୍ଥା, ଭାରତ ସରକାରଙ୍କ ପକ୍ଷରୁ ଦିଆଯାଇଛି। ମହାରାଷ୍ଟ୍ରର ରାଜ୍ୟପାଳ ଭଗତ ସିଂ କୋଶିୟାରିଙ୍କ ହାତରୁ ଦିଆ ଉକ୍ତ ସମ୍ମାନ ଗ୍ରହଣ କରିଛନ୍ତି । ଏବେ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦିଆଙ୍କୁ ଏହି ସମ୍ମାନ ୨୦୨୦ ବର୍ଷ ପାଇଁ ଦିଆଯାଇଛି। ସେ ଭାରତ ପାଇଁ ସଂଯୁକ୍ତ ରାଷ୍ଟ୍ର ପରିବେଶ ସଦ୍ଭାବନା ଦୂତ ରୂପେ ୨୦୧୭ରେ ବଛାଯାଇଥିଲେ। ଏବେ ତାଙ୍କର ଏହି କାର୍ଯ୍ୟକାଳକୁ ୨୦୨୨ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସମାଜର ସ୍ୱାର୍ଥ ପାଇଁ ବିଭିନ୍ନ କ୍ଷେତ୍ରରେ ସକାରାତ୍ମକ ଉଦ୍ୟମ କରିଥିବା ମୋଟ ୧୧୫ ଜଣଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବା ପାଇଁ ମନୋନୀତ କରାଯାଇଥିଲା। ଦିଆଙ୍କ ଏହି ସଫଳତା ପାଇଁ ତାଙ୍କୁ ପ୍ରଶଂସକମାନେ ଅଭିନନ୍ଦନ ଜଣାଇଛନ୍ତି।

# ଭୂତ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ:** ଭୂତ ଭଳି ଦେଖାଯିବା ପାଇଁ ସଜବାଜ। ଏକଥାକୁ ହୁଏତ କେହି ବିଶ୍ୱାସ କରିପାରିବେ ନାହିଁ। ଭୂତ କଥା କହିବା ବେଳକୁ ଅନ୍ଧାରରେ ଏକ ଧଳା ଲୁଗା ପିନ୍ଧି ବୁଲୁଥିବାର ଦୃଶ୍ୟ ସମସ୍ତଙ୍କ ମନକୁ ଆସିଥାଏ। ଠିକ୍ ଏମିତି ବେଶରେ ଏବେ ସଜେଇ ହେଉଛନ୍ତି ଅନେକେ। କାହିଁକି ନା ଭୂତ ବେଶକୁ ନେଇ ହୋଇଥିବା ଚ୍ୟାଲେଞ୍ଜରେ ଏବେ ଅଧିକାଂଶ ଭାଗ ନେଉଛନ୍ତି।



ଏମିତି ଏକ ଚ୍ୟାଲେଞ୍ଜ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଚ୍ୟାଲେଞ୍ଜ ଅନୁସାରେ ଏକ ଧଳା ବେଡଶିଟ୍‌ରେ ନିଜକୁ ପୂରା କଭର କରି ଉପରେ ଚଷମା ଲଗାଇବାକୁ ହେବ। ଏମିତି ବେଶରେ ଘର ଭିତରେ କିମ୍ବା କୌଣସି ଖୋଲା ସ୍ଥାନରେ ଫଟୋଶୁଟ୍ କରି ଭୂତ ବେଶରେ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିବାକୁ ହେବ। ଏମିତି ଚ୍ୟାଲେଞ୍ଜରେ ଭାଗ ନେବା ପାଇଁ ଏବେ ଲୋକଙ୍କ ମଧ୍ୟରେ ଖୁବ୍ ଆଗ୍ରହ ଦେଖିବାକୁ ମିଳୁଛି।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି ପ୍ରଥମ ବାର୍ଷିକ ଉପଲକ୍ଷେ**



**ସ୍ୱର୍ଗତ ଭାଗୀରଥି ଜେନା**
ସମାଜସେବୀ ଓ ପରିବେଶବିତ୍ ଅସୁରାଳି, ଧାମନଗର, ଭଦ୍ରକ
ଆବିର୍ଭାବ- ୧୧।୦୩।୧୯୪୫
ତିରୋଭାବ- ୨୫।୦୯।୨୦୨୦
ଆପଣ ଥିଲେ ଆମ ପାଇଁ ଆଦର୍ଶ ଓ ଆଶୀର୍ବାଦ। ଆପଣଙ୍କ ଭଲ ପାଇବାର ପଟାନ୍ତର ନାହିଁ। ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମ ସମସ୍ତଙ୍କୁ କଷ୍ଟ ଦେଉଛି। ଏହା ଭିତରେ ଗୋଟିଏ ବର୍ଷ ଅତିକ୍ରାନ୍ତ ହୋଇଗଲାଣି କିନ୍ତୁ ଏବେବି ଲାଗୁଛି ଯେମିତି ଏଇଠି କେଉଁଠି ରହି ଆପଣ ଆମକୁ ଦେଖୁଛନ୍ତି। ଆପଣଙ୍କ ଅବିନାଶୀ ଆତ୍ମାର ସଦ୍‌ଗତି କାମନା କରି ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନତୀ କରୁଛୁ।
**ଶୋକସନ୍ତପ୍ତ:** ପତ୍ନୀ: ମାଳତୀ, ପୁଅ: ଦେବଜ୍ୟୋତି, ଦେବାଶିଷ, ବୋହୂ: ସ୍ମୃତିଲତା, ନିବେଦିତା, ଝିଅଜ୍ୱାଇଁ: କ୍ଷଣପ୍ରଭା, ଶରତ, ନାତି: ସୁଦୀପ୍ତପ୍ରକାଶ, ସତ୍ୟପ୍ରକାଶ, ପ୍ରିୟତୋଷ, ଆଶୁତୋଷ, ନାତୁଣୀ: ପ୍ରାଚୀ, ସାୟଂଶୀ ଏବଂ ବନ୍ଧୁବର୍ଗ, ଆତ୍ମୀୟସ୍ୱଜନ ।
ଧ-୨୧୮୨୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**✓ ସଞ୍ଜୟ କୁମାର ଦାସ**
ଆବିର୍ଭାବ : ୧୫.୧୧.୧୯୫୫
ତିରୋଧାନ : ୧୩.୦୯.୨୦୨୦
ଗ୍ରାମ : ଶଙ୍ଖୁଆ, ପୋ : ସାଇଲୋ-ଗୋବିନ୍ଦପୁର, ଜିଲ୍ଲା : କଟକ
ବାବା ଆପଣ ଆମମାନଙ୍କୁ ଦୁଃଖ ସାଗରରେ ଛାଡ଼ି କେଉଁ ଅଜଣା ରାଇଜକୁ ଗ୍ଳଳିଗଲେ । ହେଲେ ଆପଣଙ୍କ ସ୍ନେହ, ଶ୍ରଦ୍ଧା ଏବଂ ଭଲ ପାଇବା ଆମ ପାଇଁ ପାଥେୟ ହୋଇ ରହିଥାଉ । ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରଣାମ ଜଣାଇଅଛୁ କି ଆପଣଙ୍କର ଅମର ଆତ୍ମାକୁ ସଦ୍‌ଗତି ଓ ଶାନ୍ତି ମିଳୁ ।
**ଶୋକସନ୍ତପ୍ତ :** ବୋଉ, ପତ୍ନୀ - ସ୍ନେହଲତା ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ବୃନ୍ଦ
ଧ-୨୧୮୨୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
**✓ସୁଧୀର ଚନ୍ଦ୍ର ଦାସ**
ସୁଭଦ୍ରାପୁର, କଟକ
ଆବିର୍ଭାବ- ୨୪।୧୦।୧୯୭୯
ତିରୋଧାନ- ୨୨।୦୯।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣ କମଳରେ ଆମର ଭକ୍ତିପୂତ ନିବେଦନ ଓ ବିନମ୍ର ପ୍ରାର୍ଥନା ।
**ଶୋକାଭିଭୂତ:** ଭ୍ରାତା: ନିର୍ମଳ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ଦାସ, ଶିଶିର ଚନ୍ଦ୍ର ଦାସ, ଅଧୀର ଚନ୍ଦ୍ର ଦାସ ଏବଂ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୨୧୮୨୦

# ମନ୍ଧାନାଙ୍କ ପ୍ରଥମ ଟେଷ୍ଟ ଶତକ

ଗୋଲ୍ଡକୋଷ୍ଟ, ୧।୧୦(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଐତିହାସିକ ମହିଳା ଦିବାରାତ୍ର କ୍ରିକେଟ ଟେଷ୍ଟ ମ୍ୟାଚର ଶୁକ୍ରବାର ଦ୍ୱିତୀୟ ଦିବସରେ ଭାରତ ଓପନର ସ୍ମୃତି ମନ୍ଧାନା ତାଙ୍କର ପ୍ରଥମ ଟେଷ୍ଟ ଶତକ ହାସଲ କରି ଅନ୍ୟମାନଙ୍କ ଦୃଷ୍ଟିଆକର୍ଷଣ କରିଛି। ପ୍ରଥମ ଦିବସ ଭଳି ବର୍ଷା ପୁଣି ଖେଳରେ ବାଧା ସୃଷ୍ଟି କରିଥିଲା। ଖେଳ ସ୍ଥଗିତ ରଖାଯିବାବେଳକୁ ଭାରତ ୧୦୧.୫ ଓଭରରେ ୫ ଉଇକେଟ ବିନିମୟରେ ୨୭୬ ରନ କରିଥିଲା। ଘଡ଼ଘଡ଼ି ଓ ପ୍ରବଳ ବର୍ଷା ଯୋଗୁ ଡିନର ବ୍ରେକ୍ର କିଛି ସମୟ ପରେ ଖେଳକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ଗୁରୁବାର ପ୍ରଥମ ଦିବସରେ ମଧ୍ୟ ସମଦଶା ଦେଖିବାକୁ ମିଳିଥିଲା। ଖେଳ ସ୍ଥଗିତ ରଖାଯିବା ବେଳକୁ ଦୀପ୍ତି ଶର୍ମା ୧୨ରନ ଓ ଟାନିୟା ଭାଟିଆ ବିନା କୌଣସି ରନ୍ରେ ଅପରାଜିତ ରହିଥିଲେ। ଦ୍ୱିତୀୟ ସେସନରେ ଭାରତ


ସ୍ମୃତି ମନ୍ଧାନା

ଦୁଇଟି ଉଇକେଟ ହରାଇଥିଲା। ଅଧିନାୟିକା ମିଥାଲି ରାଜ ୩୦ ଓ ନବାଗତ ୟାସ୍ତିକା ଭାଟିଆ ୧୯ରନ କରି ଆଉଟ୍ ହୋଇଥିଲେ। ମ୍ୟାଚର ଶେଷ ଦୁଇ ଦିବସରେ ୧୦୮ ଓଭର ଖେଳ ହେବ। ପୂର୍ବରୁ ବିସ୍ଫୋରକ ଓପନର ମନ୍ଧାନା ତାଙ୍କ ଚମତ୍କାର ଶତକ ହାସଲ ପଥରେ କେତୋଟି ରେକର୍ଡ ଭଙ୍ଗ କରିଥିଲେ। ପୂର୍ବଦିନର ଅସମାପ୍ତ ସ୍କୋର ୧୩୨/୧ରୁ ଖେଳ ଆରମ୍ଭ କରିଥିବା ଭାରତର ସ୍ଥିତି ଡିନର ବେଳକୁ ସୁଦୃଢ ରହିଥିଲା।

ମନ୍ଧାନା (୧୨୭) ତାଙ୍କ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ। ଡିନର ବ୍ରେକ୍ ବେଳକୁ ଭାରତର ସ୍କୋର ୨୩୧/୩ ରହିଥିଲା। ଏକ ଦିବାରାତ୍ର ଟେଷ୍ଟରେ ଶତକ ହାସଲ କରିବାରେ ୨୫ ବର୍ଷୀୟା ମନ୍ଧାନା ପ୍ରଥମ ଭାରତୀୟ ମହିଳା। ଅଷ୍ଟ୍ରେଲିଆ ମାଟିରେ ଖେଳର ପାରମ୍ପରିକ ଫର୍ମାଟରେ ୩ ଅଙ୍କ ବିଶିଷ୍ଟ ସ୍କୋର କରିବାରେ ମନ୍ଧାନା ହେଉଛନ୍ତି ଦେଶର ପ୍ରଥମ।

## ସଂକ୍ଷିପ୍ତ ସ୍କୋର

**ଭାରତୀୟ ମହିଳା ଦଳ ପ୍ରଥମ ଇନିଂସ:** ୧୦୧.୫ ଓଭରରେ ୨୭୬/୫ (ସ୍ମୃତି ମନ୍ଧାନା–୧୨୭; ସୋଫି ମୋଲିନେକ୍ସ–୨/୨୮, ଆଶଲେ ଗାର୍ଡନର–୧/୨୬, ଏଲିସି ପେରୀ–୧/୫୪)।

# ପଞ୍ଜାବ କିଙ୍ଗ୍ସ ବିଜୟୀ

ଦୁବାଇ, ୧।୧୦

ଇଣ୍ଡିଆନ ପ୍ରିମିୟର ଲିଗ୍ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୫ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। କୋଲକାତା ୨୦ ଓଭରରେ ୭ ଉଇକେଟ ହରାଇ ୧୬୫ ରନ କରିଥିଲା। ପଞ୍ଜାବ ୧୯.୩ ଓଭରରେ ୫ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ଲୋକେଶ ରାହୁଲ ସର୍ବାଧିକ ୬୭, ମୟଙ୍କ ଅଗ୍ରୱାଲ ୪୦ ରନ କରିଥିଲେ ହେଁ ଶାହରୁଖ ଖାନ ୯ ବଲ୍ରୁ ୨୨ ରନରେ ଅପରାଜିତ ରହି ହିରୋ ବିବେଚିତ ହୋଇଥିଲେ। ଶେଷ ଓଭରରୁ ପଞ୍ଜାବ ବିଜୟ ପାଇଁ ୫ ରନ ଆବଶ୍ୟକ କରୁଥିବାବେଳେ ଦ୍ୱିତୀୟ ବଲ୍ରେ ସେଟ୍ ବ୍ୟାଟ୍ସମ୍ୟାନ ରାହୁଲ ଆଉଟ ହୋଇଥିଲେ। ମାତ୍ର ୩ୟ ବଲ୍କୁ ଛକାରେ ପରିଣତ କରି ଉତ୍କଣ୍ଠାର ଅବସାନ ଘଟାଇଥିଲେ ଶାହରୁଖ।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲକାତା ଭେଙ୍କଟେଶ ଆୟାରଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଥିଲା। ଆୟାର ୪୯ ବଲ୍ରୁ ୯ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୬୭ ରନ କରିଥିଲେ। ତୃତୀୟ ଓ ୪ର୍ଥ ନମ୍ବରରେ ବ୍ୟାଟିଂ କରିଥିବା ରାହୁଲ ତ୍ରିପାଠୀ (୩୪ ରନ, ୨୬ ବଲ, ୩ ଚୌକା, ୧ ଛକା) ଏବଂ ନୀତୀଶ ରାଣା (୩୧ ରନ, ୧୮ ବଲ, ୨ ଚୌକା, ୨ ଛକା) ମଧ୍ୟ ଦ୍ରୁତ ହାରରେ ରନ ସଂଗ୍ରହ କରି ଉପଯୋଗୀ ଅବଦାନ ଦେଇଥିଲେ।

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୫/୭(ଭେଙ୍କଟେଶ ଆୟାର–୬୭, ରାହୁଲ ତ୍ରିପାଠୀ–୩୪, ନୀତୀଶ ରାଣା–୩୧, ଅର୍ଶଦୀପ ସିଂ–୩/୩୨, ରବି ବିଷ୍ଣୋଇ–୨/୨୨, ମହମ୍ମଦ ଶାମି–୧/୨୩)। ପଞ୍ଜାବ କିଙ୍ଗ୍ସ ୧୯.୩ ଓଭରରେ ୧୬୮/୫(ଲୋକେଶ ରାହୁଲ–୬୭, ମୟଙ୍କ ଅଗ୍ରୱାଲ–୪୦, ବରୁଣ ଚକ୍ରବର୍ତ୍ତୀ–୨/୨୪, ଶିବମ୍ ମାଭି–୧/୩୧, ସୁନୀଲ ନାରିନ–୧/୩୪, ଭେଙ୍କଟେଶ ଆୟାର–୧/୩୦)।

## ଆଜିର ମ୍ୟାଚ



ମୁମ୍ବାଇ ଇଣ୍ଡିଆନ୍ସ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ : ଶାରଜା
ସମୟ : ଅପରାହ୍ନ ୩.୩୦

ରାଜସ୍ଥାନ ରୟାଲ୍ସ
ବନାମ
ସୁପରକିଙ୍ଗ୍ସ
ସ୍ଥାନ : ଆବୁଧାବି
ସମୟ : ରାତି ୭.୩୦

ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୧୧ | ୯ | ୨ | ୧୮ | +୧.୦୦୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୮ | ୩ | ୧୬ | +୦.୫୬୨ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୧ | ୭ | ୪ | ୧୪ | –୦.୨୦୦ |
| ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | +୦.୩୦୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୫ | ୭ | ୧୦ | –୦.୨୩୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୫ | ୬ | ୧୦ | –୦.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୧ | ୪ | ୭ | ୮ | –୦.୪୬୮ |
| ସନ୍ରାଇଜର୍ସ | ୧୧ | ୨ | ୯ | ୪ | –୦.୪୯୦ |

# କବିରଙ୍କୁ ପିବିଆଇ ଓପନ ଟେନିସ ଟାଇଟଲ

ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର କବିର ହନ୍ସ ବେଙ୍ଗାଲୁରୁରେ ଅନୁଷ୍ଠିତ ପିବିଆଇ ଓପନ ଜାତୀୟ ଟେନିସ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି। ପ୍ରତିଯୋଗିତା ସେପ୍ଟେମ୍ବର ୨୭ରୁ ଆରମ୍ଭ ହୋଇଥିଲା। ପୁରୁଷ ଡବଲ୍ସ ଫାଇନାଲରେ କବିର ଓ ଗୁଜରାଟର ମାଧ୍ୱିନ କାମାଥ ଯୋଡ଼ି ତାମିଲନାଡୁର ଓଜେସ ଥିଜୋ ଜେ. ଓ କର୍ଣ୍ଣାଟକର ମହମ୍ମଦ ଶେଖ ଇଫତିକାର ଯୋଡ଼ିଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। କବିର ହେଉଛନ୍ତି କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ପୁରାତନ ଛାତ୍ର ଏବଂ ସମ୍ପ୍ରତି ଏହି ବିଶ୍ୱବିଦ୍ୟାଳୟରେ ବିବିଏ ଅଧ୍ୟୟନ କରୁଛନ୍ତି। ନିଜ ଟେନିସ ଯାତ୍ରା ପଥରେ ସମର୍ଥନ କରି ଆସିଥିବାରୁ ସେ କିଟ୍ ଓ କିସ୍ର


କବିର ହନ୍ସ

ପ୍ରତିଷ୍ଠାତା ତଥା ଏମ୍ପି ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅଚ୍ୟୁତ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ଦିଲ୍ଲୀଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୧।୧୦ (କ୍ରୀଡ଼ା ପ୍ରତିନିଧି):** ମୋହାଲିରେ ଶୁକ୍ରବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ଦିନିକିଆ ଭିନୁ ମଙ୍କଡ ଟ୍ରଫିର ଏକ ମ୍ୟାଚରେ ଓଡ଼ିଶା ୧୮ ରନରେ ଦିଲ୍ଲୀଠାରୁ ହାରି ଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୪୪.୧ ଓଭରରେ ୧୮୯ ରନକରି ଅଲଆଉଟ ହୋଇଥିଲା। ୟାଶ୍ ଧୁଲ୍ ସର୍ବାଧିକ ୮୪ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଶ୍ରେଷ୍ଠ ସିଂ ୩ଟି ଉଇକେଟ ନେଇଥିଲେ। ଓଡ଼ିଶା ୪୮.୧ ଓଭରରେ ୧୭୧ ରନରେ ଅଲ୍ଆଉଟ ହୋଇ ଯାଇଥିଲା। ମହମ୍ମଦ ସୋହେଲ ଖାଁ ସର୍ବାଧିକ ୪୫, ଶ୍ରେଷ୍ଠ ସିଂ ୨୫ ଓ ସୁଶୀଲ କୁମାର ବାରିକ ୨୨ ରନ କରିବାକୁ ସକ୍ଷମ ହୋଇଥିଲେ। ୩ ମ୍ୟାଚରୁ ଓଡ଼ିଶାର ଏହା ଦ୍ୱିତୀୟ ପରାଜୟ।


କିଟ୍ ଇନ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଫୁଟସାଲରେ ଚାମ୍ପିୟନ ମଙ୍ଗଳା କ୍ଲବର ଖେଳାଳିମାନେ ଅତିଥିଙ୍କ ସହ।

# ମଙ୍ଗଳା କ୍ଲବ ଚାମ୍ପିୟନ, ରାଇଜିଂ ରନର୍ସଅପ୍

**ଫାଓ ଆନ୍ତଃକ୍ଲବ ଫୁଟସାଲ**

**ଭୁବନେଶ୍ୱର, ୧।୧୦ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କିଟ୍ ଇନ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃକ୍ଲବ ଫୁଟସାଲର ପ୍ରଥମ ସଂସ୍କରଣରେ କଟକର ମଙ୍ଗଳା କ୍ଲବ ଚାମ୍ପିୟନ ଓ ରାଇଜିଂ ଷ୍ଟୁଡେଣ୍ଟ ରନର୍ସଅପ୍ ହୋଇଛି। ଶୁକ୍ରବାର ଅନ୍ତିମ ଦିବସରେ ୩ଟି ସୁପରଲିଗ୍ ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚରେ ମଙ୍ଗଳା କ୍ଲବ ୬–୧ ଗୋଲରେ ବିଡ଼ାନାସୀ କ୍ଲବକୁ, ଦ୍ୱିତୀୟ ମ୍ୟାଚରେ ମଙ୍ଗଳା କ୍ଲବ ୩–୨ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ଏବଂ ତୃତୀୟ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୪–୨ ଗୋଲରେ ବିଡ଼ାନାସୀକୁ ପରାସ୍ତ କରିଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଦୁର୍ଗା ମାଧବ ନାୟକ ମ୍ୟାଚ କମିଶନର ଥିବାବେଳେ ସୁଶାନ୍ତ ଚନ୍ଦ୍ର ମହାନ୍ତି ରେଫରି ଆସେସର ଭୂମିକା ତୁଲାଇ ଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି, ଫାଓ କୋଷାଧ୍ୟକ୍ଷ ଭକ୍ତବତ୍ସଳ ଦାସ, କିଟ୍ ଓ କିସ୍ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଫାଓ ଉପସଭାପତି ଦିଲୀପ କୁମାର ସାହୁ ଓ ହୃଦୟ ରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ଓ ବିଶ୍ୱରଞ୍ଜନ ଘଡ଼େଇ, ସଦସ୍ୟ ଧିରେନ ପଲେଇ ଓ ସୌମ୍ୟରଞ୍ଜନ ପରିଜା, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗ ଦେଇଥିଲେ।

# ସୌମ୍ୟଙ୍କୁ ୬୮ତମ ଓପନ ଚେସ୍ ଟାଇଟଲ

ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ନୃସିଂହ ଚରଣ ମିଶ୍ର ସ୍ମାରକୀ ଓପନ ଅନ୍‌ଲାଇନ୍ ଚେସ୍‌ରେ ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ରାଜ୍ୟ ଓପନ ଚେସ୍‌ରେ ଏହା ସୌମ୍ୟଙ୍କର ୬୮ତମ ଟାଇଟଲ। ଗୁଗୁଲ ମିଟ୍ ମାଧ୍ୟମରେ ଅନୁଷ୍ଠିତ ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ସୌମ୍ୟ ୮.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସଞ୍ଜୀବନ ନାୟକ, ସତ୍ୟମ ସରବଜିତ ମିଶ୍ର ଓ ଶ୍ରୀୟାଂଶ ଦାସ ୬.୫ ପଏଣ୍ଟ ଲେଖାଏ ପାଇଥିଲେ ହେଁ ଯଥାକ୍ରମେ


ସୌମ୍ୟ ରଞ୍ଜନ ମିଶ୍ର

୨ୟରୁ ୪ର୍ଥ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅମିତାଂଶୁ ପ୍ରିୟଦର୍ଶନ, ରବୀନ୍ଦ୍ର କୁମାର ଓଝା, ଅଭୟ କୁମାର ଦାଶ, ଲରେନ୍ସ ପ୍ରଧାନ (ସମସ୍ତେ ୬ ପଏଣ୍ଟ), ବୋରହାନ ମୋଲ୍ଲା, ସିଦ୍ଧାର୍ଥ ମିଶ୍ର, ଦୀପ୍ତି ରଞ୍ଜନ ନାୟକ ଓ ସଂଗ୍ରାମ ଷଡ଼ଙ୍ଗୀ (ସମସ୍ତେ ୫.୫ ପଏଣ୍ଟ) ଟପ୍–୧୨ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ଅକ୍ଷୟ ନାୟକ, ଅଞ୍ଜନେୟା ସାହୁ, ଅଭିଜ୍ଞାନ ସାଗର, ସାନ୍‌ଭି ମହାନ୍ତି, ବିନାୟକ କୁମାର ସାମଲ, ଉଦୟ ପରିଡ଼ା, ପ୍ରୀୟାଂଶ ଦାସ, ସ୍ୱୟମ ପ୍ରକାଶ ସାହୁ, ସାହାନା ଲେଙ୍କା ଓ ତମନ୍ନା ତ୍ରିପାଠୀ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଓ ରାଧାଶ୍ୟାମ ମିଶ୍ର ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ।




T-Shirts . Shirts . Trousers . Denims . Bermudas . Lowers . Lounge wear . Valuepacks . Footwear
DUKE EXCLUSIVE SHOWROOMS AT JAJPUR: Jajpur Road CUTTACK: B.K.Road | Darga Bazar BERHAMPUR: Urban Bank Road | Kampali Square, Mahabali Market ANGUL: Shanti Bazar BARIPADA: Purunahatsahi, Near SBI Bank, W.No.06 BHADRAK: Salandi-Bye Pass ROURKELA: Udit Nagar, Main Road | NAC Market, Sector-2 BALASORE: Opp. Convent school, Vivekanand Marg SAMBALPUR: VSS Marg Road SUNDERGARH: Megha Malhar, Mission Road JATNI: Main Road, Opp. P.N.B Bank RAYAGADA: Lakshmi Kalyani Residency KENDRAPADA: Tulsi Bazaar, Near Bus Stand TALCHER: Hatatota. | ALSO AT ALL LEADING STORES.
Showroom Enquiry Required At: Jharsuguda, Bhubaneshwar, Bhawanipatna, Bargarh, Bolangir, Jeypore, Keonjhar, Talcher, Koraput, Nayagarh, Paradip, Puri, Phulbani | Contact: 9337267083, 9855588080 / www.dukeindia.com
Also at: SHOP ONLINE dukeindia.com MYNTRA Flipkart amazon.in AJIO Paytm mall TRENDS Footwear Store at: BHUBANESHWAR: M/s Footlook, Patiya Square / Auth. Distributor For Footwear: M/s Odiland Traders, M: 93377-12345

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨/୨୦୨୧ Bhubaneswar, Saturday, October 2/ 2021

# ହକିରୁ ସୁନୀଲଙ୍କ ଅବସର

**ନୂଆଦିଲ୍ଲୀ,୧।୧୦(ପି.ଟି.):** ଅଭିଜ୍ଞ ଭାରତୀୟ ପୁରୁଷ ହକି ଷ୍ଟ୍ରାଇକର ଏସ୍.ଭି. ସୁନୀଲ ଶୁକ୍ରବାର ଅବସର ଘୋଷଣା କରିଛନ୍ତି। ଏଥିସହ ଦୀର୍ଘ ୧୪ ବର୍ଷ କ୍ୟାରିୟରର ଅନ୍ତ ହୋଇଛି। ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ



ଦଳର ସେ ସଦସ୍ୟ ଥିଲେ। ଦୁଇ ଦିନ ମଧ୍ୟରେ ତୃତୀୟ ଭାରତୀୟ ଖେଳାଳି ଭାବେ ସୁନୀଲ ଅବସର ନେଇଛନ୍ତି। ଗୁରୁବାର ଡ୍ରାଗ ଫ୍ଲିକର ରୂପିନ୍ଦର ପାଲ ସିଂ ଓ ଅଭିଜ୍ଞ ଡିଫେଣ୍ଡର ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ମଧ୍ୟ ଅବସର ଘୋଷଣା କରିଥିଲେ। କର୍ନାଟକରୁ ଆସିଥିବା ୩୨ ବର୍ଷୀୟ ସୁନୀଲ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ନ ଥିଲେ। ଭବିଷ୍ୟତ ଲାଗି ଏକ ଶକ୍ତିଶାଳୀ ଦଳ ଗଠନ ପାଇଁ ଯୁବ ଖେଳାଳିଙ୍କୁ ସୁଯୋଗ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସୁନୀଲ ଭାରତ ପାଇଁ ୨୬୪ଟି ମ୍ୟାଚ୍ ଖେଳି ମୋଟ ୭୨ ଗୋଲ ସ୍କୋର କରିଛନ୍ତି। ୧୪ ବର୍ଷ ଦେଶ ପାଇଁ ହକି ଖେଳିବା ପରେ ଏବେ ବ୍ରେକ୍ ନେବାର ସମୟ ଉପନୀତ ହୋଇଛି। ପ୍ରଥମଥର ଲାଗି ଜାତୀୟ ଦଳ ଚୟନ ପାଇଁ କ୍ୟାମ୍ପରେ ଉପଲବ୍ଧ ନ ହେବାକୁ ନିଷ୍ପତ୍ତି ନେଇଛି। ସେ ପ୍ରଥମେ ବାଉଁଶ ବାଡିରେ ହକି ଖେଳିବା ଆରମ୍ଭ କରିଥିଲେ ବୋଲି ନିଜ ଟୁଇଟର ହ୍ୟାଣ୍ଡଲରେ ଉଲ୍ଲେଖ କରିଛନ୍ତି।

# ଓଡ଼ିଶା ୧୦ ଉଇକେଟରେ ବିଜୟୀ

**ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି):** ଜୟପୁରର ଆରସିଏ ଏକାଡେମୀ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି ଏଲିଟ ଗ୍ରୁପ୍ 'ଇ' କ୍ରିକେଟ ମ୍ୟାଚରେ ଓଡ଼ିଶା ୧୦ ଉଇକେଟରେ ମିଜୋରାମକୁ ପରାସ୍ତ କରିଛି। ମିଜୋରାମ ୨୦.୩ ଓଭରରେ ୨୭ ରନରେ ଅଲ୍‌ଆଉଟ ହୋଇଥିଲା। କୌଣସି ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଏସ.ବି. ଲରେନ୍ସ ୨ ରନ ବିନିମୟରେ ୪ଟି, ସୂର୍ଯ୍ୟଶାନ୍ତା ସ୍ୱାଇଁ ୩ଟି, ଜ୍ୟୋତି କେ. ପ୍ରସାଦ ୨ଟି ଏବଂ ଅଧିନାୟିକା ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ୩.୫ ଓଭରରେ କୌଣସି ଉଇକେଟ ନ ହରାଇ ୩୦ ରନ ସଂଗ୍ରହ କରି ନେଇଥିଲା। ଦୁଇ ଓପନିଂ ବ୍ୟାଟର ଶୁଭ୍ରା ୧୯ ବଲ୍‌ରୁ ୫ ଚୌକା ସହାୟତାରେ ୨୩ ଓ ଅଲିପ୍ସା ବିଶ୍ୱାଳ ୪ ବଲ୍‌ରୁ ୫ ରନ କରି ଅପରାଜିତ ରହିଥିଲେ।

# ଏମ୍‌ସିସିର ପ୍ରଥମ ମହିଳା ସଭାପତି କ୍ଲେୟାର

**ଲଣ୍ଡନ, ୧।୧୦ (ପି.ଟି.):** ଇଂଲଣ୍ଡର ପୂର୍ବତନ କ୍ରିକେଟ ଅଧିନାୟିକା କ୍ଲେୟାର କୋନର କ୍ଲବର ୨୩୪ ବର୍ଷ ଇତିହାସରେ ଏମ୍‌ସିସି (ମେରିଲବୋନ୍ କ୍ରିକେଟ କ୍ଲବ)ର ପ୍ରଥମ ମହିଳା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତବର୍ଷ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ କୋନରଙ୍କ ନାମାଙ୍କନ ତାଙ୍କ ପୂର୍ବାଧିକାରୀ ତଥା ଶ୍ରୀଲଙ୍କା କିମ୍ବଦନ୍ତୀ କୁମାର ସଙ୍ଗକାରା ଘୋଷଣା କରିଥିଲେ। ମାତ୍ର କୋଭିଡ୍ ଯୋଗୁ ଦାୟିତ୍ୱ ଗ୍ରହଣ କରିବା ଲାଗି ତାଙ୍କୁ ଏକବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ଏମ୍‌ସିସି ହେଉଛି କ୍ରିକେଟ ଆଇନର ରକ୍ଷକ। କୋନର ବର୍ତ୍ତମାନ ଇସିବି ମହିଳା କ୍ରିକେଟର ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ୨୦୦୯ରେ ତାଙ୍କୁ ଅବୈତନିକ ଏମ୍‌ସିସିର ଆଜୀବନ ସଦସ୍ୟା



ଭାବେ ଗ୍ରହଣ କରାଯାଇଥିଲା। ନୂଆ ନିଯୁକ୍ତିକୁ ନେଇ ସେ ସଙ୍ଗକାରାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ୧୯୯୫ରେ ୧୯ ବର୍ଷ ବୟସରେ କୋନର ଇଂଲଣ୍ଡ ତରଫରୁ ଖେଳିବା ସୁଯୋଗ ପାଇଥିଲେ। ୨୦୦୦ରେ ସେ ଅଧିନାୟିକା ଦାୟିତ୍ୱ ଗ୍ରହଣ କରିଥିଲେ। କୋନର ହେଉଛନ୍ତି ବାମହାତୀ ସ୍ପିନ ବୋଲିଂ କରିପାରୁଥିବା ଜଣେ ଅଲରାଉଣ୍ଡର। ତାଙ୍କ ଅଧିନାୟକତ୍ୱରେ ଇଂଲଣ୍ଡ ୨୦୦୫ରେ ୪୨ ବର୍ଷରେ ପ୍ରଥମ ଆଶେସ ଜିତିଥିଲା। ଶୁକ୍ରବାର ବ୍ରୁସ୍ କାର୍ନେଜି-ବ୍ରାଉନ୍ ଏମ୍‌ସିସି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ମୋ ବସ୍ ନୟାଗଡ଼କୁ ଗଡୁ

- ୪ ନଂ. ଜିଲାକୁ ବସ୍ ସେବା ସମ୍ପ୍ରସାରଣ ପାଇଁ ଦାବି
- ମ୍ୟୁନିସିପାଲିଟି ହେବା ପରେ ଦାବି ଜୋର ଧରିଲା

ନୟାଗଡ ଅଫିସ,୧।୧୦

ଭୁବନେଶ୍ୱରରୁ ନୟାଗଡ଼କୁ ମୋ ବସ ଚଳାଚଳ କରିବାକୁ ଦାବି ଉଠିଛି। ଖୋର୍ଦ୍ଧା ଜିଲାରୁ କଟକ ଓ ପୁରୀ ସହରର ବାସିନ୍ଦାକୁ ମିଳୁଥିବା ଟାଉନ ବସ ସେବା ପରି ୪ର୍ଥ ସହର ନୟାଗଡ଼କୁ ଯୋଗାଇ ଦିଆଯାଉ ବୋଲି ସାଧାରଣରେ ଦାବି କରାଯାଉଛି। ଏ ନେଇ ନୟାଗଡ଼ର କିଛି ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇ ମୋ ବସ ସେବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟି ହେବା ପରେ ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରୁ ୧୦୦ କି.ମି. ଭିତରେ ବସ ଚଳାଚଳ କଲେ ଯାତ୍ରୀ ସବୁ ପ୍ରକାରର ସୁବିଧା ପାଇ ପାରିବେ ।

## ଲୋକଙ୍କ ଦାବି ଯଥାର୍ଥ



ନୟାଗଡ଼ ଏନ୍‌ଏସିରୁ ମ୍ୟୁନିସିପାଲିଟି ହେବା ପରେ ସରକାର ନୟାଗଡ଼ ପାଇଁ ମୋ ବସ ସେବା ବ୍ୟବସ୍ଥା କରାଇବା ଦରକାର। ସରକାରଙ୍କ ନିଷ୍ପତ୍ତି ପୂର୍ବରୁ ଲୋକ ଦାବି ଉଠାଇ ସାରିଲେଣି। ଲୋକଙ୍କ ଦାବି ଯଥାର୍ଥ। ଏଣୁ ଲୋକଙ୍କ ଦାବିକୁ ଗୁରୁତ୍ୱ ଦିଆଯାଇ ମୋ ବସକୁ ଭୁବନେଶ୍ୱରରୁ ନୟାଗଡ଼କୁ ଚଳାଚଳ କରାଯାଉ।

–ଉପେନ୍ଦ୍ର ନାୟକ,
ପୂର୍ବତନ ବାୟୁ ସେନା ଅଧିକାରୀ, ନୟାଗଡ଼।

## ପ୍ରଥମେ ଦୁଇଟି ବସ୍ ପଡୁ



ନୟାଗଡ଼ ଜିଲା ପାଇଁ ପ୍ରଥମେ ଦୁଇଟି ବସ ପଡୁ। ପରେ ସେବାକୁ ପରିବର୍ଦ୍ଧିତ କରାଯାଉ। ପ୍ରଥମେ ୨ଟି ମୋ ବସ୍ ଭୁବନେଶ୍ୱରରୁ ନୟାଗଡ଼କୁ ପଡୁ। ଏହି ବସ୍ ନୟାଗଡ, ଖଣ୍ଡପଡା, ରଣପୁର ଦେଇ ଭୁବନେଶ୍ୱର ଯାଉ। ନୟାଗଡ଼ ମ୍ୟୁନିସିପାଲିଟି ହେବା ପରେ ମୋ ବସ ସେବା ସରକାର ନିଶ୍ଚିତ ଭାବେ ଯୋଗାଇ ଦେବା ଦରକାର।

–ବିଶ୍ୱନାଥ ମହାପାତ୍ର,
ସିପିଆଇଏମ୍ ନେତା, ନୟାଗଡ଼

## ବୋଲଗଡ଼, ବେଗୁନିଆବାସୀଙ୍କ ସ୍ୱାଗତ



ଭୁବନେଶ୍ୱରରୁ ନୟାଗଡ଼ ମୋ ବସ ସେବା ଲାଗୁ ହେଲେ ଖୋର୍ଦ୍ଧା ଜିଲାର ବୋଲଗଡ଼ ଓ ବେଗୁନିଆ ବ୍ଲକର ବାସିନ୍ଦା ଉପକୃତ ହେବେ। ନୟାଗଡକୁ ମୋ ବସ ଗଡିଲେ ଉଭୟ ବ୍ଲକ ବାସିନ୍ଦା ସ୍ୱାଗତ ଓ ସହଯୋଗ କରିବେ। ଘରୋଇ ବସ୍‌ର ମନମାନି ଯୋଗୁ ଯାତ୍ରୀମାନେ ଟଙ୍କା ଦେଇ ବି ବସିବାର ସୁବିଧା ପାଇ ପାରୁନାହାନ୍ତି। ଗାଡିରେ ପଶୁଙ୍କୁ ଲଦିକି ନେଇ ଭଳି ଲୋକଙ୍କୁ ବସ୍‌ରେ ନିଆଯାଉଛି। ଏଥିରୁ ମୁକ୍ତି ମିଳିବ।

–ଅଜୟ ମଙ୍ଗରାଜ,
ବ୍ୟବସାୟୀ, ବୋଲଗଡ, ଖୋର୍ଦ୍ଧା

## କଟକ, ପୁରୀ ପରେ ନୟାଗଡ଼କୁ ଅପେକ୍ଷା



ମୋ ବସ ପ୍ରଥମେ ଖୋର୍ଦ୍ଧା ଜିଲାରେ ଚଳାଚଳ କରୁଥିଲା। ପରେ କଟକ ଓ ପୁରୀକୁ ଏଥିରେ ସାମିଲ କରାଗଲା। ଏବେ ୪ର୍ଥ ସହର ଭାବେ ନୟାଗଡ଼କୁ ଗୁରୁତ୍ୱ ଦେବା ଦରକାର। ଏହାଦ୍ୱାରା ନୟାଗଡ଼ ଜିଲାବାସୀଙ୍କ ସମେତ ଖୋର୍ଦ୍ଧାବାସୀ ମଧ୍ୟ ଉପକୃତ ହେବେ। ନୟାଗଡ଼ ଜିଲାବାସୀଙ୍କ ଦାବି ଯଥାର୍ଥ। ସରକାର ଅଣଦେଖା ନ କରି ଦାବିକୁ ପୂରଣ କରିବା ଦରକାର।

– ବିମଳ ଚନ୍ଦ୍ର ଷଡଙ୍ଗୀ,
ଖୋର୍ଦ୍ଧା ବରିଷ୍ଠ ନାଗରିକ ମହାସଭାର ସମ୍ପାଦକ

## ଯାତ୍ରୀ ହଟହଟାରୁ ବର୍ତ୍ତିବେ



ରାଜ୍ୟ ସରକାର ୧୦୦ କି.ମି. ଭିତରେ ମୋ ବସ ଚଳାଚଳ କରିବାକୁ ଲକ୍ଷ୍ୟ ରଖିଥିଲେ। ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଭୁବନେଶ୍ୱରରୁ ନୟାଗଡ଼ ମୋ ବସ୍ ଚାଲିଲେ ଯାତ୍ରୀ ହଟହଟାରୁ ବର୍ତ୍ତିବେ। ଲୋକମାନେ ଭୁବନେଶ୍ୱର ଯିବାକୁ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି।

–ପ୍ରଦୀପ ମଙ୍ଗରାଜ,
ଆଇନଜୀବୀ, ବେଗୁନିଆ

## ବ୍ୟବହାରରେ ପରିବର୍ତ୍ତନ ଆସିବ



ନୟାଗଡ଼ରୁ ଭୁବନେଶ୍ୱର ଯାଉଥିବା ବସ୍ ଯାତ୍ରୀ ଠିକ୍ ସେବା ପାଉ ନ ଥିବା ଅଭିଯୋଗ ରହିଛି। ବୋଲଗଡ଼, ବେଗୁନିଆ, ଖୋର୍ଦ୍ଧା ପରି ଅଞ୍ଚଳକୁ ଗଲେ ସିଟ ମନା। ଭୁବନେଶ୍ୱର ଗଲେ ଆଜ୍ଞା ଆପଣ କହି ସିଟ୍ ଦେଉଛନ୍ତି। ଘରୋଇ ବସରେ ଯାତ୍ରୀ ଠେଲାପେଲା ହୋଇ ଆସୁଛନ୍ତି। ଟାଉନ ବସ୍ ପଡିଲେ ଘରୋଇ ବସ୍ କର୍ମଚାରୀଙ୍କର ବ୍ୟବହାରରେ ପରିବର୍ତ୍ତନ ଆସିବ। ଯାତ୍ରୀ ନିଜର ଭଡା ଅନୁସାରେ ଭଲ ସେବା ପାଇବେ। ଏଣୁ ନୟାଗଡ଼କୁ ମୋ ବସ ଚଳାଚଳ ନିହାତି ଦରକାର।

–ରଣଜିତ୍ ଦାଶ,
ନୟାଗଡ଼ ଜିଲା କଂଗ୍ରେସ ସଭାପତି

## ଆଗ ଅପେକ୍ଷା ଭଲ ସେବା ମିଳିବ



ନୟାଗଡ଼କୁ ମୋ ବସ ଆସିଲେ ଯାତ୍ରୀ ସେବାରେ ପରିବର୍ତ୍ତନ ଦେଖା ଦେବ। କାରଣ ଘରୋଇ ବସରେ ଗଲାବେଳେ ଯେଉଁଭଳି ଭିଡ ସେଥିରୁ ମୁକ୍ତି ମିଳିବ। ସବୁ ଯାତ୍ରୀ ସିଟ୍ ପାଇବେ। ଅନ୍ୟପକ୍ଷେ ଖୋର୍ଦ୍ଧା ସହ ନୟାଗଡ଼ ଜିଲାର ସମ୍ପର୍କ ଅଧିକ ମଜବୁତ୍ ହେବ। ଟାଉନ ବସରେ ଲୋକ ଭଲ ସେବା ପାଇବା ପରେ ଘରୋଇ ବସରେ ଯାତ୍ରା ଆଉ ଅସୁବିଧା ହେବନି।

–ଅମୀୟ ପଟ୍ଟନାୟକ,
ଆଇନଜୀବୀ, ନୟାଗଡ଼

# ଅପହରଣ ପରେ ବଳାତ୍କାର କରି ଯୁବତୀଙ୍କୁ ବିକ୍ରି

- ଥାନାରେ ଅଭିଯୋଗ କଲେ ପୋଲିସି ନେଉନି କାର୍ଯ୍ୟାନୁଷ୍ଠାନ
- ଏସ୍‌ପିଙ୍କ ଫେରାଦ ହେଲେ ନାରୀ ସଙ୍ଗଠନ

ନୟାଗଡ ଅଫିସ,୧।୧୦

ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଞ୍ଚଳର ଜଣେ ୨୧ ବର୍ଷର ଯୁବତୀଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି। ପରେ ଯୁବତୀଙ୍କୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବତୀଙ୍କ ମା'ବାପା ଝିଅଙ୍କୁ ୨ ବର୍ଷ ପରେ ଉଦ୍ଧାର କରି ନୟାଗଡ଼ ଜିଲା ରଣପୁର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ନ୍ୟାୟ ଦେଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଶୁକ୍ରବାର ଭୁବନେଶ୍ୱରର ଆଶୀର୍ବାଦ ନାରୀ ସୁରକ୍ଷା ସଙ୍ଗଠନ ପକ୍ଷରୁ ନୟାଗଡ଼ ଏସ୍‌ପିଙ୍କୁ ଭେଟି ଅପହରଣ, ବଳାତ୍କାର ଓ ଝିଅ ବିକ୍ରି ସମ୍ପର୍କରେ ଅଭିଯୋଗ ହୋଇଛି। ଏପରି କି ଏ ଘଟଣାରେ ରଣପୁର ଥାନା ପୋଲିସ ସହଯୋଗ କରୁ ନ ଥିବା ସଙ୍ଗଠନ ପକ୍ଷରୁ ଅବଗତ କରାଯାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ରଣପୁର ଥାନା ସୁକଳ ଗାଁର ୨୩ ବର୍ଷର ଯୁବକଙ୍କ ନାଁରେ ଅଭିଯୋଗ ହୋଇଛି। ଯୁବକ ଜଣକ ନିଜର ଦୁଇ ଭିଣୋଇ, ମା' ଓ ବାପା, ୨ ଭଉଣୀଙ୍କ ସହ ମିଶି ଝିଅ ବିକ୍ରି କରୁଛନ୍ତି। ପ୍ରଥମେ ସେମାନେ ଝିଅଙ୍କୁ ଅପହରଣ କରି ନେଇଥାନ୍ତି। ପରେ ବଳାତ୍କାର କରି ଯୁବତୀଙ୍କୁ ଭୟଭୀତ କରି ବିକ୍ରି କରୁଛନ୍ତି। ୨୦୧୯ରେ ବାଲିପାଟଣା ଥାନା ଅଞ୍ଚଳର ୨୧ ବର୍ଷର ଯୁବତୀ ନିଖୋଜ ହୋଇଥିଲେ। ତାଙ୍କୁ ସୁକଳ ଗାଁର ଜଣେ ଯୁବକ ଅପହରଣ କରି ବଳାତ୍କାର ଓ ବିକ୍ରି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ଆଶୀର୍ବାଦ ନାରୀ ସୁରକ୍ଷା ସଙ୍ଗଠନ ଚେୟାରମ୍ୟାନ ମଞ୍ଜୁଲତା ସ୍ୱାଇଁ କୁହନ୍ତି, ଏସ୍‌ପିଙ୍କୁ ଅଭିଯୋଗ ପରେ ରଣପୁର ଥାନାରେ ଯୁବତୀଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏ ନେଇ ଏକ ମକଦ୍ଦମା ରହିଛି। ତେବେ ଏଠାରେ ପୁଣି ଏକ ମକଦ୍ଦମା କରାଯାଇ ପାରିବ ନାହିଁ। ଏ ନେଇ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିବାକୁ କୁହାଯାଇଛି। ପୀଡିତାଙ୍କର ମା' ଶୁକ୍ରବାର ଆସିଥିଲେ। ଶନିବାର ପୁଣି ଆସି ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି।

# ଚଣ୍ଡୀବସ୍ତ୍ର ଗଣ୍ଡଗୋଳ ଘଟଣାରେ ୪ ଜେଲ ଗଲେ

ନୟାଗଡ଼ ଅଫିସ,୧।୧୦

ନୟାଗଡ଼ ଟାଉନ ପୋଲିସ ଚଣ୍ଡୀବସ୍ତ୍ର ଗାଁ ଗଣ୍ଡଗୋଳ ଘଟଣାରେ ଗ୍ରାମ୍ୟ କମିଟିର ସଭାପତି ନବ କିଶୋର ମଣ୍ଡଳ, ସମ୍ପାଦକ କାର୍ତ୍ତିକ ପ୍ରଧାନ, ଗାଁର ବ୍ରଜ କିଶୋର ସାମନ୍ତରାୟ ଓ ସାରଙ୍ଗଧର ବିଶ୍ୱାଳଙ୍କୁ ଗିରଫ କରିଛି। କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ପରେ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଚଣ୍ଡୀବସ୍ତ୍ରରେ ରାଜନୈତିକ ଶତ୍ରୁତା ଓ ଗାଁ କନ୍ଦଳକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗାଁର କିଛି ଲୋକ ଭାଟସାହି ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଉଦ୍ୟନାଥ ମାର୍ଥା, ପୁଅଙ୍କୁ ମାରପିଟ୍ ଓ ଗାଳିଗୁଲଜ କରିବା ପରେ ଉତ୍ତେଜନା ବଢ଼ି ଚାଲିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଉଦ୍ୟନାଥଙ୍କ ପୁଅଙ୍କୁ ଘର ସମ୍ମୁଖରେ ଗାଳିଗୁଲଜ କରି ମାରପିଟ୍ କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୧୯୯/୨୧ରେ ୧୨ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ସେହିପରି ଥାନାରେ ଅଭିଯୋଗ କରିବାରୁ ବାପା ଉଦ୍ୟନାଥଙ୍କୁ ଅନୁରୂପ ଭାବେ ବୁଧବାର ସକାଳେ ମାରପିଟ୍ ଓ ଆକ୍ରମଣ କରାଯାଇଥିଲା। ଏ ନେଇ ଉଦ୍ୟନାଥଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୨୦୦/୨୧ରେ ୫ ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା।


GOVERNMENT OF ODISHA — No. O-783

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KENDRAPARA - JAJPUR

At/P.O.- Nayabazar, Cuttack - 753004, Tel. No. 0671-2444488, E-mail: serw_kpd@yahoo.com

Letter No. 2527 — Date: 28.09.21

1st Corrigendum NOTICE

To BID Identification No. **Tender Online RCK - 21/21**, Letter No. **2441, Dated: 22.09.2021** period of availability of tenders Online/Date of time of bidding Online/last date of seeking clarification/date of opening tender papers:
The details are revised as follows:

| Procurement Officer | Bid Identification No. | Availability of tender Online for bidding upto | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Cheif Construction Engineer, Rural Works Circle, Kendrapara-Jajpur | Tender Online RCK - 21/21 | 05.10.2021 at 11.00 A.M. | 25.10.2021 to 5.00 P.M. | 25.10.2021 upto 12.00 P.M. | 26.10.2021 at 12.00 P.M. | To be intimated later |

OIPR-25129/11/0019/2122 — Sd./- Chief Construction Engineer, Rural Works Circle, Kendrapara-Jajpur



ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 14781/IND-II-PH-885 — ତାରିଖ 27.09.2021
No.CAD-1354

ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ତହସିଲଦାର, ସଦର, କଟକ ଓଡ଼ିଶାର କଟକ ଜିଲ୍ଲା, ସଦର ତହସିଲ ଅନ୍ତର୍ଗତ ଉତମପୁର ଗ୍ରାମରେ କୁଆଖାଇ ନଦୀରେ ୫.୬୭ ହେକ୍ଟର ପରିମିତ ଖଣି ଅଞ୍ଚଳରେ ସ୍ଥିତ ଉତମପୁର ବାଲିଘାଟ** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୦୩.୧୧.୨୦୨୧ରିଖ ଦିବା ୧୧.୩୦ ଘଟିକା ସମୟରେ କଟକ ଜିଲ୍ଲା, ସଦର ତହସିଲ ଅନ୍ତର୍ଗତ ଉତମପୁର ସ୍ଥିତ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କଟକ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କଟକ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କଟକ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କଟକ** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କଟକ** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OIPR-08012/11/0114/2122


# ପର୍ଯ୍ୟଟନ ପୀଠର ବିକାଶ ପାଇଁ ମିଳିତ ସର୍ଭେ

ଖଣ୍ଡପଡ଼ା,୧।୧୦(ସ୍ୱ.ପ୍ର.)

ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିର ତଥା ପୀଠର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତାବ ରହିଛି। ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀମାନେ ଏହି ପୀଠ ପରିଦର୍ଶନରେ ଆସି ଏହାର ବିକାଶ ତଥା ଉନ୍ନତି ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମର ଅଗ୍ରଗତି ନିମନ୍ତେ ଓବିସିସି ପକ୍ଷରୁ ସର୍ଭେ କାର୍ଯ୍ୟ ମଧ୍ୟ ଚାଲୁ ରହିଛି। ଶୁକ୍ରବାର ନୟାଗଡ଼ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଭଗବାନ ଚରଣ ଦାଶ ଓ ଓଡ଼ିଶା ସେତୁ ନିର୍ମାଣ ନିଗମ ବିଭାଗ ଭୁବନେଶ୍ୱର ନିର୍ବାହୀ ଯନ୍ତ୍ରୀ ବିରଞ୍ଚି ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମିଳିତ ଭାବେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ମନ୍ଦିର ପଶ୍ଚିମ ପାର୍ଶ୍ୱ ପାହାଚଠାରୁ କଣ୍ଟିଲୋ ଯାତ୍ରାପଦା ବଜାର ପର୍ଯ୍ୟନ୍ତ ୩୪୪ ମିଟର ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧର ଗାର୍ଡ ୱାଲଠାରୁ ୧୨ ମିଟରରେ ନିର୍ମାଣ କରାଯିବ। ପଶ୍ଚିମ ଦ୍ୱାରଠାରୁ ମନ୍ଦିର ପାହାଡ ତଳେ ମହାନଦୀର କୂଳେକୂଳେ ଏକ ପାଦଚଲା ରାସ୍ତା ଉତ୍ତର ଦ୍ୱାର ପର୍ଯ୍ୟନ୍ତ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି ବୋଲି ନିଗମର ନିର୍ବାହୀଯନ୍ତ୍ରୀ ପଣ୍ଡା ସୂଚନା ଦେଇଥିଲେ। ଅପରପକ୍ଷରେ ପୁରାତନ ମାଳବନ୍ଧ ଉପରେ ଯାତ୍ରୀମାନଙ୍କ ଯାନବାହନର ପାର୍କିଂ ପାଇଁ ବ୍ୟବସ୍ଥା କରାଯିବା ସହ ଯାତ୍ରାପଦା ବଜାର ମୁଖ୍ୟ ଛକରେ ଟ୍ରାଫିକ ସମସ୍ୟା ପ୍ରତି ଦୃଷ୍ଟି ଦିଆଯିବ ବୋଲି ନୟାଗଡ ଅଧୀକ୍ଷଣ ଯନ୍ତ୍ରୀ ଦାଶ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ସର୍ଭେ ସମୟରେ ନୟାଗଡ଼ ଜଳ ସମ୍ପଦ ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ବିଶ୍ୱାଳ, କଣ୍ଟିଲୋ ସହକାରୀ ଯନ୍ତ୍ରୀ ରାମମୋହନ ବେହେରା ସହଯୋଗ କରିଥିଲେ। ତେବେ ବିଭିନ୍ନ ସମୟରେ ହେଉଥିବା ସର୍ଭେ କାର୍ଯ୍ୟକ୍ରମ ଫାଇନାଲ ହେବା ପରେ ଉଚ୍ଚସ୍ତରୀୟ ନିଷ୍ପତ୍ତି କ୍ରମେ କାର୍ଯ୍ୟକ୍ରମର ଟେଣ୍ଡର ଖୁବ୍‌ଶୀଘ୍ର ଡକାଯିବ ବୋଲି ପଣ୍ଡା ସୂଚନା ଦେଇଥିଲେ।



ସର୍ଭେ କରିବାକୁ ଆସିଥିବା ଅଧିକାରୀମାନେ।

# ଆଜିଠାରୁ ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ

ଖଣ୍ଡପଡା,୧।୧୦(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ଗତି କରୁଛନ୍ତି। ସରକାର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ବ୍ଲକରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆୟୁଷ ଡାକ୍ତରମାନେ ଅକ୍ଟୋବର ୨ରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ସହ ପରିଚାଳନାରେ ସମ୍ପୂର୍ଣ୍ଣ ଅସହଯୋଗ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଆୟୁଷ ଡାକ୍ତରମାନଙ୍କ ଅଭିଯୋଗ କ୍ରମେ, ୨୦୦୭ରୁ ଏପର୍ଯ୍ୟନ୍ତ ସୁଦ୍ଧା ଦୀର୍ଘ ୧୪ ବର୍ଷ ଧରି ସେମାନେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ପରିଚାଳନା କରୁଥିଲେ ହେଁ ଅଦ୍ୟାବଧି ସେମାନଙ୍କୁ ନିୟମିତ କର୍ମଚାରୀଙ୍କ ମାନ୍ୟତା ପ୍ରଦାନ କରାଯାଇ ନାହିଁ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଚୁକ୍ତିଭିତ୍ତିକ ଡାକ୍ତର ଭାବେ ଆୟୁଷ ଡାକ୍ତରମାନେ କାର୍ଯ୍ୟ କରୁଥିବାରୁ ସେମାନଙ୍କ ମାନ ସମ୍ମାନ କ୍ଷୁଣ୍ଣ ହେଉଥିବା ଅଭିଯୋଗ ହେଉଛି। ସେହିପରି ସ୍ୱଳ୍ପ ବେତନରେ ଆୟୁଷ ଡାକ୍ତରମାନେ କାର୍ଯ୍ୟ କରୁଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଏଥିପ୍ରତି ରାଜ୍ୟ ସରକାର ଆଦୌ ଧ୍ୟାନ ଦେଉ ନ ଥିବାରୁ ଏହାର ପ୍ରତିବାଦରେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ସ୍ୱାସ୍ଥ୍ୟସେବା କାର୍ଯ୍ୟରେ ଅସହଯୋଗ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏପରିକି ଦାବି ହାସଲ ହେବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଆୟୁଷ ଡାକ୍ତରମାନେ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏ ସମ୍ପର୍କିତ ଦାବିପତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିବା ଜଣାଯାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9953557897 / 9432985505
Whatsapp : 9953557897

TOWER VISION COMPANY Regd.
ଭାରତର No.1 ସ୍ୱୀକୃତିପ୍ରାପ୍ତ କମ୍ପାନି
ନିଜ ଛାତ, ଜମି, କ୍ଷେତ ଓ ଖାଲି ସ୍ଥାନ ମାନଙ୍କରେ 4G / 5G ର Digital Tower ଲଗାନ୍ତୁ।
ଶିଘ୍ର ଆବେଦନ କରି ୩ ଦିନରେ result ପାଆନ୍ତୁ। ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
ADVANCE : 95 LAKH
ଭଡା : ୮୫,୦୦୦/- ମାସିକ,
ଚାକିରି-୨ ଜଣ, ଦରମା : ୨୦,୦୦୦/- + PF + Bonos + ବୋଲେରୋ ଗଡି
Helpline : 7027029427

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9999268493
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୬.୨୫ ଗ୍ରାମ ବ୍ରାଉନସୁଗାର ଜବତ, ୩ ଭାଇ ଗିରଫ

ନୟାଗଡ଼ ଅଫିସ : ନୟାଗଡ଼ ସଦର ଥାନା ଥାନା ପୋଲିସ ବାଲୁଗାଁର ବିଦ୍ୟାଖଳା ପୋଖରୀ ନିକଟରୁ ୬.୨୫ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୩ ଭାଇଙ୍କୁ ଗିରଫ କରିଛି। ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ। ପୋଲିସ ସୂଚନା ମୁତାବକ ବାଲୁଗାଁ ଉପରସାହିର କାଶୀନାଥ ପ୍ରଧାନ(୨୫) ବ୍ରାଉନସୁଗାର ବ୍ୟବସାୟ କରନ୍ତି। ସେ ତାଙ୍କର ୨ ଭାଇ ସନ୍ତୋଷ ପ୍ରଧାନ(୩୫) ଓ ବିଶ୍ୱନାଥ ପ୍ରଧାନ(୩୦)ଙ୍କ ଦ୍ୱାରା ଏହି କାରବାର କରି ଆସୁଥିଲେ। ଗିରଫ ପରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ନେଇ ୩ ଭାଇ ସ୍ୱୀକାର କରିଥିବା ପୋଲିସ କହିଛି।

## ସଂକ୍ଷେପରେ

### ୩୦.୭ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

ନୟାଗଡ଼ ଅଫିସ/ଓଡ଼ଗାଁ,୧।୧୦ (ସ୍ୱ.ପ୍ର.): ଓଡ଼ଗାଁ ଥାନା ଓ ଇଟାମାଟି ଥାନା ପୋଲିସ ଭିନ୍ନ ଭିନ୍ନ ସ୍ଥାନ ଉପରେ ଚଢ଼ାଉ କରି ୩୦.୭ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ଏମାନଙ୍କ ମଧ୍ୟରୁ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଓଡଗାଁ ଥାନା ପୋଲିସ ଓଡ଼ଗାଁ ପାଟଣାସାହି ଉପରେ ଚଢ଼ାଉ କରି ୨୭.୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହି ଘଟଣାରେ ଶରଣକୁଳ ଥାନା ଆର୍ଙ୍ଗିସିଙ୍ଗି ଗାଁର ପ୍ରଦୀପ ଶତପଥୀଙ୍କୁ ଗୁରୁବାର ଗିରଫ କରିଥିଲା। ଜାମିନ ନାମଞ୍ଜୁର ପରେ ପ୍ରଦୀପଙ୍କୁ ଶୁକ୍ରବାର ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରଦୀପ ପାଟଣାସାହିରେ ଘର ଭଡା ନେଇ ରହୁଥିଲେ। ଏ ନେଇ ପୋଲିସ ନଂ. ୧୦୮/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ଇଟାମାଟି ଥାନା ପୋଲିସ ଇଟାମାଟି ସିନେମା ହଲ ଛକ ନିକଟରୁ ୩ ଗ୍ରାମ ବ୍ରାଉନସୁଗାର ଜବତ କରି ପର୍ଶୁରାମ ଦାସ(୨୭)ଙ୍କୁ ଗିରଫ କରିଛି। ପର୍ଶୁରାମଙ୍କ ଘର ସାନଟାଙ୍ଗୀ ପାଟଣା ଗାଁରେ। ଏ ନେଇ ପୋଲିସ ନଂ. ୧୫୦/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ମା’, ନବଜାତ ଶିଶୁ ପୁତ୍ରର ମୃତ୍ୟୁ

**ଚିକିତ୍ସାରେ ଅବହେଳା**

ନୟାଗଡ଼ ଅଫିସ,୧।୧୦: ଚିକିତ୍ସାରେ ଅବହେଳା ଯୋଗୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ରାତିରେ ମାଆ ଓ ନବଜାତ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ରହିଛି। ମୃତକ ହେଲେ ନୟାଗଡ଼ ସହର ବେବର୍ତ୍ତାପଲ୍ଲୀର ଲକ୍ଷ୍ମୀ ନାୟକ(୨୯) ଓ ତାଙ୍କ ନବାଜତ ଶିଶୁ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ (ସ୍ୱାସ୍ଥ୍ୟ ସେବା) ପି. ପି. ସାହୁ କୁହନ୍ତି, ମା’ ଓ ନବଜାତ ଶିଶୁଙ୍କ ମୃତ୍ୟୁ କାହିଁକି ହେଲା ତଦନ୍ତ କରାଯିବ। ମା’ ପେଟରେ ମୃତ ଶିଶୁଙ୍କୁ କାଢୁ କାଢୁ ମା’ଙ୍କ ମୃତ୍ୟୁ ହୋଇଛି। ଏହା ଏକ ବଡ ଘଟଣା ବୋଲି ସେ କହିଥିଲେ। ପ୍ରାପ୍ତ ସୂଚନା ଅନୁସାରେ, ନୟାଗଡ଼ ସହର ବେବର୍ତ୍ତାପଲ୍ଲୀର ଅଜିତ ନାୟକଙ୍କ ସ୍ତ୍ରୀ ଲକ୍ଷ୍ମୀ ଙ୍କର ଗର୍ଭ ବେଦନା ବଢ଼ିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଭର୍ତ୍ତି ହୋଇଥିଲେ। ଲକ୍ଷ୍ମୀଙ୍କ ଏକ ମୃତ ଶିଶୁ ପୁତ୍ରକୁ ଜନ୍ମ ଦେଲେ। ପରେ ଲକ୍ଷ୍ମୀଙ୍କର ମୃତ୍ୟୁ ହୋଇଥିଲା।

### ଚନ୍ଦନକାଠ ଜବତ, ୨ ଗିରଫ

ଭଞ୍ଜନଗର,୧।୧୦(ଡି.ଏନ.ଏ): ବେଲଗୁଣ୍ଠା ପୋଲିସ ଶୁକ୍ରବାର ବେଆଇନ ଭାବେ ଚନ୍ଦନ କାଠ ଚାଲାଣ କରିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମା ଗ୍ରମାର ଡାକ୍ତର ନାହାକ ଓ ବରେଇଝୁଲିର ସନ୍ତୋଷ ନାୟକ। ଅଭିଯୁକ୍ତଦ୍ୱୟଙ୍କ ଠାରୁ ୧୩ କେଜି ଚନ୍ଦନ କାଠ ସହ ଗୋଟିଏ ବାଇକ୍ ଜବତ କରାଯାଇଛି। ଏନେଇ ନଂ.୨୪୨/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଛି।

# ସହକାରୀ କୃଷି ଅଧିକାରୀ ହଡ଼ବଡ଼େଇଗଲେ

- ତ୍ରୟୋଦଶ ନୂଆଗାଁ ପଞ୍ଚାୟତ ସମିତି ସାଧାରଣ ଅଧିବେଶନ
- ତଥ୍ୟ ସାର୍ବଜନୀନ ହେବା ଆବଶ୍ୟକ, ବିଧାୟକ

ନୂଆଗାଁ, ୧।୧୦(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କନଫରେନ୍ସ ଗୃହ ମଧ୍ୟରେ ଶୁକ୍ରବାର ତ୍ରୟୋଦଶ ପଞ୍ଚାୟତ ସମିତି ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀ ଦୃଷ୍ଟିରୁ ବହୁଦିନ ଧରି ବନ୍ଦ ଥିବା ପଞ୍ଚାୟତ ସମିତି ସାଧାରଣ ବୈଠକ ସମସ୍ତ ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତି ଥିଲେ। ବୈଠକ ପ୍ରାରମ୍ଭରେ ପଞ୍ଚାୟତ ଅଧିକାରୀ ସାଧୁଚରଣ ସାହୁ ପୂର୍ବ ବିବରଣୀ ପାଠ ପରେ ଆଲୋଚନା ହୋଇଥିଲା। ବୈଠକ ପୂର୍ବରୁ ବିବରଣୀ ସମସ୍ତ ଲୋକ ପ୍ରତିନିଧିଙ୍କୁ ଦେବାର ନିୟମ ରହିଥିଲେ ମଧ୍ୟ ତାହା ଦିଆଯାଇ ନ ଥିବାରୁ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ସାହୁ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବ ବୈଠକରେ ଅନେକ ତଥ୍ୟ ମଗାଯାଇଥିଲେ ମଧ୍ୟ ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ଅଜିତ କୁମାର ନାୟକ ତଥ୍ୟ ଦେଇ ନ ଥିବାରୁ ଜିଲା ପରିଷଦ ସଭ୍ୟ ସୁଦୀପ୍ତ କୁମାର ରାୟ ଅସନ୍ତୋଷ ପ୍ରକାଶ କରିଥିଲେ। କେଉଁ ଅଞ୍ଚଳରେ କେତେ ପରିମାଣର କାଜୁ, ଆମ୍ବ, ପାମ ଅଏଲ ଆଦି ଚାଷ କରାଯାଇଛି ସେ ନେଇ ଅନେକ ପ୍ରଶ୍ନ ପଚରାଯିବାରୁ ସେ କୌଣସି ଉତ୍ତର ଦେଇ ନ ପାରି ହଡବଡେଇ ଯାଇଥିଲେ।

ମହିଳା ଗୋଷ୍ଠୀଙ୍କୁ ସରକାର ଗୁରୁତ୍ୱ ଦେଉଛନ୍ତି। ଯୋଗାଣ ବିଭାଗ ଅଧିକାରୀ ଡିଲରକୁ ସହଯୋଗ କରିବାକୁ ଯାଇ ମହିଳା ଗୋଷ୍ଠୀଙ୍କୁ ଅଣଦେଖା କରୁଥିବା ନେଇ ମାଇଛେଳି ସରପଞ୍ଚ ଲିଙ୍ଗରାଜ ପରିଡା କ୍ଷୋଭ ପ୍ରକାଶ କରିବା ସହ ତାହାର କାରଣ ପଚାରିଥିଲେ। ଯାହାକି ଯୋଗାଣ ଅଧିକାରୀ ବି. ଶ୍ରୀହର୍ଷ ଓ ବିଡିଓଙ୍କୁ ଅଡୁଆରେ ପକାଇ ଦେଇଥିଲା। ସରପଞ୍ଚ ପରିଡାଙ୍କ ଅଭିଯୋଗ ଅନୁସାରେ, ରାଶନ ସାମଗ୍ରୀ ବଣ୍ଟନ ପାଇଁ ମହିଳା ଗୋଷ୍ଠୀଙ୍କଠାରୁ ବିଜ୍ଞପ୍ତି ଜାରି କରି ଆବେଦନ ଗ୍ରହଣ କରାଯାଇଥିଲା। ବ୍ଲକ ପ୍ରଶାସନ ରଖିଥିବା ସର୍ତ୍ତ ଅନୁସାରେ ଗ୍ରୁପର ସମସ୍ତ କାଗଜପତ୍ର ଦାଖଲ କରିଥିଲେ ମଧ୍ୟ ଜାଣିଶୁଣି ସେହି ଗ୍ରୁପକୁ ବାଦ୍ କରି ଦେଇଛନ୍ତି।

ଏ ନେଇ ସରପଞ୍ଚ ବିଡିଓଙ୍କ ନିକଟରେ ଗ୍ରୁପ ଦାଖଲ କରିଥିବା କାଗଜପତ୍ରର ନକଲ ଦେଖାଇବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଭୁଲ ହୋଇଥିବା ବିଡିଓ ସ୍ୱୀକାର କରିଥିଲେ। ଏ ନେଇ ସବ୍‌କଲେକ୍ଟରଙ୍କ ସହ ଆଲୋଚନା କରିବେ ବୋଲି ବିଡିଓ କହିଛନ୍ତି। ଅନେକ ସମିତିସଭ୍ୟ, ସରପଞ୍ଚ ଯୋଗାଣ ବିଭାଗ, ଉଦ୍ୟାନ ବିଭାଗର ଦୋଷ ତ୍ରୁଟି ବୈଠକରେ ଉପସ୍ଥାପନ କରୁଥିବା ବେଳେ ନୂଆ ଅଧିକାରୀ, ପୂର୍ବରୁ ଗୋଳମାଳିଆ ଅଛି କହି କର୍ମଚାରୀଙ୍କୁ ଘଣ୍ଟ ଘୋଡାଇବା ସହ କଥାକୁ ଏଡାଇ ଦେବାକୁ ଚେଷ୍ଟା କରିଥିଲେ ବିଡିଓ ପ୍ରମୋଦ କୁମାର ନାୟକ। ମିଶନ ଶକ୍ତି ଗୃହଗୁଡିକର ନିର୍ମାଣ କାର୍ଯ୍ୟ ଆଶାନୁରୂପ ଭାବେ ଅଗ୍ରଗତି ହେଉ ନ ଥିବାରୁ ବିଧାୟକ ରମେଶ ଚନ୍ଦ୍ର ବେହେରା କ୍ଷୋଭ ପ୍ରକାଶ କରିବା ସହ ଆସନ୍ତା ନଭେମ୍ବର ୧୫ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆମ ଗାଁ ଆମ ବିକାଶ ମାଧ୍ୟମରେ ନିର୍ମିତ କାର୍ଯ୍ୟରେ ସରପଞ୍ଚଙ୍କ ନାମ ରହୁ ନ ଥିବାରୁ ମାଇଛେଳି ସରପଞ୍ଚ ଦୁଃଖ ପ୍ରକାଶ କରି ବୈଠକରେ ଜଣାଇବାରେ ଅଧ୍ୟକ୍ଷ ବାହାନା କରି କଥାକୁ ଏଡାଇ ଦେଇଥିଲେ। ଉକ୍ତ ବୈଠକରେ ଦଶପଲ୍ଲା ବିଧାୟକ ବେହେରା, ବିଡିଓ ନାୟକ, ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଉପାଧ୍ୟକ୍ଷ ସାହୁ, ଜିଲା ପରିଷଦ ସଭ୍ୟ ରାୟ, ସାଂସଦ ପ୍ରତିନିଧି ବିଜୟ କୁମାର ଶାସମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳ ବରିଷ୍ଠ ନାଗରିକଙ୍କ ସରକାରୀ ଯୋଜନା ଅପହଞ୍ଚ

ଖଣ୍ଡପଡ଼ା,୧।୧୦(ସ୍ୱ.ପ୍ର.)




ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ଆନୁକୁଲ୍ୟରେ ଶୁକ୍ରବାର ଅପରାହ୍ନରେ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ଏକ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ବରିଷ୍ଠ ସହକାରୀ ଦେରାଜଜ୍ ବିଭୂଦତ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରତ୍ୟେକ କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କ ପ୍ରତି ଅବହେଳା ପ୍ରଦର୍ଶନ ନ କରିବା ଏବଂ ସେମାନଙ୍କୁ ଆବଶ୍ୟକ ଆଇନଗତ ଓ ସାମାଜିକ ସୁରକ୍ଷା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ସ୍ତମ୍ଭକାର ଗିରିଜା ଶଙ୍କର ତରାସିଆ, ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା, ବରିଷ୍ଠ ଆଇନଜୀବୀ ବାସୁଦେବ ରଥ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବରିଷ୍ଠ ନାଗରିକମାନଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ ସମସ୍ୟା ଓ ପାରିବାରକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି ବୋଲି କହିଥିଲେ। ସମାଜକୁ ଦିଗ ଦର୍ଶନ ଦେଉଥିବା ବରିଷ୍ଠ ନାଗରିକମାନଙ୍କୁ ଉଚିତ ସମ୍ମାନ ଦେବା ପରିବର୍ତ୍ତେ ନିର୍ଯାତନା ଦିଆଯାଉଥିବା ସମ୍ପର୍କରେ ଉପସ୍ଥିତ କେତେକ ବରିଷ୍ଠ ନାଗରିକ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକମାନଙ୍କୁ ନିରାପତ୍ତା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ସେସବୁ ଗ୍ରାମାଞ୍ଚଳରେ ଅପହଞ୍ଚ ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟତମ ଅତିଥି ଭାବେ ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ଆଇନଜୀବୀ ସୁରେନ୍ଦ୍ରନାଥ ସାହୁ, ପ୍ରଭାକର ଶିରୋମଣି, ଉଜ୍ୱଳ ମହାରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ସହକାରୀ ଦୌରାଜଜ୍ ନାୟକ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ଧନ୍ୟବାଦ ଦେଇଥିଲେ। ଖଣ୍ଡପଡା ସହର ସମେତ ବିଭିନ୍ନ ପଞ୍ଚାୟତ ଅଞ୍ଚଳରୁ ଶତାଧିକ ବରିଷ୍ଠ ନାଗରିକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ନୟାଗଡ଼ ଅଫିସ,୧।୧୦

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର ଯୋଗଦେଇ ରକ୍ତଦାନ ଉପରେ ଟିପ୍ପଣୀ ଦେଇଥିଲେ। ଏବେ ରକ୍ତଦାନ ପ୍ରତି ଲୋକଙ୍କ ମନରେ ଆଗ୍ରହ ହେଉଥିବା ଜଣାପଡିଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପା ଲିଳିମା ଲାକ୍ରା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିଭିଡି) ତାରକା ପ୍ରସନ୍ନ ତ୍ରିପାଠୀ, ବ୍ଲଡ ବ୍ୟାଙ୍କ ଅଫିସର ଅଜୟ ବାହିନୀପତି ପ୍ରମୁଖ ଯୋଗଦେଇ ଅନୁରୂପ ଭାବେ ରକ୍ତଦାନ ଉପରେ ବକ୍ତବ୍ୟ ରଖିଥିଲେ।

# ସଂସ୍କାର ଆଣି ଶୃଙ୍ଖଳିତ ସମାଜ ଗଠନ କରନ୍ତି

**ବରିଷ୍ଠ ନାଗରିକ ଦିବସ**

ନୟାଗଡ଼ ଅଫିସ,୧।୧୦

ନୟାଗଡ଼ ସହର ପଠାଣି ସମାନ୍ତ ଅଡିଟୋରିୟମରେ ବରିଷ୍ଠ ନାଗରିକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ଓ ଏଲ୍ଡରର୍ସ ଭିଜନ ଆଣ୍ଡ ଆକ୍ସନ ଗ୍ରୁପ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୁପେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇଥିଲେ। ସେ କହିଥିଲେ, ବରିଷ୍ଠ ନାଗରିକମାନେ ସମାଜରେ ସଂସ୍କାର ଆଣିବା ସହ ଶୃଙ୍ଖଳିତ ସମାଜ ଗଠନରେ ମାର୍ଗଦର୍ଶକ ହୋଇଥାନ୍ତି। ଜିଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଆବାହକତ୍ୱରେ ଏଲ୍ଡରର୍ସ ଭିଜନ ଆଣ୍ଡ ଆକ୍ସନ ଗ୍ରୁପ ଅମୁଲ୍ୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ନୟାଗଡ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ପ୍ରଫେସର ସସ୍ମିତ ପାଣି ଓ ନୟାଗଡ଼ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏଲ୍ଡରର୍ସ ଭିଜନ ଆଣ୍ଡ ଆକ୍ସନ ଗ୍ରୁପର ସମ୍ପାଦକ ଗୋପାଳ ନାୟକ ସମ୍ପାଦକୀୟ ପଠନ କରିଥିବାବେଳେ ବିବରଣୀ ପଠନ କରିଥିବାବେଳେ ବରିଷ୍ଠ ନାଗରିକ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ବରିଷ୍ଠ ନାଗରିକ ବିଶ୍ୱନାଥ ନାୟକ, ବୃନ୍ଦବାନ ରାୟ, ନାରାୟଣ ଦାସ, ଭିକାରୀ ସାହୁ, ହରେକୃଷ୍ଣ ଦୋରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲାର ବିକାଶ ପାଇଁ ୧୦ ସୂତ୍ରୀ ପ୍ରସ୍ତାବ ବାଣ୍ଟିଲା କଂଗ୍ରେସ

**ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ**

ନୟାଗଡ଼ ଅଫିସ,୧।୧୦



ବୈଠକରେ ଯୋଗ ଦେଇଥିବା ନେତାମାନେ।

ନୟାଗଡ଼ରେ ଶୁକ୍ରବାର କଂଗ୍ରେସର ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଦେଶ କଂଗ୍ରେସ ଓବିସି ସେଲ ଅଧ୍ୟକ୍ଷ ଜ୍ଞାନଦେବ ବେଉରା, ଜିଲା ପର୍ଯ୍ୟବେକ୍ଷକ ଆଇନଜୀବୀ ନିଶିକାନ୍ତ ମିଶ୍ର, ପିସିସି ସମ୍ପାଦକ ହୁସେନ ଖାଁ ପ୍ରମୁଖ ଯୋଗଦେଇ ଜିଲାର ବିକାଶ ପାଇଁ ୧୦ ସୂତ୍ରୀ ପ୍ରସ୍ତାବ ବାଣ୍ଟି ଭୋଟରଙ୍କ ସମର୍ଥନ ହାତେଇବାକୁ ଉଦ୍ୟମ କରିଛନ୍ତି। ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ସହ ମହିଳା ପ୍ରଜା ମଣ୍ଡଳ ମହିଳା ବିଦ୍ୟାଳୟକୁ ସରକାରୀ ଘୋଷଣା କରିବାକୁ ଦାବି ରହିଛି। ସେହିଭଳି ୫ ହଜାର ମେଟ୍ରିକ ଟନ କ୍ଷମତା ଯୁକ୍ତ ସ୍ୱୟଂ ଚାଳିତ ଚିନିକଳ ପ୍ରତିଷ୍ଠା କରି ଆଖୁଚାଷୀଙ୍କ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି, ଜିଲା ବ୍ୟାପୀ ବିଶୁଦ୍ଧ ପାଣି ଯୋଗାଇବା ଅନୁରୂପ ଦାବି ରଖାଯାଇଛି। ପୁଣି ବୃତ୍ତଙ୍ଗ ଜଳସେଚନ ଯୋଜନାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ, ଓଡ଼ଗାଁ, ରଣପୁର, ଦଶପଲ୍ଲା ଓ ଖଣ୍ଡପଡାକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା ମିଳୁ ବୋଲି କୁହାଯାଇଛି। ଅନ୍ୟପକ୍ଷେ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥରେ ନୟାଗଡ଼ରୁ ବାଣିଗୋଛା ପର୍ଯ୍ୟନ୍ତ ରେଳ ଚଳାଚଳର ବ୍ୟବସ୍ଥା, ଖାଲି ପଡିଥିବା ୧୫୦ ଡାକ୍ତର ପଦବୀ ପୂରଣ, ବେକର ଯୁବତୀଯୁବକଙ୍କ ପାଇଁ କର୍ମ ସଂସ୍ଥାନ କରିବାକୁ ଦାବି କରାଯାଇଛି। ବିଜେଡିର ୨୧ବର୍ଷ ଶାସନରେ ନୟାଗଡ଼ର କ’ଣ ଓ କିପରି ବିକାଶ ହୋଇଛି ସେନେଇ ଦଳ ଟାର୍ଗେଟ କରି ଶାସକ ଦଳ ଉପରେ ବର୍ଷିଛି। ନୟାଗଡ଼ ଜିଲାରେ ବିକାଶର ଡିଣ୍ଡିମ ପିଟା ଚାଲିଥିଲେ ମଧ୍ୟ ଏହା ଅନଗ୍ରସର ଜିଲା ଭାବେ ପରିଗଣିତ ହୋଇଛି। ଏଠାରେ ବିପିଏଲ ପରିବାର କମିବା ପରିବର୍ତ୍ତେ ବଢ଼ି ଚାଲିଥିବାରୁ ବିକାଶ କେଉଁଆଡୁ ହେଉଛି ବୋଲି ଦଳ ପ୍ରଶ୍ନ କରିଛି। କୃଷି ଓ କୃଷକର ବିକାଶ ପାଇଁ ପୁରୁଣା ଜଳଭଣ୍ଡାରକୁ ପୁନରୁଦ୍ଧାର କରାଯାଇ ପାରୁନାହିଁ। କଂଗ୍ରେସ ସମୟରେ ହୋଇଥିବା କୁଆଁରିଆଁ, ବୁଢ଼ାବଢ଼ିଆଣି, ବାଘୁଆ ଜଳଭଣ୍ଡାର ଏବେ ପୋତି ହୋଇ ପଡିଲାଣି। ଏହାର କେନାଲ ନଷ୍ଟ ହୋଇଗଲାଣି। ଗାଁ ଗାଁରେ କଂଗ୍ରେସ ସ୍ୱାସ୍ତ୍ରକେନ୍ଦ୍ର କରିଥିଲା। ସରକାର ଡାକ୍ତର ଦେଇ ପାରୁନାହାନ୍ତି। ଯେଉଁଠି ଡାକ୍ତର ଅଛନ୍ତି ସେବା ମିଳୁନି। ରାଜନେତା ମିଲରଙ୍କ ଅସାଧୁ ମେଣ୍ଟ ଓ କମିଶନ କାରବାର ଯୋଗୁ ରାଶନ କାର୍ଡଧାରୀ ପୋକାଡା ଚାଉଳ ଖାଉଛନ୍ତି। କେତେଜଣ ବିଧାୟକ ବେନାମୀ କ୍ରସର ପକାଇ ପ୍ରାକୃତିକ ସମ୍ପଦ ଲୁଟ୍ କରି ଟଙ୍କା ରୋଜଗାର କରୁଛନ୍ତି। କୃଷିଭିତ୍ତିକ ଶିଳ୍ପ ଚିନିକଳରେ ତାଲା ପଡିବା ପରେ ନୟାଗଡ଼ ଜିଲା ଶିଳ୍ପର ମାନ୍ୟତା ହରାଇଛି ବୋଲି କୁହାଯାଇଛି। ଅନ୍ୟପକ୍ଷେ ପୌର ଓ ପଞ୍ଚାୟତ ନିର୍ବାଚନ ଥିବାରୁ ଶାସକ ଦଳ ବିଜେଡି ଓ ଭାଜପାର ଦୋଷ ଦୁର୍ବଳତା ନେଇ ଭୋଟରଙ୍କୁ ପାଖକୁ କଂଗ୍ରେସ ଯାଉଛି। ଆଗକୁ ଏହି ପ୍ରକ୍ରିୟା ଜାରି ରଖିବ ବୋଲି କହିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ଉପସଭାପତି କମଳ ସାହୁ, ଦଳୀୟ ନେତା ମନୋଜ ସାହୁ, ଶୁଭଶ୍ରୀ ପଣ୍ଡା, ଯୁବ ଆଇଏନ୍‌ଟିୟୁସି ରାଜ୍ୟ ସଭାପତି ସତ୍ୟ ନାୟକ, ଜିଲା ମହିଳା ସଭାନେତ୍ରୀ ଉମାରାଣୀ ପାଣି, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା କୁସୁମ ପ୍ରଧାନ, ଜିଲା ଯୁବ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର ପ୍ରମୁଖ ଅନୁରୂପ ଭାବେ ଯୋଗ ଦେଇଥିଲେ।


Greetings from
Khadi & Village Industries Commission
Ministry of MSME, Govt. of India, State Office, Bhubaneswar, Odisha
works for
Self-reliant India
through its schemes
- PMEGP
- KHADI
- KRDP
- SFURTI
- MPDA
- GRAMODYOG VIKAS YOJANA (GVY)
- SKILL TRAINING

VISTAAR FINANCE
ଭିସ୍ତାର୍ ଫାଇନାନ୍ସ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍
CIN: U67120KA1991PTC059126, RBI Registration No. B-02.00251
ରେଜିଷ୍ଟର୍ଡ ଅଫିସ୍: ପ୍ଲଟ୍ ନଂ.59 ଏବଂ 60 -23, 22 ତମ କ୍ରସ୍, 29ତମ ମେନ୍, ବିଟିଏମ୍ ଲେଆଉଟ୍, 2ୟ ଷ୍ଟେଜ୍, ବାଙ୍ଗାଲୋର-560076.
ଶାଖା ସ୍ଥାନାନ୍ତରଣ ପାଇଁ ସୂଚନା
ଏତଦ୍ୱାରା ସୂଚନା ଦିଆଯାଉଛି ଯେ ପରିଚାଳନ କାରଣ ରୁ ଆମ ଶାଖା କାର୍ଯ୍ୟାଳୟ ପ୍ଲଟ୍ ନଂ–୩୦୯୮, ପ୍ରଥମ ମହଲା, ବାହାର ବିସିନାବର, ଲିଙ୍କ ରୋଡ୍, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଉପରେ, କଟକ – 753014, ଓଡିଶାରେ ସ୍ଥିତ ଶାଖା କାର୍ଯ୍ୟାଳୟକୁ ପରିଚାଳନ କାରଣ ରୁ ସ୍ଥାନାନ୍ତରିତ କରିବା ପାଇଁ ନୋଟିସ୍ ଦିଆଯାଉଅଛି, ଯେକୌଣସି ଦାବି/ବକେୟା ରାଶି ମାମଲାରେ ଏବଂ କୌଣସି ଅଭିଯୋଗ ପାଇଁ ଦୟାକରି ନିମ୍ନଲିଖିତ ଠିକଣାରେ ସମ୍ପର୍କ କରନ୍ତୁ।
ଠିକଣା : ଭିସ୍ତାର୍ ଫାଇନାନ୍ସ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍
2ୟ ମହଲା, ଗୋପିନାଥ ନିଲୟମ୍, ଶ୍ରମିକ ଭବନ ପଛ – ସୂର୍ଯ୍ୟ ବିହାର, ଲିଙ୍କ ରୋଡ୍ ,
କଟକ– 753012
ଟେଲିଫୋନ୍ ନଂ: 7077311344 / 9348184534
ଇମେଲ୍ : cm.cuttack@vistaarfinance.com, bm.cuttack@vistaarfinance.com
ops.cuttack@vistaarfinance.com
ଭିସ୍ତାର ଫାଇନାନ୍ସ ସର୍ଭିସ୍ ପିଭିଟି ଲିମିଟେଡ୍ ଏସ୍‌ଡି
ସ୍ଥାନ : ବାଙ୍ଗାଲୋର୍
ପ୍ରାଧିକୃତ ହସ୍ତାକ୍ଷର

SHREE JAGANNATH TEMPLE OFFICE, PURI
Tender Call Notice No. 05/2021 (Elec.) Dt.04.09.2021
"Tender Call Notice for AMC of Coloured LED Display Board with repair and maintenance under SJTA" Visit website: www.shreejagannatha.in.
Last date: 07.10.2021 by 3.30 P.M.
Sd./- Administrator
Shri Jagannath Temple, Puri

କଟକ ମହାନଗର ନିଗମ
ଚୌଧୁରୀ ବଜାର, କଟକ
No- 9567 ବିଜ୍ଞାପନ Date-01.10.2021
ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଦ୍ୱାରା ସ୍ଥାନୀୟ ରାମ ଶଙ୍କର ମାର୍କେଟ କମ୍ପଲେକ୍ସ, ଚୌଧୁରୀ ବଜାର, କଟକ ତଳ ମହଲାରେ ନିର୍ମାଣ ହୋଇଥିବା ଦୁଇଗୋଟି ବଡ଼ ଗୃହ ଗୋଟିଏକୁ ଟ.୨୪୦୦/- ଏବଂ ଅନ୍ୟ ଗୋଟିକୁ ୨୫୦୦/- ଟଙ୍କାରେ ତା.୧୭.୦୯.୨୦୨୧ ରିଖରେ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯିବାକୁ ସ୍ଥିର କରାଯାଇଥିଲା, କିନ୍ତୁ ଅନିର୍ବାଯ୍ୟ କାରଣ ବଶତଃ ବର୍ତ୍ତମାନ ଏହି ଆବଣ୍ଟନ ପକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖାଗଲା।
ସ୍ୱା/- ଆୟୁକ୍ତ, କଟକ ମହାନଗର ନିଗମ

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMIBBS2021055 ତା.28.09.2021ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା-ବଲାଙ୍ଗୀର ନୂଆ ବ୍ରୋଡ୍ ଗେଜ୍ (B.G.) ରେଳ ଲିଙ୍କ୍ ପ୍ରକଳ୍ପର ବୁଗୁଡ଼ା ଠାରୁ କି.ମି.143 ପର୍ଯ୍ୟନ୍ତ ଜେନେରାଲ ଆରେଞ୍ଜମେଣ୍ଟ୍ ଡ୍ରଇଂ (GAD) ର ପ୍ରସ୍ତୁତି ସହିତ ବଡ଼ ଏବଂ ଛୋଟ ପୋଲଗୁଡ଼ିକ ନିମନ୍ତେ ଜଳ ମାର୍ଗ ଗଣନା (Water way calculation) ଏବଂ ସେତୁ (Viaducts), ବଡ଼ ପୋଲ ଏବଂ ଛୋଟ ପୋଲଗୁଡ଼ିକ ପାଇଁ ମୃତ୍ତିକା ଅନୁସନ୍ଧାନ (Exploration) ଭଳି କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 94.79 ଲକ୍ଷ,
କାର୍ଯ୍ୟ ଶେଷ ହେବା ଅବଧି : 03 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.10.2021 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭଲ୍ୟୁମ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-70/CE/21-22

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
No: PP/ERW/1576 Date: 30/09/2021
To

| | Present Address | Permanent Address |
|---|---|---|
| Shri B K Behera | Qrs. No. B/247 | At : Basana Palli |
| Pl.No. 212009 | Sector-21, | Po : Chatrapur |
| Office Attendant | Rourkela, Sundargarh | Dist: Ganjam (Odisha) |
| Pipe Plant (ERW) Dept. | Odisha, 769001 | PIN: 761020 |

NOTICE
Chargesheet bearing No. PP/ERW/1420, dated 20/08/2021 was issued to you under Clause 28 (xxii) read with order No.7 (a) of the Certified Standing Orders as you are not reporting for duty since 13/06/2020 without sanction of leave. The chargesheet under reference sent to your local / permanent address have been returned undelivered by the postal authority and hence the notice. You are hereby called upon to submit your written explanation within 10 days from the date of publication of this notice and to appear before Shri S C Paricha, Asst. Manager (PL) T & M along with witnesses/documents/Co-worker, if any at Room No. 60/03, Ground floor, Ispat General Hospital, Rourkela on 20/10/2021 at 03:00 PM failing which the enquiry shall proceed ex-parte without any further reference to you.
For Steel Authority of India Limited
Rourkela Steel Plant, Rourkela
AGM (Pipe Plant)
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

OFFICE OF THE ENGINEER-IN-CHIEF
RURAL WATER SUPPLY & SANITATION
JAL "O" PARIMAL BHAWAN, UNIT-V, BHUBANESWAR - 751001, ODISHA
Tel.: 0674-2395734, Fax: 0674-2394946, e-mail: cerwssodisha@gmail.com
NOTICE INVITING BID
NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT
No. 8177 Date: 29.09.2021
REQUEST FOR PROPOSAL (RFP)
No. O-795: The Engineer-in-Chief, RWSS,(Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis, & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Pakcage No. | Name of Work | Bid Identification No. | Indicative Project Cost (Rs. in Crore) | Period for Completion & O&M Period | Availability of Bid document for Online bidding | |
|---|---|---|---|---|---|---|
| | | | | | From | To |
| Pkg-I | Execution of 02 Nos Individual Rural Piped Water Supply Project pertaining to **12GPs of Udala Block & 14GPs of Khunta Block of Mayurbhanj District and to all 30 GPs of Badasahi Block & 06 GPs of G.B.Nagar Block of Mayurbhanj District (Baripada RWS&S Division)** including 5 years O&M on EPC contract under the package. | EIC, RWSS-25/21-22 | 418.70 | 24 (Twenty four months) & 60 (Sixty months) | 17.00 hrs. of 08.10.2021 | 17.00 hrs. of 08.12.2021 |
| Pkg-II | Execution of 02 Nos Individual Rural Piped Water Supply Project pertaining to **Raruan Block of Mayurbhanj District & to Sukruli Block of Mayurbhanj District (Rairangpur Division)** including 5 years O&M on EPC contract under the package | EIC, RWSS-26/21-22 | 168.24 | 24 (Twenty four months) & 60 (Sixty months) | 17.00 hrs. of 08.10.2021 | 17.00 hrs. of 08.12.2021 |

Name & address of Officer Inviting Bid : Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph.: 0674-2395734/0674-2531533, e-mail: cerwssodisha@gmail.com
Further details can be seen from the e-procurement portal http://tendersodisha.gov.in.
Sd./- 29.09.2021, Engineer-in-Chief, RWSS
OIPR-25040/11/0020/2122